


◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-248 ◆BHUBANESWAR ◆SUNDAY ◆3 MARCH 2024 ◆PAGE-20 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୪୮ ◆ଭୁବନେଶ୍ୱର ◆ରବିବାର ◆୩ ମାର୍ଚ୍ଚ ୨୦୨୪ ◆ପୃଷ୍ଠା-୨୦ ◆ଟ.୬.୦୦ (ସିନ୍ଦୂରା ସହ)


# ସବୁ ଜମିକୁ ଜଳସେଚନ

## ଦିନକରେ ୩,୦୩୭ କୋଟିର ୪୬ ପ୍ରକଳ୍ପ ଶିଳାନ୍ୟାସ ଓ ୬ ପ୍ରକଳ୍ପ ଉଦ୍‌ଘାଟିତ




"ଚାଷୀ ଆମ ଅର୍ଥନୀତିର ସାରଥି। ସେମାନଙ୍କ ସାଥିରେ ମୁଁ ସବୁବେଳେ ରହିଛି। ସେମାନଙ୍କ ପାଇଁ କାମ କରୁଛି ଓ କରୁଥିବି: ମୁଖ୍ୟମନ୍ତ୍ରୀ

- ମୁଖ୍ୟମନ୍ତ୍ରୀ ଯାହା କହନ୍ତି, ତା'ହା କରିଥାନ୍ତି: '୫-ଟି' ଅଧ୍ୟକ୍ଷ
- ଜିଲ୍ଲା ଗସ୍ତ ସମୟରେ ଜଳସେଚନ ସମ୍ପର୍କିତ ମିଳିଥିବା ପ୍ରସ୍ତାବର ପ୍ରାୟ ୮୦ ପ୍ରତିଶତ ସମାଧାନ ହୋଇସାରିଛି

**ଭୁବନେଶ୍ୱର, ୨।୩ (ସମିସ):** ସବୁ ଜମିକୁ ଜଳ ଯୋଗାଣ ନେଇ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତାରେ ଆଉ ଏକ ଫର୍ଦ୍ଦ ଯୋଡ଼ିହୋଇଛି। ଏହିକ୍ରମରେ ଶନିବାର ୩,୦୩୭ କୋଟି ଟଙ୍କା ବ୍ୟୟରେ ୫୨ଟି ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ରଖି ଜଳସେଚନ କ୍ଷେତ୍ରରେ ସ୍ୱର୍ଣ୍ଣିମ ଅଧ୍ୟାୟ ଯୋଡ଼ିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏହି ପ୍ରୟାସରେ ୪ ଜିଲ୍ଲାରେ ୧୩୧ କୋଟି ଟଙ୍କା ବ୍ୟୟରେ ୬ଟି ପ୍ରକଳ୍ପର ଉଦ୍‌ଘାଟନ କରିଥିବା ବେଳେ ୧୫ଟି ଜିଲ୍ଲାରେ ୨୯୦୬ କୋଟି ଟଙ୍କା ବ୍ୟୟରେ ୪୬ଟି ପ୍ରକଳ୍ପର ଭିତ୍ତି ସ୍ଥାପନ କରାଯାଇଛି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଚାଷୀର କଲ୍ୟାଣ ଓ କୃଷିର ବିକାଶ ମୋ ପାଇଁ ସବୁବେଳେ ପ୍ରାଥମିକତା ହୋଇ ରହିଆସିଛି। ଚାଷୀଙ୍କ ପାଇଁ ଆମର ବିଭିନ୍ନ କଲ୍ୟାଣମୂଳକ କାର୍ଯ୍ୟକ୍ରମ ଜାରି ରହିଛି। ଚାଷୀ ଆମ ଅର୍ଥନୀତିର ସାରଥି। ସେମାନଙ୍କୁ ସାଥିରେ ଧରି ମୁଁ ସବୁବେଳେ ରହିଛି। ସେମାନଙ୍କ ପାଇଁ କାମ କରୁଛି ଓ କରୁଥିବି ବୋଲି ମୁଖ୍ୟମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ଗତ କିଛି ଦିନ ଧରି ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଛୋଟ ବଡ ଅନେକ ଜଳସେଚନ ପ୍ରକଳ୍ପ ଉଦ୍‌ଘାଟିତ ହୋଇ ଆସୁଛି। ଏହା ସହିତ ନୂଆ ପ୍ରକଳ୍ପ ପାଇଁ ଭିତ୍ତି ପ୍ରସ୍ତର ମଧ୍ୟ ରଖାଯାଉଛି। ଏହି ସବୁ ପ୍ରକଳ୍ପଗୁଡିକରେ '୫-ଟି' ଉପକ୍ରମ ଅଧୀନରେ ଟେକ୍‌ନୋଲୋଜିର ପ୍ରୟୋଗ କରାଯାଇ ପ୍ରକଳ୍ପଗୁଡ଼ିକୁ ତ୍ୱରାନ୍ୱିତ କରାଯାଉଛି। ଭୂତଳ ପାଇପ୍‌ଲାଇନ୍ ଜରିଆରେ ଜଳସେଚନ ଯୋଗୁଁ ବିସ୍ଥାପନ ସମସ୍ୟା ଦୂର ହୋଇଛି।

ଉଲ୍ଲେଖଯୋଗ୍ୟ ଯେ ଆଜିର ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ମଧ୍ୟରେ ନୟାଗଡ଼ର କୁସୁମି ବ୍ୟାରେଜ ଉଦ୍‌ଘାଟିତ ହୋଇଛି। ୭୦.୮୮ କୋଟି ଟଙ୍କା ବ୍ୟୟରେ ନିର୍ମିତ କୁସୁମୀ ବ୍ୟାରେଜରୁ ଜଳ ଯୋଗାଣ ନିମନ୍ତେ ୧୪୮.୧୭ କୋଟି ଟଙ୍କା ବ୍ୟୟରେ ଭୂତଳ ପାଇପ୍‌ଲାଇନ୍ ବଣ୍ଟନ ବ୍ୟବସ୍ଥାର ଭିତ୍ତି ପ୍ରସ୍ତର ସ୍ଥାପନ କରାଯାଇଛି। ଏହା ଦ୍ୱାରା ୯୨୫୪ ଏକର ଜମିକୁ ଜଳସେଚନ ଯୋଗାଇ ଦିଆଯାଇ ପାରିବ ଏବଂ ୩ଟି ବ୍ଲକର ୪୯ଟି ଗ୍ରାମର ୧.୫ଲକ୍ଷ ଲୋକ ଉପକୃତ ହେବେ। ଏହା ସହିତ ୫ଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ଜଳକୁ ଭୂତଳ ପାଇପ୍‌ଲାଇନ୍ ଦ୍ୱାରା ବଣ୍ଟନ ବ୍ୟବସ୍ଥାର ଲୋକାର୍ପଣ ମଧ୍ୟ କରାଯାଇଛି। ସେହିପରି ହାଡୁଆ ଡ୍ୟାମ ଓ ଏହାର ଭୂତଳ ପାଇପ୍‌ଲାଇନ୍ ବଣ୍ଟନ ବ୍ୟବସ୍ଥାର ମଧ୍ୟ ଭିତ୍ତି ପ୍ରସ୍ତର ସ୍ଥାପନ କରାଯାଇଛି। ଏହାଦ୍ୱାରା କଟକ ଜିଲ୍ଲାର ୮୬

▶ପୃଷ୍ଠା-୮

# ସାମୟିକ ଶିକ୍ଷକଙ୍କ ପାରିତୋଷିକ ବୃଦ୍ଧି

## ମାସିକ ୧୦,୦୦୦ ଟଙ୍କା ପାଇବେ କଳା ଓ କ୍ରୀଡ଼ା ଶିକ୍ଷକ, ଶିକ୍ଷା ସ୍ୱେଚ୍ଛାସେବୀ ଏବଂ ବହୁଭାଷୀ ଶିକ୍ଷକ

**ଭୁବନେଶ୍ୱର, ୨।୩ (ସମିସ):** ରାଜ୍ୟ ସରକାର ସାମୟିକ କଳା ଓ କ୍ରୀଡ଼ା ଶିକ୍ଷକ, ଶିକ୍ଷା ସ୍ୱେଚ୍ଛାସେବୀ ଏବଂ ବହୁଭାଷୀ ଶିକ୍ଷକଙ୍କ ପାରିତୋଷିକ ୧୦,୦୦୦ ଟଙ୍କାକୁ ବୃଦ୍ଧି କରିଛନ୍ତି। ଏହି ତିନୋଟି ବର୍ଗରେ କାର୍ଯ୍ୟରତ ଶିକ୍ଷକ ଓ ଶିକ୍ଷା ସ୍ୱେଚ୍ଛାସେବୀଙ୍କ ପାରିତୋଷିକ ବଢ଼ାଇବା ନେଇ ଶନିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି।

ରାଜ୍ୟର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଗୁଡ଼ିକରେ ପିଲାମାନଙ୍କୁ କଳା ଓ ଶାରୀରିକ ଶିକ୍ଷା ତାଲିମ ଦେବାପାଇଁ ନିୟୋଜିତ ସାମୟିକ କଳା ଓ କ୍ରୀଡ଼ା ପ୍ରଶିକ୍ଷକଙ୍କ ମାସିକ ପାରିଶ୍ରମିକ ୭ ହଜାର ଟଙ୍କାରୁ ୧୦ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ଏହା ଛଡ଼ା ବର୍ଷକୁ ୧୦ ମାସ ପରିବର୍ତ୍ତେ ପୂରା ୧୨ ମାସ ସେମାନଙ୍କୁ ପାରିଶ୍ରମିକ ମିଳିବ ବୋଲି ମଧ୍ୟ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ସେମାନଙ୍କୁ ମାସିକ ୨୪ଟି ପିରିୟଡ ପରିବର୍ତ୍ତେ ୩୦ଟି ପିରିୟଡ ଶିକ୍ଷା ପ୍ରଦାନ କରିବାକୁ ହେବ। ଏହାସହିତ ଅନ୍ୟ ସରକାରୀ କର୍ମଚାରୀ ମାନଙ୍କ ପରି ମହିଳା କଳା ଓ କ୍ରୀଡ଼ା ପ୍ରଶିକ୍ଷକମାନଙ୍କ କ୍ଷେତ୍ରରେ ମାତୃତ୍ୱ ଛୁଟିର ବ୍ୟବସ୍ଥା ହୋଇଥିବା ମଧ୍ୟ ଘୋଷଣା କରାଯାଇଛି। ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତି ଦ୍ୱାରା ୪୬୦୫ ଜଣ କଳା ଶିକ୍ଷକ-ଶିକ୍ଷୟିତ୍ରୀ ଉପକୃତ ହେବେ।

ସେହିପରି ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କ ଶିକ୍ଷା ନିମନ୍ତେ ନିୟୋଜତ ଶିକ୍ଷା ସ୍ୱେଚ୍ଛାସେବୀ ମାନଙ୍କ ମାସିକ ପାରିତୋଷିକ ୫୩୭୯ ଟଙ୍କା ପରିବର୍ତ୍ତେ ୧୦,୦୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ଏହାଦ୍ୱାରା ରାଜ୍ୟରେ ବର୍ତ୍ତମାନ ନିୟୋଜିତ ୧୧୧୭ ଜଣ ଭିନ୍ନକ୍ଷମ ଶିକ୍ଷା ସ୍ୱେଚ୍ଛାସେବୀ (ପିଏଚ୍‌ଆଇଇଡି) ଉପକୃତ ହେବେ।

ସୂଚନାଯୋଗ୍ୟ, ରାଜ୍ୟର ବିଭିନ୍ନ ବିଦ୍ୟାଳୟ ମାନଙ୍କର ଅଧ୍ୟୟନରତ ଭିନ୍ନକ୍ଷମ ଛାତ୍ରଛାତ୍ରୀ ମାନଙ୍କୁ ଶିକ୍ଷା ତଥା ସ୍ୱତନ୍ତ୍ର ସେବା ଯୋଗାଇବା ନିମନ୍ତେ ରାଜ୍ୟ ସରକାର ୨୦୧୪ ମସିହାରୁ ବିଭିନ୍ନ ଗ୍ରାମ ପଞ୍ଚାୟତ ମାନଙ୍କରେ ଏହି ସ୍ୱେଚ୍ଛାସେବୀଙ୍କୁ ନିୟୋଜିତ କରିଥିଲେ।

ଅପରପକ୍ଷେ ଜନଜାତି ବହୁଳ ଜିଲ୍ଲା ମାନଙ୍କରେ ଜନଜାତି ବର୍ଗର ପିଲାମାନଙ୍କୁ ଶିକ୍ଷା ପ୍ରତି ଆକୃଷ୍ଟ କରିବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ନିୟୋଜିତ ବହୁଭାଷୀ ଶିକ୍ଷା ସ୍ୱେଚ୍ଛାସେବୀମାନଙ୍କ ପାରିତୋଷିକ ୫୩୭୯ ଟଙ୍କାରୁ ୧୦,୦୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ଏତଦ୍‌ବ୍ୟତୀତ ଯୋଗ୍ୟତା ଭିତ୍ତିରେ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ସଂଖ୍ୟାଲଘୁ ସଂପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ବିଭାଗରେ ବହୁଭାଷୀ ଶିକ୍ଷକମାନଙ୍କୁ ନିୟମିତ କରିବା ପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ ଯେ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଜିଲ୍ଲା ଗସ୍ତ ସମୟରେ ସେମାନେ ଏହି ଅସୁବିଧା ସଂପର୍କରେ ଅଧ୍ୟକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ଦାବିକୁ ସହୃଦୟତାର ସହ ବିଚାର କରି ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଏହି ନିଷ୍ପତ୍ତି ନେଇଛନ୍ତି।

| ବର୍ଗ | ପୂର୍ବରୁ | ବର୍ତ୍ତମାନ |
|---|---|---|
| ସାମୟିକ କଳା ଓ କ୍ରୀଡା ଶିକ୍ଷକ | ୭,୦୦୦ | ୧୦,୦୦୦ |
| ଶିକ୍ଷା ସ୍ୱେଚ୍ଛାସେବୀ | ୫୩୭୯ | ୧୦,୦୦୦ |
| ବହୁଭାଷୀ ଶିକ୍ଷକ | ୫୩୭୯ | ୧୦,୦୦୦ |

- ମହିଳା କଳା ଓ କ୍ରୀଡ଼ା ପ୍ରଶିକ୍ଷକଙ୍କୁ ମିଳିବ ମାତୃତ୍ୱ ଛୁଟି
- ସାମୟିକ କଳା ଓ କ୍ରୀଡ଼ା ପ୍ରଶିକ୍ଷକଙ୍କୁ ୧୨ ମାସ ପାରିଶ୍ରମିକ
- ୨୪ଟି ପିରିୟଡ ପରିବର୍ତ୍ତେ ୩୦ ପିରିୟଡରେ ଶିକ୍ଷା ପ୍ରଦାନ










ସକାଳ
THE SAKALA
www.sakalaepaper.com

## ୨୦୨୪ ଲୋକସଭା ନିର୍ବାଚନ ପାଇଁ ବିଜେପିର ପ୍ରାର୍ଥୀ ତାଲିକା ଘୋଷଣା

# ପ୍ରଥମ ଦଫାରେ ୧୯୫ ଜଣଙ୍କୁ ଟିକଟ

- ମୋଦୀଙ୍କ ସମେତ ୩୪ କେନ୍ଦ୍ରମନ୍ତ୍ରୀ ସାମିଲ
- ଦିଲ୍ଲୀରୁ କଟିଲା ୪ ସାଂସଦଙ୍କ ନାଁ, ଛତିଶଗଡ଼ ମନ୍ତ୍ରୀଙ୍କୁ ଟିକଟ୍
- ତାଲିକାରେ ୨୮ ମହିଳା, ୪୭ ଯୁବନେତା



ନୂଆଦିଲ୍ଲୀ,୨।୩(ଏଜେନ୍ସି)

ପାଖେଇ ଆସୁଛି ୨୦୨୪ ଲୋକସଭା ନିର୍ବାଚନ। ଏହିକ୍ରମରେ ବିଜେପି ପକ୍ଷରୁ ଏହାର ପ୍ରଥମ ଦଫା ପ୍ରାର୍ଥୀ ତାଲିକା ଘୋଷଣା କରାଯାଇଛି।୧୬ ରାଜ୍ୟ ଏବଂ ୨ କେନ୍ଦ୍ରଶାସିତ ଅଞ୍ଚଳର ୧୯୫ଟି ଲୋକସଭା ଆସନ ପାଇଁ ପ୍ରାର୍ଥୀ ତାଲିକା ଘୋଷଣା କରାଯାଇଛି। ଏହି ତାଲିକାରେ ଉତ୍ତରପ୍ରଦେଶରୁ ୫୧, ପଶ୍ଚିମବଙ୍ଗରୁ ୨୦, ମଧ୍ୟପ୍ରଦେଶରୁ ୨୪, ଗୁଜୁରାଟରୁ ୧୫, ରାଜସ୍ଥାନରୁ ୧୫, କେରଳରୁ ୧୨, ତେଲେଙ୍ଗାନାରୁ ୯, ଆସାମରୁ ୧୧, ଝାଡ଼ଖଣ୍ଡରୁ ୧୧ ଏବଂ ଦିଲ୍ଲୀରୁ ୫ ଜଣ ପ୍ରାର୍ଥୀଙ୍କ ନାମ ରହିଛି। ସେହିପରି ଜାମ୍ମୁ କାଶ୍ମୀରର ୨, ଉତ୍ତରାଖଣ୍ଡର ୩, ଅରୁଣାଚଳ ପ୍ରଦେଶ ୨, ଗୋଆ ୧, ତ୍ରିପୁରା ୧ ଓ ଆଣ୍ଡାମାନର ଜଣେ ପ୍ରାର୍ଥୀଙ୍କ ନାମ ରହିଛି। ଉତ୍ତରପ୍ରଦେଶକୁ ନେଇ କରାଯାଇଥିବା ଘୋଷଣାରେ ସେଭଳି କିଛି ନୂତନତ୍ୱ ଦେଖାଯାଇ ନଥିବା ବେଳେ ଦିଲ୍ଲୀ ପାଇଁ ଘୋଷଣା କରାଯାଇଥିବା ପ୍ରାର୍ଥୀ ତାଲିକାରେ କେବଳ ମନୋଜ ତିୱାରୀଙ୍କ ନାମ ରହିଛିବ। ବାକି ୪ ସାଂସଦଙ୍କ ଟିକଟ୍ କଟିଛି। ତେବେ ସବୁଠୁ ଚମକାଇବା ଭଳି ସ୍ଥିତି ଛତିଶଗଡ଼ ପାଇଁ ଦେଖାଯାଇଛି। ଏଠାରେ ନବ ଗଠିତ ସରକାରରେ ସାମିଲ ରହିଥିବା ଶିକ୍ଷା ମନ୍ତ୍ରୀଙ୍କୁ ଲୋକସଭା ପ୍ରାର୍ଥୀ କରାଯାଇଛି। ପ୍ରଧାନମନ୍ତ୍ରୀ ମୋଦୀ ବାରଣାସୀ, ଗୃହମନ୍ତ୍ରୀ ଅମିତ ଶାହ ଗାନ୍ଧୀନଗର ଏବଂ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ପୂର୍ବ ଭଳି ଲକ୍ଷ୍ନୌ ଆସନରୁ ନିର୍ବାଚନ ଲଢ଼ିବେ। ସେହିପରି ପଶ୍ଚିମ ଅରୁଣାଚଳରୁ କେନ୍ଦ୍ର ଆଇନ ମନ୍ତ୍ରୀ କିରଣ ରିଜ୍ଜୁ, ଆଣ୍ଡାମାନ ଓ ନିକୋବରରୁ ସାଂସଦ ବିଷ୍ଣୁପଦ ରାଏ, ପୂର୍ବ ଅରୁଣାଚଳରୁ ତପିର ଗାଓ , ଗୁନାରୁ ଜ୍ୟୋତିରାଦିତ୍ୟ ସିନ୍ଧିଆ ଲଢିବେ। ଶନିବାର ଏଠାରେ ବିଜେପିର ରାଷ୍ଟ୍ରୀୟ କାର୍ଯ୍ୟକ୍ରମରେ ଏହି ପ୍ରାର୍ଥୀ ତାଲିକା ସମ୍ପର୍କରେ ଦଳୀୟ ଜାତୀୟ ସାଧାରଣ ସମ୍ପାଦକ ବିନୋ ତାଓ୍ୱଡେ ସୂଚନା ଦେଇଛନ୍ତି। ଏହି ତାଲିକାରେ ୨୮ ମହିଳା ପ୍ରାର୍ଥୀଙ୍କ ସମେତ ୪୭ ଯୁବ ନେତାଙ୍କୁ ସ୍ଥାନ ମିଳିଛି। ଅନ୍ୟପକ୍ଷରେ ପ୍ରଥମ ତାଲିକାରେ ଦକ୍ଷିଣ ଦିଲ୍ଲୀ ସାଂସଦ ମୀନାକ୍ଷୀ ଲେଖିଙ୍କୁ ଟିକଟ ଦିଆଯାଇ ନାହିଁ। ତାଙ୍କ ସ୍ଥାନରେ ସୁଷମା ସ୍ୱରାଜଙ୍କ ଝିଅ ବାଂଶୁରୀ ସ୍ୱରାଜକୁ ପ୍ରାର୍ଥୀ କରାଯାଇଛି। ସେହିପରି ଭୋପାଳରୁ ପ୍ରଜ୍ଞା ସିଂହ ଠାକୁରଙ୍କ ସ୍ଥାନରେ ଆଲୋକ ଶର୍ମା, ଦକ୍ଷିଣ ଦିଲ୍ଲୀରୁ ରମେଶ ବିଧୁଡିଙ୍କ ବଦଳରେ ରାମବୀର ସିଂହ ବିଧୁଡି, ଦିଲ୍ଲୀ ଚାନ୍ଦିନ ଚୌକରୁ ଡ. ହର୍ଷବର୍ଦ୍ଧନଙ୍କ ପରିବର୍ତ୍ତେ ପ୍ରବୀଣ ଖାଣ୍ଡେଲୱାଲଙ୍କୁ ଟିକଟ ଦିଆଯାଇଛି। ସେହିପରି ବିଜେପି ତାଲିକାରେ ଜଣେ ମାତ୍ର ମୁସ୍‌ଲିମ ସାମିଲ ଅଛନ୍ତି। କାଲିକଟ ୟୁନିଭର୍ସିଟର ପୂର୍ବତନ ଭିସି ଅବଦୁଲ ସଲାମଙ୍କୁ କେରଳର ମଲ୍ଲପୁରମରୁ ପ୍ରାର୍ଥୀ କରାଯାଇଛି।

## ମୁମ୍ବାଇ ଟ୍ରେନ୍ ବିସ୍ଫୋରଣ ମାମଲା

## ମାଷ୍ଟରମାଇଣ୍ଡ ଆଜମର ମୃତ୍ୟୁ



ଇସଲାମାବାଦ, ୨।୩ (ଏଜେନ୍ସି): ପାକିସ୍ତାନୀ ଆତଙ୍କବାଦୀ ଆଜମ ଚିମା (୭୦) ର ମୃତ୍ୟୁ ହୋଇଛି। ଫୈସଲାବାଦରେ ତାକୁ ହୃଦ୍‌ଘାତ ହୋଇଥିଲା। ତେବେ ଏହି ଦୁର୍ଦ୍ଦାନ୍ତ ଆତଙ୍କବାଦୀର ମୃତ୍ୟୁ ପାକିସ୍ତାନର ଜିହାଦୀଙ୍କ ମଧ୍ୟରେ ଭୟର ବାତାବରଣ ଖେଳାଇ ଦେଇଛି। କାରଣ ପୂର୍ବରୁ ଅନେକ ଆତଙ୍କବାଦୀ ଅଜ୍ଞାତ ଆକ୍ରମଣକାରୀଙ୍କ ଆକ୍ରମଣରେ ପ୍ରାଣ ହରାଇଛନ୍ତି। ଏହି ଖବର ପାକିସ୍ତାନ ମାଟିରେ ଆତଙ୍କବାଦୀଙ୍କ ଉପସ୍ଥିତିକୁ ସ୍ପଷ୍ଟ କରିଛି। ପୂର୍ବରୁ ଏହାକୁ ପାକିସ୍ତାନ ବାରମ୍ବାର ଖଣ୍ଡନ କରି ଆସୁଥିଲା। ଚିମା ଆତଙ୍କବାଦୀ ସଂଗଠନ ଲସ୍କର-ଇ-ତୋଏବା (ଏଲ୍‌ଇଟି) ର ଗୁଇନ୍ଦା ବିଭାଗ ମୁଖ୍ୟ ଥିଲା। ସେ ୨୦୦୬ ଜୁଲାଇରେ ମୁମ୍ବାଇ ଟ୍ରେନ୍ ବିସ୍ଫୋରଣ ଏବଂ ୨୬/୧୧ ଆତଙ୍କବାଦର ମୁଖ୍ୟ ଷଡ଼ଯନ୍ତ୍ରକାରୀ ଥିଲା। ୨୦୦୬ ଜୁଲାଇ ୧୧ରେ ମୁମ୍ବାଇର ୱେଷ୍ଟର୍ଣ୍ଣ ସବବର୍ଣ୍ଣ ଅଞ୍ଚଳରେ ଟ୍ରେନ୍‌ର ୭ଟି ବଗିରେ ବିସ୍ଫୋରଣ ହୋଇଥିଲା। ଏଥିରେ ୧୮୯ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୮୨୪ ଜଣ ଆହତ ହୋଇଥିଲେ। ଏହି ଆତଙ୍କବାଦୀକୁ ପାକିସ୍ତାନ ଭିଆଇପି ସୁବିଧା ଦେଉଥିଲା। ସେ ଲ୍ୟାଣ୍ଡ କ୍ରୁସର ସହ ସୁରକ୍ଷାକର୍ମୀଙ୍କ ଗହଣରେ ବୁଲୁଥିଲା। ସେ ବହାବଲପୁର ଆତଙ୍କବାଦୀ କ୍ୟାମ୍ପରେ ପାକିସ୍ତାନ ସେନା ସହାୟତାରେ ଆତଙ୍କବାଦୀଙ୍କୁ ପ୍ରଶିକ୍ଷଣ ଦେଉଥିଲା। କରାଚି ଏବଂ ଲାହୋର ସ୍ଥିତ ଆତଙ୍କବାଦୀ ପ୍ରଶିକ୍ଷଣ ଶିବିରକୁ ମଧ୍ୟ ଯାଉଥିଲା।

## ମୋଷ୍ଟ-ୱାଣ୍ଟେଡ ଗ୍ୟାଙ୍ଗଷ୍ଟର ଗିରଫ



ନୂଆଦିଲ୍ଲୀ, ୨।୩ (ଏଜେନ୍ସି): ନ୍ୟାସନାଲ ଇନଭେଷ୍ଟିଗେସନ ଏଜେନ୍ସି (ଏନଆଇଏ) କୁ ବଡ଼ ସଫଳତା ମିଳିଛି। ମୋଷ୍ଟ ୱାଣ୍ଟେଡ ଗ୍ୟାଙ୍ଗଷ୍ଟର ତଥା ନିଷିଦ୍ଧ ସଂଗଠନ (ପପୁଲାର ଫ୍ରଣ୍ଟ ଅଫ୍ ଇଣ୍ଡିଆ) ର ସଦସ୍ୟ ମହମ୍ମଦ ଗୌସ ନିୟାଜୀକୁ ଦକ୍ଷିଣ ଆଫ୍ରିକାରୁ ଗିରଫ କରାଯାଇଛି। ତା ଉପରେ ୫ ଲକ୍ଷ ଟଙ୍କା ପୁରସ୍କାର ଘୋଷଣା କରାଯାଇଥିଲା। ସେ ଆରଏସଏସ ନେତା ରୁଦ୍ରେଶଙ୍କ ହତ୍ୟା ଅଭିଯୁକ୍ତ ଥିଲା। ୨୦୧୬ରେ ବେଙ୍ଗାଲୁରୁରେ ତାଙ୍କୁ ହତ୍ୟା କରାଯାଇଥିଲା। ଏହି ହତ୍ୟା ପରେ ନିୟାଜି ଫେରାର ହୋଇ ଯାଇଥିଲା। ଗୁଜରାଟର ଆଣ୍ଟି ଟେରରିଜିମ ସ୍କ୍ୱାର୍ଡ (ଏଟିଏଏସ) ତା ଉପରେ ନଜର ରଖିଥିଲା। ତାର ଟିକିନିଖି ସୂଚନା ଏନଆଇଏକୁ ଦେଇଥିଲା।

## ନିର୍ବାଚନ ଲଢ଼ିବେନି ଗମ୍ଭୀର-ଜୟନ୍ତ!

ରାଞ୍ଚି, ୨।୩(ଏଜେନ୍ସି): ପୂର୍ବଦିଲ୍ଲୀ ଲୋକସଭା ନିର୍ବାଚନମଣ୍ଡଳୀକୁ ପ୍ରତିନିଧିତ୍ୱ କରୁଥିବା ଭାରତୀୟ ଜନତା ପାର୍ଟି(ବିଜେପି) ସାଂସଦ ଗୌତମ ଗମ୍ଭୀର ଓ ଝାଡ଼ଖଣ୍ଡର ହଜାରିବାଗ ଲୋକସଭା ସାଂସଦ ତଥା ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଜୟନ୍ତ ସିହ୍ନା ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡାଙ୍କୁ ପତ୍ର ଲେଖି ରାଜନୈତିକ ଦାୟିତ୍ୱରୁ ମୁକ୍ତ କରିବାକୁ ଅନୁରୋଧ କରିଛନ୍ତି। ଗମ୍ଭୀର କ୍ରିକେଟରେ ଅଧିକ ମନୋନିବେଶ କରିବାକୁ ଚାହିଁଛନ୍ତି। ସେହିଭଳି ଜୟନ୍ତ ଜଳବାୟୁ ପରିବର୍ତ୍ତନ ସମସ୍ୟା ଉପରେ ଅଧିକ ଧ୍ୟାନ ଦେବାକୁ ଚାହିଁଛନ୍ତି। ଦେଶର ସେବା କରିବାକୁ ତାଙ୍କୁ ସୁଯୋଗ ଦେଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଗୃହ ମନ୍ତ୍ରୀ ଅମିତ ଶାହଙ୍କୁ ଉଭୟେ କୃତଜ୍ଞତା ଜଣାଇଛନ୍ତି। ତେବେ ସେ ରାଜନୀତି ଛାଡୁଛନ୍ତି କି ନାହିଁ ତାହା ଗମ୍ଭୀର ସ୍ପଷ୍ଟ କରିନାହାନ୍ତି। ବିଜେପି ଅଧ୍ୟକ୍ଷ ନଡ୍ଡାଙ୍କୁ ଜୟନ୍ତ ଓ ଗମ୍ଭୀର ଏପରି ପତ୍ର ଲେଖିଥିବାରୁ ଜଣାପଡୁଛି ଯେ ସେ ଦୁହେଁ ଆସନ୍ତା ଲୋକସଭା ନିର୍ବାଚନ ଲଢ଼ିବେ ନାହିଁ। ଗମ୍ଭୀରଙ୍କ ପୂର୍ବଦିଲ୍ଲୀ ଆସନରେ ବିଜେପି ପକ୍ଷରୁ ଦିଲ୍ଲୀ ବିଜେପି ସଭାପତି ବୀରେନ୍ଦ୍ର ସଚଦେବା କିମ୍ବା ବିଜେପି ସାଧାରଣ ସମ୍ପାଦକ ହର୍ଷ ମାଲହୋତ୍ରାଙ୍କୁ ପ୍ରାର୍ଥୀ କରାଯିବା ସମ୍ଭାବନା ରହିଛି।

## ଆମେରିକାରେ ନୃତ୍ୟଶିଳ୍ପୀଙ୍କୁ ହତ୍ୟା

ୱାଶିଂଟନ, ୨।୩ (ଏଜେନ୍ସି): ଆମେରିକା ମିସୌରି ପ୍ରଦେଶରେ ପଶ୍ଚିମବଙ୍ଗର ଭାରତନାଟ୍ୟମ ଏବଂ କୁଚିପୁଡ଼ି ନୃତ୍ୟଶିଳ୍ପୀ ଅମରନାଥ ଘୋଷଙ୍କୁ ଗୁଳି କରି ହତ୍ୟା କରାଯାଇଛି। ଅଭିନେତ୍ରୀ ଦେବୋଲିନା ଭଟ୍ଟାଚାର୍ଯ୍ୟ ଶୁକ୍ରବାର ଏହି ସୂଚନା ଦିଆଯାଇଛି। ସେ ଏହି ମାମଲାରେ ହସ୍ତକ୍ଷେପ କରିବାକୁ ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ଏବଂ ଆମେରିକାରେ ଭାରତୀୟ ଦୂତାବାସକୁ ଅନୁରୋଧ କରିଛନ୍ତି। ସେ ମାମଲାର ତଦନ୍ତ ଦାବି କରିଛନ୍ତି। ଗତ ୨୭ ତାରିଖ ସନ୍ଧ୍ୟାରେ ସେଣ୍ଟ ଲୁଇସ ଏକାଡେମି ନିକଟରେ ଅମରନାଥଙ୍କୁ ହତ୍ୟା କରାଯାଇଥିଲା।

## ମ୍ୟାଁମାର ସୀମାରେ ତାରବାଡ଼କୁ ନାଗାଲାଣ୍ଡର ବିରୋଧ

କୋହିମା, ୨।୩(ଏଜେନ୍ସି): ଭାରତ-ମ୍ୟାଁମାର ସୀମାରେ ତାରବାଡ଼ ଲଗାଇବା ନିମନ୍ତେ ଭାରତ ସରକାରଙ୍କ ନିଷ୍ପତ୍ତିକୁ ନାଗାଲାଣ୍ଡ ବିରୋଧ କରିଛି। ବିଧାନସଭାରେ ଶୁକ୍ରବାର ଏହି ମର୍ମରେ ଏକ ପ୍ରସ୍ତାବ ପାରିତ ହୋଇଛି। ଭାରତ ସରକାରଙ୍କ ଆକ୍ଟ ଇଷ୍ଟ ନୀତି ଅନୁଯାୟୀ ଭାରତ-ମ୍ୟାଁମାର ସୀମାରେ ମୁକ୍ତ ଚଳାଚଳ ପ୍ରଶାସନିକ ବ୍ୟବସ୍ଥା ବା ଫ୍ରି-ମୁଭମେଣ୍ଟ ରେଜିମ୍(ଏଫଏମଆର) ୨୦୧୮ରୁ ଚାଲୁରହିଛି। ଏହି ବ୍ୟବସ୍ଥାରେ ଉଭୟ ଦେଶର ଲୋକେ ପଡ଼ୋଶୀ ଦେଶର ୧୬ କିମି ଯାଏ ବିନା ଭିସାରେ ଯାଆସ କରୁଛନ୍ତି। ସୀମାର ଉଭୟ ପଟର ଲୋକଙ୍କ ମଧ୍ୟରେ ବୈବାହିକ ସମ୍ପର୍କ, ଅର୍ଥ ନେଣଦେଣ ଓ ସମ୍ପତ୍ତି ମାଲିକାନା ସମ୍ପର୍କ ରହିଆସୁଛି। ମାତ୍ର ମଣିପୁର ହିଂସା ପରେ ସରକାର ଉଗ୍ରବାଦୀଙ୍କ ଅନୁପ୍ରବେଶ ରୋକିବାକୁ ଏଫଏମଆର ବ୍ୟବସ୍ଥା ପ୍ରତ୍ୟାହାର କରାଯାଇ ସୀମାକୁ ତାରବାଡ଼ରେ ଆବଦ୍ଧ ଲାଗି ନିଷ୍ପତ୍ତି ନେଇଥିଲେ। ଏହା ବିରୋଧରେ ନାଗାଲାଣ୍ଡ ସରକାର ପ୍ରସ୍ତାବ ପାରିତ କରାଇଛନ୍ତି।

## ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

# ସମସ୍ତ ସିଆଇଏସଏଫ୍ କର୍ମଚାରୀ 'ଏଚଆର୍‌ଏ' ପାଇବେ

ନୂଆଦିଲ୍ଲୀ,୨।୩(ଏଜେନ୍ସି): ସରକାରୀ କ୍ୱାର୍ଟର କିମ୍ବା ବାରାକରେ ରହିବା ସୁବିଧା ପାଇନଥିବା ସମସ୍ତ ସେଣ୍ଟ୍ରାଲ ଇଣ୍ଡଷ୍ଟ୍ରିଆଲ ସିକ୍ୟୁରିଟି ଫୋର୍ସ(ସିଆଇଏସଏଫ୍) କର୍ମଚାରୀ ଘରଭଡ଼ା ପାଉଣା(ହାଉସ୍ ରେଣ୍ଟ ଆଲାଉନ୍ସ ବା ଏଚଆରଏ) ପାଇବାକୁ ହକଦାର ହେବେ ବୋଲି ଦିଲ୍ଲୀ ହାଇକୋର୍ଟଙ୍କ ୨୦୧୭ର ଏକ ରାୟକୁ ସୁପ୍ରିମକୋର୍ଟ କାଏମ ରଖିଛନ୍ତି। ପରମଶିବନ୍ ଏମ ବନାମ ଭାରତ ସରକାର ମାମଲାରେ ଦିଲ୍ଲୀ ହାଇକୋର୍ଟ ଏହି ରାୟ ଦେଇଥିଲେ ଯାହାକୁ କେନ୍ଦ୍ର ସରକାର ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ହାଇକୋର୍ଟରେ ସରକାରଙ୍କ ତରଫରୁ ଦର୍ଶାଯାଇଥିଲା ଯେ ଆବେଦନକାରୀ ବରିଷ୍ଠତା ତାଲିକାରେ ପ୍ରଥମ ୪୫% କିମ୍ବା ୫୫% ଅବିବାହିତ କର୍ମଚାରୀଙ୍କ ମଧ୍ୟରେ ରହିନାହାନ୍ତି। ତେଣୁ ସିଆଇଏସଏଫ୍ ରୁଲ୍ସ୨୦୦୧ର ରୁଲ୬୧ ଅନୁଯାୟୀ ତାଙ୍କୁ ଏଚଆରଏ ମିଳିପାରିବ ନାହିଁ। ସରକାରଙ୍କ ଏହି ଯୁକ୍ତିକୁ ଅଗ୍ରାହ୍ୟ କରି ହାଇକୋର୍ଟ ରାୟ ଦେଇଥିଲେ ଯେ ସରକାରୀ ବାସଗୃହ ପାଇନଥିବା ସମସ୍ତ ସିଆଇଏସଏଫ କର୍ମଚାରୀ ଅନ୍ୟ ଅର୍ଦ୍ଧସାମରିକ ବାହିନୀର କର୍ମଚାରୀଙ୍କ ଭଳି ଏଚଆରଏ ପାଇବାକୁ ହକଦାର। ହାଇକୋର୍ଟଙ୍କ ଏହି ରାୟକୁ କେନ୍ଦ୍ର ସରକାର ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। କେନ୍ଦ୍ର ସରକାରଙ୍କ ପିଟିସନର ବିଚାର କରି ସୁପ୍ରିମକୋର୍ଟର ବିଚାରପତି ହୃଷିକେଶ ରାୟ ଓ ବିଚାରପତି ପ୍ରଶାନ୍ତ କୁମାର ମିଶ୍ରଙ୍କ ଖଣ୍ଡପୀଠ ଦିଲ୍ଲୀ ହାଇକୋର୍ଟଙ୍କ ରାୟକୁ କାଏମ ରଖିଛନ୍ତି।



- ବିଲ୍‌କିସ୍ ବାନୋ ଦୋଷୀଙ୍କ ଆବେଦନ

## ଦଣ୍ଡକୋହଳ ନିଷ୍ପତ୍ତି ନାକଚ ନ୍ୟାୟିକ ଔଚିତ୍ୟର ଉଲ୍ଲଂଘନ!

ନୂଆଦିଲ୍ଲୀ,୨।୩(ଏଜେନ୍ସି): ଥରେ କାହାରି ଦଣ୍ଡ କୋହଳ କରାଯାଇ ତାଙ୍କୁ ବନ୍ଦୀ ଜୀବନରୁ ମୁକ୍ତି ଦିଆଯିବା ପରେସେ ନିଷ୍ପତ୍ତିକୁ ବଦଳାଇ ବା ନାକଚ କରାଯାଇ ପୁଣିଥରେ ତାଙ୍କୁ ଜେଲରେ ଭର୍ତ୍ତି କରାଯିବାରେ ନ୍ୟାୟିକ ଔଚିତ୍ୟ ରହୁନାହିଁ। ଏହି ମର୍ମରେ ସୁପ୍ରିମକୋର୍ଟରେ ରାଧେଶ୍ୟାମ ଭଗବାନଦାସ ଶାହ ନାମକ ବ୍ୟକ୍ତି ଏକ ପିଟିସନ୍ ଦାଖଲ କରିଛନ୍ତି। ବିଲକିସ ବାନୋ ଗଣଦୁଷ୍କର୍ମ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ଦଣ୍ଡାଦେଶ ପାଇଥିବା ୧୧ ଜଣ ବନ୍ଦୀଙ୍କ ମଧ୍ୟରୁ ଜଣେ ହେଉଛନ୍ତି ଏହି ରାଧେଶ୍ୟାମ ଭଗବାନଦାସ ଶାହ। ଗୁଜରାଟ ଦଙ୍ଗା ୨୦୦୨ବେଳେ ଘଟିତ ବିଲକିସ ବାନୋ ଗଣଦୁଷ୍କର୍ମ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ଦଣ୍ଡାଦେଶ ପାଇଥିବା ରାଧେଶ୍ୟାମ ଭଗବାନଦାସ ଶାହଙ୍କ ସମେତ ୧୧ ଜଣ ବନ୍ଦୀଙ୍କୁ ଗୁଜରାଟ ସରକାର ସେମାନଙ୍କ ଦଣ୍ଡ ଅବଧି ଶେଷ ହେବା ପୂର୍ବରୁ ଅର୍ଥାତ ସେମାନଙ୍କ ଦଣ୍ଡ କୋହଳ କରି ୧୪ ଅଗଷ୍ଟ ୨୦୨୩ରେ ଜେଲରୁ ଛାଡ଼ିଦେଇଥିଲେ। ଏପରି ଦଣ୍ଡ କୋହଳକୁ ଯଥାର୍ଥ ତଥା ଆଇନସଙ୍ଗତ ବୋଲି ସୁପ୍ରିମ କୋର୍ଟ ବିଚାରପତି ଅଜୟ ରାସ୍ତୋଗୀ ଓ ବିଚାରପତି ବିକ୍ରମ ନାଥଙ୍କୁ ନେଇ ଗଠିତ ଦୁଇଜଣିଆ ଖଣ୍ଡପୀଠ ରୁଲିଂ ଦେଇଥିଲେ। ଏହି ରୁଲିଂର ପୁନର୍ବିଚାର(ରିଭ୍ୟୁ) ପାଇଁ ଆବେଦନ କରାଯାଇଥିଲା। ରିଭ୍ୟୁ ପିଟିସନର ବିଚାରକରି ସୁପ୍ରିମକୋର୍ଟ ବିଚାରପତି ବିଭି ନାଗରତ୍ନା ଓ ବିଚାରପତି ଉଜ୍ଜଳ ଭୂୟାଁଙ୍କ ଖଣ୍ଡପୀଠ ୮ ଜାନୁଆରୀ ୨୦୨୪ରେ ଦୋଷୀ ସାବ୍ୟସ୍ତ ୧୧ ଜଣଙ୍କ ଦଣ୍ଡକୋହଳକୁ ବାତିଲ କରିଥିଲେ ଓ ଦୋଷୀମାନଙ୍କୁ ଆତ୍ମସମର୍ପଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ରାଧେଶ୍ୟାମ ତାଙ୍କ ପିଟିସନରେ ଦର୍ଶାଇଛନ୍ତି ଯେ ରୁପା ଅଶୋକ ହୁରା ମାମଲାରେ ସୁପ୍ରିମକୋର୍ଟଙ୍କ ସାମ୍ବିଧାନିକ ଖଣ୍ଡପୀଠ ରାୟ ଦେଇଛନ୍ତି ଯେ ଦୁଇଜଣିଆ ଖଣ୍ଡପୀଠଙ୍କ ନିଷ୍ପତ୍ତିକୁ ଭିନ୍ନଏକ ଦୁଇଜଣିଆ ଖଣ୍ଡପୀଠ ନାକଚ କରିଥିବାରୁ ନ୍ୟାୟିକ ଔଚିତ୍ୟ ହେଉଛି ବିଷୟଟି ବିଚାର ପାଇଁ ବୃହତ୍ତର ଖଣ୍ଡପୀଠକୁ ଯିବ, ଯାହା ଏ କ୍ଷେତ୍ରରେ ହୋଇନାହିଁ। ରାଧେଶ୍ୟାମ ତାଙ୍କ ପିଟିସନରେ ନିବେଦନ କରିଛନ୍ତି ଯେ କେଉଁ ଦୁଇଜଣିଆ ଖଣ୍ଡପୀଠଙ୍କ ରାୟ ଠିକ୍ ତାହାର ନିର୍ଣ୍ଣୟ ନହେବା ଯାଏ ତାଙ୍କୁ ଜାମିନ ମଞ୍ଜୁର କରାଯାଉ।

## ହୁତି ଆକ୍ରମଣରେ ବୁଡ଼ିଲା ଜାହାଜ



ଲଣ୍ଡନ, ୨।୩ (ଏଜେନ୍ସି): ହୁତି ବିଦ୍ରୋହୀ ଲୋହିତ ସାଗରରେ କ୍ରମାଗତ ଭାବେ ଆକ୍ରମଣ ଜାରି ରଖିଛନ୍ତି। ପ୍ରଥମ ଥର ପାଇଁ ବିଦ୍ରୋହୀଙ୍କ କ୍ଷେପଣାସ୍ତ୍ର ଆକ୍ରମଣରେ ଏକ ଜାହାଜ ବୁଡ଼ି ଯାଇଛି। ତେବେ ଏହାର ସମସ୍ତ କ୍ରୁ ସଦସ୍ୟ ସୁରକ୍ଷିତ ଅଛନ୍ତି। ବ୍ରିଟେନ ସେନା ସମସ୍ତଙ୍କୁ ଉଦ୍ଧାର କରିଛି। ସୂଚନା ଅନୁଯାୟୀ ଗତ ୧୮ ତାରିଖରେ ଏହି ଆକ୍ରମଣ ହୋଇଥିଲା। ବାବ-ଅଲ ମଣ୍ଡବ ଷ୍ଟ୍ରେଟ୍‌ରେ ବ୍ରିଟେନ ଜାହାଜ 'ରୁବାମାର' ଉପରେ କ୍ଷେପଣାସ୍ତ୍ର ମାଡ଼ କରାଯାଇଥିଲା। ଏହି ଜାହାଜରେ ବେଲିଜର ପତାକା ଥିଲା। ଆକ୍ରମଣ ସମୟରେ ଏହା ୟେମେନର ମୋଖା ବନ୍ଦରଠାରୁ ପ୍ରାୟ ୨୭.୭୮ କିମି ଦୂରରେ ଥିଲା। ଗତ ୧୨ ଦିନ ହେଲା ଏହା ଉତ୍ତର ଦିଗ ଅଭିମୁଖେ ବଢୁ ଥିଲା। କ୍ଷେପଣାସ୍ତ୍ର ମାଡ଼ରେ କ୍ଷତିଗ୍ରସ୍ତ ଏହି ଜାହାଜଟି ସାମୁଦ୍ରିକ ଝଡ଼ ଏବଂ ଖରାପ ପାଣିପାଗ ଯୋଗୁଁ ବୁଡ଼ି ଯାଇଥିଲା। କ୍ରୁୟ ସଦସ୍ୟଙ୍କୁ ଉଦ୍ଧାର ପରେ ଜାହାଜକୁ ବନ୍ଦରକୁ ନେବାର ଯୋଜନା ଥିଲା। ମାତ୍ର ଏହା ପୂର୍ବରୁ ଜାହାଜ ବୁଡ଼ି ଯାଇଥିଲା। ଏଥିରେ ସାର ରହିଥିଲା। ଇନ୍ଧନ ନିର୍ଗତ ହେବାର ମଧ୍ୟ ଆଶଙ୍କା କରାଯାଉଛି। ଆମେରିକା ଏହାକୁ ସମୁଦ୍ର ପାଇଁ ବିପଜ୍ଜନକ କହିଛି। ଅନ୍ୟପକ୍ଷରେ ହୁତି ବିଦ୍ରୋହୀ ଦେଶକୁ ଯୁଦ୍ଧ ଅଭିମୁଖେ ନେଉଛନ୍ତି ବୋଲି ୟେମେନ ପ୍ରଧାନମନ୍ତ୍ରୀ ଅହମ୍ମଦ ଅବଦ ବିନ ମୁବାରକ କହିଛନ୍ତି। ବିଦ୍ରୋହୀଙ୍କ ପାଇଁ ଦେଶ ବହୁମୂଲ୍ୟ ଦେଉଛି।

## ହିମସ୍ଖଳନ: ପଲଟିଲା ଅନେକ ଗାଡ଼ି

ସିମଲା,୨।୩(ଏଜେନ୍ସି): ହିମାଚଳପ୍ରଦେଶରେ ପ୍ରବଳ ତୁଷାରପାତ ଜାରି ରହିଛି। ଏଥିଯୋଗୁଁ ଶନିବାର ମନାଲି ସୋଲଙ୍ଗନାଲା ମାର୍ଗରେ ହିମସ୍ଖଳନ ହୋଇଛି। ଏହି ଦୁର୍ଘଟଣାରେ ଅନେକ ଗାଡ଼ି ପଲଟି ଯାଇଛି। ତେବେ କେହି ମୃତାହତ ହୋଇ ନ ଥିବା ସୂଚନା ମିଳିଛି। ମାତ୍ର ଅବଶେଷ ଯୋଗୁଁ ରାସ୍ତାଘାଟ ଜାମ ହୋଇଯାଇଛି। ଏବେ ଦେଶର ପାହାଡ଼ି ରାଜ୍ୟରେ ତୁଷାରପାତ ଏବଂ ସମତଳ ଅଞ୍ଚଳରେ ବର୍ଷା ଜାରି ରହିଛି। ଜମ୍ମୁ-କାଶ୍ମୀର ଏବଂ ହିମାଚଳରେ ୨୪ ଘଣ୍ଟା ହେଲା ବର୍ଷା ଏବଂ ତୁଷାରପାତ ହେଉଛି। ଖରାପ ପାଣିପାଗ ଯୋଗୁଁ ରାଜୌରିର ସମସ୍ତ ସ୍କୁଲ ବନ୍ଦ କରିଦିଆଯାଇଛି।

## ହିମାଚଳ କ୍ୟାବିନେଟ ବୈଠକରେ ହଙ୍ଗାମା

ସିମଲା, ୨।୩ (ଏଜେନ୍ସି): ହିମାଚଳ ପ୍ରଦେଶର କଂଗ୍ରେସ ସରକାରରେ ନୂଆ ବିବାଦ ଆରମ୍ଭ ହୋଇଛି। ବିଧାୟକଙ୍କ ପରେ ଏବେ ମନ୍ତ୍ରୀ ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ସିଂହ ସୁଖୁଙ୍କ ବିରୋଧରେ ମୋର୍ଚ୍ଚା ଆରମ୍ଭ କରିଛନ୍ତି। ଶନିବାର କ୍ୟାବିନେଟ ବୈଠକ ଚାଲିଥିବାବେଳେ ହଙ୍ଗାମା ହୋଇଛି। ଶିକ୍ଷାମନ୍ତ୍ରୀ ରୋହିତ ଠାକୁର ଏବଂ ରାଜସ୍ୱମନ୍ତ୍ରୀ ଜଗତ ନେଗି ଅଚାନକ ବୈଠକ ଛାଡ଼ି ପଳାଇଛନ୍ତି। ଏହାପରେ ଉପ-ମୁଖ୍ୟମନ୍ତ୍ରୀ ମୁକେଶ ଅଗ୍ନିହୋତ୍ରୀ ବାହାରକୁ ଆସିଥିଲେ। ସେ ମନ୍ତ୍ରୀ କୁଆଡ଼େ ଗଲେ ବୋଲି ପଚାରି ଥିଲେ। ସେ ମନ୍ତ୍ରୀ ବୁଝାଇ ସୁଝାଇ ଫେରାଇ ଆଣିଥିଲେ। ବୈଠକରେ ରାଜସ୍ୱମନ୍ତ୍ରୀ ଏବଂ ଶିକ୍ଷାମନ୍ତ୍ରୀଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା ବୋଲି ଜଣାପଡ଼ିଛି। ଅନ୍ୟପଟେ ମନ୍ତ୍ରୀ ବିକ୍ରମାଦିତ୍ୟ ସିଂହ ନିଜ ସାମାଜିକ ଗଣମାଧ୍ୟମ ସାଇଟରୁ କଂଗ୍ରେସ ହଟାଇ ଦେଇଛନ୍ତି।

# ପାକିସ୍ତାନ ଯାଉଥିବା ଚୀନ୍ ଜାହାଜ ଜବତ

- କ୍ଷେପଣାସ୍ତ୍ର-ପରମାଣୁ କାର୍ଯ୍ୟରେ ବ୍ୟବହୃତ ମେସିନ ମିଳିଲା
- ଡିଆର୍‌ଡିଓ ଅଧିକାରୀଙ୍କ ଯାଞ୍ଚ ପରେ କାର୍ଯ୍ୟାନୁଷ୍ଠାନ
- ଚୀନ୍ ଦ୍ୱାରା ୟୁରୋପରୁ ନିଷିଦ୍ଧ ସାମଗ୍ରୀ ମଗାଉଛି ପାକ୍

ମୁମ୍ବାଇ, ୨।୩ (ଏଜେନ୍ସି)

ପାକିସ୍ତାନ ଅଭିମୁଖେ ଯାଉଥିବା ଏକ ଚୀନ୍ ଜାହାଜକୁ ମୁମ୍ବାଇର ନାଭା ସେଭା ବନ୍ଦରରେ ଅଟକାଇ ଦିଆଯାଇଛି। ଏହି ଜାହାଜରେ ଦ୍ୱୈତ କାର୍ଯ୍ୟରେ ବ୍ୟବହୃତ ହେବା ଭଳି ସନ୍ଦେହଜନକ ସାମଗ୍ରୀ ଥିବା ଆଶଙ୍କା କରାଯାଇଥିଲା। ପାକିସ୍ତାନ ଏହି ସାମଗ୍ରୀକୁ ପରମାଣୁ କାର୍ଯ୍ୟକ୍ରମ ଏବଂ ବାଲିଷ୍ଟିକ ମିସାଇଲ ପାଇଁ ବ୍ୟବହାର କରିପାରେ ବୋଲି ଅଧିକାରୀମାନେ କହିଛନ୍ତି। ରିପୋର୍ଟ ଅନୁଯାୟୀ ଭାରତର ସୀମାଶୁଳ୍କ ଅଧିକାରୀମାନେ ମାଲ୍‌ଟା ପତାକା ଲାଗିଥିବା ଏକ ମର୍ଚ୍ଚାଣ୍ଟ ସିପ୍ 'ସିଏମଏ ସିଜିଏମ ଏଟିଲା'କୁ ଗତ ୨୩ ତାରିଖରେ ଅଟକାଇ ଦିଆଯାଇଥିଲା। ମାତ୍ର ଏବେ ଏହାର ସୂଚନା ସାମ୍ନାକୁ ଆସିଛି। ଏହି ଜାହାଜ କରାଚି ଯାଉଥିଲା। ଏଥିରେ ଇଟାଲୀର ଏକ କମ୍ପାନୀ 'କମ୍ପ୍ୟୁଟର ନ୍ୟୁମେରିକାଲ କଣ୍ଟ୍ରୋଲ (ସିଏନସି)'ର ଏକ ମେସିନ ଥିଲା। ଏହା ପରେ ଭାରତୀୟ ପ୍ରତିରକ୍ଷା ଗବେଷଣା ପ୍ରତିଷ୍ଠାନ (ଡିଆରଡିଓ)ର ଏକ ଦଳ ମେସିନ ଏବଂ ଜାହାଜରେ ଥିବା ଅନ୍ୟ ସାମଗ୍ରୀର ତଲାସୀ ନେଇଥିଲା। ଡିଆରଡିଓ ପକ୍ଷରୁ କୁହାଯାଇଥିଲା ଯେ ପାକିସ୍ତାନର କ୍ଷେପଣାସ୍ତ୍ର କାର୍ଯ୍ୟକ୍ରମ ପାଇଁ ଏହି ସିଏନସି ମେସିନ ବ୍ୟବହାର କରାଯାଇପାରେ। ପାକିସ୍ତାନ ଚୀନ୍ ସହାୟତାରେ ୟୁରୋପ ଏବଂ ଆମେରିକାରେ ନିଷିଦ୍ଧ ସାମଗ୍ରୀର ରପ୍ତାନୀ କରୁଛି ବୋଲି ଅଧିକାରୀ ଆଶଙ୍କା କରିଛନ୍ତି। ଧରା ନ ପଡ଼ିବା ପାଇଁ ଏପରି କରାଯାଉଛି। ଜାହାଜ ସମ୍ବନ୍ଧିତ କାଗଜପତ୍ର ଅନୁଯାୟୀ ଏହି ସାମଗ୍ରୀ ସାଙ୍ଘାଇର ଜେଏକ୍ସଇ ଲଜିଷ୍ଟିକ କମ୍ପାନୀ ପଠାଇ ଥିଲା। ଏହା ସିଆଲକୋଟ ସ୍ଥିତ ପାକିସ୍ତାନ ୱିଙ୍ଗସ୍ ପ୍ରାଇଭେଟ ଲିମିଟେଡ କମ୍ପାନୀକୁ ପଠା ଯାଉଥିଲା। ମାତ୍ର ଯାଞ୍ଚ ପରେ ସୁରକ୍ଷା ଅଧିକାରୀମାନେ କହିଥିଲେ ଯେ ଜାହାଜରେ ଥିବା ସାମଗ୍ରୀର ଓଜନ ୨୨, ୧୮୦ କେଜିରୁ ଅଧିକ। ଏହାକୁ ତାଇୟୁଆନ ମାଇନିଂ କମ୍ପାନୀ ପଠାଇ ଥିଲା। ଏହା ପାକିସ୍ତାନର କସ୍‌ମୋସ ଇଞ୍ଜିନିୟରିଂ କମ୍ପାନୀରେ ପହଞ୍ଚିଥାନ୍ତା। ବନ୍ଦର ଅଧିକାରୀ ପ୍ରଥମେ ଏ ସମ୍ବନ୍ଧରେ ଭାରତର ସ୍ୱତନ୍ତ୍ର ଗୁଇନ୍ଦା ଅଧିକାରୀଙ୍କୁ ସୂଚନା ଦେଇଥିଲେ। ପରେ ଅଧିକାରୀମାନେ ପୁଣିଥରେ ଯାଞ୍ଚ କରି ଜାହାଜକୁ ଜବତ କରି ନେଇଥିଲେ। ସୂଚନାଯୋଗ୍ୟ ଯେ କସମୋସ୍ ଇଞ୍ଜିନିୟରିଂ ପାକିସ୍ତାନର ଏକ ପ୍ରତିରକ୍ଷା ଯୋଗାଣକାରୀ କମ୍ପାନୀ। ଏହା ପ୍ରଥମ ଥର ପାଇଁ ୨୦୨୨ରେ ରାଡାରକୁ ଆସିଥିଲା। ସେ ସମୟରେ କମ୍ପାନୀ ଏକ ଜାହାଜ ମାଧ୍ୟମରେ ଇଟାଲୀରୁ ଥର୍ମୋଇଲେକ୍ଟ୍ରିକ ସାମଗ୍ରୀ କରାଚି ନେବାକୁ ପ୍ରୟାସ କରିଥିଲା।






### ସିଏନ୍‌ସି ମେସିନ କ'ଣ

ପାକିସ୍ତାନ ମିସାଇଲ ବିକାଶ କାର୍ଯ୍ୟକ୍ରମର ଗୁରୁତ୍ୱପୂର୍ଣ୍ଣ ଯନ୍ତ୍ରପାତି ନିର୍ମାଣରେ ସିଏନ୍‌ସି ମେସିନ ବ୍ୟବହାର କରାଯାଇଥାଏ। ଏହି ମେସିନ ପ୍ରିପ୍ରୋଗ୍ରାମଡ୍ କମ୍ପ୍ୟୁଟର ସଫ୍ଟୱେର ମାଧ୍ୟମରେ ମେସିନ ଟୁଲ୍ସକୁ ସଠିକ୍ ଭାବେ ନିୟନ୍ତ୍ରଣ କରିଥାଏ। ବେସାମରିକ ଏବଂ ସାମରିକ କାର୍ଯ୍ୟରେ ଏହାକୁ ବ୍ୟବହାର କରାଯାଇପାରେ। ୧୯୯୬ରେ ସିଏନସି ମେସିନକୁ ୱାସେନର ଚୁକ୍ତିରେ ସାମିଲ କରାଯାଇଥିଲା। ଏହା ଏକ ଅନ୍ତର୍ଜାତୀୟ ଅସ୍ତ୍ରଶସ୍ତ୍ର ନିୟନ୍ତ୍ରଣ ବ୍ୟବସ୍ଥା। ଏହି ସଂସ୍ଥା ବେସାମରିକ ଏବଂ ସାମରିକ କାର୍ଯ୍ୟରେ ବ୍ୟବହୃତ ସାମଗ୍ରୀକୁ ବନ୍ଦ କରିବା ଦିଗରେ କାର୍ଯ୍ୟ କରୁଛି। ଭାରତ ସହିତ ୪୨ ଦେଶ ଏହାର ସଦସ୍ୟ ଅଛନ୍ତି। ଏହି ଦେଶଗୁଡ଼ିକ ପାରମ୍ପରିକ ଏବଂ ଦ୍ୱୈତ କାର୍ଯ୍ୟରେ ବ୍ୟବହୃତ ଅସ୍ତ୍ରଶସ୍ତ୍ର ଏବଂ ଜ୍ଞାନକୌଶଳର ତଥ୍ୟ ଆଦାନପ୍ରଦାନ କରୁଛନ୍ତି।

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI
♦VOLUME- 41 ♦ISSUE-248 ♦BHUBANESWAR ♦SUNDAY ♦3 MARCH 2024 ♦PAGE-20 ♦₹ 6.00
♦ବର୍ଷ-୪୧ ♦ସଂଖ୍ୟା-୨୪୮ ♦ଭୁବନେଶ୍ୱର ♦ରବିବାର ♦୩ ମାର୍ଚ୍ଚ ୨୦୨୪ ♦ପୃଷ୍ଠା-୨୦ ♦ଟ.୬.୦୦ (ସିନ୍ଦୂରା ସହ)

**୩୫ ଡିଗ୍ରୀ ଉପରେ ୧୩ ସହର ପାରଦ**

# ମାଲକାନଗିରିରେ ୩୭°

■ **ଭୁବନେଶ୍ୱର, ୨।୩ (ସମିସ):** ଆଜି ରାଜ୍ୟର ୧୩ ସହରର ତାପମାତ୍ରା ୩୫ ଡିଗ୍ରୀ ସେଲସିୟସ ଉପରେ ରେକର୍ଡ କରାଯାଇଛି। ମାଲକାନଗିରିରେ ଆଜି ଦିନରେ ସର୍ବୋଚ୍ଚ ତାପମାତ୍ରା ୩୭ ଡିଗ୍ରୀ ସେଲସିୟସ୍ ରହିଥିବା ବେଳେ ଏହା ତଳକୁ ରାଜଧାନୀ ଭୁବନେଶ୍ୱରର ତାପମାତ୍ରା ୩୬.୮ ଡିଗ୍ରୀ ରେକର୍ଡ କରାଯାଇଛି। ଆସନ୍ତା ୨ ଦିନ ଦିନ ତାପମାତ୍ରାରେ ୨ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ଘଟିବା ନେଇ ଆକଳନ କରିଛୁ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର। କେନ୍ଦ୍ର ପକ୍ଷରୁ ଜାରି ସୂଚନା ଅନୁଯାୟୀ ଆଜି ମାଲକାନଗିରି, ଭୁବନେଶ୍ୱର ବ୍ୟତୀତ ଝାରସୁଗୁଡା, ଭବାନୀପାଟଣା, ବଲାଙ୍ଗୀର, ଟିଟିଲାଗଡ, ସୋନପୁର, ନୟାଗଡ, ବୌଦ୍ଧ, ପାରଳାଖେମୁଣ୍ଡି, ରାୟଗଡା, ଢେଙ୍କାନାଳ ଓ ଜଗତସିଂହପୁରରେ ତାପମାତ୍ରା ୩୫ ଡିଗ୍ରୀ ସେଲସିୟସ୍ ଉପରେ ରହିଥିଲା। ଅପରପକ୍ଷେ ଆସନ୍ତା ୨ ଦିନ କେତେକ ଜିଲ୍ଲାରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ସମ୍ଭାବନା ରହିଥିବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି। ୩ ତାରିଖରେ ଝାରସୁଗୁଡା, ସୁନ୍ଦରଗଡ, କେନ୍ଦୁଝର, ବରଗଡ, ସମ୍ବଲପୁର, ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲରେ ଗୋଟିଏରୁ ଦୁଇଟି ସ୍ଥାନରେ ସାମାନ୍ୟ ବର୍ଷା ହୋଇପାରେ। ସେହିପରି ୪ ତାରିଖରେ କେତେକ ଜିଲ୍ଲାରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ସମ୍ଭାବନା ଥିବା ବେଳେ ବାକି ଜିଲ୍ଲାରେ ପାଗ ଶୁଖିଲା ରହିବା ନେଇ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି।

# ସ୍ୱାସ୍ଥ୍ୟ ସେବାରେ ପ୍ରତିବଦ୍ଧତା

## ୩୪୦୦ କୋଟିର ସ୍ୱାସ୍ଥ୍ୟ ଭିତ୍ତିଭୂମି ପାଇଁ ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ

■ **ଭୁବନେଶ୍ୱର, ୨।୩ (ସମିସ):** ନବନିର୍ମିତ ୫ଟି ମେଡିକାଲ୍ କଲେଜ୍‌ର ଟିଚିଂ ହସ୍ପିଟାଲ୍‌ର ଲୋକାର୍ପଣ ସହ ୩ ମେଡିକାଲ୍ କଲେଜ୍ ଓ ରାଉରକେଲା ସରକାରୀ ଡାକ୍ତରଖାନା (ଆର୍‌ଜିଏଚ୍)ରେ ୩୪୦୦ କୋଟି ଟଙ୍କାର ଭିତ୍ତିଭୂମିର ଶିଳାନ୍ୟାସ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ୱାସ୍ଥ୍ୟସେବା ପ୍ରତି ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତାକୁ ସ୍ପଷ୍ଟ କରିଛନ୍ତି। ଗୋଟିଏ ଦିନରେ ୫ଟି ମେଡିକାଲ କଲେଜରେ ୨ ହଜାର କୋଟିରୁ ଅଧିକ ଟଙ୍କା ବ୍ୟୟରେ ୨୯୫୦ଟି ଶଯ୍ୟା ସୁବିଧା କରାଯାଇଛି। ଯାହାକି ଓଡ଼ିଶା ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ବଡ଼ ଉପଲବ୍ଧି।



### ୫ ମେଡିକାଲ କଲେଜରେ ନବନିର୍ମିତ ଟିଚିଂ ହସ୍ପିଟାଲ ଲୋକାର୍ପିତ

ଏହି ଶିଳାନ୍ୟାସ ଓ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଛନ୍ତି, ଆଜିର ଦିନଟି ଓଡ଼ିଶାର ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଏକ ଐତିହାସିକ ଦିନ ହୋଇ ରହିବ। ମୋ ପାଇଁ ପ୍ରତ୍ୟେକ ଜୀବନ ମୂଲ୍ୟବାନ। ସେଥିପାଇଁ ବିଏସ୍‌କେୱାଇ ଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଆମେ ବିଭିନ୍ନ କାର୍ଯ୍ୟକ୍ରମ ଜାରି ରଖିଛୁ। ସରକାରୀ ଡାକ୍ତରଖାନାରେ ଅଭୂତପୂର୍ବ ପରିବର୍ତ୍ତନ ଆସିଛି। ଧନୀ, ଗରିବ ସମସ୍ତଙ୍କୁ ସରକାରୀ ଡାକ୍ତରଖାନାରେ ଭଲ ଚିକିତ୍ସା ମିଳୁଛି। ଆମ ସ୍ୱାସ୍ଥ୍ୟ ସେବା ଉପରେ ଲୋକଙ୍କ ଆସ୍ଥା ସୁଦୃଢ଼ ହେଉଛି। ଲୋକଙ୍କୁ ସର୍ବୋତ୍ତମ ଚିକିତ୍ସା ଓ ସେବା ଯୋଗାଇ ଦେବା ଲକ୍ଷ୍ୟରେ ରାଜ୍ୟ ସରକାର କାମ କରୁଛନ୍ତି। ସେଥିପାଇଁ ୫-ଟି ଉପକ୍ରମରେ ସ୍ୱାସ୍ଥ୍ୟ ସେବା ଭିତ୍ତିଭୂମିରେ ରୂପାନ୍ତରଣ ସୁନିଶ୍ଚିତ କରାଯାଇଛି। ଲୋକଙ୍କ ସୁବିଧା ପାଇଁ ହସପିଟାଲ ଗୁଡିକୁ 'ଆମ ହସ୍ପିଟାଲ'ରେ ବିକଶିତ କରାଯାଇଛି। ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଏହି ରୂପାନ୍ତରକୁ ଆମେ ସମସ୍ତେ ମିଶି ଆହୁରି ଆଗକୁ ନେବା ଏବଂ 'ସୁସ୍ଥ ଓଡ଼ିଶା ସୁଖୀ ଓଡ଼ିଶା' ଜରିଆରେ ନୂଆ ଓଡ଼ିଶାର ଭିତ୍ତିକୁ ମଜବୁତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଜଣାଇଥିଲେ। ତେବେ ଏକ ବଡ଼ ଘୋଷଣା ସ୍ୱରୂପ ମାର୍ଚ୍ଚ ୬ ତାରିଖରେ ମୁଖ୍ୟମନ୍ତ୍ରୀ ସମ୍ବଲପୁରରୁ ବହୁ ପ୍ରତୀକ୍ଷିତ ବିଏସ୍‌କେୱାଇ ନବୀନ କାର୍ଡର ଶୁଭାରମ୍ଭ କରିବେ ବୋଲି '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ସୂଚନା ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଦିନ ଥିଲା ଆମ ରାଜ୍ୟରେ ମାତ୍ର ୩ଟି ସରକାରୀ ମେଡିକାଲ କଲେଜ ଉପରେ ପୂରା ରାଜ୍ୟର ରୋଗୀ ନିର୍ଭର ▶ପୃଷ୍ଠା-୮

> ପ୍ରତ୍ୟେକ ନାଗରିକଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ପାଇଁ ଆମେ ପ୍ରତିବଦ୍ଧ: ମୁଖ୍ୟମନ୍ତ୍ରୀ

- ୪ ମେଡିକାଲ କଲେଜରେ ବିଶ୍ୱସ୍ତରୀୟ ସୁବିଧା ପାଇଁ ଶିଳାନ୍ୟାସ
- ମାର୍ଚ୍ଚ ୬ରେ ସମ୍ବଲପୁରରୁ ବିଏସ୍‌କେୱାଇ ନବୀନ କାର୍ଡ ଶୁଭାରମ୍ଭ
- ବର୍ଷକୁ ସୃଷ୍ଟି ହେଉଛନ୍ତି ୨୫୨୫ ଏମ୍‌ବିବିଏସ୍ ଓ ୯୭୨ ସ୍ପେଶିଆଲିଷ୍ଟ
- ଦିନକରେ ମେଡିକାଲ କଲେଜରେ ଯୋଡ଼ିହେଲା ୨୯୫୦ ଶଯ୍ୟା

# ବିଦେଶୀ ପର୍ଯ୍ୟଟକଙ୍କୁ ଗଣଦୁଷ୍କର୍ମ, ୩ ଗିରଫ

■ **ରାଞ୍ଚି, ୨।୩ (ଏଜେନ୍ସି):** ଝାଡ଼ଖଣ୍ଡର ଡୁମୁକା ଜିଲ୍ଲା ହଂସଡ଼ିହ ଥାନା କୁରୁମାହାଟରେ ଶୁକ୍ରବାର ୪୫ବର୍ଷୀୟା ବିଦେଶୀ ପର୍ଯ୍ୟଟକ ଗଣଦୁଷ୍କର୍ମର ଶିକାର ହୋଇଛନ୍ତି। ସ୍ପେନର ଏକ ଦମ୍ପତି ବାଇକରେ ବାଂଲାଦେଶରୁ ବାହାରି ଝାଡ଼ଖଣ୍ଡ, ବିହାର ଦେଇ ନେପାଳ ଅଭିମୁଖେ ବାହାରିଥିଲେ। ଡୁମୁକା ଏସପି ପିତାମ୍ବର ସିଂହ ଖେରୱାର ଓ ଜାରମୁଣ୍ଡି ଏସଡିପିଓ ସନ୍ତୋଷ କୁମାର କହିଛନ୍ତି, ଗତକାଲି ଏହି ଦମ୍ପତି ଝାଡ଼ଖଣ୍ଡ ଡୁମୁକା ଜିଲ୍ଲାର କୁରୁମାହାଟରେ ଏକ ଟେଣ୍ଟ ଟାଣି ଶୋଇଥିବା ବେଳେ ଦୁର୍ବୃତ୍ତମାନେ ମହିଳାଙ୍କୁ ଟାଣିନେଇ ଗଣଦୁଷ୍କର୍ମ କରିଛନ୍ତି। ପୀଡ଼ିତାଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ବାଣା ଗୁପ୍ତା କହିଛନ୍ତି, ଅପରାଧୀମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେମାନଙ୍କ ମଧ୍ୟରୁ ୩ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଏହି ଜଘନ୍ୟ କାଣ୍ଡରେ ୮ ରୁ ୧୦ ଜଣକ ସଂପୃକ୍ତି ଥିବା କୁହାଯାଉଛି।

# ବ୍ରାହ୍ମଣୀରେ ଭାସିଗଲେ ୨ ଶ୍ରମିକ

■ **ପଟ୍ଟାମୁଣ୍ଡାଇ, ୨।୩ (ସମିସ):** ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ନିମପୁର ଗ୍ରାମର ବ୍ରାହ୍ମଣୀ ନଦୀତୁଠରେ ଆଜି ଏକ ଅଭାବନୀୟ ଘଟଣା ଘଟିଛି। ଗାଧୋଇବା ବେଳେ ଗୋଡ଼ ଖସିଯିବାରୁ ୨ଜଣ ଅଣଓଡ଼ିଆ ଶ୍ରମିକ ନଦୀରେ ଭାସି ଯାଇଛନ୍ତି। ଆଜି ମଧ୍ୟାହ୍ନ ପ୍ରାୟ ୧୨ଟା ବେଳେ ଏହି ଅଘଟଣ ଘଟିଛି। ତେବେ ପାଖରେ ଗାଧୋଉଥିବା ନିମପୁର ଗ୍ରାମର ଜଣେ ଅଷ୍ଟମ ଶ୍ରେଣୀ ଛାତ୍ର ରୁଦ୍ର ପ୍ରସାଦଙ୍କ ପାଇଁ ସାହସିକତା ପାଇଁ ଅନ୍ୟ ଜଣେ ଶ୍ରମିକଙ୍କ ଜୀବନ ବଞ୍ଚି ଯାଇଛି। ରୁଦ୍ର ତାଙ୍କ ମା'ଙ୍କ ଲୁଗାକୁ ପକାଇ ଜଣେ ଶ୍ରମିକଙ୍କୁ କୂଳକୁ ଭିଡ଼ି ଆଣିଥିଲେ। ଅପରପକ୍ଷେ ପଟ୍ଟାମୁଣ୍ଡାଇରୁ ଦମକଳ ବାହିନୀ ବୋଟ୍ ସହ ଆସି ଖୋଜାଖୋଜି କରିଥିଲେ ମଧ୍ୟ ନିଖୋଜଙ୍କ ପତ୍ତା ମିଳିପାରିନାହିଁ। ନିଖୋଜ ଯୁବକଦ୍ୱୟ ହେଲେ, ଉତ୍ତରପ୍ରଦେଶ ଆଗ୍ରାର ଅଜିତ କୁମାର(୨୦) ଓ ଜାଭେଦ ଖାଁ(୨୨)। ଏହି ଘଟଣା ଆଜି ସମଗ୍ର ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ଖବର ନେବାରେ ଜଣାପଡ଼ିଛି ଯେ ଶନିବାର ଆଗ୍ରାର ୬ଜଣ ଯୁବକ ମଦନପୁରଠାରେ ଏକ ସିମେଣ୍ଟ କମ୍ପାନୀର ୱାଲିଂ ▶ପୃଷ୍ଠା-୮

**ଅନ୍ୟ ଜଣଙ୍କୁ ବଞ୍ଚାଇଲେ ଅଷ୍ଟମ ଶ୍ରେଣୀ ଛାତ୍ର**

**ମନିପର୍ସକୁ ନେଇ ତୁମୁଳକାଣ୍ଡ**

# ଯୁବକକୁ ପିଟିପିଟି ମାରିଦେଲେ

■ **ବାରିପଦା, ୨।୩ (ସମିସ):** ରାସ୍ତାରେ ପଡ଼ିଥିବା ଏକ ମନିପର୍ସ ନେବାକୁ ନେଇ ତୁମୁଳକାଣ୍ଡ ଘଟିଛି। ଏହି ସାଧାରଣ ଘଟଣାକୁ କେନ୍ଦ୍ର କରି ଜଣେ ଯୁବକଙ୍କୁ ଦୁର୍ବୃତ୍ତମାନେ ପିଟିପିଟି ହତ୍ୟା କରିଛନ୍ତି। ଏଭଳି ଏକ ଅଭାବନୀୟ ଘଟଣା ବାରିପଦା ଟାଉନ ଥାନା ଅନ୍ତର୍ଗତ ଶୁନଗଡ଼ିଆ ଅଞ୍ଚଳର ଟିବି ହସ୍ପିଟାଲ ଛକରେ ଘଟିଛି। ମୃତ ଯୁବକଜଣକ ହେଲେ, ଉକ୍ତ ଅଞ୍ଚଳର ପଦ୍ମଲୋଚନ ମୁଖିଙ୍କ ପୁଅ ରାମ (୨୫)। ଘଟଣା ସମ୍ପର୍କରେ ପୁଲିସକୁ ଖବର ଦିଆଯାଇଥିଲେ ମଧ୍ୟ ବିଳମ୍ବରେ ପହଞ୍ଚିବାରୁ ଉତ୍ତେଜନା ଦେଖାଦେଇଥିଲା।



୪ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି ପୁଲିସ୍

ଅଭିଯୋଗ ଅନୁଯାୟୀ, ମୃତ ରାମ ମୁଖୀ ଏବଂ ତାଙ୍କର ଦୁଇ ଭାଇ ଶନିବାର ଅପରାହ୍ଣରେ ଗାଧୋଇବାକୁ ଯାଉଥିବା ବେଳେ ଗାଧୁଆ ତୁଠ ନିକଟ ରାସ୍ତାରେ ପଡ଼ିଥିବା ଏକ ମନିପର୍ସ ପାଇଥିଲେ। ପର୍ସରେ ୫୫୦ ଟଙ୍କା ରହିଥିବା ବେଳେ ସେ ତାହାକୁ ଘରକୁ ନେଇ ଆସିଥିଲେ। ଖବର ପାଇ ଅଞ୍ଚଳର କିଛି ଯୁବକ ଏହି ପର୍ସଟି ତାଙ୍କର ବୋଲି କହିବା ସହ ଫେରାଇବାକୁ କହିଥିଲେ। ପର୍ସରେ ୫୫୦ ଟଙ୍କା ନୁହେଁ, ୧୩୦୦ ଟଙ୍କା ▶ପୃଷ୍ଠା-୮




# ୩ ହତ୍ୟାକାରୀଙ୍କୁ ଆଜୀବନ

**କେନ୍ଦୁଝର, ୨।୩ (ସମିସ):** ଏକ ହତ୍ୟା ମାମଲାର ବିଚାର କରି କେନ୍ଦୁଝର ଏଡିଜେ କୋର୍ଟର ବିଚାରପତି ମମିତା ଦାସ ଶନିବାର ୩ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ସେମାନେ ହେଲେ, ପାଟଣା ଥାନା ଅନ୍ତର୍ଗତ ଏରେଣ୍ଡେଇ ଗ୍ରାମର ଶିବ ମୁଣ୍ଡା(୨୫), ରଥ ମୁଣ୍ଡା(୨୦) ଓ ସଞ୍ଜୟ ଓରଫ୍ ଟିମା ମୁଣ୍ଡା(୨୦)। ସେମାନଙ୍କୁ ଆଇପିସି ଦଫା ୩୦୨/୩୪ରେ ଆଜୀବନ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା, ଜରିମାନା ଅନାଦେୟ ଅଧିକ ୫ ମାସ ସଶ୍ରମ କାରାଦଣ୍ଡ ଏବଂ ଦଫା ୩୦୭ରେ ୧୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୫ହଜାର ଟଙ୍କା ଜରିମାନା, ଜରିମାନା ଅନାଦେୟ ଅଧିକ ୩ ମାସ ଜେଲ୍ ଦଣ୍ଡାଦେଶ ହୋଇଛି। ମାମଲାର ବିବରଣୀରୁ ପ୍ରକାଶ ଯେ ୨୦୨୧ ନୂଆବର୍ଷ ଦିନ ସନ୍ଧ୍ୟା ସାଢ଼େ ୫ଟାରେ ଏରେଣ୍ଡେଇ ଗ୍ରାମର ହେମନ୍ତ ମହାନ୍ତ ରାଜାକାହାଳି ସାହି ହାଟକୁ ଯାଇଥିଲେ। ଏହି ସମୟରେ ଶିବ, ରଥ ଓ ସଞ୍ଜୟ ତାଙ୍କୁ ମିଳିତ ଭାବେ ମରଣାନ୍ତକ ଆକ୍ରମଣ କରିଥିଲେ। ଏହା ଦେଖି ସେଠାରେ ଉପସ୍ଥିତ ଥିବା ଶାନ୍ତିଲତା ମୁଣ୍ଡା ଛଡ଼ାଇବାକୁ ଚେଷ୍ଟା କରିବାରୁ ସେମାନେ ତାଙ୍କୁ ମଧ୍ୟ ହତ୍ୟା ଧମକ ଦେବା ସହ ଆକ୍ରମଣ କରି ଗୁରୁତର କରିଥିଲେ। ହେମନ୍ତଙ୍କ ପାଖରେ ଥିବା ୪ହଜାର ଟଙ୍କା ଓ ମୋବାଇଲ୍ ଛଡ଼ାଇ ନେଇ ସ୍ଥାନ ଛାଡ଼ି ପଳାଇଥିଲେ। ଆକ୍ରମଣର ଶିକାର ହୋଇଥିବା ୨ଜଣଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲେ ମଧ୍ୟ ହେମନ୍ତଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଉକ୍ତ ଘଟଣାକୁ ନେଇ ହେମନ୍ତଙ୍କ ଭାଇ ହରିଶ୍ଚନ୍ଦ୍ର ମହାନ୍ତ ପାଟଣା ଥାନାରେ ଅଭିଯୋଗ କରିଥିଲେ।

THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI
♦VOLUME- 41 ♦ISSUE-248 ♦BHUBANESWAR ♦SUNDAY ♦3 MARCH 2024 ♦PAGE-20 ♦₹ 6.00
♦ବର୍ଷ-୪୧ ♦ସଂଖ୍ୟା-୨୪୮ ♦ଭୁବନେଶ୍ୱର ♦ରବିବାର ♦୩ ମାର୍ଚ୍ଚ ୨୦୨୪ ♦ପୃଷ୍ଠା-୨୦ ♦ଟ.୬.୦୦ (ସିନ୍ଦୂରା ସହ)




### ନବୀନଙ୍କୁ ଷଷ୍ଠଥର ପାଇଁ ମୁଖ୍ୟମନ୍ତ୍ରୀ କରିବାକୁ ମନସ୍ଥିର କରିସାରିଛନ୍ତି ଓଡ଼ିଶାବାସୀ

# ଅତ୍ୟନ୍ତ ଦୃଢ଼ ସ୍ଥିତିରେ ରହିଛି ବିଜେଡି

- ୧୭ ଲୋକସଭା ଓ ୧୨୦ରୁ ଅଧିକ ବିଧାନସଭା ଆସନରେ ଜିତିବ ବିଜେଡି
- ଜନବିରୋଧୀ କାର୍ଯ୍ୟ ପାଇଁ ବିଜେଡିରୁ ବିଦା ହୋଇଥିବା ନେତାଙ୍କୁ ପାଛୋଟି ନେଉଛି ବିଜେପି
- ସମସ୍ତ ବିଧାନସଭା ଓ ଲୋକସଭା ଆସନ ପାଇଁ ବିଜେପିକୁ ପ୍ରାର୍ଥୀ ମିଳୁନାହାନ୍ତି
- ରାଜ୍ୟ ବିଜେପିର କିଛି ନେତା କରୁଛନ୍ତି ମେଣ୍ଟ ଗୁଜବ

**ଭୁବନେଶ୍ୱର,୨।୩(ସମିସ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହେଉଛନ୍ତି ଓଡ଼ିଶାର ଅଦ୍ୱିତୀୟ ନେତା। ମୁଖ୍ୟମନ୍ତ୍ରୀଙ୍କ ବଳିଷ୍ଠ ନେତୃତ୍ୱ ଆଜି ସବୁ କ୍ଷେତ୍ରରେ ଓଡ଼ିଶାକୁ ବିକାଶର ଶିଖରରେ ପହଞ୍ଚାଇଛି। ସେଥିପାଇଁ ସାଢ଼େ ଚାରି କୋଟି ଓଡ଼ିଶାବାସୀ ନିଜ ହୃଦୟରେ ମୁଖ୍ୟମନ୍ତ୍ରୀଙ୍କୁ ସ୍ଥାନ ଦେଇଛନ୍ତି। ଆଗାମୀ ନିର୍ବାଚନରେ ଓଡ଼ିଶାର ଜନସାଧାରଣ ନବୀନ ପଟ୍ଟନାୟକଙ୍କୁ ପୁଣିଥରେ ଆଶୀର୍ବାଦ କରି ଷଷ୍ଠଥର ମୁଖ୍ୟମନ୍ତ୍ରୀ ଆସନରେ ବସାଇବେ। ବିଜୁ ଜନତା ଦଳ ଏଥର ରେକର୍ଡ ବିଜୟ ହାସଲ କରିବ, ଏଥିରେ ସନ୍ଦେହ ନାହିଁ। ଶଙ୍ଖ ଭବନରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ବିଜେଡି ରାଷ୍ଟ୍ରୀୟ ମୁଖପାତ୍ର ଡଃ ସସ୍ମିତ ପାତ୍ର ଆଜି ଏଭଳି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ଡଃ ପାତ୍ର କହିଥିଲେ ଯେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ପ୍ରତ୍ୟେକ ବର୍ଗର ଲୋକଙ୍କ ହିତ ପାଇଁ ସବୁ ପ୍ରକାର ଉଦ୍ୟମ କରୁଛନ୍ତି। ଗୋଟିଏ ପରେ ଗୋଟିଏ ଜନକଲ୍ୟାଣକାରୀ ଯୋଜନା ପ୍ରଣୟନ କରିଛନ୍ତି। '୫-ଟି' ଉପକ୍ରମ ଅଧୀନରେ ରାଜ୍ୟରେ ଅଭୂତପୂର୍ବ ରୂପାନ୍ତରଣ ସୁନିଶ୍ଚିତ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଶାସନ କାଳରେ ଓଡ଼ିଶାବାସୀଙ୍କ ଜୀବନଧାରଣ ମାନରେ ପରିବର୍ତ୍ତନ ଆସିଛି। ନବୀନ ପଟ୍ଟନାୟକଙ୍କୁ ଷଷ୍ଠଥର ମୁଖ୍ୟମନ୍ତ୍ରୀ କରିବା ଲାଗି ଓଡ଼ିଶାବାସୀ ମନସ୍ଥ କରିସାରିଛନ୍ତି। ଏଥିପାଇଁ ବିଜୁ ଜନତା ଦଳ ଅତ୍ୟନ୍ତ ଦୃଢ଼ ସ୍ଥିତିରେ ରହିଛି। ଆଗାମୀ ନିର୍ବାଚନରେ ବିଜେଡି ୧୨୦ରୁ ଅଧିକ ବିଧାନସଭା ଏବଂ ୧୭ରୁ ଅଧିକ ଲୋକସଭା ଆସନରେ ବିଜୟ ଲାଭ କରିବାକୁ ଯାଉଛି। କିନ୍ତୁ ଓଡ଼ିଶା ବିଜେପି ଏବେ ଆମଦାନୀ ନେତାଙ୍କ ଭରସାରେ ଅଛି। ଯେଉଁମାନଙ୍କୁ ଜନବିରୋଧୀ କାର୍ଯ୍ୟ ପାଇଁ ବିଜେଡିରୁ ତଡ଼ି ଦିଆଯାଇଛି, ଯେଉଁମାନଙ୍କର ବିଜେଡିରେ କୌଣସି ଭବିଷ୍ୟତ ନାହିଁ, ବିଜେଡିରେ ଟିକଟ ପାଇବା ସମ୍ଭାବନା ହରାଇଥିବା ଲୋକଙ୍କୁ ଓଡ଼ିଶା ବିଜେପି କୋଳେଇ ନେଉଛି। କାରଣ ୧୪୭ ବିଧାନସଭା ଓ ୨୧ଟି ଲୋକସଭା ଆସନରେ ପ୍ରାର୍ଥୀ ଦେବା ପାଇଁ ରାଜ୍ୟ ବିଜେପି ପାଖରେ ନେତାଙ୍କର ଘୋର୍ ଅଭାବ ରହିଛି। ବିଜୁ ଜନତା ଦଳ ଟିକଟ ପାଇବା ସମ୍ଭାବନା ଥିବା କୌଣସି ନେତା ବିଜେପିକୁ ଯାଉ ନାହାନ୍ତି। ଏକ ଉଦାହରଣ ଦେଇ ଡଃ ପାତ୍ର କହିଥିଲେ ଯେ ଜୟଦେବ ବିଧାୟକ ଅରବିନ୍ଦ ଢ଼ାଲି ବିଜେଡିରୁ ଇସ୍ତଫା ଦେବାର କାରଣ ହେଉଛି ତାଙ୍କୁ ଏଥର ଟିକଟ ମିଳିବ ନାହିଁ ବୋଲି ସଫାସଫା ଶୁଣାଇ ଦିଆଯାଇଥିଲା। ହାତରୁ ବିଜେଡି ଟିକଟ ଯାଉଥିବାର ଦେଖି ଶ୍ରୀ ଢାଲି ବିଜେପି ଶିବିରରେ ଯୋଗ ଦେଉଛନ୍ତି। ଓଡ଼ିଶା ବିଜେପି ପାଖରେ ସବୁ ଆସନ ପାଇଁ ପ୍ରାର୍ଥୀ ନଥିବାରୁ ସେମାନେ ଶ୍ରୀ ଢାଲି ଏବଂ ତାଙ୍କ ପରି ଲୋକଙ୍କୁ ନିଜ ଦଳରେ ପାଛୋଟି ନେଉଛନ୍ତି।



ଡଃ ପାତ୍ର ଆହୁରି କହିଥିଲେ ଯେ ବିଜେଡି-ବିଜେପି ମଧ୍ୟରେ ମେଣ୍ଟ ହେବାକୁ ଯାଉଛି ବୋଲି କିଛି ଲୋକ ସାମାଜିକ ଗଣମାଧ୍ୟମରେ ପ୍ରଚାର କରୁଛନ୍ତି। ଏହା ସମ୍ପୂର୍ଣ୍ଣ ଭାବେ ଗୁଜବ। ଆଉ ଓଡ଼ିଶା ବିଜେପିର କିଛି ନେତା ଏହି ଗୁଜବକୁ ଗଣମାଧ୍ୟମରେ ବେଶ୍ ଜୋରସୋର୍‌ରେ ପ୍ରଚାର କରୁଛନ୍ତି ବୋଲି ଡଃ ପାତ୍ର କହିଛନ୍ତି।

# କାର୍ ଧକ୍କାରେ ମା'-ଝିଅ ମୃତ

### କ୍ଷତିପୂରଣ ଦାବିରେ ରାସ୍ତାରୋକ

**ପାଟଣାଗଡ଼,୨।୩(ସମିସ):** ପାଟଣାଗଡ଼-ବାଲାଙ୍ଗିର ୪୨ନଂ ରାଜ୍ୟ ରାଜପଥର ଉଲବା ବସ୍‌ଷ୍ଟାଣ୍ଡଠାରୁ ଅନତି ଦୂରରେ ଥିବା ରଣା ଗ୍ୟାରେଜ୍ ନିକଟରେ ଆଜି ଏକ ଭୟାବହ ଦୁର୍ଘଟଣା ମା'-ଝିଅଙ୍କ ଜୀବନ ନେଇଛି। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଦୁହିଁଙ୍କ ଶରୀର ଖଣ୍ଡବିଖଣ୍ଡିତ ହୋଇ ଏଣେତେଣେ ବିଛାଡ଼ି ହୋଇପଡ଼ିଥିଲା। ମୃତଦ୍ୱୟ ହେଲେ, ଉଲବା ଗ୍ରାମର ସରୋଜିନୀ ଧରୁଆ (୪୫) ଓ ତାଙ୍କ ଝିଅ ରୀତି ଧରୁଆ (୧୯)। ଦ୍ରୁତ ଗତିରେ ଆସୁଥିବା ଏକ କାର୍ ସେମାନଙ୍କୁ ଧକ୍କା ଦେବାରୁ ଏହି ଅଘଟଣ ଘଟିଥିଲା। ଏହି ଘଟଣାକୁ କେନ୍ଦ୍ର କରି ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। କାର୍ ଚାଳକଙ୍କୁ ଗ୍ରାମବାସୀ ଅଟକ ରଖି ପୁଲିସର ଜିମା ଦେଇଥିଲେ। ଏହାସହ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ରାସ୍ତାରୋକ କରିଥିଲେ। ପାଟଣାଗଡ଼ ତହସିଲଦାର ରୁଦ୍ରମୋହନ ନାୟକ, ଏସ୍‌ଡିପିଓ ସଦାନନ୍ଦ ପୂଝାରୀ ଓ ଅତିରିକ୍ତ ତହସିଲଦାର ଅର୍ଜୁନ ମାଝୀ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକରୀଙ୍କୁ ବୁଝାସୁଝା କରିବା ସହ ପ୍ରତିଶ୍ରୁତି ଦେଇଥିଲେ। କାର୍ ମାଲିକ ସୁନୀଲ ଅଗ୍ରୱାଲ ଅଢ଼େଇ ଲକ୍ଷ, ରେଡ୍‌କ୍ରସ୍ ପାଣ୍ଠିରୁ ୧୦ ହଜାର ଏବଂ ହରିଶ୍ଚନ୍ଦ୍ର ଯୋଜନାରୁ ୪ ହଜାର ଟଙ୍କା ସହାୟତା ଦେବା ଘୋଷଣା କରାଯିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ସୂଚନାନୁସାରେ, ସରୋଜିନୀ ଓ ରୀତି ବିଲରୁ କାମ ସାରି ଫେରୁଥିବା ବେଳେ ପାଟଣାଗଡ଼ରୁ ଦ୍ରୁତ ଗତିରେ ଆସୁଥିବା ଏକ କାର ସେମାନଙ୍କୁ ଧକ୍କା ଦେଇଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ମା'-ଝିଅ ପ୍ରାୟ ୨୦ ଫୁଟ୍ ଉପରକୁ ଉଠିଯିବା ସହ ମୁଣ୍ଡ ଉପରେ ଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଯାଇଥିଲେ।



# ଭର୍ଚୁଆଲରେ କଲ୍ୟାଣୀ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

## ■ ଉପକୃତ ହେବେ ରାୟଗଡ଼ା ଜିଲ୍ଲାର ୧୪ ଓ କଳାହାଣ୍ଡିର ୨ଟି ଗ୍ରାମର ଚାଷୀ



**କଲ୍ୟାଣସିଂହପୁର,୨।୩(ସମିସ):** ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକରେ ଜଳ ସମ୍ପଦ ବିଭାଗ ଦ୍ୱାରା ଡଙ୍ଗାମୁଣ୍ଡିଠାରେ କରାଯାଇଥିବା କଲ୍ୟାଣୀ କ୍ଷୁଦ୍ର ଜଳସେଚନ ପ୍ରକଳ୍ପରେ ନୂତନ ପାଇପ୍ ଲାଇନ୍ ଜଳସେଚନ ଯୋଜନାକୁ ଭର୍ଚୁଆଲ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦଘାଟନ କରିଛନ୍ତି। ଜିଲ୍ଲାପାଳ ସନୋଜ ସତ୍ୟବାନ ମହାଜନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ତଥା ଆଇନ ବିଭାଗୀୟ ମନ୍ତ୍ରୀ ଜଗନ୍ନାଥ ସାରକା, ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ଅନୁସୂୟା ମାଝି, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝି, 'ଆମ ଓଡ଼ିଶା ନବୀନ ଓଡ଼ିଶା' ଜିଲ୍ଲା ସଂଯୋଜକ ପି.ଗୌରୀ ଶଙ୍କର ରାଓ, ବ୍ଲକ ଅଧ୍ୟକ୍ଷା ଅମ୍ରିତା କାଡ୍ରାକା, ଉପାଧ୍ୟକ୍ଷ ଡମ୍ବରୁ କଞ୍ଚାକା, ବିଜୁ ସ୍ୱାସ୍ଥ୍ୟ ଯୋଜନା ବୋର୍ଡର ଉପଦେଷ୍ଟା ସୁଧୀର ଦାସ, ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପସଭାପତି ବନମାଳୀ କାଡ୍ରାକା, ଜୋନ-'କ' ଜିଲ୍ଲାପରିଷଦ ସଦସ୍ୟ ବାରାଟମ ୱାରା ପ୍ରସାଦ ରାଓ, ଜୋନ-'ଖ' ଜିଲ୍ଲା ପରିଷଦ ସଦସ୍ୟ ଭୂମିଗୌରୀ ଦେବୀ, ବିଡିଓ ରାଜୀବ ଦାସ, ତହସିଲଦାର ରଞ୍ଜନ ମାନସେଠ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ନିହାର ରଞ୍ଜନ କହଁର, କ୍ଷୁଦ୍ର ଜଳସେଚନ ବିଭାଗର ଜିଲ୍ଲା ନିର୍ବାହୀ ଯନ୍ତ୍ରୀ କୁମାର ସୁଧାକର, କୋଲନରା ଜିଲ୍ଲାପରିଷଦ ଧବଳେଶ୍ୱର ନାଇଡୁ, ଏସଡିପି ଓ ରଶ୍ମିରଞ୍ଜନ ସେନାପତି ଓ ଥାନା ଅଧିକାରୀ ସୁମନ୍ତି ମହାନ୍ତି, ସହକାରୀ ଯନ୍ତ୍ରୀ ସବ୍ୟସାଚୀ ନାୟକ, ମହାସଂଘର ସଭାପତି ସମ୍ପାଦିକା, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଦଳୀୟ କର୍ମୀ ନେତା ଓ ବ୍ଲକ ବାସୀ ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ କଲ୍ୟାଣୀ କ୍ଷୁଦ୍ର ଜଳସେଚନ ପ୍ରକଳ୍ପରେ ନୂତନ ପାଇପ୍ ଲାଇନ୍ ଜଳସେଚନ ଦ୍ୱାରା ରାୟଗଡ଼ା ଜିଲ୍ଲାର ୧୪ଟି ଓ କଳାହାଣ୍ଡିର ୨ଟି ଗ୍ରାମର ଚାଷୀ ଉପକୃତ ହୋଇପାରିବେ ବୋଲି କହିଛନ୍ତି।

## ସାଂସଦ ଓ ବିଧାୟକଙ୍କ ଝରିଗାଁ ବ୍ଲକ୍‌ରେ ମାରାଥନ କାର୍ଯ୍ୟକ୍ରମ

# ୩୫ କୋଟି ବ୍ୟୟ ଅଟକଳରେ ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

**ଝରିଗାଁ,୨।୩(ସମିସ)**



ନବରଙ୍ଗପୁର ସାଂସଦ ରମେଶ ଚନ୍ଦ୍ର ମାଝି ଓ ଝରିଗାଁ ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ମାଝୀ ଦିନିକିଆ ଝରିଗାଁ ବ୍ଲକ୍ ଗସ୍ତରେ ଆସି ୮ଟି ପଞ୍ଚାୟତ ଗସ୍ତ କରି ୩୫ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ହେବାକୁ ଥିବା ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରି ସ୍ଥାନୀୟ ଜନସାଧାରଣଙ୍କ ଅଭିଯୋଗ ଓ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ଏହି ଗସ୍ତ କାର୍ଯ୍ୟକ୍ରମରେ ମୁଖ୍ୟତଃ ଦୁର୍ଗମ ଗ୍ରାମାଞ୍ଚଳରେ ଯୋଗାଯୋଗକୁ ପ୍ରାଥମିକତା ଦେଇ ବିଜୁ ସେତୁ ଯୋଜନାର ଶୁଭ ଦିଆଯାଇଥିଲା। ସେଥିମଧ୍ୟରେ ଦାନାଗୁଡ଼ାଠାରୁ ବରାଯୋଡ଼ି ବିଜୁ ସେତୁ, ତେପ୍ପିଆମ୍ବାଠାରୁ ଲଦି ବିଜୁ ସେତୁ, ଚକଲାପଦରଠାରୁ ହଳଦିଗୁଡ଼ା ବିଜୁ ସେତୁ, ପରିଆଠାରୁ ଜାମଗୁଡ଼ା ବିଜୁ ସେତୁ ଏବଂ ତୁରୁଞ୍ଜିଠାରୁ ପାରିଆ ବିଜୁ ସେତୁ ଆଦିର ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହିତ ଚଚା ଏବଂ ଝରିଗୁଡ଼ା ଗ୍ରାମରେ ହରିଜନ ସମାଜର ବୈଠକ ଗୃହ ଏବଂ ଭାଲୁକନାଡ଼ି ଗ୍ରାମରେ ଜାନୀ ସମାଜର ବୈଠକ ଗୃହ ନିମିତ୍ତ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ।

ମୁଖ୍ୟଅତିଥି ଭାବେ ନବରଙ୍ଗପୁର ସାଂସଦ ଶ୍ରୀ ମାଝି ଗ୍ରାମାଞ୍ଚଳର ଉନ୍ନତି ତଥା ସାଧାରଣ ଜନତାଙ୍କ ସର୍ବନିମ୍ନ ଆବଶ୍ୟକତାକୁ ରାଜ୍ୟ ସରକାର ସର୍ବଦା ପ୍ରାଥମିକତା ଦେଇ ଆସୁଥିବାବେଳେ ଦୁର୍ଗମ ଅଞ୍ଚଳରେ ଉନ୍ନୟନମୂଳକ କାର୍ଯ୍ୟର ଧାରା ଆଗକୁ ବଢ଼ି ଚାଲିଥିବ ବୋଲି ନିଜର ମତ ରଖିଥିଲେ। ସ୍ଥାନୀୟ ବିଧାୟକ ପ୍ରକାଶ ଚନ୍ଦ୍ର ମାଝୀ ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ରାଜ୍ୟ ସରକାର ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ବିଭିନ୍ନ ଯୋଜନାରେ ଅନେକ ସୁବିଧା କରି ଆସୁଥିବାବେଳେ ଏହାର ଲାଭ ଉଠାନ୍ତୁ ବୋଲି ବୁଝାଇଥିଲେ। ସାଂସଦ ପ୍ରତିନିଧି ପ୍ରିୟରଞ୍ଜନ ଦାଶଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥିଗଣଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷ ଦୁର୍ଗା ପ୍ରସାଦ ମାଝୀ, ବିଜେଡି ସଭାପତି ଟିକଚନ୍ଦ ମାଝୀ, ବିଧାୟକ ପ୍ରତିନିଧି ରାମଧର ମାଝୀ, ସରପଞ୍ଚ ମୋହନ ନାୟକ, ମନଦେଇ ମାଝି, ଜିଲ୍ଲା ପରିଷଦ ସଭ୍ୟ ଯମୁନା ଗଣ୍ଡ, ଶ୍ୟାମ ସୁନ୍ଦର ନାୟକ, ତ୍ରମିଳା ପୂଜାରୀ, ମଦନ ସାମଲ, ଥବିର୍ ପୂଜାରୀ, ମହେନ୍ଦ୍ର ନାୟକ, ତ୍ରିଲୋଚନ ପାଣ୍ଡେ, ବାସନ୍ତୀ ନାୟକ, ଲଛମା ଗଣ୍ଡ, ଚୈତନ୍ୟ ଗଣ୍ଡ, ଭାଗିରଥି ମାଝୀ, ଦେବିସିଂ ମୁଦୁଲି, ବିଜୟ ଦାସ, ଯମୁନା ମୁଦୁଲି, ନରହରି ଦୁର୍ଗା, ମହେନ୍ଦ୍ର ପୂଜାରୀ, ରଖିରାମ୍ ବଞ୍ଜରା, ଜଗତ କଳାର, ଚିତ୍ତରଞ୍ଜନ ପାଣ୍ଡେ ପ୍ରମୁଖ ନେତୃବୃନ୍ଦ ଉପସ୍ଥିତ ଥିଲେ।

## ■ ପୂଜାରୀପୁଟ ମନ୍ଦିରରୁ ଚୋରି ଘଟଣା

# ମନ୍ଦିର ବାହାରୁ ମିଳିଲା ଚୋରି ସାମଗ୍ରୀ



**ବୋରିଗୁମ୍ମା,୨।୩(ସମିସ):** କୋରାପୁଟ ଜିଲ୍ଲା ବୋରିଗୁମ୍ମା ଥାନା ଅନ୍ତର୍ଗତ ପୂଜାରୀପୁଟ ସ୍ଥିତ ଛକ ନିକଟରେ ଥିବା ହନୁମାନ ମନ୍ଦିରରୁ ଚୋରି ହୋଇଥିବା ସମସ୍ତ ସାମଗ୍ରୀ ମିଳିଯାଇଛି। ଗତ ୨୫ ତାରିଖ ରାତିରେ କିଛି ଦୁର୍ବୃତ୍ତ ମନ୍ଦିରର ଗେଟ୍ ତାଲା ଭାଙ୍ଗି ଚୋରି କରିଥିଲେ। ଦୁର୍ବୃତ୍ତମାନେ ଭିତରେ ପଶି ପ୍ରଭୁ ଶ୍ରୀରାମ, ଲକ୍ଷ୍ମଣ ଓ ମା' ସୀତା ପିନ୍ଧିଥିବା ରୁପା ମୁକୁଟକୁ ଚୋରି କରି ନେଇଯାଇଥିବା ଅଭିଯୋଗ ହୋଇଥିଲା। ଶନିବାର ସକାଳେ ପୂଜକ ପୂଜା କରିବାକୁ ଯିବା ସମୟରେ ଠାକୁରଙ୍କ ଚୋରି ହୋଇଥିବା ଅଳଙ୍କାର ମନ୍ଦିର ସମ୍ମୁଖରେ ରଖାଯାଇଥିବା ଦେଖିବାକୁ ପାଇଥିଲେ। ଏହାପରେ ମନ୍ଦିର କମିଟିକୁ ଅବଗତ କରିଥିଲେ।

# ସୀମାନ୍ତରେ ବିଜେପି ନେତାଙ୍କୁ ହତ୍ୟାକଲେ ମାଓବାଦୀ



**ମାଲକାନଗିରି,୨।୩(ସମିସ):** ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ରେ ମାଓବାଦୀମାନେ ଜଣେ ବିଜେପି ନେତାଙ୍କୁ ହତ୍ୟା କରିଛନ୍ତି। ମୃତକ ଜଣକ ହେଲେ ତିରୁପତି କଟଲା।

ସୂଚନା ଅନୁଯାୟୀ, ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ରାଜ୍ୟ ବିଜାପୁର ଜିଲ୍ଲାର ବିଜେପି ନେତା ତିରୁପତି କଟଲା ତୟାନାର ଗ୍ରାମରେ ନିଜର ଜଣେ ସମ୍ପର୍କୀୟଙ୍କ ବାହାଘରରେ ଯୋଗଦେବାକୁ ଯାଇଥିଲେ। ସେଠାରୁ ସେ ଫେରିବା ବେଳେ ପ୍ରାୟ ୨୦ରୁ ୨୫ ସଶସ୍ତ୍ର ମାଓବାଦୀ ତିରୁପତିଙ୍କୁ ଅଟକାଇ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ଏଥିରେ ତାଙ୍କ ଅବସ୍ଥା ଗୁରୁତର ହୋଇ ପଡ଼ିଥିଲା। ଏନେଇ ତିରୁପତିଙ୍କ ସମ୍ପର୍କୀୟମାନେ ଖବର ପାଇବା ପରେ ତୟାନାର ପୁଲିସକୁ ଖବର ଦେଇଥିଲେ। ଗୁରୁତର ଅବସ୍ଥାରେ ତିରୁପତିଙ୍କୁ ପୁଲିସ ସହାୟତାରେ ତୁରନ୍ତ ବିଜାପୁର ଜିଲ୍ଲା ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅପରପକ୍ଷରେ ଏନେଇ ବିଜାପୁର ଜିଲ୍ଲା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ସମ୍ପୃକ୍ତ ଅଞ୍ଚଳରେ କୁମ୍ବିଂ ଅପରେସନକୁ ଜୋରଦାର କରିଥିବାବେଳେ ଛତିଶଗଡ଼ ସରକାରଙ୍କ ଉପରେ ପ୍ରଭାବ ପକାଇବା ପାଇଁ ମାଓବାଦୀମାନେ ଏପରି ହିଂସାକାଣ୍ଡ ଘଟାଇଥିବା ଅନୁମାନ କରାଯାଉଛି।

# ଜୁଆ ଖେଳ ବେଳେ ଚଢ଼ଉ; ୩ ଜୁଆଡ଼ି ଗିରଫ

**ମାଲକାନଗିରି,୨।୩(ସମିସ):** ଜୁଆ ଖେଳବେଳେ ମାଲକାନଗିରି ଜିଲ୍ଲା କାଲିମେଳା ପୁଲିସ ଚଢ଼ଉ କରି ୩ ଜୁଆଡ଼ିଙ୍କୁ ଗିରଫ କରିଛି। ସୂଚନା ଅନୁଯାୟୀ, ମାଲକାନଗିରି ଜିଲ୍ଲା କାଲିମେଳା ଥାନା ଅନ୍ତର୍ଗତ ପାନିମେଟଲା ଗ୍ରାମରେ ଶୁକ୍ରବାର ବିଳମ୍ବିତ ରାତିରେ ଖୁଡୁଖୁଡ଼ି ଜୁଆ ଖେଳ ଜାରି ରହିଥିବାବେଳେ କାଲିମେଳା ଥାନା ଅଧିକାରୀ ଚନ୍ଦ୍ରକାନ୍ତ ତାଣ୍ଡିଙ୍କୁ ବିଶେଷ ସୂତ୍ରରୁ ଖବର ମିଳିଥିଲା। ଖବର ପାଇ ଶ୍ରୀ ତାଣ୍ଡିଙ୍କ ନେତୃତ୍ୱରେ ଏକ ପୁଲିସ ଟିମ୍ ସେଠାରେ ଚଢ଼ଉ କରିଥିବାବେଳେ ପୁଲିସକୁ ଦେଖି ଜୁଆଡ଼ିମାନେ ସେଠାରୁ ଖସି ପଳାଇବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ପୁଲିସ ଜୁଆ ଖେଳ କରାଉଥିବା ୩ ଜଣଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ୪୨୫୦ ଟଙ୍କା ଓ ଜୁଆ ଖେଳରେ ବ୍ୟବହୃତ ସାମଗ୍ରୀ ପୁଲିସ ଜବତ କରିଛି। ଗିରଫ ବ୍ୟକ୍ତିମାନଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଶ୍ରୀ ତାଣ୍ଡି ସୂଚନା ଦେଇଛନ୍ତି।

## ଚୋରି ଓ ଲୁଟ୍ ରୋକିବାକୁ ଅଣ୍ଟାଭିଡ଼ିଲା ପୁଲିସ

# ସଦର ଥାନା ପକ୍ଷରୁ ରାତ୍ରକାଳୀନ ଯାଞ୍ଚ କଡ଼ାକଡ଼ି



**ଜୟପୁର,୨।୩ (ସମିସ):** କୋରାପୁଟ ଜିଲ୍ଲା ଜୟପୁର ସଦରଥାନା ପୁଲିସ ଏବେ ସହରରେ ବଢ଼ୁଥିବା ଚୋରି ଓ ଲୁଟ୍‌କୁ ରୋକିବାକୁ ଅଣ୍ଟାଭିଡ଼ିଥିବା ଦେଖିବାକୁ ମିଳିଛି। ଚୋର ଓ ଲୁଟେରାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଚୋରି ଓ ଲୁଟ୍‌କୁ ନିୟନ୍ତ୍ରଣ କରିବାକୁ ସଦରଥାନା ପକ୍ଷରୁ ରାତ୍ରୀକାଳୀନ ଯାଞ୍ଚକୁ ଗତ ଦୁଇଦିନ ହେବ ଅଧିକ କଡ଼ାକଡ଼ି କରାଯାଇଛି। ଜୟପୁର ସହର ସମେତ ଆଖପାଖ ଆଞ୍ଚଳରେ ଚୋର ଓ ଲୁଟେରାଙ୍କ ପ୍ରାଦୁର୍ଭାବ କିଛି ଦିନ ହେବ ବୃଦ୍ଧି ପାଉଥିବା ନଜରକୁ ଆସିଛି। ଚୋରି ଓ ଲୁଟ୍‌କୁ ନିୟନ୍ତ୍ରଣ କରିବାକୁ ଗତ ଦୁଇଦିନ ପୂର୍ବରୁ ସ୍ଥାନୀୟ ବାରିଣିପୁଟ ଅଞ୍ଚଳରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ପୁଲିସ ବିଭିନ୍ନ ବାଇକ ଓ ଯାନବାହାନ ଯାଞ୍ଚ କରୁଛି। ସନ୍ଦେହ ହେଲେ ସେମାନଙ୍କୁ ଥାନାରେ ଅଟକ ରଖି ପରିଚୟ ପତ୍ର ଯାଞ୍ଚ ଏବଂ ପଚାରଉଚୁରା ପରେ ଛାଡୁଥିବା ନଜରକୁ ଆସିଛି। ସେହିପରି ଶୁକ୍ରବାର ବିଳମ୍ବିତ ରାତ୍ରୀରେ ଆମ୍ବାଗୁଡ଼ା ଅଞ୍ଚଳରେ ଏପରି ଯାଞ୍ଚ କରାଯାଇଥିଲା। ଯାଞ୍ଚ ଦ୍ୱାରା ଜୟପୁର ସଦରଥାନା ଅଞ୍ଚଳ ସମେତ ସହରକୁ ପ୍ରବେଶ କରୁଥିବା ଗାଡ଼ି ଓ ବାଇକ୍ ଯାଞ୍ଚ କରାଯାଉଛି। ଏହାଦ୍ୱାରା ଗଞ୍ଜେଇ ଚାଲାଣକାରୀ, ଅସାମାଜିକ ବ୍ୟକ୍ତି, ମଦ୍ୟପ, ଚୋର, ଡକାୟତ ଓ ଦୁର୍ବୃତ୍ତମାନେ ନୟନ୍ତ୍ରଣକୁ ଆସିବା ସହିତ ରାତ୍ରୀକାଳୀନ କୌଣସି ଅପରାଧିକ କାର୍ଯ୍ୟ ହୋଇପାରିବ ନାହିଁ। ଏପରି କଡ଼ାକଡ଼ି ଯାଞ୍ଚ ଜୟପୁର ସହରକୁ ସଂଯୋଗ କରୁଥିବା ସମସ୍ତ ଜାତୀୟ ରାଜପଥ ଓ ମୁଖ୍ୟ ରାସ୍ତାଗୁଡ଼ିକରେ ସଦର ଥାନା ପୁଲିସ ପକ୍ଷରୁ କରାଯିବ ବୋଲି ଥାନା ଅଧିକାରୀ ଇଶ୍ୱର ତାଣ୍ଡୀ ସୂଚନା ଦେଇଛନ୍ତି।

# ସହିଦ ଲକ୍ଷ୍ମଣ ନାୟକ ସ୍ୱେଚ୍ଛାସେବୀ ସଂଘର ଭେଟ୍‌ଘାଟ୍ କାର୍ଯ୍ୟକ୍ରମ




**କୋଷାଗୁମୁଡ଼ା,୨।୩(ସମିସ):** ଶୁକ୍ରବାର କୋଷାଗୁମୁଡ଼ାର ଇଷ୍ଟଦେବଙ୍କ ମାଘ ମଣ୍ଡେଇ ଯାତ୍ରା ପାଳନ ଅବସରରେ ସ୍ଥାନୀୟ ସହିଦ ଲକ୍ଷ୍ମଣ ନାୟକ ସ୍ୱେଚ୍ଛାସେବୀ ସଂଘ ତରଫରୁ ଜିଲ୍ଲା, ବ୍ଲକ୍, ପଞ୍ଚାୟତସ୍ତରର ପଦାଧିକାରୀଙ୍କୁ ନେଇ ଏକ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ପବିତ୍ର ମାଘ ମଣ୍ଡେଇ ଯାତ୍ରା ୩ ଦିନ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବାବେଳେ କୋଷାଗୁମୁଡ଼ା ବ୍ଲକର ୨୬ଟି ପଞ୍ଚାୟତ, ପଡ଼ୋଶୀ ଜିଲ୍ଲା ଓ ରାଜ୍ୟର ହଜାର ହଜାର ସଂଖ୍ୟାରେ ଭକ୍ତ ଏବଂ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହେଉଥିବା ଦୃଷ୍ଟିରୁ ପ୍ରତ୍ୟେକ ବର୍ଷ ଏଭଳି ସଂଘ ତରଫରୁ ନିଜ କର୍ମକର୍ତ୍ତାଙ୍କ ଭେଟଘାଟ କାର୍ଯ୍ୟକ୍ରମ ସହ ଜନମଙ୍ଗଳ କାର୍ଯ୍ୟ ସମ୍ପାଦନ ଉପରେ ଆଲୋଚନା କରି ଆସୁଛନ୍ତି ବୋଲି ସଭାପତି ସୁଦର୍ଶନ ନାୟକ ଏବଂ ସମ୍ପାଦକ ଏମ୍. ମୋହନ ରାଓ କହିଛନ୍ତି। ଏହି ପରିପ୍ରେକ୍ଷୀରେ ଜିଲ୍ଲା ଉପଦେଷ୍ଟା ରତନ ମାଝୀ, ଅର୍ଜୁନ ଭତ୍ରା ଥିବାବେଳେ ସମ୍ମାନିତ ଅତିଥି ଭାବରେ 'ସକାଳ' ସାମ୍ବାଦିକ ସନ୍ତୋଷ କୁମାରଙ୍କ ସହ ସ୍ଥାନୀୟ ବ୍ଲକ୍ ଉପଦେଷ୍ଟା ଅମଜାଦ ଖାଁ, ସଭାପତି ସୁଦର୍ଶନ ନାୟକ, ଉପସଭାପତି ଲକ୍ଷ୍ମୀନାଥ ଗୌଡ଼, ସମ୍ପାଦକ ଏମ୍ ମୋହନ ରାଓ, କୋଷାଧ୍ୟକ୍ଷ ସଭାସେନ ନାୟକ, ଧନୁର୍ଜୟ ଭକ୍ତ, ନବୀନ ନାୟକଙ୍କ ସହ ଚନ୍ଦନ ସାହୁ ଏବଂ ମାଥୁର ଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ।

# ନ୍ୟାୟାଳୟରୁ ଚମ୍ପଟ ମାରୁଥିବା ବିଚାରାଧୀନ କଏଦୀ ଗିରଫ

**ମାଲକାନଗିରି,୨।୩(ସମିସ):** ଏକ ବଳାତ୍କାର ମାମଲାରେ ବିଚାରଧିନ କଏଦୀକୁ ନ୍ୟାୟଳୟରେ ହାଜର ପାଇଁ ନେବାବେଳେ ନ୍ୟାୟଳୟ ପରିସରରୁ ଖସି ପଳାଇବାକୁ ଚେଷ୍ଟା କରୁଥିବା ବେଳେ ତାକୁ କାବୁ କରି ପୁଲିସ ଗିରଫ କରିଛି। ପୁଲିସ କର୍ମଚାରୀଙ୍କ ଏଭଳି କାର୍ଯ୍ୟକୁ ନେଇ ଏସପି ନିତେଶ ୱାଧୱାନି ବେଶ୍ ପ୍ରଶଂସା କରିବା ସହ ଉତ୍ସାହିତ କରିଛନ୍ତି। ସୂଚନାନୁଯାୟୀ, ମାଲକାନଗିରିରେ ଏକ ବଳତ୍କାର ମାମଲାର ବିଚାରଧୀନ ଅଭିଯୁକ୍ତକୁ ମାମଲାର ଶୁଣାଣି ପାଇଁ ଜିଲ୍ଲା ସଦର ମହକୁମାରୁ ଜିଲ୍ଲା ନ୍ୟାୟଳୟକୁ ପୁଲିସମାନେ ନେଉଥିଲେ। ଏହି ସମୟରେ ଉକ୍ତ କଏଦୀ ନ୍ୟାୟଳୟ ପରିସରରୁ ଖସି ପଳାଇବାକୁ ଚେଷ୍ଟା କରି କାନ୍ଥ ଡେଇଁ ପଡ଼ିଥିଲେ। ହେଲେ ପୁଲିସମାନେ ତାଙ୍କୁ ଗୋଡ଼ାଇ କାବୁ କରିବା ସହିତ ଗିରଫ କରିଛନ୍ତି। ଏନେଇ ମାଲକାନଗିରି ଥାନାରେ ଏକ ମାମଲା ଆଇପିସିରେ ପଞ୍ଜିକୃତ ହୋଇଛି।

# ଜୁଆ ଆଡ୍ଡା ଉପରେ ଚଢ଼ଉ; ୫ ଗିରଫ



**ଜୟପୁର,୨।୩ (ସମିସ):** ଜୟପୁର ସଦର ଥାନା ପୁଲିସ ପକ୍ଷରୁ ଶୁକ୍ରବାର ରାତିରେ ଫାମ୍ପୁଣି ଗ୍ରାମରେ ଏକ ଜୁଆ ଆଡ୍ଡା ଉପରେ ଚଢ଼ଉ କରାଯାଇଥିଲା। ଏଥିରେ ୫ ଜଣ ଜୁଆଡ଼ିଙ୍କୁ ଗିରଫ କରିବା ସହ ୩୬ ହଜାର ଟଙ୍କା ଜବତ କରାଯାଇଛି। ଗିରଫ ଜୁଆଡ଼ିମାନେ ହେଲେ ବିଶୋଇପୁଟ ଗ୍ରାମର ଧନସାଇ ହରିଜନ (୫୨), ମଙ୍ଗଳା ହରିଜନ (୩୮), ସଲପା ଗ୍ରାମର ଗୋକୁଳ ବେହେରା (୪୨), ଫାମ୍ପୁଣି ଗ୍ରାମର ଗୋପୀନାଥ ନାୟକ (୩୭), ଶିଶିର ରାଉତ (୩୨)। ଅଭିଯୁକ୍ତମାନଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଛି। ଫାମ୍ପୁଣି ଗ୍ରାମରେ ଜୁଆ ଆଡ୍ଡା ଚାଲିଥିବାବେଳେ ବିଭିନ୍ନ ଅଞ୍ଚଳରୁ ଜୁଆଡ଼ିମାନେ ଏଠାକୁ ଆସି ଖେଳୁଥିବା ନେଇ ପୁଲିସ ନିକଟରେ ଅଭିଯୋଗ ହୋଇଥିଲା। ସୂଚନା ପାଇ ସଦରଥାନା ପୁଲିସ ପକ୍ଷରୁ ଚଢ଼ଉ କରାଯାଇ ସେମାନଙ୍କୁ ଗିରଫ କରିଥିବା ଥାନା ଅଧିକାରୀ ଇଶ୍ୱର ତାଣ୍ଡୀ ସୂଚନା ଦେଇଛନ୍ତି।

# ପୂର୍ବତନ ପିଏଚ୍‌ଡି କର୍ମଚାରୀଙ୍କ ପରଲୋକ

**ନନ୍ଦପୁର,୨।୩(ସମିସ):** କୋରାପୁଟ ଜିଲ୍ଲା ନନ୍ଦପୁରର ପୂର୍ବତନ ପିଏଚଡି କର୍ମଚାରୀ ଦୁର୍ଯ୍ୟୋଧନ ବିଶୋଇଙ୍କ ଶନିବାର ପରଲୋକ ହୋଇଯାଇଛି। ସେ ଦୀର୍ଘ ୪ ବର୍ଷ ଧରି ଅସୁସ୍ଥ ହୋଇ ଶଯ୍ୟାସାୟୀ ହୋଇ ରହିଥିଲେ। ଶନିବାର ତାଙ୍କର ପରଲୋକ ହୋଇଯାଇଛି। ଖବର ପ୍ରସାରିତ ହେବା ପରେ ନନ୍ଦପୁର ସହରରେ ଶୋକର ଛାୟା ଖେଳିଯାଇଛି। ଗ୍ରାମର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତଥା ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ଗୋପାଳ କୃଷ୍ଣ ବେବର୍ତ୍ତା, ପୂର୍ବତନ ସରପଞ୍ଚ ଜଗନ୍ନାଥ ପାଙ୍ଗିଙ୍କ ସମେତ ଅଞ୍ଚଳବାସୀ ତାଙ୍କ ବାସଭବନରେ ପହଞ୍ଚି ଅନ୍ତିମ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।

# ଢଳେଇ ମେସିନ୍ ଓଲଟି ଶ୍ରମିକ ମୃତ, ଜଣେ ଗୁରୁତର

**ଜେକେପୁର,୨।୩(ସମିସ):** ରାୟଗଡ଼ା ଜିଲ୍ଲା ଚାନ୍ଦିଲି ଥାନା ଅନ୍ତର୍ଗତ ପାତ୍ରପୁଟ ଗ୍ରାମ ନିକଟସ୍ଥ ନାଗାବଳୀ ରେଲୱେ ବ୍ରିଜ୍ ଉପରେ ଏକ ଢଳେଇ ମେସିନ୍ ଓଲଟି ପଡ଼ିବାରୁ ଘଟଣାସ୍ଥଳରେ ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇ ରାୟଗଡ଼ା ମୁଖ୍ୟ ଚିକିତ୍ସାଳୟରେ



ଭର୍ତ୍ତି ହୋଇଛନ୍ତି। ମୃତ ଶ୍ରମିକଙ୍କ ନାମ ଅନିଲି ହିକକା (୧୭) ତାଙ୍କ ଘର କଲ୍ୟାଣସିଂହପୁର ବ୍ଲକ କାନ୍ଧକାତିପାଡୁ ଗ୍ରାମର ବୋଲି ଜଣାପଡ଼ିଛି। ସେହିପରି ଗୁରୁତର ଶ୍ରମିକ ମୁନା ପ୍ରେସିକାଙ୍କ ଘର କଲ୍ୟାଣସିଂହପୁର ବ୍ଲକ ଗାଡ଼ିଶେଷଖାଲ ପଞ୍ଚାୟତର ବିନିସପୁର ଗ୍ରାମର ବୋଲି ଜଣାପଡ଼ିଛି। ଚାନ୍ଦିଲି ଥାନା ଅଧିକାରୀ ଘଟଣାସ୍ଥଳକୁ ଯାଇ ତଦନ୍ତ କରିବା ସହିତ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛନ୍ତି।

## ଗୁଣୁପୁର ଟାଟା ପାୱାରର ମନମୁଖୀ କାର୍ଯ୍ୟ

# ଅଘୋଷିତ ବିଦ୍ୟୁତ୍ କାଟ୍; ଉପଭୋକ୍ତା ହନ୍ତସନ୍ତ




**ଗୁଣୁପୁର,୨।୩(ସମିସ)**

ଗୁଣୁପୁର ଟାଟା ପାୱାର କର୍ତ୍ତୃପକ୍ଷଙ୍କ ମନମୁଖୀ କାର୍ଯ୍ୟ ଦିନକୁ ଦିନ ବଢ଼ିବାରେ ଲାଗିଛି। ଯେବେଠାରୁ ବିଦ୍ୟୁତ୍ ବିଭାଗ ଟାଟା ହାତକୁ ଚାଲିଗଲା ସେବେଠାରୁ ବିଭାଗୀୟ ଅଧିକାରୀମାନେ ଆମ ହାତରେ କିଛି ନାହିଁ ସବୁ ଟାଟାର ବୋଲି କହି ଉପଭୋକ୍ତାଙ୍କ ଅଭିଯୋଗ ପ୍ରତି ଦୃଷ୍ଟି ଦେଉନାହାନ୍ତି। ମୁଖ୍ୟତଃ ଘଣ୍ଟା ଘଣ୍ଟା ଅଘୋଷିତ ବିଦ୍ୟୁତ କାଟ କରୁଥିବା ଯୋଗୁଁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆଜିକାଲି ସବୁ ଅନଲାଇନରେ କାମ କରାଯାଉଥିବାବେଳେ ଅଘୋଷିତ ବିଦ୍ୟୁତ କାଟ୍ ଯୋଗୁଁ ବ୍ୟାଙ୍କ୍, ତହସିଲ ଏବଂ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ଲୋକେ ବହୁ ଦୂରଦୂରାନ୍ତରୁ ଗୁଣୁପୁର ସଦର ମହକୁମାକୁ ଆସିଥାନ୍ତି। କିନ୍ତୁ ଅନେକ ସମୟରେ ସହର ମଧ୍ୟରେ ବିଦ୍ୟୁତ ସରବରାହ ବନ୍ଦ ରହୁଥିବା ଯୋଗୁଁ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଅପରପକ୍ଷେ ଶନିବାର ଦିନ ୯ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଗୁଣୁପୁର ସହରରେ ବିଦ୍ୟୁତ ସରବରାହ ବନ୍ଦ ରହିବ ବୋଲି ଟାଟା ପାୱାର ପକ୍ଷରୁ ଡାକବାଜି ଯନ୍ତ୍ର ଯୋଗେ ପ୍ରଚାର କରିବା ସହ ସାମାଜିକ ଗଣମାଧ୍ୟମରେ ମଧ୍ୟ ସୂଚନା ଦିଆଯାଇଥିଲା। ତେଣୁ ବିଦ୍ୟୁତ୍ ଉପରେ ନିର୍ଭର କରୁଥିବା ଲୋକେ ଏହାକୁ ଦୃଷ୍ଟିରେ ରଖି ଅନେକ ଉନ୍ନୟନମୂଳକ କାର୍ଯ୍ୟ, ନିର୍ମାଣ କାର୍ଯ୍ୟ, ହୋଟେଲ, ଗ୍ୟାରେଜ୍ ଇତ୍ୟାଦି ବନ୍ଦ କରି ଦେଇଥିଲେ। କିନ୍ତୁ ସବୁଦିନ ଭଳି ୧ ଘଣ୍ଟା ବିଦ୍ୟୁତ୍ କଟାଯିବା ପରେ ପୁଣି ବିଦ୍ୟୁତ ଆସିଯାଇଥିଲା। ଗୁଣୁପୁର ଟାଟା ପାୱାର କର୍ମଚାରୀଙ୍କ ଏଭଳି ମନମୁଖୀ କାର୍ଯ୍ୟ ଯୋଗୁଁ ସାଧାରଣ ଲୋକେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଆଗକୁ ଅଧିକରୁ ଅଧିକ ଗ୍ରୀଷ୍ମ ପ୍ରବାହ ଜାରି ହେବାକୁ ଥିବାବେଳେ ଏବେଠାରୁ ବିଦ୍ୟୁତ୍ ବିଭାଗ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଯୋଗାଇବା ପାଇଁ ପ୍ରସ୍ତୁତ ହେବା ଜରୁରୀ ବୋଲି ଉପଭୋକ୍ତାମାନେ ମତ ପ୍ରକାଶ କରିଛନ୍ତି।

# ଇନ୍ଦ୍ରାବତୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା




**ତେନ୍ତୁଲିଖୁଣ୍ଟି,୨।୩(ସମିସ):** ନବରଙ୍ଗପୁର ଜିଲ୍ଲା ତେନ୍ତୁଲିଖୁଣ୍ଟି ବ୍ଲକ ଇନ୍ଦ୍ରାବତୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ତଥା ଗଣିତ ଅଧ୍ୟାପକ ଯଶବନ୍ତ ବରାଳଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଅନୁଷ୍ଠିତ ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ଅଧ୍ୟାପକ ଶ୍ରୀ ବରାଳ ୧୯୯୦ ମସିହାରୁ ଜଣେ ସୁଦକ୍ଷ ତଥା କର୍ତ୍ତବ୍ୟନିଷ୍ଠ ଅଧ୍ୟାପକ ଭାବରେ ନିଜ କର୍ତ୍ତବ୍ୟ ତୁଲାଇ ଆସୁଥିଲେ। ଗୁରୁବାର ତାଙ୍କ କାର୍ଯ୍ୟକାଳ ସମାପ୍ତ ହୋଇଛି। ସେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଗଣିତ ଶିକ୍ଷା ପ୍ରତି ଆଗ୍ରହ ସୃଷ୍ଟି କରିବା ସହ ପାରଦର୍ଶିତା ଅର୍ଜନ କ୍ଷେତ୍ରରେ ପଥ ପଦର୍ଶକ ହୋଇ ନିଜ ସ୍ୱଚ୍ଛ ଅନୁଶାସନ ପାଇଁ ସମସ୍ତଙ୍କ ପ୍ରିୟଭାଜନ ହୋଇପାରିଛନ୍ତି। ଅବସର ପରେ ତାଙ୍କ ସହକର୍ମୀ ଭାବବିହ୍ୱଳ ହେବା ସହ ବିଦ୍ୟାଳୟର ସର୍ବାଙ୍ଗୀଣ ଉନ୍ନତି ପାଇଁ ତାଙ୍କ ଭୂମିକା ଅବିସ୍ମରଣୀୟ ବୋଲି ପ୍ରକାଶ କରିଥିଲେ। ଅଧ୍ୟାପକ ଗଜେନ୍ଦ୍ର ବିଷୋଇଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମ୍ବର୍ଦ୍ଧନା ସଭାରେ ଅଧ୍ୟାପିକା ନିବେଦିତା ମହାନ୍ତି ମଞ୍ଚ ପରିଚାଳନା କରିଥିଲେ। ଅଧ୍ୟକ୍ଷଙ୍କ ଅବସର ପରେ ଅଧ୍ୟାପକ ରଞ୍ଜନ କୁମାର ସ୍ୱାଇଁ ଏହି କାର୍ଯ୍ୟଭାର ଗ୍ରହଣ କରିଥିଲେ। ସଭାରେ ଅଧ୍ୟାପକ ଶ୍ରୀ ବରାଳଙ୍କୁ ଉପଢ଼ୌକନ ସହ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ଜଳ ବିଦ୍ୟୁତ ବିଭାଗଠାରୁ ଗଣଶିକ୍ଷା ବିଭାଗକୁ ଏହି ବିଦ୍ୟାଳୟ ହସ୍ତାନ୍ତରରେ ତାଙ୍କ ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ ବୋଲି ସମସ୍ତ କର୍ମଚାରୀ ସ୍ୱୀକାର କରିଥିଲେ। ଅଧ୍ୟକ୍ଷ ଶ୍ରୀ ବରାଳ ତାଙ୍କ ବାପା ଏବଂ ଜେଜେବାପାଙ୍କ ଠାରୁ କିପରି ଆଦର୍ଶ ମଣିଷ ହେବା କଳା ଶିଖିଥିଲେ ତାହା ତାଙ୍କ ବକ୍ତବ୍ୟରେ ବର୍ଣ୍ଣନା କରିଥିଲେ। ଏହି ସଭାରେ ଅଧ୍ୟାପକ ବିନୟ କୁମାର ବେହେରା, ମନୋଜ କୁମାର ରଥ, ପଲ୍ଲିଶ୍ରୀ ନାୟକ, ଡ. ଅଶୋକ କୁମାର ଦାସବାବୁ, ବିମଳ ବେହେରା, ନିଶାମଣି ମାଝୀ, ବ୍ରଜକିଶୋର ରଥ, ଭିଶାଖାମଞ୍ଜରି ମହାନ୍ତି, ମହେନ୍ଦ୍ର ମହାନ୍ତି, ମନୋଜ କୁମାର ଦାସଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଶେଷରେ ଅଧ୍ୟାପିକା ପ୍ରିୟଦର୍ଶିନୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

● ନିର୍ବାଚନ ସୁପରିଚାଳନା ନିମନ୍ତେ ଦିନିକିଆ ତାଲିମ ଶିବିର

# ୨୦୨ ଜଣ ସେକ୍ଟର ଅଫିସର ନେଲେ ତାଲିମ



**କୋରାପୁଟ,୨।୩(ସମିସ):** ଆସନ୍ତା ସାଧାରଣ ନିର୍ବାଚନ ସୁପରିଚାଳନା ନିମନ୍ତେ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲ ଅଡିଟୋରିୟମରେ ଦିନିକିଆ ତାଲିମ ଶିବିର ସହ ସାର୍ଟିଫିକେସନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କୋରାପୁଟ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଭି.କୀର୍ତ୍ତି ଭାସନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସୋମନାଥ ପ୍ରଧାନ ଓ ରାଜେନ୍ଦ୍ର ମାଝୀ, କୋରାପୁଟ ଉପଜିଲ୍ଲାପାଳ ବେଣୁଧର ଶବର, ଜୟପୁର ଉପଜିଲ୍ଲାପାଳ ପ୍ରଭାତ କୁମାର ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲାର ସମୁଦାୟ ୨୦୨ ଜଣ ସେକ୍ଟର ଅଫିସର ଯୋଗଦେଇ ତାଲିମ ନେଇଥିଲେ। ତାଲିମ ନେଇଥିବା ସେକ୍ଟର ଅଫିସରମାନେ ନିଯୁକ୍ତ ହେବାକୁ ଥିବା ପୋଲିଂ ଅଧିକାରୀମାନଙ୍କୁ ତାଲିମ ପ୍ରଦାନ କରିବେ। ୨୨ ଜଣ ଜିଲ୍ଲାସ୍ତରୀୟ ମାଷ୍ଟର ଟ୍ରେନର ଓ ୮୪ ଜଣ ବିଧାନସଭାସ୍ତରୀୟ ମାଷ୍ଟର ଟ୍ରେନର ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ନିର୍ବାଚନ ଅଧିକାରୀ ନାରାୟଣ ମିଶ୍ର ଯୋଗଦେଇ ପରିଚାଳନରେ ସହଯୋଗ କରିଥିଲେ।

ଝରିଗାଁ ନିର୍ବାଚନମଣ୍ଡଳୀର ୬ ଜଳସେଚନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

# 'ଓଡ଼ିଶାବାସୀଙ୍କ ପାଇଁ ଜଳସେଚନର ବର୍ଷ ୨୦୨୪'

ଝରିଗାଁ,୨।୩(ସମିସ)

ନବରଙ୍ଗପୁର ଜିଲ୍ଲା ଅନ୍ତର୍ଗତ ଝରିଗାଁ ନିର୍ବାଚନ ମଣ୍ଡଳୀରେ ଶନିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ ମାଧ୍ୟମରେ ୬ଟି ଜଳ ସେଚନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଝରିଗାଁ ମିନି ଷ୍ଟାଡିୟମଠାରେ ନବରଙ୍ଗପୁର ଜିଲ୍ଲାପାଳ ଡ. କୋମଳଲୋଚନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଆଭାସୀ ମାଧ୍ୟମରେ ଝରିଗାଁ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଭାଲୁଗୁଡ଼ା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ପୋଡ଼ାଗଡ଼ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, କୋହରା ଡଙ୍ଗରି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, କୁର୍ଲୁଘାଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ଗବାଗୁଡ଼ା ସତୀଘାଟ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ମାଲଗାଁ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ପାଇଁ ୧୮୫ କୋଟି ଅର୍ଥ ମଞ୍ଜୁର କରି ସ୍ଥାନୀୟ ଜନସାଧାରଣ ଏବଂ ଚାଷୀମାନଙ୍କ ପାଇଁ ଆଗକୁ ଜଳସେଚନର କୌଣସି ଅସୁବିଧା ରହିବ ନାହିଁ ବୋଲି ଉଦ୍‌ବୋଧନ ଦେବା ସହ ଯଥାଶୀଘ୍ର କାର୍ଯ୍ୟ ସାରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ନବରଙ୍ଗପୁର ସାଂସଦ ରମେଶଚନ୍ଦ୍ର ମାଝୀ ବୈଠକରେ ଉପସ୍ଥିତ ରହି ଝରିଗାଁ ନିର୍ବାଚନମଣ୍ଡଳୀର ଚାଷୀ ସମାଜର ଆବଶ୍ୟକତାକୁ ହୃଦୟଙ୍ଗମ କରି ୬ଟି ଜଳସେଚନ ପ୍ରକଳ୍ପ ଭିତ୍ତିପ୍ରସ୍ତର ସ୍ଥାପନ କରିଥିବା ଯୋଗୁଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ '୫-ଟି' ଅଧ୍ୟକ୍ଷଙ୍କୁ ଧନ୍ୟବାଦ ଦେବା ସହ ୨୦୨୪ର ବର୍ଷ ଓଡ଼ିଶା ବାସୀଙ୍କ ପାଇଁ ଜଳସେଚନର ବର୍ଷ ଓ ବିଜୟର ବର୍ଷ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପଦେଷ୍ଟା ପ୍ରଦୀପ ମାଝୀ, ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝୀ, ଉଠା ଜଳସେଚନ ଉପଦେଷ୍ଟା ପ୍ରମୋଦ କୁମାର ପାଢ଼ୀ, ସାଂସଦ ପ୍ରତିନିଧି ପ୍ରିୟରଞ୍ଜନ ଦାସ, ବିଧାୟକ ପ୍ରତିନିଧି ରାମଧର ମାଝୀ, ଝରିଗାଁ ବ୍ଲକ ଅଧ୍ୟକ୍ଷ ଦୁର୍ଗାପ୍ରସାଦ ମାଝୀ, ବିଜେଡି ସଭାପତି ଟିକଚନ୍ଦ ମାଝୀ, ଗୌରହରି ନାୟକ, ଜିଲ୍ଲାପରିଷଦ ସଭ୍ୟ ଯମୁନା ଗଣ୍ଡ, ତ୍ରମିଳା ପୂଜାରୀ, ସରପଞ୍ଚ ମୋହନ ନାୟକ, ଥବିର୍ ପୂଜାରୀ, ମହେନ୍ଦ୍ର ନାୟକ, ଡମ୍ବରୁ ଭତ୍ରା, ଗୀତାଞ୍ଜଳି ଭତ୍ରା, ମହେନ୍ଦ୍ର ପୂଜାରୀ, ଜଗଦୀଶ ମାଝୀ, ଚୈତନ୍ୟ ଗଣ୍ଡ, ମହେନ୍ଦ୍ର ନାୟକ, ତ୍ରିନାଥ ଦାସ, ବାସୁଦେବ ଗୌଡ଼, ଯୁବରାଜ ଜଗତ, ଚିତ୍ତରଞ୍ଜନ ପାଣ୍ଡେ ଏବଂ ତିନି ଗୋଟି ବ୍ଲକର ଜନପ୍ରତିନିଧି ପ୍ରମୁଖ ଉପସ୍ଥିତ ରହି ସାଧୁବାଦ ଜଣାଇଥିଲେ।



# ଅବସରକାଳୀନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ



କୋରାପୁଟ,୨।୩(ସମିସ): ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. କାହ୍ନୁ ଚରଣ ପାତ୍ର ଏବଂ ଏଡିପିଏଚଓ (ଜନସ୍ୱାସ୍ଥ୍ୟ) ଡାକ୍ତର ଅରୁଣ କୁମାର ପାଢ଼ୀଙ୍କୁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରିଛନ୍ତି। ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସୁଶାନ୍ତ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ ଦୁଇ ଅବସରପ୍ରାପ୍ତ ଅଧିକାରୀଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଚାକିରି ଜୀବନର ଅଧିକାଂଶ ସମୟ କୋରାପୁଟ ଜିଲ୍ଲାରେ ବିତିଥିବାବେଳେ କାର୍ଯ୍ୟକାଳ ମଧ୍ୟରେ ଡାକ୍ତର, କର୍ମଚାରୀ ଏବଂ ଜନସାଧାରଣଙ୍କ ଭରପୂର ସହଯୋଗ ମିଳିଥିଲା ବୋଲି ଡା. ଅରୁଣ କୁମାର ପାଢ଼ୀ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଡିପିଏଚଓ(ପରିବାର କଲ୍ୟାଣ) ଡା. ନୀଳମାଧବ ଶତପଥି, ଡା. ମୁକ୍ତିକାନ୍ତ ଖଟୁଆ, ପ୍ରଶାସନିକ ଅଧିକାରୀ ମୋନାଲିସା ଦେବତା ପ୍ରମୁଖ ଉପସ୍ଥିତ ଥିଲେ।

■ ମୁରବିବିହୀନ କର୍ତ୍ତନପାଲ୍ଲୀ ସରକାରୀ ଉଚ୍ଚ ବିଦ୍ୟାଳୟ

# ମାନସିକ ଚାପରେ ବିଦ୍ୟାଳୟ ହଷ୍ଟେଲର ମାଟ୍ରିକ୍ ଛାତ୍ରଛାତ୍ରୀ

ମାଥିଲି,୨।୩(ସମିସ): ଉପାନ୍ତ ଅଞ୍ଚଳର ବିଦ୍ୟାଳୟ ଏବେ ମୁରବି ବିହୀନ ଚିତ୍ର ଦେଖିବାକୁ ମିଳିଛି। ଏପରି ଏକ ଚିତ୍ର ଉପାନ୍ତ ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ୍ ଅନ୍ତର୍ଗତ କର୍ତ୍ତନପାଲ୍ଲୀ ପଞ୍ଚାୟତ ସଦର ମହକୁମାରେ ଥିବା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଦେଖିବାକୁ ମିଳିଛି। ଉକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ରବୀନ୍ଦ୍ର ରାଉତଙ୍କର ଗତ ଫେବୃଆରୀ ୧ ତାରିଖରେ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ହୋଇଥିବାବେଳେ, ବିଦ୍ୟାଳୟଟି ସମ୍ପୂର୍ଣ୍ଣ ଭାବରେ ମୁରବି ବିହୀନ ହୋଇଥିବା ଦୃଶ୍ୟ ସାମ୍ନାକୁ ଆସିଛି। ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଚଳିତ ମାଟ୍ରିକ୍ ପରୀକ୍ଷା ସାଲିମି ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଦେଉଥିବାବେଳେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ବିଦ୍ୟାଳୟର ଛାତ୍ରମାନଙ୍କୁ ସାଲିମି ସଦରଠାରେ ଜଣଙ୍କ ବ୍ୟକ୍ତିଗତ ଘରେ ରଖିଥିଲେ। କିନ୍ତୁ ବିଦ୍ୟାଳୟର ଶିକ୍ଷକ କିମ୍ବା କୌଣସି କର୍ମଚାରୀ ଛାତ୍ରଛାତ୍ରୀମାନଙ୍କ ପାଖରେ ତଦାରଖ କିମ୍ବା ହଷ୍ଟେଲ ତରଫରୁ କୌଣସି ପ୍ରକାର ବ୍ୟବସ୍ଥା କରି ନ ଥିବାବେଳେ ଛାତ୍ରଛାତ୍ରୀମାନେ ନିଜେ ଜଙ୍ଗଲକୁ ଯାଇ କାଠ ସଂଗ୍ରହ କରିବା ସହିତ ରୋଷେଇ କରି ଖାଉଥିବାବେଳେ ଗୋଟିଏ ଅନ୍ଧାର ଘର ଭିତରେ ରହୁଥିଲେ। ଏଠି ପ୍ରଶ୍ନ ଉଠୁଛି ମାଟ୍ରିକ୍ ପରୀକ୍ଷା ଦେଉଥିବା ଆଦିବାସୀ ଛାତ୍ରମାନେ ଯଦି ଜଙ୍ଗଲକୁ ଯାଇ କାଠ ଆଣି ନିଜେ ରୋଷେଇ କରି ଖାଇବେ; ତାହେଲେ ସେମାନଙ୍କ ମାନସିକସ୍ତରରେ ପରୀକ୍ଷାକୁ ନେଇ କିପରି ପ୍ରଭାବ ପଡ଼ିବ ବୋଲି ବୁଦ୍ଧିଜୀବୀମାନେ ପ୍ରଶ୍ନ କରିଛନ୍ତି। ଏପରି ସମ୍ବେଦନଶୀଳ ଖବର ପାଇ 'ସକାଳ' ଖବରକାଗଜର ସାମ୍ବାଦିକା ପଦ୍ମା ନାୟକ ରାତି ୮ଟା ସମୟରେ କର୍ତ୍ତନପାଲ୍ଲୀର ହଷ୍ଟେଲ ଛାତ୍ରମାନଙ୍କ ପାଖରେ ପହଞ୍ଚିଥିଲେ ଏବଂ ଛାତ୍ରମାନେ ଏପରି ଦୟନୀୟ ଅବସ୍ଥାରେ ଦେଖି ଦୁଃଖ ପ୍ରକାଶ କରିବା ସହିତ ସଙ୍ଗେ ସଙ୍ଗେ କର୍ତ୍ତନପାଲ୍ଲୀ ବିଦ୍ୟାଳୟର ଭାରପ୍ରାପ୍ତ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ସମ୍ପୃକ୍ତ କର୍ତ୍ତୃପକ୍ଷ ଜଣକ ପରଦିନ ବିଦ୍ୟାଳୟର ସମସ୍ତ ୧୭ ଜଣ ଛାତ୍ରଙ୍କୁ କର୍ତ୍ତନପାଲ୍ଲୀ ଫେରାଇ ଆଣିବାକୁ ବିଦ୍ୟାଳୟର ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ସାଲିମି ପଠାଇଥିଲେ। ସମ୍ପୃକ୍ତ ଚତୁର୍ଥ ଶ୍ରେଣୀ କର୍ମଚାରୀ ଜଣକ ଛାତ୍ରମାନଙ୍କ ସମସ୍ୟାର ସମାଧାନ କରିବା ପରିବର୍ତ୍ତେ ଓଲଟା ସେମାନଙ୍କୁ କର୍ତ୍ତନପାଲ୍ଲୀ ବିଦ୍ୟାଳୟକୁ ଫେରିଯିବାକୁ କହିଥିବା ଅଭିଯୋଗ ହୋଇଛି। ନିରୀହ ଆଦିବାସୀ ଛାତ୍ରମାନେ ମାନସିକ ଚାପରେ ବାଧ ହୋଇ ସଦର ଗ୍ରାମର ଏକ ପିକଅପ ଗାଡ଼ିରେ ବିଦ୍ୟାଳୟକୁ ଚାଲି ଆସିଥିଲେ।

ଏ ବିଷୟରେ ମାଥିଲି ସମ୍ପ୍ରସାରଣ ଅଧିକାରୀ ଶିବ ଶଙ୍କର ସାହୁଙ୍କୁ ପଚାରିବାରୁ ସେ କହିଥିଲେ ମୁଁ ମୋର ପାରିବାରିକ ଓ ସ୍ୱାସ୍ଥ୍ୟଗତ ସମସ୍ୟାରେ ଛୁଟିରେ ଅଛି। ଫେରିବା ପରେ ଘଟଣାର ସତ୍ୟତା ଯାଞ୍ଚ କରିବି। ତେବେ ଏସବୁ ମଧ୍ୟରେ ବିଦ୍ୟାଳୟର କିଛି କର୍ମଚାରୀ ପକ୍ଷରୁ ଛାତ୍ରମାନଙ୍କୁ ଏବେ ସାମ୍ବାଦିକମାନଙ୍କୁ କାହିଁକି ସୂଚନା ଦେଲ ବୋଲି ମାନସିକ ନିର୍ଯାତନା ଦିଆଯାଉଥିବା କିଛି ଛାତ୍ର ନିଜର ନାମ ଗୋପନ ରଖି ଆମକୁ ସୂଚନା ଦେଇଛନ୍ତି। ଛାତ୍ରମାନଙ୍କ ପାଠର ପ୍ରଥମ ପାହାଚ ହେଉଛି ମାଟ୍ରିକ ପରୀକ୍ଷା। ଯଦି ଛାତ୍ରମାନେ ଏପରି ମାନସିକ ଚିନ୍ତାରେ ରହିବେ ତାହେଲେ କିପରି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବେ ବୋଲି ସାଧାରଣରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏପରି ଘଟଣାକୁ ଜିଲ୍ଲା ପ୍ରଶାସନ ତଥା ମାଟ୍ରିକ୍ ପରୀକ୍ଷା ପରିଚାଳନା କମିଟି ସ୍ୱତନ୍ତ୍ର ଭାବରେ ଗୁରୁତ୍ୱର ସହ ନେଇ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ବୁଦ୍ଧିଜୀବୀ ଦାବି କରିଛନ୍ତି। ପ୍ରଧାନଶିକ୍ଷକ ରବୀନ୍ଦ୍ର ରାଉତଙ୍କର ସଡ଼କ ଦୁର୍ଘଟଣାରେ ମୃତ୍ୟୁ ହୋଇଥିବାବେଳେ କର୍ତ୍ତନପାଲ୍ଲୀ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦାୟିତ୍ୱ କାହାକୁ ଦିଆଯାଇଥିବା ନେଇ ମାଥିଲି ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁମିତ କୁମାର ବିଶ୍ୱାସଙ୍କୁ ଯୋଗାଯୋଗ କରିବାକୁ ଅନେକ ଚେଷ୍ଟା କରିଥିଲେ ମଧ୍ୟ ତାଙ୍କ ସହ ସାକ୍ଷାତ ହୋଇପାରୁ ନ ଥିବାବେଳେ ଅଧିକାରୀଙ୍କୁ ଫୋନ ଯୋଗେ ବାରମ୍ବାର ଯୋଗାଯୋଗ କଲେ ବି ଆମ ଫୋନକୁ ଗ୍ରହଣ କରୁନାହାନ୍ତି। ସେଥିପାଇଁ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ମତାମତ ମିଳିପାରି ନାହିଁ।

## ଡ୍ରୋନ୍ ମାଧ୍ୟମରେ ଚାଷଜମିରେ ଔଷଧ ସିଞ୍ଚନ



**ନବରଙ୍ଗପୁର,୨।୩(ସମିସ):** ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକର ସିନ୍ଧିଗୁଡ଼ାଠାରେ ନବରଙ୍ଗପୁର ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ନବୀନ ଚନ୍ଦ୍ର ନାୟକ, ନନ୍ଦାହାଣ୍ଡି ବ୍ଲକ ଅଧ୍ୟକ୍ଷା ରଶ୍ମିତା ମାଝି, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଜି. ଭେଙ୍କେଟ ରେଡ୍ଡିଙ୍କ ଉପସ୍ଥିତିରେ ପ୍ରଥମ ଥର ପାଇଁ ଚାଷଜମିରେ ଡ୍ରୋନ୍ ସହାୟତାରେ ଆକାଶ ମାର୍ଗରୁ ଲିମ୍ବ ଜାତୀୟ କୀଟନାଶକର ସିଞ୍ଚନ ଆରମ୍ଭ କରାଯିବା ସହ ଏହାର କ୍ଷେତ୍ର ପ୍ରଦର୍ଶନ କରାଯାଇଥିଲା। ଏଥିରେ ଧାନ ପରବର୍ତ୍ତୀ ଫସଲ ପରିଚାଳନା ଯୋଜନା ଅନ୍ତର୍ଭୁକ୍ତ ୧୦ ଏକର ଜମିରେ ନାକଟିଚଣା ଏବଂ ୫ ଏକର ମକା ଫସଲ ଉପରେ ଏହି ସିଞ୍ଚନର ସଫଳ ପ୍ରଦର୍ଶନ କରଯାଇଥିଲା।

ଏଥିରେ ୧ ଏକର ସିଞ୍ଚନ ପାଇଁ ମାତ୍ର ୮ ଲିଟର ପାଣିର ଆବଶ୍ୟକତା ରହିଥାଏ। ଉକ୍ତ ଡ୍ରୋନ୍ ଯନ୍ତ୍ରର ଟାଙ୍କିରେ ୧୬ ଲିଟର ଔଷଧମିଶା ପାଣି ରହିପାରିବ। ମାତ୍ର ୪ ମିନିଟ ସମୟରେ ଏହି ଡ୍ରୋନ୍ ଯନ୍ତ୍ର ୧ ଏକର ଜମିରେ ଔଷଧ ସିଞ୍ଚନ କରିପାରିବ। ଏହି ସିଞ୍ଚନ ପ୍ରଣାଳୀ ଦ୍ୱାରା ଖୁବ ସାନ ସାନ ବୁନ୍ଦା ଔଷଧ ମିଶ୍ରିତ ପାଣି ଫସଲର ପତ୍ର ଉପରେ ସମାନ ଭାବରେ ପଡ଼ିପାରିବ ବୋଲି କୁହାଯାଇଥିଲା। ଡ୍ରୋନ୍ ଦ୍ୱାରା ସିଞ୍ଚନ ଯୋଗୁଁ ଆବଶ୍ୟକ ପଡୁଥିବା ଶ୍ରମିକ ସମସ୍ୟା ମଧ୍ୟ ଦୂରୀଭୂତ ହୋଇପାରିବ। ଏକର ପିଛା ମାତ୍ର ୫୦୦ ଟଙ୍କା ମୂଲ୍ୟରେ ଡ୍ରୋନ୍ ଦ୍ୱାରା କମ୍ ସମୟରେ ସୁଲଭ ମୂଲ୍ୟରେ ଉତ୍ତମ ସିଞ୍ଚନ କରାଯାଇପାରିବ। ଏହି ଡ୍ରୋନର ବର୍ତ୍ତମାନ ମୂଲ୍ୟ ୧୦ ଲକ୍ଷ ୩୦ ହଜାର ଟଙ୍କା ରହିଛି। ଯାହା ଉପରେ ୫୦ ପ୍ରତିଶତ ସରକାରୀ ରିଆତି ମିଳିପାରିବ। ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ନିମନ୍ତେ ଏହା ଉପରେ ୭୫ ପ୍ରତିଶତ ସରକାରୀ ରିଆତି ମିଳିବାର ବ୍ୟବସ୍ଥା ରହିଛି। ଉକ୍ତ ପ୍ରଦର୍ଶନ କ୍ଷେତ୍ରରେ ସ୍କିମ୍ ଅଧିକାରୀ ପ୍ରଣବ କୁମାର ମନ୍ତ୍ରୀ, ନନ୍ଦାହାଣ୍ଡି ଗୋଷ୍ଠୀ କୃଷି ଅଧିକାରୀ ଅମିତ କୁମାର ମଲ୍ଲିକ ତଥା ଅନ୍ୟ କୃଷି ଅଧିକାରୀ, ସ୍ଥାନୀୟ ଚାଷୀ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଦସ୍ୟାମାନେ ଉପସ୍ଥିତ ଥିଲେ। ଏହାପରେ ନବରଙ୍ଗପୁର ବ୍ଲକର କୁସୁମୀଠାରେ ମକା ଫସଲ ଉପରେ ଏବଂ କୋଷାଗୁମୁଡ଼ା ବ୍ଲକର ମୁଣ୍ଡାଗଡ଼ ଗ୍ରାମରେ ନାକଟିଚଣା ଫସଲ ଉପରେ ଡ୍ରୋନ୍ ମାଧ୍ୟମରେ ସିଞ୍ଚନ କରାଯାଇଥିଲା। ଏହି କାର୍ଯ୍ୟକ୍ରମଗୁଡ଼ିକରେ ବହୁ ଚାଷୀ ଉପସ୍ଥିତ ରହି ସଫଳ କରିଥିଲେ। ଏହି ରବି ଋତୁରେ ପ୍ରାୟ ୧୦୦ ଏକର ଜମିରେ ଡ୍ରୋନ୍ ମାଧ୍ୟମରେ ଔଷଧ ସିଞ୍ଚନ ପ୍ରଦର୍ଶନୀ କରାଯାଇ ଚାଷୀମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯିବାର ଲକ୍ଷ୍ୟ ରଖାଯାଇଥିବା ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ କହିଛନ୍ତି।

# କୋଷାଗୁମୁଡ଼ାରେ ଜିଲ୍ଲାସ୍ତରୀୟ ହାତ ତିଆରି ଖେଳଣା ପ୍ରଦର୍ଶନୀ

କୋଷାଗୁମୁଡ଼ା,୨।୩(ସମିସ): କୋଷାଗୁମୁଡ଼ାଠାରେ ଚାଲିଥିବା ପବିତ୍ର ମାଘ ମଣ୍ଡେଇକୁ ଦୃଷ୍ଟିରେ ଏକ ଜିଲ୍ଲାସ୍ତରୀୟ ଖେଳଣା ପ୍ରଦର୍ଶନୀ ଶନିବାର ଅନୁଷ୍ଠିତ ହୋଇଯାଇଛି। କୋଷାଗୁମୁଡ଼ା ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଯମୁନା ଭତ୍ରା ଦ୍ୱାରା ଆୟୋଜିତ ଜିଲ୍ଲାସ୍ତରୀୟ ହାତ ତିଆରି ଖେଳଣା ପ୍ରଦର୍ଶନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଶିବାନୀ ଗୁହା ଯୋଗଦେଇଥିବାବେଳେ ସମ୍ମାନିତ ଅତିଥି ଭାବରେ ନନ୍ଦାହାଣ୍ଡି ସିଡିପିଓ ସସ୍ମିତା ମହାନ୍ତି, ତେନ୍ତୁଳିଖୁଣ୍ଟି ସିଡିପିଓ ବିନିତା ଜେଠି, ପାପଡ଼ାହାଣ୍ଡି ସିଡିପିଓ ଏସ୍. ଗୀତା, ଡାବୁଗାଁ ସିଡିପିଓ ମିନତି ଦାସ, ଉମରକୋଟ ସିଡିପିଓ ସଂଯୁକ୍ତା ବେହେରା, ଚନ୍ଦାହାଣ୍ଡି ସିଡିପିଓ ସୁଦର୍ଶନୀ ରଥଙ୍କ ସମେତ ଜିଲ୍ଲାର ୧୦ଟି ବ୍ଲକର ସୁପରଭାଇଜର, ଜିଲ୍ଲା ପୋଷଣ କୋଅର୍ଡିନେଟର, ନନ୍ଦାହାଣ୍ଡି ବ୍ଲକ କୋଅର୍ଡିନେଟର, କୋଷାଗୁମୁଡ଼ା ବ୍ଲକ୍ କୋଅର୍ଡିନେଟର ଏବଂ କୋଷାଗୁମୁଡ଼ା ବ୍ଲକର ୨୬ଟି ପଞ୍ଚାୟତର ଅଙ୍ଗନବାଡ଼ି କର୍ମୀ ଉପସ୍ଥିତ ଥିଲେ।



## ପିଏଚ୍.ଡି ଲାଭ



ଡ଼ଃ ନିର୍ମଳା ପଟେଲ, ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ, ଶାନ୍ତି ନିକେତନରୁ କୃଷି ବିଜ୍ଞାନ(ଏଗ୍ରୋନୋମି) ରେ Ph.D ଲାଭ କରିଛନ୍ତି। ସେ Dr.Kalipada Pramanik (Associate Professor of Agronomy) ଏବଂ Dr. Debarati Bhaduri (Senior Scientist ,Soil Science, NRRI, Cuttack)ଙ୍କ ତତ୍ତ୍ୱାବଧାନରେ Ph.D କରୁଥିଲେ। ତାଙ୍କ ସନ୍ଦର୍ଭ "Nitrogen & Micronutrient management in rice under aerobic condition & its residual effect on transplanted mustard crop", Dr. Bikas Chandra Patra (Professor in Agronomy, BCKV West Bengal, India)ଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଛି। ଲେଫ୍ରିପଡା ସୁନ୍ଦରଗଡ଼ ନିବାସୀ ଶ୍ରୀଯୁକ୍ତ ନେତ୍ରମଣି ପଟେଲ ଓ ଶ୍ରୀମତୀ ବିଦ୍ୟୁତ୍‌ଲତା ପଟେଲଙ୍କ ସୁଯୋଗ୍ୟା କନ୍ୟା ଡ଼ଃ ନିର୍ମଳା ପଟେଲ, ବର୍ତ୍ତମାନ GIETU, Gunupu ରେ Assistant Professor ( Agronomy) ଭାବରେ କାର୍ଯ୍ୟରତଅଛନ୍ତି।

ଲୁଲ୍ଲା ପଞ୍ଚାୟତର ୩ ଗ୍ରାମକୁ ନାହିଁ ପକ୍କାରାସ୍ତା

# ଭୋଟ୍ ବର୍ଜନ ପାଇଁ ଗ୍ରାମବାସୀଙ୍କ ଚେତାବନୀ

ଦଶମନ୍ତପୁର,୨।୩(ସମିସ)

କୋରାପୁଟ ଜିଲ୍ଲାର ଦଶମନ୍ତପୁର ବ୍ଲକ ଅଧୀନସ୍ଥ ଲୁଲ୍ଲା ପଞ୍ଚାୟତ ଥିବା ୩ ଖଣ୍ଡ ଗ୍ରାମ ତଥା ପଦୁଗୁଡ଼ା, କୁଦାଲଅଟାଲ ଓ ତବଜାଗୁଡ଼ାକୁ ପକ୍କାରାସ୍ତା ନଥିବାରୁ ଏବେ ତିନି ଗ୍ରାମର ଗ୍ରାମବାସୀ ଆଗାମୀ ଦିନରେ ଧାରଣା ଦେବା ସହ ଭୋଟ ବର୍ଜନ କରିବାକୁ ଚେତାବନୀ ଦେଇଛନ୍ତି। ଲୁଲ୍ଲା ପଞ୍ଚାୟତ ଅନ୍ତର୍ଗତ ପଦୁଗୁଡ଼ା ଗ୍ରାମରେ ୯୫ ପରିବାର ବସବାସ କରୁଥିବାବେଳେ କୁଦାଲଅଟାଲରେ ୮୫ ଏବଂ ତବଜାଗୁଡ଼ାରେ ୭୦ଟି ଘରର ଲୋକେ ବାସ କରନ୍ତି। ଶୁଣ୍ଡିଲୁଲ୍ଲାଠାରୁ ପଦୁଗୁଡ଼ା ଗାଁ ଦେଇ କୁଦାଲଅଟାଲ ଓ ତବଜାଗୁଡ଼ା ଗାଁକୁ ଯିବାକୁ ହେଲେ ପ୍ରାୟ ୯ କିମି ଦୂରତା ଅତିକ୍ରମ କରିବାକୁ ପଡ଼େ। ତେବେ ଶୁଣ୍ଡିଲୁଲ୍ଲାରୁ ଖାଲଖମା ସହ ମରଣାଯନ୍ତା ରାସ୍ତା ଦେଇ ଏହି ୩ ଖଣ୍ଡ ଗ୍ରାମବାସୀ ଜୀବନକୁ ବାଜି ଲଗାଇ ଦୈନନ୍ଦିନ ଯାତାୟାତ କରିଥାନ୍ତି। ଏପରିକି ଏହି ୩ ଖଣ୍ଡ ଗ୍ରାମରେ ପାନୀୟ ଜଳ ସମସ୍ୟା ଲାଗି ରହିଥିବାବେଳେ ଗମନାଗମନ ପାଇଁ ରାସ୍ତା ସମସ୍ୟା ଗ୍ରାମବାସୀଙ୍କ ସମସ୍ୟାକୁ ଦ୍ୱିଗୁଣିତ କରୁଛି। ଗାଁର କୌଣସି ଗୁରୁତର ରୋଗୀ କିମ୍ବା ଗର୍ଭବତୀ ମହିଳାଙ୍କୁ ଚିକିତ୍ସାଳୟକୁ ନେବାକୁ ହେଲେ ଗାଁଠାରୁ ଲୁଲା ଛକ ୯ କିମି ଯାଏ ଦୋଳା ଏବଂ ଭାର ମାଧ୍ୟମରେ ଜଙ୍ଗଲ ରାସ୍ତା ଦେଇ ଆଣି ପୁଣି ସେହି ଲୁଲ୍ଲା ଛକଠାରୁ ଆମ୍ବୁଲାନ୍ସ କିମ୍ବା ଅନ୍ୟଗାଡ଼ି ଦ୍ୱାରା ଦଶମନ୍ତପୁର କିମ୍ବା କୋରାପୁଟ ଚିକିତ୍ସାଳୟକୁ ନେବାକୁ ପଡୁଛି। ସେହିପରି ପାନୀୟ ଜଳର ବ୍ୟବସ୍ଥା ନଥିବାରୁ ମୁରାନ ନଦୀର ଦୂଷିତ ପାଣିକୁ ପାନୀୟ ଜଳ ଭାବେ ଗ୍ରାମବାସୀ ବ୍ୟବହାର କରୁଛନ୍ତି। ଏନେଇ ଗ୍ରାମବାସୀ ବାରମ୍ବାର ସ୍ଥାନୀୟ ବ୍ଲକ ପ୍ରଶାସନ ଏବଂ ଜିଲ୍ଲା ପ୍ରଶାସନକୁ ଅଭିଯୋଗ କରି ଆସୁଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଏପରିକି ୨୦୨୩ ଅଗଷ୍ଟ ୧୫ରେ ଏକ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ସରକାର ଏହି ୩ ଖଣ୍ଡ ଗ୍ରାମ ପ୍ରତି ଅଣଦେଖା କରୁଛନ୍ତି ବୋଲି ଜଣେ କୁନି କଳାକାର ଗାଁର ସମସ୍ୟକୁ ନେଇ ଅଭିନୟ ଓ ନୃତ୍ୟ ସଂଗୀତ ମାଧ୍ୟମରେ ପରିବେଷଣ କରିଥିଲେ। କୁନି କଳାକାରଙ୍କ ପ୍ରଭାବରେ ଏହି ଗ୍ରାମମାନଙ୍କୁ ଜିଲ୍ଲାଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନିକ ଅଧିକାରୀ ଏବଂ ସର୍ବଦଳୀୟ ରାଜନେତାଙ୍କ ସୁଅ ଛୁଟିଥିଲା। ନିର୍ବାଚନ ପୂର୍ବରୁ ଶୁଣ୍ଡିଲୁଲ୍ଲାରୁ ୩ ଖଣ୍ଡ ଗାଁକୁ ପକ୍କାରାସ୍ତାର ବ୍ୟବସ୍ଥା କରାଯିବା ସହ ପ୍ରତ୍ୟେକ ମୌଳିକ ସମସ୍ୟାର ସମାଧାନ କରାଯିବା ପାଇଁ ଅନେକ ପ୍ରତିଶ୍ରୁତି ମିଳିଥିଲା । ହେଲେ ସାଧାରଣ ନିର୍ବାଚନ ଦିନକୁ ଦିନ ପାଖେଇ ଆସୁଥିଲେ ମଧ୍ୟ ଆଜି ଯାଏଁ ପ୍ରଶାସନ ଓ ରାଜନେତାମାନଙ୍କ ପ୍ରତିଶ୍ରୁତି ପୂରଣ ହୋଇପାରି ନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଯାହାକୁ ନେଇ ଗ୍ରାମବାସୀ ଅସନ୍ତୋଷ ବ୍ୟକ୍ତ କରିବା ସହ ଭୋଟ ବର୍ଜନ କରିବା ପାଇଁ ସଜବାଜ ହେଉଥିବା ଦେଖିବାକୁ ମିଳିଛି। ଗାଁମାନଙ୍କରେ କୌଣସି ନେତାଙ୍କୁ ପ୍ରବେଶ କରାଇ ଦେବୁ ନାହିଁ ବୋଲି ୩ ଖଣ୍ଡ ଗ୍ରାମର ରାଜୀବ ସାଉଁତା, ଅମି ସାଉଁତା, ମେଟା ମୁଦୁଲି, ମନ ସାଉଁତା, କଂସାରି ସାଉଁତା, ଜେନା ଗରଡ଼ା, ବନ ନାଏକ, ବାସନ୍ତି ମୁଦୁଲି, ଦୁଲ ମୁଦୁଲି, ଦୀପ ଦିଶାରିଙ୍କ ସମେତ ୩ ଖଣ୍ଡ ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ୭ ଦିନ ମଧ୍ୟରେ ସମସ୍ୟାର କୌଣସି ସମାଧାନ ନ ହେଲେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହ ଆସନ୍ତା ସାଧାରଣ ନିର୍ବାଚନକୁ ମଧ୍ୟ ବର୍ଜନ କରିବାକୁ ଗ୍ରାମବାସୀ ଚେତାବନୀ ଶୁଣାଇଛନ୍ତି।



# ସେଞ୍ଚୁରିଅନରେ ନର୍ସିଂର ନୂତନ ଛାତ୍ରଛାତ୍ରୀଙ୍କ ସ୍ୱାଗତ ସମାରୋହ

**ରାୟଗଡ଼ା,୨।୩(ସମିସ):** ରାୟଗଡ଼ା ସହର ଉପଖଣ୍ଡ ପିତାମହଲ ସ୍ଥିତ ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟ ପରିସରରେ ନର୍ସିଂ ବିଭାଗର ନୂତନ ଛାତ୍ରଛାତ୍ରୀଙ୍କ ସ୍ୱାଗତ ସମାରୋହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟ ନିର୍ଦ୍ଦେଶକ ଡ. ରାଜେଶ କୁମାର ପାଢ଼ୀ ଓ ନର୍ସିଂ ଅଧ୍ୟକ୍ଷ କେ. ଉର୍ମିଳା ମଞ୍ଚାସୀନ ଥିଲେ। ଏହି ସ୍ୱାଗତ ସମାରୋହରେ ଫାର୍ମାସୀ ବିଭାଗ ଶେଷ ବର୍ଷରେ ଅଧ୍ୟୟନରତ ଛାତ୍ରଛାତ୍ରୀମାନେ ନର୍ସିଂରେ ନୂତନ ଭାବେ ଯୋଡ଼ି ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ଉକ୍ତ ଅନୁଷ୍ଠାନର ନିର୍ଦ୍ଦେଶକ ଡ. ପାଢ଼ୀ ସମସ୍ତ ଛାତ୍ରଛାତ୍ରୀଙ୍କୁ ଜୀବନରେ ସଫଳତା ହାସଲ କରିବାର ମୂଳମନ୍ତ୍ର ସମ୍ପର୍କରେ ଉଦବୋଧନ ଦେଇଥିଲେ। ସେହପରି ନର୍ସିଂ ଅଧ୍ୟକ୍ଷ ଶ୍ରୀମତୀ ଉର୍ମିଳା ନିଜ ଅଭିଭାଷଣରେ ଛାତ୍ରଛାତ୍ରୀ ହେଉଛନ୍ତି ଦେଶର ଭବିଷ୍ୟତ, ଛାତ୍ରଛାତ୍ରୀମାନେ ଜଣେ ସୈନିକ ଭଳି ହେବା ଦରକାର ଏବଂ ସମସ୍ତ ପ୍ରକାର ବାଧାବିଘ୍ନକୁ ସାମ୍ନା କରିବା ସହ ନିରନ୍ତର ଚେଷ୍ଟା କରିଲେ ଜୀବନରେ ସଫଳତା ହାସଲ କରିହେବ ବୋଲି କହିଥିଲେ। ଶେଷରେ ମିସ୍ ଫ୍ରେସର ଭାବେ ଛାତ୍ରୀ ପ୍ରିୟା ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।



## ଯୌତୁକ ନିର୍ଯାତନା ଅଭିଯୋଗରେ ସ୍ୱାମୀ ଗିରଫ

**ସୁନାବେଡ଼ା,୨।୩(ସମିସ):** ସୁନାବେଡ଼ା ଥାନା ଅନ୍ତର୍ଗତ ମିନାରାଓ କଲୋନୀର ନାଗେଶ ଖରା ତାଙ୍କ ପତ୍ନୀ ପ୍ରିୟଙ୍କା ଭଦ୍ରା (୨୧)ଙ୍କୁ ଅକଥନୀୟ ଅତ୍ୟାଚାର କରୁଥିବା ନେଇ ସୁନାବେଡ଼ା ଥାନାରେ ଅଭିଯୋଗ କରିଛନ୍ତି। ଘଟଣାରୁ ପ୍ରକାଶ ଯେ, ନାଗେଶ ଖରା ପ୍ରିୟଙ୍କାଙ୍କୁ ୬ ବର୍ଷ ହେଲା ବିବାହ କରିଥିଲେ। ସେମାନଙ୍କର ଗୋଟିଏ ପୁଅ ଓ ଗୋଟିଏ ଝିଅ ଅଛନ୍ତି। ବିବାହ ପରଠାରୁ ସ୍ୱାମୀ ଯୌତୁକ ପାଇଁ ତାଙ୍କୁ ସର୍ବଦା ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଅକଥନୀୟ ନିର୍ଯାତନା ଦେଉଛନ୍ତି। ଗତ ମାସ ୨୪ ତାରିଖରେ ନାଗେଶ ତାଙ୍କୁ ଠେଙ୍ଗାରେ ମାଡ଼ମାରିବା ସହ ଗୋଇଠା ମାରି ବେକକୁ ଚିପି ହତ୍ୟା କରିବାକୁ ଉଦ୍ୟମ କରିଥିଲେ। ସେ ଆହତ ହୋଇଥିବା ଯୋଗୁଁ ତାଙ୍କ ମାଆ ତାଙ୍କୁ ଚିକିତ୍ସା ପାଇଁ କୋରାପୁଟ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଇତି ମଧ୍ୟରେ ନାଗେଶ ଗତ ମାସ ୨୫ ତାରିଖରେ ଅନ୍ୟ ଜଣେ ମହିଳାଙ୍କ ସହିତ ବିବାହ କରିଥିବା ନେଇ ଅଭିଯୋଗ କରିଛନ୍ତି। ପ୍ରିୟଙ୍କା ଭଦ୍ରାଙ୍କ ଅଭିଯୋଗକୁ ଭିତ୍ତିକରି ସୁନାବେଡ଼ା ପୁଲିସ ମାମଲା ରୁଜୁ କରି ନାଗେଶ ଖରାଙ୍କୁ ଗିରଫ କରି କୋର୍ଟକୁ ପଠାଯାଇଛି। ଏସଆଇ ନିର୍ମଳା ଲିମା ମାମଲାର ତଦନ୍ତ କରୁଛନ୍ତି।



## ମହାନତା ଦେଖାଇଲେ ପର୍ଯ୍ୟବେକ୍ଷକ ସୁନିଲ ମହାନ୍ତି



**● ଆହତଙ୍କୁ ମେଡିକାଲରେ ଭର୍ତ୍ତି କଲେ**

**ଲକ୍ଷ୍ମୀପୁର,୨।୩(ସମିସ):** ଲକ୍ଷ୍ମୀପୁର ନିର୍ବାଚନମଣ୍ଡଳୀର ପର୍ଯ୍ୟବେକ୍ଷକ ସୁନିଲ କୁମାର ମହାନ୍ତି ଦୁଇ ଜଣ ଯୁବକ ଦୁର୍ଘଟଣାଗ୍ରସ୍ତ ହୋଇ ଆହତ ହୋଇଥିଲେ। ନାରାୟଣପାଟଣା ରାସ୍ତାରେ ଲକ୍ଷ୍ମୀପୁରରୁ ୪ କିମି ଦୂର ମୋଟର ସାଇକଲ ଯୋଗେ ଦୁଇ ସାଙ୍ଗ ନିଜ ଗାଁ ବାଲିପେଟା ଅଭିମୁଖେ ଯାଉଥିବା ସମୟରେ ହଠାତ୍ ଦୁର୍ଘଟଣା ହୋଇଥିଲା। ସେହି ସମୟରେ ଲକ୍ଷ୍ମୀପୁର ନିର୍ବାଚନମଣ୍ଡଳୀ ବିଜେଡିର ପର୍ଯ୍ୟବେକ୍ଷକ ସୁନିଲ କୁମାର ମହାନ୍ତି ନାରାୟଣପାଟଣା ଅଭିମୁଖେ ଯାଉଥିବାବେଳେ ଆହତ ଯୁବକଙ୍କୁ ନିଜ ଗାଡ଼ିରେ ନାରାୟଣପାଟଣା ମେଡିକାଲରେ ଭର୍ତ୍ତି କରି ଚିକିତ୍ସା କରାଇ ମହାନତା ଦେଖାଇଥିଲେ। ଦୁଇ ଯୁବକ ହେଲେ ଅରୁଣ ହିଆଲ ଓ ଅନ୍ୟ ଜଣେ ସାଙ୍ଗ। ପର୍ଯ୍ୟବେକ୍ଷକଙ୍କ ଏହି ମହାନତା କାର୍ଯ୍ୟ ପାଇଁ ସବୁ ମହଲରୁ ପ୍ରଶଂସା କରାଯାଉଥିବା ଦେଖିବାକୁ ମିଳିଛି।

## ବିଭିନ୍ନ ପ୍ରକଳ୍ପର ଶୁଭଦେଲେ ବିଧାୟକ



ଗୁଣୁପୁର,୨।୩(ସମିସ): ଗୁଣୁପୁର ଓ ଆଖପାଖ ଅଞ୍ଚଳର ବିଭିନ୍ନ ପ୍ରକଳ୍ପ ନିର୍ମାଣ ନିମନ୍ତେ ଶୁକ୍ରବାର ବିଧାୟକ ଭୂମି ପୂଜନ ଓ ଶୁଭଖୁଣ୍ଟି ସ୍ଥାପନ କରିଛନ୍ତି। ଗୁଣୁପୁର ବିଧାୟକ ରଘୁନାଥ ଗମାଙ୍ଗଙ୍କ ଦ୍ୱାରା ପ୍ରାୟ ୪୮ ଲକ୍ଷ ଟଙ୍କା ବ୍ୟୟରେ ୧୭ଟି ପ୍ରକଳ୍ପର ଭୂମିପୂଜନ କାର୍ଯ୍ୟକ୍ରମ କରାଯାଇଛି। ସ୍ଥାନୀୟ ଗଣେଶ ମନ୍ଦିର, ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର, ବନଦୁର୍ଗା ମନ୍ଦିର, ମୁତ୍ୟାଲୁ ମନ୍ଦିର, ଅରବିନ୍ଦ ଶିକ୍ଷାନୁଷ୍ଠାନ, ଜଗନ୍ନାଥ ମନ୍ଦିର, ରାଧାକୃଷ୍ଣ ମନ୍ଦିର, ଭୂତେଶ୍ୱର ମନ୍ଦିର ସମେତ ବିଭିନ୍ନ ପଞ୍ଚାୟତରେ ଗୋଷ୍ଠୀ ଗୃହ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ଦିଆଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବିଜେଡି ଯୁବ ଜନତା ଦଳର ଉପସଭାପତି ବିଷ୍ଣୁପ୍ରସାଦ ପଣ୍ଡା, ନଗର ବିଜେଡି ସଭାପତି ରାମ ପଣ୍ଡା, ସୁଜିତ୍ ଶତପଥୀ, କାଉନସିଲର ଦେବୀ ଆଚାର୍ଯ୍ୟ, ଭାଗିରଥି ବିଶୋୟୀ ଓ ଏସ ବାବାପ୍ରସାଦଙ୍କ ସମେତ ବହୁ ଦଳୀୟ କର୍ମୀ ଯୋଗଦେଇଥିଲେ।

### ନାରାୟଣପାଟଣାରେ ବିଜେଡିର ମହିଳା ସମାବେଶ

# 'ମହିଳାଙ୍କ ଉତ୍ଥାନ ପାଇଁ ବିଜେଡି ସରକାର ସଂକଳ୍ପବଦ୍ଧ'

**ନାରାୟଣପାଟଣା,୨।୩(ସମିସ)**




ନାରାୟଣପାଟଣାରେ ବିଜେଡିର ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି। ନାରାୟଣପାଟଣା ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ଲକ୍ଷ୍ମୀପୁର ନିର୍ବାଚନମଣ୍ଡଳୀର ବିଜେଡି ଲଗାତାର ଶକ୍ତି ପ୍ରଦର୍ଶନ କରିଚାଲିଛି। ଶନିବାର ନାରାୟଣପାଟଣା ସରକାରୀ କଲ୍ୟାଣମଣ୍ଡପରେ ମହିଳାଙ୍କୁ ନେଇ ଏକ ବଡ଼ ସମାବେଶ ଆୟୋଜନ କରାଯାଇଥିଲା। ଏହି ସମାବେଶକୁ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକା ଉଦଘାଟନ କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମହିଳା ସଶକ୍ତୀକରଣ ପାଇଁ ନେଇଥିବା ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପଗୁଡ଼ିକ ବର୍ଣ୍ଣନା କରିଥିଲେ। ସାମାଜିକ, ଅର୍ଥନୈତିକ ଓ ରାଜନୈତିକ କ୍ଷେତ୍ରରେ ମହିଳାମାନଙ୍କ ଉତ୍ଥାନ ପାଇଁ ବିଜେଡି ସରକାର ସଂକଳ୍ପବଦ୍ଧ ବୋଲି ସେ କହିଥିଲେ। ଆଗକୁ ନିର୍ବାଚନ ଥିବାରୁ ଏହି ସମାବେଶକୁ ବେଶ୍ ପ୍ରଭାବୀ ଢଙ୍ଗରେ ଆୟୋଜନ କରିବାକୁ ଦଳ ପକ୍ଷରୁ ସମସ୍ତ ପ୍ରସ୍ତୁତି କରାଯାଇଥିଲା। ନାରାୟଣପାଟଣାର ସବୁ ୱାର୍ଡ ଓ ପଞ୍ଚାୟତରୁ ବହୁ ସଂଖ୍ୟାରେ ମହିଳା ସାମିଲ ହୋଇଥିଲେ। ଏହି ଅବସରରେ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ସଭାପତି ଓ ସମ୍ପାଦିକାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମହିଳା ସଭାପତି ପାର୍ବତୀ ମସ୍ତି, କୌଶଲ୍ୟା ହିକକା, ଲିଲି ବୁରୁଡ଼ି, ତୁଳସୀ କିର୍ଷାନି, ମାନି ସାମନ୍ତରାୟ, ଝିନ ହିକକା, କୈଳାସ କୁଲେଶିକା, ଗୋଳାଦୀ ତ୍ରିନାଥ, ଶଙ୍କର ସାଉନ୍ତା, ଏସ୍ ଏଗୀ ନାରାୟଣ, ଲଳିତ ପରିଡ଼ା, ବିନୋଦ କୁମାର ପ୍ରମୁଖ ଉପସ୍ଥିତ ଥିଲେ। ଲକ୍ଷ୍ମୀପୁର ନିର୍ବାଚନମଣ୍ଡଳୀର ପର୍ଯ୍ୟବେକ୍ଷକ ପିକନ ସାହୁ ସଭା ପରିଚାଳନା କରିବା ସହ ସମସ୍ତ ମହିଳାଙ୍କୁ ଧନ୍ୟବାଦ ଜଣାଇଥିଲେ। ସରପଞ୍ଚ, ସମିତିସଭ୍ୟ, ପୂର୍ବତନ ସରପଞ୍ଚ, ସମିତିସଭ୍ୟ, ସମସ୍ତ ସ୍ୱୟଂ ସହାୟିକା ଗୋଷ୍ଠୀର ସଭ୍ୟ ଉପସ୍ଥିତ ଥିଲେ।

## ମାଘ ମଣ୍ଡେଇ ଯାତ୍ରାର ଦ୍ୱିତୀୟ ଦିନରେ ପ୍ରବଳ ଭିଡ଼



**କୋଷାଗୁମୁଡ଼ା,୨।୩(ସମିସ):** ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ଗ୍ରାମରେ ଶୁକ୍ରବାର ପ୍ରସିଦ୍ଧ ମାଘ ମଣ୍ଡେଇ ଯାତ୍ରା ଜାକଜମକରେ ଆରମ୍ଭ ହୋଇଛି। ଶନିବାର ଯାତ୍ରାର ଦ୍ୱିତୀୟ ଦିନରେ ଦେବଦେବୀଙ୍କ ପୂଜାର୍ଚ୍ଚନା ସରିବା ପରେ ଘରବାହୁଡ଼ା କାର୍ଯ୍ୟକ୍ରମ ଶେଷ ହୋଇଛି। ଏହି ଅବସରରେ ବାହାର ରାଜ୍ୟ ଏବଂ ଜିଲ୍ଲାରୁ ବିଭିନ୍ନ ଘରୋଇ ଉପକରଣ ଏବଂ ସାଜସଜ୍ଜା ଜିନିଷପତ୍ର ସାଧାରଣ ବଜାରରୁ କମ୍ ଦାମରେ ମିଳେ ବୋଲି ମିନା ବଜାର, ଲୋକନୃତ୍ୟ, ଆଦିବାସୀ ନାଟକ ଦେଖିବା ପାଇଁ ଅଞ୍ଚଳ ଏବଂ ପଡ଼ୋଶୀ ଛତିଶଗଡ଼ ରାଜ୍ୟର ଲୋକଙ୍କ ଭିଡ଼ ପରିଲକ୍ଷିତ ହୋଇଥାଏ। ଯାହାକି ପ୍ରାୟ ୨୧ ହଜାରରୁ ଅଧିକ ଲୋକଙ୍କ ଭିଡ଼ ଦେଖିବାକୁ ମିଳିଛି। ଏହି ମାଘ ମଣ୍ଡେଇ ଯାତ୍ରା ବର୍ଷକୁ ଥରେ ହେଉଥିବାବେଳେ ପ୍ରାୟ ତିନି ଦିନ ଧରି ଅନୁଷ୍ଠିତ ହେଉଛି। ଶୁକ୍ରବାର ଏବଂ ଶନିବାର ମୁଖ୍ୟ ଦେବଦେବୀଙ୍କ ପୂଜାର୍ଚ୍ଚନା ହୋଇଥାଏ। ସ୍ଥାନୀୟ ଗ୍ରାମର ମୁଖ୍ୟ ଦେବତା ରାଜଚାଉଁରିଆଙ୍କ ଏହା ମଣ୍ଡେଇ ଯାତ୍ରା। ଆଦିବାସୀଙ୍କ ଏହି ମାଘ ମଣ୍ଡେଇ ଯାତ୍ରା ବର୍ଷକୁ ଥରେ ଅନୁଷ୍ଠିତ ହୋଇଥାଏ। ମଣ୍ଡେଇ ଯାତ୍ରା କଲେ ଅଞ୍ଚଳରେ ରୋଗବ୍ୟାଧି ବ୍ୟାପେ ନାହିଁ ଓ ଚଳିତ ବର୍ଷର ଫସଲ ଭଲ ହୋଇଥାଏ ବୋଲି ଆଦିବାସୀମାନେ ବିଶ୍ୱାସ କରନ୍ତି।

## ବାଙ୍କାମ୍ବରେ ଆର୍ଥିକ ସାକ୍ଷରତା ଅଭିଯାନ

ଟିକିରି,୨।୩(ସମିସ): ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ ବାଙ୍କାମ୍ବ ଗ୍ରାମରେ ଉତ୍କଳ ଗ୍ରାମୀଣ ବ୍ୟାଙ୍କ ଟିକିରି ଶାଖା ତରଫରୁ ଆର୍ଥିକ ସାକ୍ଷରତା ଅଭିଯାନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଉତ୍କଳ ଗ୍ରାମୀଣ ବ୍ୟାଙ୍କ ଟିକିରି ଶାଖା ପରିଚାଳକ ବିବେକାନନ୍ଦ ନାୟକ, ଫିଲ୍ଡ ଅଫିସର୍ ଦୀପକ କୁମାର ଲେଙ୍କା, ବାଙ୍କାମ୍ବ ସରପଞ୍ଚ ପିଲୁକୁ ମାଝୀ, ନାଏବ ସରପଞ୍ଚ, ବ୍ୟାଙ୍କ ମିତ୍ର ଉର୍ବଶୀ ନାୟକ, ଉତ୍କଳ ଗ୍ରାମୀଣ ଶାଖା ବାଙ୍କାମ୍ବ ମିନି ବ୍ୟାଙ୍କରୁ ପଦ୍ମନାଭ ବିଶୋଇ, ଏମବିକେ ମହିମା ମହାନନ୍ଦିଆ, ଉଷା ତୁରୁକ୍, ବାଙ୍କାମ୍ବ ପଞ୍ଚାୟତ ଯୋଗାଣ ସହାୟକ ହରେକୃଷ୍ଣ ସାହୁ, ଜ୍ୟୋତି କନ୍ଦପାଣି ଏସଏଚଜି ଓ ବାଙ୍କାମ୍ବ ପଞ୍ଚାୟତ ବୁଦ୍ଧିଜୀବୀ, ଯୁବବର୍ଗ ଓ ସାଧାରଣ ଜନତା ଉପସ୍ଥିତ ଥିଲେ। ଉତ୍କଳ ଗ୍ରାମୀଣ ବ୍ୟାଙ୍କର କାମ କ'ଣ, ଲୋକମାନେ କିପରି ସୁବିଧା ପାଇପାରିବେ ସେ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବରେ ଉପସ୍ଥିତ ଲୋକଙ୍କୁ ପରାମର୍ଶ ଦେଇଥିଲେ। ଉକ୍ତ ସଭାରେ ଦୁଇ ଜଣଙ୍କୁ ଜୀବନ ବୀମା ରାଶି ପ୍ରଦାନ କରଯାଇଥିଲା। ଟିକିରି ଉତ୍କଳ ଗ୍ରାମୀଣ ବ୍ୟାଙ୍କ ଶାଖା ପରିଚାଳକ ନିତ୍ୟାନନ୍ଦ ନାୟକ କହିଥିଲେ ଆଜିର ଦିନରେ ଲୋକେ ସାଇବର ଠକେଇରେ ପଡ଼ୁଛନ୍ତି, ବ୍ୟାଙ୍କ୍ ପକ୍ଷରୁ ଅନେକଗୁଡ଼ିଏ ସୁବିଧା ଅଛି ତାହା ଜାଣିପାରୁ ନାହାନ୍ତି ସେ ବିଷୟରେ ମଧ୍ୟ ସେ ସଚେତନ କରିଥିଲେ।




## ମୋବାଇଲ୍ ଚୋରକୁ ୩ ବର୍ଷ କାରାଦଣ୍ଡ ଓ ୧୦ ହଜାର ଜରିମାନା

**ରାୟଗଡ଼ା,୨।୩(ସମିସ):** ରାୟଗଡ଼ା ଜିଲ୍ଲା ଚାନ୍ଦିଲି ଥାନା ଅଞ୍ଚଳରେ ଜଣେ ମୋବାଇଲ ଚୋରକୁ ଏସଡିଜେଏମ କୋର୍ଟର ଜଜ୍ ବର୍ଷା ଦାସ ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ଧାରା ୪୫୭ରେ ୩ ବର୍ଷ ଏବଂ ୩୮୦ରେ ୩ ବର୍ଷ ଜେଲ୍ ଓ ଆର୍ଥିକ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଗତ ୨୦୨୧ରେ ଚାନ୍ଦିଲି ଥାନା ଅନ୍ତର୍ଗତ ଜେକେପୁର ବିସି ରୋଡସ୍ଥିତ ଏକ ମୋବାଇଲ ଦୋକାନରୁ ଚୋର ସମସ୍ତ ସ୍ମାର୍ଟଫୋନ ଲୁଟି ନେଇଥିଲା। ଦୋକାନର ମାଲିକ ରମେଶ କୁମାର ମଲ୍ଲିକ ଏନେଇ ଚାନ୍ଦିଲି ଥାନାରେ ଏତଲା ଦାୟର କରିଥିଲେ। ତାହାକୁ ଭିତ୍ତି କରି ଚାନ୍ଦିଲି ପୁଲିସ ତଦନ୍ତ କରି କାହ୍ନୁ ଖୋସଲା ନାମକ ବ୍ୟକ୍ତିକୁ ଗିରଫ କରିଥିଲେ। ପଚରାଉଚରା ବେଳେ ଚୋରି ହୋଇଥିବା ସମସ୍ତ ମୋବାଇଲ ଏବଂ ଅନ୍ୟ ଯନ୍ତ୍ରାଂଶ ଜବତ କରି ତାକୁ କୋର୍ଟ ଚାଲାଣ କରିଥିଲେ। ଶନିବାର ଏହି ମାମଲାର ବିଚାରଣା କରି ଏସଡିଜେଏମ କୋର୍ଟର ଜଜ୍ ୭ ଜଣ ସାକ୍ଷ୍ୟ ଓ ପ୍ରମାଣକୁ ଭିତ୍ତି କରି ଅଭିଯୁକ୍ତକୁ ୪୫୭ ଆଇପିସି ଧାରା ଅନୁଯାୟୀ ୩ ବର୍ଷ ଜେଲ ଏବଂ ୧୦ ହଜାର ଟଙ୍କା ଜରିମାନା ଏବଂ ଆଇପିସି ଧାରା ୩୮୦ ଅନୁଯାୟୀ ୩ ବର୍ଷ ଜେଲ ଓ ୧୦ ହଜାର ଟଙ୍କା ଜରିମାନା ଦେବାକୁ ରାୟ ଶୁଣାଣି କରିଥିଲେ। ଜରିମାନା ଅନାଦେୟ ହେଲେ ପୁଣି ୬ ମାସ ଜେଲ ଦଣ୍ଡରେ ଦଣ୍ଡିତ ନେଇ ରାୟ ଶୁଣାଇଛନ୍ତି। ଏହି ମାମଲାକୁ ସରକାରୀ ଓକିଲ ସଚ୍ଚିଦାନନ୍ଦ ଖାଡ଼ଙ୍ଗା ପରିଚାଳନା କରୁଥିଲେ।

**■ ସେମିଳିଗୁଡ଼ାରୁ ଯୁବତୀ ନିଖୋଜ**

## ଥାନାର ଦ୍ୱାରସ୍ଥ ହେଲେ ବାପା

**ସେମିଳିଗୁଡ଼ା,୨।୩(ସମିସ):** କୋରାପୁଟ ଜିଲ୍ଲାର ସେମିଳିଗୁଡ଼ା ସହରରୁ ଝିଅ ନିଖୋଜ ହୋଇଥିବା ନେଇ ସେମିଳିଗୁଡ଼ା ଥାନାର ଦ୍ୱାରସ୍ଥ ହୋଇଛନ୍ତି ପିତା। ଝିଅ ପୂର୍ଣ୍ଣି ଖିଲ ସେମିଳିଗୁଡ଼ା ସହରର ଏକ ଭଡ଼ା ଘରେ ରହି କମ୍ପ୍ୟୁଟର କ୍ଲାସ କରୁଥିବାବେଳେ ଗତ ୧୧ ଦିନ ହେବ ନିଖୋଜ ରହିଥିବା ନେଇ ଝିଅର ବାପା ଦେବ ଖିଲ ଶୁକ୍ରବାର ସିମିଳିଗୁଡ଼ା ଥାନାର ଦ୍ୱାରସ୍ଥ ହୋଇଛନ୍ତି। ସୂଚିତ ଯେ, ଗତ ତିନି ମାସ ହେବ ମାଛକୁଣ୍ଡ ଥାନା ଅନ୍ତର୍ଗତ ବାଦିଗଡ଼ ଗ୍ରାମର ଦେବ ଖିଲଙ୍କ ଝିଅ ପୂର୍ଣ୍ଣି ଖିଲ ସେମିଳିଗୁଡ଼ା ସହର ଖଣ୍ଡିଆ ସାହିର ପାଣ୍ଡବ ପ୍ରଧାନ ନାମକ ଜଣଙ୍କ ଘରେ ଭଡ଼ାରେ ସାଙ୍ଗ ଝିଅମାନଙ୍କ ସହିତ ରହି ସିମିଳିଗୁଡ଼ା ସ୍ଥିତ ଏମସିସି ଏକାଡେମୀରେ କମ୍ପ୍ୟୁଟର କ୍ଲାସ୍ କରୁଥିଲେ। ତେବେ ଗତ ମାସ ୨୨ ତାରିଖରୁ ସେମିଳିଗୁଡ଼ା ଭଡ଼ା ଘରୁ ଘରକୁ ଯିବା ପାଇଁ ବାହାରିଥିବା ସାଙ୍ଗମାନଙ୍କୁ କହିଥିଲେ। କିନ୍ତୁ ସେ ଘରେ ପହଞ୍ଚି ନ ଥିଲେ। ତାଙ୍କ ସହ ଭଡ଼ା ଘରେ ରହୁଥିବା ସାଙ୍ଗମାନେ ଫେବୃଆରୀ ୨୯ ତାରିଖରେ ପୂର୍ଣ୍ଣିଙ୍କ ପରିବାର ଲୋକଙ୍କୁ ଫୋନ କରି ପୂର୍ଣ୍ଣିର ଫୋନ୍ ଲାଗୁ ନ ଥିବା କହିଥିଲେ। ସେପଟେ ସାଙ୍ଗ ଝିଅମାନଙ୍କ ଫୋନ୍ ପାଇ ତାଙ୍କ ବାପା ଦେବ ଖିଲ ଶୁକ୍ରବାର ସେମିଳିଗୁଡ଼ାରେ ପହଞ୍ଚି ଖୋଜାଖୋଜି କରିବା ସହ ଥାନାର ଦ୍ୱାରସ୍ଥ ହୋଇଥିଲେ। ଝିଅ ବାପାଙ୍କ ଏତଲା ପରେ ପୁଲିସ ଏକ ମାମଲା ରୁଜୁ କରିଛି। ଏଏସ୍ଆଇ ଡି. ମାଝୀ ଏହାର ତଦନ୍ତ ଆରମ୍ଭ କରିଥିବା ଥାନା ପକ୍ଷରୁ ଜଣାପଡ଼ିଛି।

## ଚୋରି ଲୁହାବୋଝେଇ ପିକ୍ଅପ୍ ଭ୍ୟାନ୍ ଜବତ; ତିନି ଗିରଫ

**କଲ୍ୟାଣସିଂହପୁର,୨।୩(ସମିସ):** ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକରେ ଲୁହା ବୋଝେଇ ପିକ୍ଅପ୍ ଭ୍ୟାନ୍ ସହ ତିନି ଜଣ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ପୁଲିସ। ସୂଚନା ଅନୁଯାୟୀ, ଶୁକ୍ରବାର ପୁଲିସ ପାଟ୍ରୋଲିଂ କରୁଥିବାବେଳେ ଓଡି ୨୫ ଏନ ୫୭୬୬ ନମ୍ବର ପିକ୍ଅପ୍ ଭ୍ୟାନରେ ଲୁହା ବୋଝେଇ ଗାଡ଼ିକୁ ଅଟକାଇଥିଲେ। ପରେ ଏକ ପିକ୍ଅପ୍ ଭ୍ୟାନକୁ ଯାଞ୍ଚ ସମୟରେ ଉଠା ଜଳସେଚନ ପ୍ରକଳ୍ପ ପୁରୁଣା ଲୁହା ପାଇପଗୁଡ଼ିକ ପୁଲିସ ଦେଖିବାକୁ ପାଇଥିଲା। ତିନି ଯୁବକଙ୍କୁ ପଚରାଉଚରା ସମୟରେ କବାଡ଼ିରେ କିଣି ନେଉଥିବା ପ୍ରକାଶ କରିଥିଲେ। ଘଟଣାସ୍ଥଳରୁ ମୁଖ୍ୟ ଅଭିଯୁକ୍ତ ଫେରାର୍ ହୋଇଥିବାବେଳେ ତିନି ଜଣ କାଶୀନାଥ ସାହୁ, ବିଜୟ ବରାଳ ଓ ବିଭୂତିଭୂଷଣ ଲେଙ୍କାଙ୍କୁ ଅଟକ ରଖି ପଚରାଉଚରା କରିବା ପରେ ଶନିବାର ପୁଲିସ ଏଏସ୍ଆଇ ମାତିଲାଲ ପଟ୍ଟନାୟକ ଏକ ଚୋରି ମାମଲା ରୁଜୁ କରି କୋର୍ଟ ଚାଲାଣ କରିଥିବା ଏସଡିପିଓ ରଶ୍ମିରଞ୍ଜନ ସେନାପତି କହିଛନ୍ତି।

## ଗ୍ରୀଷ୍ମପ୍ରବାହ ଓ ଅଂଶୁଘାତର ମୁକାବିଲା ପାଇଁ ପ୍ରସ୍ତୁତି ବୈଠକ



**କୋରାପୁଟ,୨।୩(ସମିସ):** ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲ ଅଡିଟୋରିୟମରେ ଗ୍ରୀଷ୍ମପ୍ରବାହ ଜନିତ ପରିସ୍ଥିତିର ସଠିକ ମୁକାବିଲା ପାଇଁ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଗ୍ରାମାଞ୍ଚଳମାନଙ୍କରେ ପାନୀୟ ଜଳ ସମସ୍ୟାର ଅଭିଯୋଗ ପାଇବାର ୨୪ ଘଣ୍ଟା ମଧ୍ୟରେ ସମାଧାନ କରିବାକୁ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଯେଉଁଠି ନଳକୂପ ବ୍ୟବସ୍ଥା ହୋଇପାରୁ ନାହିଁ ସେହି ଅଞ୍ଚଳରେ ଟ୍ୟାଙ୍କର ଯୋଗେ ପାନୀୟ ଜଳର ବନ୍ଦୋବସ୍ତ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସହରାଞ୍ଚଳ ଓ ଗ୍ରାମାଞ୍ଚଳର ଜନଗହଳିପୂର୍ଣ୍ଣ ସ୍ଥାନରେ ଜଳଛତ୍ର ଖୋଲାଯିବ। ସମସ୍ତ ଡାକ୍ତରଖାନାରେ ଅଂଶୁଘାତ ରୋଗୀଙ୍କ ଚିକିତ୍ସା ପାଇଁ ସ୍ୱତନ୍ତ୍ର ଶୀତତାପ ନିୟନ୍ତ୍ରିତ ଗୃହ ଖୋଲିବା, ଡାକ୍ତରଖାନାରେ ଓଆରଏସ ଏବଂ ଆବଶ୍ୟକ ଔଷଧ ମହଜୁଦ ରଖିବାକୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଶ୍ରମିକମାନଙ୍କୁ ପୂର୍ବାହ୍ନ ୧୧ଟାରୁ ଅପରାହ୍ଣ ୩ଟା ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ବନ୍ଦ ରଖିବାକୁ ଜିଲ୍ଲା ଶ୍ରମ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଅଂଶୁଘାତ ସୂଚନା ପାଇଁ ଜିଲ୍ଲାରେ ଏକ ନିୟନ୍ତ୍ରଣ କକ୍ଷ ଖୋଲାଯାଇଛି। ଜୀବଜନ୍ତୁଙ୍କ ସୁରକ୍ଷା ଓ ଜଙ୍ଗଲ ସୁରକ୍ଷା ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ବନଖଣ୍ଡ ଅଧିକାରୀଙ୍କୁ କୁହାଯାଇଛି। ମଧ୍ୟାହ୍ନ ୧୨ ଟାରୁ ୩ଟା ପର୍ଯ୍ୟନ୍ତ ଯାତ୍ରୀବାହୀ ବସ ରାସ୍ତାରେ ଯାତାୟାତ ନ କରିବାକୁ କୁହାଯାଇଛି। ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ ବୈଠକ ପରିଚାଳନା କରିଥିବାବେଳେ ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଜ୍ଞାନଜିତ ତ୍ରିପାଠୀ ଓ ଡିଆରଆରସି ଅବନିକାନ୍ତ ଭୂୟାଁ ପରିଚାଳନାରେ ସହଯୋଗ କରିଥିଲେ।

## ଘରେ ଘରେ ଶଙ୍ଖ ଓ ପରିବାର ସମ୍ପର୍କ ଅଭିଯାନ

**ମାଲକାନଗିରି,୨।୩(ସମିସ)**



ନିର୍ବାଚନ ସମୟ ପାଖେଇ ଆସୁଥିବା ବେଳେ ଲୋକଙ୍କ ନିକଟରେ ପହଞ୍ଚିବା ସହ ସଂଗଠନକୁ ସୁଦୃଢ଼ କରିବା ପାଇଁ ଜୋରସୋର ପ୍ରୟାସ ଆରମ୍ଭ କରିଛି ମାଲକାନଗିରି ଜିଲ୍ଲା ବିଜୁ ଜନତା ଦଳ। ଏହି କ୍ରମରେ ଦଳ ପକ୍ଷରୁ ଅନେକ କାର୍ଯ୍ୟକ୍ରମ କରଯାଉଥିବାବେଳେ ଆଜି ମାଲକାନଗିରି ନିର୍ବାଚନମଣ୍ଡଳୀର କାଳିମେଳା ବ୍ଲକ ଅନ୍ତର୍ଗତ ଲୁଗେଲ୍ ଓ ତଣ୍ଡାବାଇ ଗ୍ରାମ ପଞ୍ଚାୟତରେ ଘରେ ଘରେ ଶଙ୍ଖ ପରିବାର ସମ୍ପର୍କ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜୋନ୍ ସଂଯୋଜକ ତଥା ମାଲକାନଗିରି ଜିଲ୍ଲା ବିଜୁ ଜନତା ଦଳର ଜିଲ୍ଲା କାର୍ଯ୍ୟକାରୀ ସଭାପତି ଦୁର୍ଗାପ୍ରସାଦ ତ୍ରିପାଠୀଙ୍କ ନେତୃତ୍ୱରେ ଓ କାଳିମେଳା ବ୍ଲକ ସଭାପତି ସରତଚନ୍ଦ୍ର ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଅଭିଯାନରେ ଜିଲ୍ଲା ବିଜେଡି ସଭାପତି ତଥା ପୂର୍ବତନ ବିଧାୟକ ମାନସ ମାଡ଼କାମି ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ବିକାଶର ବାର୍ତ୍ତା ଦେବା ସହ ଉପସ୍ଥିତ ବିଜୁ ଜନତା ଦଳର କାର୍ଯ୍ୟକର୍ତ୍ତାଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ, ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ କରିଥିଲେ। ନୂଆ ଓଡ଼ିଶା ଗଠନ ଦିଗରେ ଏକାଠି ହୋଇ କାମ କରିବାକୁ ସମସ୍ତେ ସଂକଳ୍ପ ନେଇଥିଲେ। ଦଳକୁ ସୁଦୃଢ଼ କରିବା ପାଇଁ ତୃଣମୂଳସ୍ତରରୁ କାର୍ଯ୍ୟ କରିବା ସହ ଆଗାମୀ ନିର୍ବାଚନରେ ଦଳ ଯେପରି ଉତ୍ତମ ପ୍ରଦର୍ଶନ କରିବ ସେନେଇ ମଧ୍ୟ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମାଲକାନଗିରି ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ପତିତପାବନ ବୈଦ୍ୟ, ଜିଲ୍ଲା ସାଧାରଣ ସମ୍ପାଦକ ଶୁଭ୍ରାଂଶୁ ଶେଖର ସାହୁ, ସମ୍ପାଦକ ଦୁଲାଲ ମଣ୍ଡଳ, ମୋଟୁ ଜୋନ୍ ସଭାପତି ଶମ୍ଭୁ ବାକଚି, ବରିଷ୍ଠ ନେତା ଅଶୋକ ହଲଦାର, ଗଙ୍ଗା ମାଡ଼ି, ପରିମଳ ମଣ୍ଡଳ, ଜଗଦୀଶ ଡାଲି, ସମିତି ସଭ୍ୟ ନାଗା କାରାମ ପ୍ରମୁଖଙ୍କ ସହ ବିଜୁ ଜନତା ଦଳର ସ୍ଥାନୀୟ ସମିତି ସଭ୍ୟ, ପଞ୍ଚାୟତ ସଭାପତି, ସମସ୍ତ ୱାର୍ଡ ମେମ୍ବର, ୱାର୍ଡ କମିଟି, ବୁଥ କମିଟି ଓ ଦଳର ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## କଣ୍ଡେଲ ୟୁପିଏସ୍ ବିଦ୍ୟାଳୟର ଦ୍ୱିତୀୟ ବାର୍ଷିକ ଉତ୍ସବ

ବାଲିମେଳା,୨।୩(ସମିସ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ସୋମନାଥପୁର ପଞ୍ଚାୟତ କଣ୍ଡେଲ ୟୁପିଏସ ବିଦ୍ୟାଳୟର ଦ୍ୱିତୀୟ ବାର୍ଷିକ ଉତ୍ସବ ପ୍ରଧାନଶିକ୍ଷକ ବସନ୍ତ କୁମାର ରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ସଭାପତି ଭାବେ ଚିତ୍ରକୋଣ୍ଡା ଗୋଷ୍ଠୀ ଶିକ୍ଷାଧିକାରୀ ଗାୟତ୍ରୀ ଦେବୀ, ମୁଖ୍ୟ ଅତିଥି ସତ୍ୟ ପାଣିଗ୍ରାହୀ, ମୁଖ୍ୟ ବକ୍ତା ଦିଲ୍ଲୀପ କୁମାର ଓଝା, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ବାସୁଦେବ ଲେଙ୍କା, ସାମ୍ବାଦିକ ନିରଞ୍ଜନ ମଲ୍ଲ, ବାଲିମେଳା କାଉନସିଲର ସୁନୀତା ଗୁରୁ, ସମିତି ସଭ୍ୟ ଲଇଛନ ଶୀଶା, ୱାର୍ଡ ମେମ୍ବର ସମନ୍ଧ ଦୋରା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନନ୍ଦ ଆଦବାରି, ବଡ଼ପଡ଼ା ହାଇସ୍କୁଲ ଅଧ୍ୟକ୍ଷ ଅରୁଣ ସାହୁ, ସିଆରସିସି ନିଳାଦ୍ରୀ ରାଉତ ସାମନ୍ତ ଉପସ୍ଥିତ ଥିଲେ। ଉତ୍ସବର ଆରମ୍ଭରୁ କଣ୍ଡେଲ ୟୁପିଏସ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀ ରଣା ବିବରଣୀ ପାଠ କରିଥିଲେ। ଏହି ଅବସରରେ ଉପସ୍ଥିତ ଥିବା ସମସ୍ତ ଅତିଥି ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଠନ ଏବଂ ସମାଜରେ ଶିକ୍ଷାର ମହତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ବାସୁଦେବ ଲେଙ୍କା ବିଦ୍ୟାଳୟ କିପରି ଜରାଜୀର୍ଣ୍ଣ ଅବସ୍ଥାରେ ଗତି କରୁଥିଲା ଏବଂ ପ୍ରଧାନଶିକ୍ଷକ ବସନ୍ତ କୁମାର ରଣା ଦାୟିତ୍ୱ ନେବା ପରେ ଚଳିତ ବର୍ଷ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇବାର ସଂଘର୍ଷପୂର୍ଣ୍ଣ ଯାତ୍ରା ବିଷୟରେ ଅବଗତ କରିଥିଲେ। ସଭା ସମାପନ ପରେ ବିଦ୍ୟାଳୟର କୁନି କୁନି ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ସହକାରୀ ଶିକ୍ଷକ ପ୍ରଦୀପ ମୁଦୁଲି ମଞ୍ଚ ପରିଚାଳନା କରିଥିବା ବେଳେ ସହକାରୀ ଶିକ୍ଷକ ଧରଣୀଧର ରଥ ସଭା କାର୍ଯ୍ୟରେ ସହଯୋଗ କରିଥିଲେ।



ସକାଳ
THE SAKALA



'୫-ଟି' ଅଧ୍ୟକ୍ଷଙ୍କୁ ଭେଟିଲେ ନବଗଠିତ ମ୍ୟୁନିସିପାଲିଟି, ଏନ୍‌ଏସି ଓ ୪ଟି ବିଭିନ୍ନ ସଂଗଠନର କର୍ମକର୍ତ୍ତା

# ନବୀନ ଓଡ଼ିଶା ଗଠନ ପାଇଁ ମିଳିମିଶି କାମ କର: କାର୍ତ୍ତିକ ପାଣ୍ଡିଆନ





**ଭୁବନେଶ୍ୱର, ୨।୩(ସମିସ):** ଆଜି ରାଜ୍ୟର ୨ଟି ନବ ଗଠିତ ମ୍ୟୁନିସିପାଲିଟି, ୮ଟି ବିଜ୍ଞାପିତ ଅଞ୍ଚଳ ପରିଷଦର ଜନସାଧାରଣ ଓ ୪ଟି ବିଭିନ୍ନ ସଂଗଠନର



କର୍ମକର୍ତ୍ତାମାନେ ନବୀନ ନିବାସଠାରେ '୫-ଟି' ତଥା 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଭେଟିଛନ୍ତି। ସେମାନେ '୫-ଟି' ଅଧ୍ୟକ୍ଷଙ୍କୁ ଧନ୍ୟବାଦ ଅର୍ପଣ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି ପାଇଁ କୃତଜ୍ଞତା ପ୍ରକାଶ କରିଛନ୍ତି। '୫-ଟି' ଅଧ୍ୟକ୍ଷ ଶ୍ରୀ ପାଣ୍ଡିଆନ୍ ସେମାନଙ୍କୁ ଧନ୍ୟବାଦ ଦେଇ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ଓଡ଼ିଶାର ବିକାଶ ପାଇଁ ଦିନରାତି କାମ କରୁଛନ୍ତି। ସମସ୍ତଙ୍କୁ ସେ ନିଜ ପରିବାରର ସଦସ୍ୟ ବୋଲି ଭାବନ୍ତି। ସମସ୍ତେ ମିଳିମିଶି ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନର ନୂଆ ଓଡ଼ିଶା ଗଠନ ପାଇଁ କାମ କରିବାକୁ

## ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଓ '୫-ଟି' ଅଧ୍ୟକ୍ଷଙ୍କୁ ଜଣାଇଲେ ଧନ୍ୟବାଦ

ସେ ପରାମର୍ଶ ଦେଇଛନ୍ତି। ସୂଚନାଯୋଗ୍ୟ ଯେ ଗତ ୨୪ତାରିଖରେ ରାଜ୍ୟରେ ୩୫ଟି ନୂଆ ବିଜ୍ଞାପିତ ଅଞ୍ଚଳ ପରିଷଦ ଓ ୩ଟି ବିଜ୍ଞାପିତ ଅଞ୍ଚଳ ପରିଷଦକୁ ମ୍ୟୁନିସିପାଲିଟି ଭାବେ ଉନ୍ନୀତ କରିଥିଲେ ମୁଖ୍ୟମନ୍ତ୍ରୀ। ଆଜି ନବଗଠିତ ବିଭିନ୍ନ ବିଜ୍ଞାପିତ ଅଞ୍ଚଳ ପରିଷଦ ଓ ମ୍ୟୁନିସିପାଲିଟିର ଜନସାଧାରଣ ନବୀନ ନିବାସଠାରେ '୫-ଟି' ଅଧ୍ୟକ୍ଷଙ୍କୁ ଭେଟି ଧନ୍ୟବାଦ ଓ କୃତଜ୍ଞତା ପ୍ରକାଶ କରିଥିଲେ। ସେମାନଙ୍କ ସହ କୃଷକସାଥୀ ସଂଘ, ଓମଫେଡ୍ ରିଟେଲର ସଂଘ, ନିଖିଳ ଓଡ଼ିଶା ଲେଫ୍ଟ ଆଉଟ୍ ଗଣଶିକ୍ଷକ ମହାସଂଘ ଏବଂ ଓଡ଼ିଶା ପ୍ରଦେଶ ଲକ୍ଷେ ଘର ଦଳିତ ଜାତି ସମାଜ ମହାସଂଘର କର୍ମକର୍ତ୍ତାମାନେ ମଧ୍ୟ '୫-ଟି' ଅଧ୍ୟକ୍ଷଙ୍କୁ ଭେଟି କୃତଜ୍ଞତା ଜଣାଇବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

ସୂଚନାଯୋଗ୍ୟ ଯେ ନବଗଠିତ ବୌଦ୍ଧଗଡ଼ ମ୍ୟୁନିସିପାଲିଟି, କରଞ୍ଜିଆ ମ୍ୟୁନିସିପାଲିଟି, ବେତନଟୀ, ପାଣିକୋଇଲି, ଜାରକା, ବସ୍ତା, ସିମୁଳିଆ, କଣ୍ଟାମାଳ, ଶେରଗଡ଼ ଓ ରାଇକିଆ ବିଜ୍ଞାପିତ ଅଞ୍ଚଳ ପରିଷଦର ଜନସାଧାରଣଙ୍କ ସହ ମନ୍ତ୍ରୀ ପ୍ରଦୀପ କୁମାର ଅମାତ, ବିଧାୟକ ଅଶୋକ କୁମାର ବଳ, ବିଧାୟକ ପ୍ରଣବ ବଳବନ୍ତରାୟ, ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ବିଧାୟକ ମହୀଧର ରଣା, ପୂର୍ବତନ ସାଂସଦ ରବୀନ୍ଦ୍ର ଜେନା, ବିହନ ନିଗମ ଅଧ୍ୟକ୍ଷ ବିଜୟ ନାୟକ ଏବଂ ଅନ୍ୟ ନେତୃବୃନ୍ଦ ଆଜି ନବୀନ ନିବାସଠାରେ '୫-ଟି' ଅଧ୍ୟକ୍ଷ ଶ୍ରୀ ପାଣ୍ଡିଆନ୍‌ଙ୍କୁ ଭେଟିଥିଲେ।

# ପରଘର ତିଅଣକୁ ଭରସା କରିଛି ରାଜ୍ୟ ବିଜେପି

**ଭୁବନେଶ୍ୱର,୨।୩(ସମିସ):** ମୁଣ୍ଡ ଉପରେ ସାଧାରଣ ନିର୍ବାଚନ ଥିବାବେଳେ ଦଳର ନେତାଙ୍କ ଉପରେ ଭରସା ପାଉନି। ସେଥିପାଇଁ ଅନ୍ୟ ଦଳର ନେତାଙ୍କ ଉପରେ ରାଜ୍ୟ ବିଜେପି ଆଖି ପକାଇଛି। ବିଶେଷକରି ଅପରାଧିକ ପୃଷ୍ଠଭୂମି ଏବଂ ଦୁର୍ନୀତି ସହ ସମ୍ପୃକ୍ତ ଜେଲ୍ ଫେରନ୍ତା ନେତାଙ୍କୁ ବିଜେପି କୋଳେଇ ନେବାକୁ ପଛଘୁଞ୍ଚା ଦେଉନାହିଁ। ଗତ କିଛିଦିନର ରାଜ୍ୟ ବିଜେପିର ମିଶ୍ରଣ ପର୍ବକୁ ନେଇ ବିଜେଡିର ଅଭିଯୋଗ ପରେ ଏହାକୁ ନେଇ ଧାରଣରେ ବେଶ୍ ଚର୍ଚ୍ଚା ଆଲୋଚନା ଜୋର୍ ଧରିଛି। ପ୍ରଦୀପ ପାଣିଗ୍ରାହୀ, ପ୍ରଶାନ୍ତ ଜଗଦ୍ଦେବଙ୍କ ପରେ ଚିଟ୍‌ଫଣ୍ଡ ମାମଲାରେ ସମ୍ପୃକ୍ତ ଥାଇ ଜେଲ୍ ଯାଇଥିବା ମୟୂରଭଞ୍ଜର ଜଣେ ପୂର୍ବତନ ସାଂସଦ ଖୁବଶୀଘ୍ର ବିଜେପିରେ ମିଶିବା ନେଇ ସମୟ ଧାର୍ଯ୍ୟ ହୋଇଛି। ଉପରୋକ୍ତ ନେତାଙ୍କ ବ୍ୟତୀତ ଏକାଧିକ ଦାଗୀ ନେତା ରାଜ୍ୟ ବିଜେପିର ସମ୍ପର୍କରେ ରହିଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଛି।

ରାଜନୀତିରେ ଦଳବଦଳ ନୂଆ କଥା ନୁହେଁ; ମାତ୍ର ରାଜ୍ୟ ବିଜେପି ଯେପରି ପରଘର ତିଅଣ ସୁଆଦିଆ ନୀତିରେ ଦାଗୀ ନେତାଙ୍କୁ କୋଳେଇନେବାକୁ ବ୍ୟାକୁଳ ହେଉଛି, ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିଜେପିର ଏପରି ବ୍ୟାକୁଳତାକୁ ନେଇ ରାଜନୈତିକ ମହଲରେ ଦୁଇଟି ଯୁକ୍ତି ଉପସ୍ଥାପନ କରାଯାଇଛି। ସେମାନଙ୍କ ଅନୁଯାୟୀ, ଦୀର୍ଘ ବର୍ଷ ଧରି ନୂଆ ନେତା ସୃଷ୍ଟି କରିବାରେ ଅସମର୍ଥତା ଏବଂ ପ୍ରାର୍ଥୀ ସଙ୍କଟ ପରିସ୍ଥିତି ରାଜ୍ୟ ବିଜେପିକୁ ଯେକୌଣସି ସ୍ତରକୁ ଯିବାକୁ ବାଧ କରିଛି। ଯାହାଫଳରେ ସେମାନେ ଜନବିରୋଧୀ ପ୍ରଦୀପ ପାଣିଗ୍ରାହୀ ଏବଂ ବିଜେପି କର୍ମୀଙ୍କୁ ଗାଡ଼ି ଚଢ଼ାଇ ମାରିଦେବାକୁ ଉଦ୍ୟମ କରିଥିବା ପ୍ରଶାନ୍ତ ଜଗଦ୍ଦେବଙ୍କ ଭଳି ନେତାଙ୍କୁ ଦଳରେ ସାମିଲ କରିବାକୁ ବାଧ ହୋଇଛନ୍ତି। ଦୀର୍ଘବର୍ଷ ଧରି ରାଜ୍ୟ ବିଜେପି ଦୁର୍ବଳ ସଂଗଠନ ପାଇଁ ସନ୍ତୁଳି ହେଉଥିବା ବେଳେ ଗୋଷ୍ଠୀକନ୍ଦଳ ଏବଂ ନେତୃତ୍ୱ ସଙ୍କଟ ରାଜ୍ୟ ବିଜେପିକୁ ରସାତଳଗାମୀ କରିଛି।

ଅନ୍ୟପକ୍ଷରେ ଦଳର ଛାମୁଆ ନେତାଙ୍କ ମଧ୍ୟରେ ମତଭେଦ ଚରମ ସୀମାରେ ପହଞ୍ଚିଥିବା ବେଳେ ରାଜ୍ୟର ଯୁବଗୋଷ୍ଠୀ ରାଜ୍ୟ ବିଜେପି

- ଦାଗୀ, ଜନବିରୋଧୀ ନେତାଙ୍କୁ କୋଳେଇ ନେଉଛି
- ତାତିଲେଣି କର୍ମୀ, ଆଗକୁ ବିସ୍ଫୋରକ ସ୍ଥିତି ଆଶଙ୍କା
- ନୂଆ ନେତା ସୃଷ୍ଟି କରିବାରେ ରାଜ୍ୟ ବିଜେପି ବିଫଳ
- ପ୍ରାର୍ଥୀ ସଙ୍କଟ ଟାଳିବାକୁ ଚାଲିଛି ନେତା ଆମଦାନୀ

ୟୁନିଟ୍ ପ୍ରତି ବିଶେଷ ଆଗ୍ରହ ଦେଖାଉ ନାହାନ୍ତି। ଯେକୌଣସି ଦଳର ଉତ୍ଥାନରେ ଯୁବଗୋଷ୍ଠୀଙ୍କ ଭୂମିକା ସର୍ବାଗ୍ରେ ଥିବାବେଳେ ରାଜ୍ୟ ବିଜେପି ପ୍ରତି ଯୁବବର୍ଗଙ୍କ ବଢୁଥିବା ନାପସନ୍ଦ ଦଳକୁ ଚିନ୍ତାରେ ପକାଇଛି। ସେହିପରି ରାଜ୍ୟରେ ଦଳର ସାଂଗଠନିକ କାର୍ଯ୍ୟକ୍ରମ ନାଁକୁ ମାତ୍ର ଥିବାବେଳେ ନୂଆ ନେତା ସୃଷ୍ଟି କରିବାରେ ରାଜ୍ୟ ବିଜେପି ସମ୍ପୂର୍ଣ୍ଣ ଭାବେ ବିଫଳ ହୋଇଛି। ଦଳର ସଂଗଠନ ଏବେ ଭୁଶୁଡ଼ି ପଡ଼ିଥିବା ବେଳେ ଅନ୍ୟ ଦଳର ନେତାଙ୍କୁ ଦଳରେ ମିଶାଇବାକୁ ରାଜ୍ୟ ବିଜେପି ବାଧ ହେଉଛି ବୋଲି ରାଜନୈତିକ ମହଲ ମତ ରଖିଛି।

ଅପରପକ୍ଷେ ବିଜେପିର ଏତାଦୃଶ କାର୍ଯ୍ୟକଳାକୁ ନେଇ କର୍ମୀ ମହଲ ମଧ୍ୟ ରାଜ୍ୟ ନେତୃତ୍ୱ ଉପରେ ଖପ୍ପା ହେଲେଣି। ଯେଉଁ ପ୍ରଶାନ୍ତ ଦଗଦ୍ଦେବ କର୍ମୀଙ୍କୁ ଗାଡ଼ି ମଡ଼ାଇ ମାରିଦେବାକୁ ଉଦ୍ୟମ କରିଥିଲେ ତାଙ୍କୁ ଦଳରେ ମିଶାଇ ରାଜ୍ୟ ବିଜେପି ନେତୃତ୍ୱ କର୍ମୀଙ୍କ ଉଦ୍ଦେଶ୍ୟରେ କେଉଁ ବାର୍ତ୍ତା ଦେବାକୁ ଚାହୁଁଛନ୍ତି ବୋଲି ସେମାନଙ୍କ ମଧ୍ୟରେ ପ୍ରଶ୍ନ ଉଠିଲାଣି। ପ୍ରଶାନ୍ତଙ୍କ ଆତଙ୍କୀ କାର୍ଯ୍ୟକଳାପ ପରେ ବିଜେଡି ତାଙ୍କୁ ଦଳରୁ ବହିଷ୍କାର କରିଥିବାବେଳେ ସେ ଜେଲ୍ ମଧ୍ୟ ଯାଇଥିଲେ। ଏହି ଘଟଣାକୁ ନେଇ ସେତେବେଳେ ରାଜ୍ୟ ବିଜେପି ସାରା ରାଜ୍ୟରେ ସତ୍ୟାଗ୍ରହ କରିଥିବା ବେଳେ ପ୍ରଶାନ୍ତଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲା। ଏପରିସ୍ଥଳେ କେଉଁ ବାଧ୍ୟବାଧକତା ପାଇଁ ଆଜି ରାଜ୍ୟର ଶୀର୍ଷ ନେତୃତ୍ୱ ତାଙ୍କୁ ଦଳରେ ମିଶାଇଲେ ବୋଲି ବିଜେପିର କର୍ମୀମାନେ ପ୍ରଶ୍ନ ପଚାରିଲେଣି।

ସେହିପରି ହଜାର ହଜାର ଯୁବକଯୁବତୀଙ୍କୁ ଠକିଥିବା ଜନବିରୋଧୀ ନେତା ପ୍ରଦୀପ ପାଣିଗ୍ରାହୀ ଏବଂ ଚିଟ୍‌ଫଣ୍ଡ ଲୁଟେରାଙ୍କୁ ଦଳରେ ସାମିଲ କରିବା ପାଇଁ ରାଜ୍ୟ ବିଜେପିର ବ୍ୟାକୁଳତାକୁ ନେଇ କର୍ମୀ ମହଲ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ରାଜ୍ୟର ବିଭିନ୍ନ ନିର୍ବାଚନମଣ୍ଡଳୀରେ ଦଳର ସଂଗଠନ ଦେଖୁଥିବା ନେତାଙ୍କୁ ହତାଦର କରି ଆମଦାନୀ ନେତାଙ୍କ ହାତରେ ସ୍ଥାନୀୟ ସଂଗଠନ ଟେକିଦେବା ଉଦ୍ୟମ ରାଜ୍ୟ ବିଜେପି ପାଇଁ ବୁମେରାଂ ହେବା ସହ ଦଳକୁ ବେଶ୍ କ୍ଷତି ପହଞ୍ଚାଇବ ବୋଲି ନାମ ଗୋପନ ରଖିବା ସର୍ତ୍ତରେ ଦଳର ଜଣେ ବରିଷ୍ଠ ନେତା କହିଛନ୍ତି। ପରଘର ତିଅଣରେ ଘର ବେଶି ଦିନ ଚଳିବା କଷ୍ଟକର ବୋଲି ଏହି ନେତା ଜଣଙ୍କ କ୍ଷୋଭୋକ୍ତି ପ୍ରକାଶ କରିଛନ୍ତି।

## ଲୋକକଥା



ଏସନ କୁଆଡ଼େ ଗୁଳୁଗୁଳି ସାଙ୍ଗକୁ
ସହି ହେବନାହିଁ ତାତି,
ପାଣିପାଗ ବାଲା କହୁଚନ୍ତି ଯାହା
ଟକମକ ହେବ କ୍ଷିତି !
ଅସମ୍ଭାଳ ହେବ ସ୍ଥିତି,
ପ୍ରାଣ ଛଟପଟ ହୋଇବ ପ୍ରାଣୀଙ୍କ
ପାଣିର ବିକଳ ସ୍ଥିତି !!

# ସନ୍ଥକବିଙ୍କ ସ୍ମୃତିପୀଠ ପରିଦର୍ଶନ କଲେ ରାଷ୍ଟ୍ରପତି

**ରେଢ଼ାଖୋଲ,୨।୩(ସମିସ):** ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶନିବାର ସନ୍ଥକବି ଭୀମଭୋଇଙ୍କ ସ୍ମୃତିପୀଠ ପରିଦର୍ଶନ କରିଛନ୍ତି।



ଆଜି ପୂର୍ବାହ୍ନରେ ରାଷ୍ଟ୍ରପତି ରେଢ଼ାଖୋଲ ଗସ୍ତରେ ଆସି କଦଳିଗଡ଼ ହାଇସ୍କୁଲର ଅସ୍ଥାୟୀ ହେଲିପ୍ୟାଡ୍ ପଡ଼ିଆଠାରେ ପହଞ୍ଚିଥିଲେ। ସେଠାରେ କେନ୍ଦ୍ର ଶିକ୍ଷା ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ରାଜ୍ୟ ସରକାରଙ୍କ ହସ୍ତତନ୍ତ ଶିଳ୍ପ ମନ୍ତ୍ରୀ ରୀତା ସାହୁ ପୁଷ୍ପଗୁଚ୍ଛ ଦେଇ ରାଷ୍ଟ୍ରପତିଙ୍କୁ ସ୍ୱାଗତ ଜଣାଇଥିଲେ। ପରେ ରାଷ୍ଟ୍ରପତି ସେଠାରୁ ସନ୍ଥକବି ଭୀମଭୋଇଙ୍କ ପ୍ରାପ୍ତିପୀଠ ମଧୁପୁର ଗ୍ରାମକୁ ଯାଇ ତାଳବଣିଆଠାରେ ଭୀମଭୋଇଙ୍କ ପ୍ରାପ୍ତିସ୍ଥଳ ଦର୍ଶନ କରିଥିଲେ। ତା'ସହିତ ସେଠାରେ ଚଉଷଠି ଦୀପ୍ତ ଧ୍ୱନି ମଣ୍ଡପରେ ଆଶୀର୍ବାଦ ଲାଭ କରିଥିଲେ। ସେଠାରେ ଛୋଟଛୋଟ ଶିଶୁ ମାନଙ୍କୁ ସ୍ନେହ ଶ୍ରଦ୍ଧା କରି ଚକୋଲେଟ ବଣ୍ଟନ କରିଥିଲେ। ସେଠାରୁ ଭକ୍ତିମୟ ପରିବେଶରେ ସ୍ମୃତିପୀଠ କନ୍ଦରାକୁ ଯାଇ ଦିବ୍ୟଜ୍ୟୋତି ଜ୍ଞାନପୀଠ ଦର୍ଶନ କରି ସାନିଧ ଲାଭ କରିବା ସହିତ ହୋମକୁଣ୍ଡରେ ଅର୍ଘ୍ୟ ଅର୍ପଣ କରିଥିଲେ। ଏହାପରେ ଦୀକ୍ଷା ପୀଠ କାଙ୍କଣପଡ଼ା ଗ୍ରାମକୁ ଯାଇ ସେଠାରେ ସନ୍ଥ କବି ଭୀମଭୋଇଙ୍କ ରହିଥିବା ମନ୍ଦିର ଓ ଭୀମଭୋଇ ହସ୍ତ ନିର୍ମିତ ଡଙ୍ଗାକୁ ଦର୍ଶନ କରିଥିଲେ। ସେଠାରୁ ରେଢ଼ାଖୋଲ ସହର ଗସ୍ତ କରି ମିନି ଷ୍ଟାଡିୟମ୍‌ଠାରେ ହଜାର ହଜାର ଜନସାଧାରଣଙ୍କ ସହ ସାଧୁସନ୍ଥଙ୍କ ଗହଣରେ ଏକ ଭବ୍ୟ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସେଠାରେ ତାଙ୍କୁ ନାଗରିକ ସମ୍ବର୍ଦ୍ଧନା ଦିଆଯାଇଥିଲା। ରାଷ୍ଟ୍ରପତିଙ୍କ ଏହି ଗସ୍ତ ପରିପ୍ରେକ୍ଷୀରେ ମହିମା ଧର୍ମାବଲମ୍ବୀ ସାଧୁସନ୍ଥ ନାମ ସଂକୀର୍ତ୍ତନ, ଯଜ୍ଞ କରି ସମଗ୍ର ଅଞ୍ଚଳକୁ ଭକ୍ତିମୟ କରିଥିଲେ।

# ସାଇକଲରେ ମିଜୋରାମ ଯୁବକଙ୍କ ଭାରତ ଭ୍ରମଣ

## ପରିବେଶ ସୁରକ୍ଷା ନେଇ କରୁଛନ୍ତି ସଚେତନ




**ବୌଦ୍ଧ, ୨।୩(ସମିସ):** ପରିବେଶ ସୁରକ୍ଷା ଓ ସ୍ୱଚ୍ଛ ପରିବେଶ ପାଇଁ ସାଇକଲର ବହୁଳ ବ୍ୟବହାର ବାର୍ତ୍ତା ନେଇ ଭାରତ ଭ୍ରମଣରେ ବାହାରିଥିବା ମିଜୋରାମର ଭି. ଭାରତେ ବୌଦ୍ଧରେ ପହଞ୍ଚିଛନ୍ତି। ଆଜି ରଜନୀପାଲିଠାରେ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର ଯୁବ ରେଡକ୍ରସ୍, ମାରୱାଡ଼ି ଯୁବା ମଞ୍ଚ ଏବଂ ସାଧାରଣ ନାଗରିକଙ୍କ ତରଫରୁ ତାଙ୍କୁ ସ୍ୱାଗତ କରାଯିବା ସହ ସମ୍ବର୍ଦ୍ଧିତ କରାଯାଇଥିଲା। ଭାରତ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ଏବଂ ମିଜୋରାମ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସହାୟତାରେ ଶ୍ରୀ ଭାରତରେ ଅଦ୍ୟାବଧି ସାଇକେଲ୍‌ରେ ୭ଟି ରାଜ୍ୟ ଅତିକ୍ରମ କରିସାରିଲେଣି। ଆଜିର ଏହି ସମ୍ବର୍ଦ୍ଧନା ଉତ୍ସବରେ ଯୁବ ରେଡକ୍ରସ୍‌ର ସମ୍ପାଦକ ଅଧ୍ୟାପକ ଡ. ପ୍ରବୀର ଦାସ, ଭାରତ ସ୍ୱାଭିମାନ ଟ୍ରଷ୍ଟର ସଭାପତି ଦେବାଶିଷ ପୁରୋହିତ, ମାରୱାଡ଼ି ଯୁବା ମଞ୍ଚର ସୁନ୍ଦର ପ୍ରକାଶ, ଯୁବ ରେଡକ୍ରସ୍ ସ୍ୱେଚ୍ଛାସେବୀ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ବଲାଙ୍ଗୀରସ୍ଥିତ ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ମୁଖ୍ୟ ଅଧିକାରୀ ବବିତା ସିଂ ଓ ସହଯୋଗୀ ଅଧିକାରୀ ସ୍ୱାଗତ ପଟେଲ ଉପସ୍ଥିତ ଥିଲେ।

# ଅବଶିଷ୍ଟାଂଶ

## ସବୁ ଜମିକୁ...

ଗ୍ରାମର ୮୯୯୭ ଏକର ଚାଷ ଜମିକୁ ଜଳସେଚନ ଯୋଗାଇବା ସହିତ ୨୯୩ ଗ୍ରାମକୁ ପାନୀୟ ଜଳ ଯୋଗାଣ ଓ ୧ ମେଗାୱାଟର ବିଦ୍ୟୁତ ଉତ୍ପାଦନର ଲକ୍ଷ୍ୟ ରଖାଯାଇଅଛି। ହାଡୁଆ ଡ୍ୟାମ ଓ ତା'ର ଭୂତଳ ପାଇପ୍‌ଲାଇନ୍ ବଣ୍ଟନ ବ୍ୟବସ୍ଥାର ବ୍ୟୟ ଅଟକଳ ଯଥାକ୍ରମେ ୨୬୫.୨୪ କୋଟି ଓ ୧୯୫.୮୯ କୋଟି ଟଙ୍କା ରଖାଯାଇଛି। କଟକ ଡିମିରିଆ-ରାଉତପଡା ଅନ୍ତଃନଦୀ ଜଳାଶୟ ପ୍ରକଳ୍ପ, ବୈଦେଶ୍ୱର-ଗୋପିନାଥପୁର ଅନ୍ତଃନଦୀ ଜଳାଶୟ ପ୍ରକଳ୍ପ ଓ ନବରଙ୍ଗପୁର ଫଟକି ଅନ୍ତଃନଦୀ ଜଳାଶୟ ପ୍ରକଳ୍ପ- ଏହି ପରି ୩ଟି ଅନ୍ତଃନଦୀ ଜଳାଶୟ ପ୍ରକଳ୍ପ ସହିତ ୩୯ଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ଭୂତଳ ପାଇପଲାଇନ ଓ ଅନାନ୍ୟ ପ୍ରକଳ୍ପର ଭିତ୍ତି ପ୍ରସ୍ତର ସ୍ଥାପନ କରାଯାଇଛି।

କାର୍ଯ୍ୟକ୍ରମରେ ବଲାଙ୍ଗିର ପାଟଣାଗଡରେ ଉପସ୍ଥିତ ଜଳ ସମ୍ପଦ ମନ୍ତ୍ରୀ ଟୁକୁନି ସାହୁ କହିଲେ ଯେ ମୁଖ୍ୟମନ୍ତ୍ରୀ ସଂକଳ୍ପବଦ୍ଧ ଭାବେ ଓଡ଼ିଶାର ବିକାଶକୁ ଆଗେଇ ନେଉଛନ୍ତି। ପ୍ରତ୍ୟେକ ଚାଷୀଙ୍କ ଜମିକୁ ଯେପରି ପର୍ଯ୍ୟାପ୍ତ ପରିମାଣର ପାଣି ପହଞ୍ଚିବ ସେ ଦିଗରେ ନିରବଚ୍ଛିନ୍ନ ଭାବରେ କାର୍ଯ୍ୟ କରିବା ପାଇଁ ମୁଖ୍ୟମନ୍ତ୍ରୀ ଜଳ ସମ୍ପଦ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। କାର୍ଯ୍ୟକ୍ରମକୁ '୫-ଟି' ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ସଂଯୋଜନା କରି କହିଥିଲେ ଯେ ମୁଖ୍ୟମନ୍ତ୍ରୀ କଥାରେ ନୁହେଁ, କାମରେ ବିଶ୍ୱାସ କରନ୍ତି। ସେ ଯାହା ବି କଥା ଦେଇଛନ୍ତି, ତାହା ନିଶ୍ଚୟ ପୂରଣ କରିବେ। ତାଙ୍କ ଜିଲ୍ଲା ଗସ୍ତ ସମୟରେ ଜଳସେଚନ ଉପରେ ଯେଉଁ ସବୁ ସମସ୍ୟା ବାବଦରେ ଅଭିଯୋଗ ଆସିଥିଲା, ସେଥିମଧ୍ୟରୁ ପ୍ରାୟ ୮୦ ପ୍ରତିଶତ ସମାଧାନ ହୋଇ ସାରିଛି। ଆଜି ଭିତ୍ତି ପ୍ରସ୍ତର ଦିଆଯାଇଥିବା ପ୍ରକଳ୍ପ ଗୁଡିକ ପାଇଁ ସମସ୍ତଙ୍କ ସହଯୋଗ ମିଳିଲେ ଖୁବ୍ ଶୀଘ୍ର କାମ ଶେଷ ହେବ ବୋଲି ସେ କହିଛନ୍ତି। ନୟାଗଡ଼ ଜିଲ୍ଲାବାସୀଙ୍କୁ ଉଦ୍‌ବୋଧନ ଦେଇ ପାଣ୍ଡିଆନ କହିଥିଲେ ଯେ, ପୁରୀ ଶ୍ରୀମନ୍ଦିରଠାରୁ ଆରମ୍ଭ କରି ସମଲେଇ ମନ୍ଦିର ପର୍ଯ୍ୟନ୍ତ ରୂପାନ୍ତରଣ କାର୍ଯ୍ୟ କରାଯାଇଛି। ଖୁବ୍ ଶୀଘ୍ର କଣ୍ଟିଲୋ ନୀଳମାଧବ ପୀଠର ରୂପାନ୍ତରଣ କାମ ଶେଷ ହୋଇ ଲୋକାର୍ପିତ ହେବ ବୋଲି ସେ ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି।

କାର୍ଯ୍ୟକ୍ରମରେ ରାୟଗଡାରେ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ମନ୍ତ୍ରୀ ଜଗନ୍ନାଥ ସାରକା, ବଡମ୍ବାଠାରେ ଉପସ୍ଥିତ ବିଧାୟକ ଦେବୀ ପ୍ରସାଦ ମିଶ୍ର, ନୟାଗଡରେ ବିଧାୟକ ଡ. ଅରୁଣ କୁମାର ସାହୁ, କୁଚିଣ୍ଡାରେ ବିଧାୟକ କିଶୋର ଚନ୍ଦ୍ର ନାୟକ, ପାଟଣାଗଡରେ ବିଧାୟକ ସରୋଜ କୁମାର ମେହେର, ନବରଙ୍ଗପୁର ଝରିଗାଁରେ ସାଂସଦ ରମେଶ ଚନ୍ଦ୍ର ମାଝୀ କହିଥିଲେ ଯେ ଆଜି ଜଳସେଚନ ବିଭାଗ ଚାଷୀ କୂଳର ଜୀବନ ରେଖା ପାଲଟିଛି। କାର୍ଯ୍ୟକ୍ରମରେ ଉନ୍ନୟନ କମିଶନର ତଥା ଜଳ ସମ୍ପଦ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ସ୍ୱାଗତ ଭାଷଣ ଦେଇଥିବା ବେଳେ ଜଳ ସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଭକ୍ତ ରଞ୍ଜନ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍ୱାସ୍ଥ୍ୟ ସେବାରେ...

କରୁଥିଲେ। ଗତ ୬ ବର୍ଷ ମଧ୍ୟରେ ୮ଟି ମେଡିକାଲ କଲେଜ ଓ ୨ଟି ସ୍ନାତକୋତ୍ତର ପ୍ରତିଷ୍ଠାନ ଗଢ଼ି ଉଠିଛି। ଆଗାମୀ ଦିନରେ ଆଉ ୩ଟି ମେଡିକାଲ କଲେଜ କାର୍ଯ୍ୟକ୍ଷମ ହେବାକୁ ଯାଉଛି। ପ୍ରତି ବର୍ଷ ଡାକ୍ତର ଓ ପାରାମେଡିକାଲ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଉଛି। ପୂର୍ବରୁ ବର୍ଷକୁ ମାତ୍ର ୩୨୧ ଜଣ ଏମବିବିଏସ୍ ଏବଂ ୨୫୪ ଜଣ ସ୍ପେଶିଆଲିଷ୍ଟ ଡାକ୍ତର ବାହାରୁ ଥିଲେ। କିନ୍ତୁ ଆଜି ବର୍ଷକୁ ୨୫୨୫ ଜଣ ଏମ୍‌ବିବିଏସ୍ ଡାକ୍ତର ଏବଂ ୯୭୨ ସ୍ପେଶିଆଲିଷ୍ଟ ଡାକ୍ତର ବାହାରୁଛନ୍ତି।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆଜି ଗୋଟିଏ ଦିନରେ ୫ଟି ମେଡିକାଲ କଲେଜରେ ୨୯୫୦ଟି ଶଯ୍ୟା ଯୋଡିହେଲା। ଏଥିପାଇଁ ରାଜ୍ୟ ସରକାର ୨୦୦୦ କୋଟିରୁ ଅଧିକ ଟଙ୍କା ବ୍ୟୟ କରିଛନ୍ତି। ଏହା ଦ୍ୱାରା ବଲାଙ୍ଗିରରୁ ବାରିପଦା, ସୁନ୍ଦରଗଡ଼ରୁ କେନ୍ଦୁଝର ଓ ବାଲେଶ୍ୱର, ସବୁ ଅଞ୍ଚଳର ଜନସାଧାରଣ ଉପକୃତ ହେବେ। ସେହିପରି ଭିତ୍ତିପ୍ରସ୍ତର ଦିଆଯାଇ ଥିବା ପ୍ରକଳ୍ପ ସମ୍ପର୍କରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆଜି କଟକର ଆଚାର୍ଯ୍ୟ ହରିହର କ୍ୟାନସର ହସ୍ପିଟାଲ, ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ କଲେଜ, ବୁର୍ଲାର ଭିମସାର ଓ ରାଉରକେଲାର ଆରଜିଏଚ୍‌କୁ ବିଶ୍ୱ ସ୍ତରୀୟ ଡାକ୍ତରଖାନାରେ ପରିଣତ କରିବା ପାଇଁ କାମ ଆରମ୍ଭ ହେଲା। ଏଥିପାଇଁ ୩୪୦୦ କୋଟିରୁ ଅଧିକ ଟଙ୍କା ବ୍ୟୟ କରାଯିବ ବୋଲି କହିଥିଲେ।

ବୁର୍ଲା ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ସ୍ୱାସ୍ଥ୍ୟ ମନ୍ତ୍ରୀ ନିରଞ୍ଜନ ପୂଜାରୀ କହିଥିଲେ, ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ସମ୍ପନ୍ନ ପଦକ୍ଷେପ ହେତୁ ରାଜ୍ୟର ସ୍ୱାସ୍ଥ୍ୟ ଭିତ୍ତିଭୂମି ରୂପାନ୍ତରଣ ଦେଖୁଛି। ୫-ଟି ଉପକ୍ରମ ଜରିଆରେ ଲୋକଙ୍କୁ ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ମନ୍ତ୍ରୀ କହିଥିଲେ। ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ କାର୍ଯ୍ୟକ୍ରମ ପରିଚାଳନା କରିବା ଅବସରରେ କହିଥିଲେ ଯେ ସମସ୍ତଙ୍କ ସହଯୋଗରେ ଓଡ଼ିଶାର ସ୍ୱାସ୍ଥ୍ୟ ଭିତ୍ତିଭୂମି ସୁଦୃଢ଼ ହେଉଛି। ଗ୍ରାମାଞ୍ଚଳର ସବୁ ପରିବାରକୁ ଅନ୍ତର୍ଭୁକ୍ତ କରିବା ପାଇଁ ଉଦ୍ଦିଷ୍ଟ ବିଏସ୍‌କେୱାଇ ନବୀନ କାର୍ଡକୁ ଆସନ୍ତା ୬ ତାରିଖରେ ମୁଖ୍ୟମନ୍ତ୍ରୀ ସମ୍ବଲପୁରରେ ଶୁଭାରମ୍ଭ କରିବେ। ବ୍ରହ୍ମପୁର, ବୁର୍ଲା ମେଡିକାଲ କଲେଜର ଛାତ୍ରଛାତ୍ରୀମାନଙ୍କୁ ସମ୍ବୋଧିତ କରି ସେ କହିଥିଲେ ଯେ ତାଙ୍କ ଜିଲ୍ଲା ଗସ୍ତ ସମୟରେ ସେମାନେ ଯେଉଁ ପ୍ରସ୍ତାବ ଦେଇଥିଲେ ତାହା ମୁଖ୍ୟମନ୍ତ୍ରୀ ଗ୍ରହଣ କରିଛନ୍ତି ଏବଂ ଶୀଘ୍ର ତାହା ଉପରେ ପଦକ୍ଷେପ ନିଆଯିବ। କାର୍ଯ୍ୟକ୍ରମରେ ବିଲାଙ୍ଗିରରେ ପରିବହନ ମନ୍ତ୍ରୀ ଟୁକୁନି ସାହୁ, ସୁନ୍ଦରଗଡ଼ରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଂଯୋଜକ ଯୋଗେଶ ସିଂ, କଟକରେ ବିଧାୟକ ସୌଭିକ ବିଶ୍ୱାଳ, ବ୍ରହ୍ମପୁରରେ ବିଧାୟକ ବିକ୍ରମ ପଣ୍ଡା ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ସମ୍ପନ୍ନ ପଦକ୍ଷେପକୁ ପ୍ରଶଂସା କରିଥିଲେ। ସେଥିପାଇଁ ମୁଖ୍ୟମନ୍ତ୍ରୀଙ୍କ ପ୍ରତିବଦ୍ଧତାକୁ ଓଡ଼ିଶାବାସୀ କେବେ ଭୁଲିବେ ନାହିଁ। ବିଲାଙ୍ଗିର କିମ୍ବା ସୁନ୍ଦରଗଡ଼ର ନୂଆ ହସ୍ପିଟାଲ କେବଳ ଜିଲ୍ଲାବାସୀଙ୍କୁ ନୁହେଁ ବରଂ ପଡୋଶୀ ରାଜ୍ୟର ଲୋକମାନଙ୍କ ପାଇଁ ମଧ୍ୟ ବରଦାନ ସାଜିବ ବୋଲି କହିଥିଲେ। ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ରୂପାନ୍ତରଣ ପାଇଁ ସେମାନେ ୫-ଟି ଅଧ୍ୟକ୍ଷଙ୍କୁ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ବିଭାଗ ଶାସନ ସଚିବ ଶାଳିନୀ ପଣ୍ଡିତ ସ୍ୱାଗତ ଭାଷଣ ଦେଇଥିବା ବେଳେ ଡିଏମ୍‌ଇଟି ଧନ୍ୟବାଦ ଅର୍ପଣ କରିଥିଲେ।

ଆଜି ଉଦ୍‌ଘାଟିତ ହୋଇଥିବା ଟିଚିଂ ହସ୍ପିଟାଲ ମଧ୍ୟରେ ବଲାଙ୍ଗିରରେ ୬୫୦ ଶଯ୍ୟା ବିଶିଷ୍ଟ ଭୀମଭୋଇ ମେଡିକାଲ କଲେଜ, ବାରିପଦାରେ ୬୫୦ ଶଯ୍ୟା ବିଶିଷ୍ଟ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ, ସୁନ୍ଦରଗଡ଼ରେ ୫୦୦ ଶଯ୍ୟାର ସରକାରୀ ମେଡିକାଲ କଲେଜ, ବାଲେଶ୍ୱରରେ ୬୫୦ ଶଯ୍ୟା ବିଶିଷ୍ଟ ଫକୀର ମୋହନ ମେଡିକାଲ କଲେଜ। ଏଥିସହ କଟକ ଆଚାର୍ଯ୍ୟ ହରିହର କର୍କଟ ହସ୍ପିଟାଲ, ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ କଲେଜ, ରାଉରକେଲା ସରକାର ହସ୍ପିଟାଲ ଓ ବୁର୍ଲା ସ୍ଥିତ ବୀର ସୁରେନ୍ଦ୍ର ସାଏ ମେଡିକାଲ ଓ ଗବେଷଣା ପ୍ରତିଷ୍ଠାନକୁ ବିଶ୍ୱସ୍ତରୀୟ କରିବା ଲାଗି ଭିତ୍ତିପ୍ରସ୍ତର ଦିଆଯାଇଛି।

## ବ୍ରାହ୍ମଣୀରେ ଭାସିଗଲେ...

କାମସାରି ମାରୁତି ଭ୍ୟାନ ଯୋଗେ କଟକ ଫେରୁଥିଲେ। ଦିନ ୧୨ଟା ବେଳେ ଏମାନେ ନିମପୁର (ପୋଖରୀସାହି) ସ୍ୱର ନିକଟରେ ଗଧୋଇବା ପାଇଁ ଗାଡ଼ିକୁ ନଦୀବନ୍ଧ ଉପରେ ରଖି ପାଞ୍ଚଜଣ ଯୁବକ ସ୍ୱର ନିକଟକୁ ଯାଇଥିଲେ। ପାଖରେ ନିମପୁର ଗ୍ରାମର ଦମୟନ୍ତୀ ମଳିକ ଓ ତାଙ୍କ ଅଷ୍ଟମ ଶ୍ରେଣୀରେ ପଢୁଥିବା ପୁଅ ରୁଦ୍ର ସେଠାରେ ଗାଧୋଉଥିଲେ। ନଦୀ ଗଭୀର ଓ ନଦୀରେ କୁମ୍ଭୀର ଅଛି ବୋଲି ଉକ୍ତ ମହିଳା ସେମାନଙ୍କୁ ସତର୍କ କରାଇଥିଲେ। ସେଠାରେ ନଦୀର ଗଭୀର ପ୍ରାୟ ୩୦ଫୁଟ୍ ଥିଲା। ପ୍ରଥମେ ଅଜିତ କୁମାର ନଦୀ ଭିତରକୁ ପଶିଯିବାରୁ ତାଙ୍କ ଗୋଡ଼ ଖସି ଯାଇଥିଲା। ତାଙ୍କୁ ବଞ୍ଚାଇବାକୁ ଜାଭେଦ ହାତ ବଢ଼ାଇବାରୁ ସେ ମଧ୍ୟ ପାଣି ଭିତରକୁ ପଡ଼ି ଯାଇଥିଲେ। ଉଭୟ ଅଥଳ ପାଣି ଭିତରେ ବୁଡ଼ି ଯାଇଥିଲେ। ସେମାନଙ୍କୁ ଧରିବାକୁ ଅନ୍ୟ ଜଣେ ଅସିଫ ଖାଁ ମଧ୍ୟ ପାଣି ଭିତରକୁ ପଶିଯିବାରୁ ସେ ମଧ୍ୟ ବୁଡ଼ି ଯାଇଥିଲେ। ଏହାଦେଖି ରୁଦ୍ର ପାଣି ଭିତରକୁ ତାଙ୍କ ମା'ଙ୍କ ଲୁଗା ପାଇଇ ଦେବାରୁ ଆସିଫ ଲୁଗାକୁ ଧରି ଉପରକୁ ଉଠିଆସିଥିଲେ। ସେତେବେଳେକୁ ଏହି ଦୁଇଜଣ ନଦୀର ଅଥଳ ଗର୍ଭରେ ବୁଡ଼ି ଯାଇଥିଲେ। ସ୍ଥାନୀୟ ଲୋକମାନେ ଦମକଳ ବାହିନୀ ଓ ପୁଲିସକୁ ଖବର ଦେଇଥିଲେ। ଦମକଳ ବାହିନୀ ଖୋଜାଖୋଜି କରିଥିଲେ ମଧ୍ୟ ଅଦ୍ୟାବଧି ସେମାନଙ୍କ ପତ୍ତା ମିଳିପାରି ନାହିଁ। ନିଖୋଜଙ୍କ ପରିବାରକୁ ଖବର ଦିଆଯାଇଛି। ସେମାନେ ଆସନ୍ତାକାଲି ଆସି ପହଞ୍ଚିବେ। ୪ ଜଣ ଯୁବକ ଗ୍ରାମାଞ୍ଚଳ ଥାନାରେ ଆଶ୍ରୟ ନେଇଛନ୍ତି। ପଟ୍ଟାମୁଣ୍ଡାଇ ଥାନା ଆଇଆଇସି ପଦ୍ମାଳୟା ପ୍ରଧାନ ପହଞ୍ଚି ଘଟଣାର ତଦନ୍ତ କରୁଛନ୍ତି। ଅପରପକ୍ଷେ ରୁଦ୍ରଙ୍କ ଉପସ୍ଥିତ ବୁଦ୍ଧି ଯୋଗୁଁ ଗୋଟିଏ ଜୀବନ ବଞ୍ଚି ଯାଇଥିବାରୁ ତାଙ୍କୁ ବିଭିନ୍ନ ମହଲରୁ ସାବାସି ଦିଆଯାଇଛି।

## ଯୁବକକୁ ପିଟିପିଟି...

ଥିବା ନେଇ କହିଥିଲେ। ଯାହାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ ଏହା ଉଗ୍ରରୂପ ନେବାରୁ କିଛି ଯୁବକ ରାମଙ୍କ ଭଉଣୀ ସମେତ ପରିବାରର ୫ ସଦସ୍ୟଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରି ଲହୁଲୁହାଣ କରିଥିଲେ। ଆହତ ପରିବାର ସଦସ୍ୟମାନେ ଡାକ୍ତରଖାନାରୁ ଫେରିବା ପରେ ଦୁର୍ବୃତ୍ତମାନେ ପୁଣି ରାମଙ୍କୁ ସଂଘବଦ୍ଧ ଆକ୍ରମଣ କରିଥିଲେ। ରାମଙ୍କ ମୁଣ୍ଡକୁ ମାରଣାସ୍ତ୍ର ଓ ପଥରରେ ଆକ୍ରମଣ କରିଥିଲେ। ଏଥିରେ ରାମଙ୍କ ମୁଣ୍ଡରୁ ପ୍ରବଳ ରକ୍ତସ୍ରାବ ହେବା ସହ ସେ ଘଟଣାସ୍ଥଳରେ ହିଁ ଟଳି ପଡ଼ିଥିଲେ। ପରେ ତାଙ୍କୁ ଉଦ୍ଧାର କରି ପିଆରଏମ୍ ମେଡିକାଲ କଲେଜ ଏବଂ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ହେଲେ ଡାକ୍ତର ମୃତ ଘୋଷଣା କରିଥିଲେ। ଖବର ପାଇ ପରିବାରଲୋକେ ଥାନା ସମ୍ମୁଖରେ ପହଞ୍ଚି ପାଟିତୁଣ୍ଡ କରିବା ସହ ଧାରଣା ଦେଇଥିଲେ। ମୃତକଙ୍କ ପରିବାରଲୋକେ ଥାନା ପରିସରକୁ ବୋତଲ ଓ ପଥର ଫୋପାଡ଼ିଥିଲେ। ଏହାର କିଛି ସମୟ ପରେ ପରିବାରଲୋକେ ଟାଉନ ଥାନା ମଧ୍ୟକୁ ଧସେଇ ପଶିବାକୁ ଚେଷ୍ଟା କରିବାରୁ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ଥାନା ଅଧିକାରୀ ସୁମିତ କୁମାର ସୋରେନ ମୃତକଙ୍କ ପରିବାରଲୋକଙ୍କୁ ବୁଝାସୁଝା କରିବା ପରେ ସ୍ଥିତି ଶାନ୍ତ ପଡ଼ିଥିଲା। ଉକ୍ତ ଘଟଣାକୁ ନେଇ ବାରିପଦା ଟାଉନ ଥାନାରେ ପୃଥକ ମାମଲା ରୁଜୁ ହେବା ସହିତ ୪ ଜଣକୁ ଅଟକ ରଖି ପଚରାଉଚରା ଜାରି ରଖିଛି ପୁଲିସ। ସେମାନେ ହେଲେ, ଶୁନଗଡ଼ିଆ ଅଞ୍ଚଳର ଦିପୁ ମୁଖି ଏବଂ ଶେଖ୍ ସମସେର୍। ଅନ୍ୟ ଦୁଇଜଣଙ୍କ ପରିଚୟ ମିଳିପାରିନାହିଁ।

# ଗୁପ୍ତ ମଣି

# ଓଡ଼ିଶା





## ପାହାଡ଼ ଭିତରେ ରତ୍ନ; ରତ୍ନଗିରି

ରତ୍ନଗିରିର ଅର୍ଥ ହେଉଛି ପାହାଡ଼ ମଧ୍ୟରେ ବା ଗିରି ଭିତରେ ରତ୍ନ। ୧୯୦୫ରେ ଏମ୍‌ଏମ୍ ଚକ୍ରବର୍ତ୍ତୀଙ୍କ ସମୟରେ ରତ୍ନଗିରି ଲୋକଲୋଚନକୁ ଆସିଥିଲା। ୧୯୫୮ ରୁ ୧୯୬୧ ମସିହା ଭିତରେ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା ବା ଏଏସ୍‌ଆଇ ଦ୍ୱାରା ଏହାର ଖନନ ସମୟରେ ଅନେକ ବୌଦ୍ଧ ସ୍ତୂପ ଓ ଅନ୍ୟାନ୍ୟ କୀର୍ତ୍ତିରାଜିକୁ ଉଦ୍ଧାର କରାଯାଇଥିଲା। କୁହାଯାଏ ପ୍ରାୟ



୬ଷ୍ଠ ଶତାବ୍ଦୀରେ ଭୌମ କରଙ୍କ ସମୟରେ ଏହାର ନିର୍ମାଣ ଆରମ୍ଭ କରାଯାଇ ଦ୍ୱାଦଶ ଶତାବ୍ଦୀ ପର୍ଯ୍ୟନ୍ତ ଚାଲିଥିଲା। ସେତେବେଳେ ସେ ଯାଜପୁରକୁ ନିଜର ରାଜଧାନୀ କରିଥିବା ଜଣାଯାଏ। ଏହା ସେତେବେଳେ ପୁଷ୍ପ ବିହାର ଭାବେ ପରିଚିତ ଥିଲା। ନାଳନ୍ଦା ବିଶ୍ୱବିଦ୍ୟାଳୟ ଭଳି ଏଠାରେ ମଧ୍ୟ ପୁଷ୍ପଗିରି ବିଶ୍ୱବିଦ୍ୟାଳୟ ରହିଥିବା ଅନେକ ଗବେଷକ ମତ ଦିଅନ୍ତି। ୧୩ତମ ଶତାବ୍ଦୀ ବେଳକୁ ଏଠାରେ ମୋଗଲ ଶାସନ ସମୟରେ ରତ୍ନଗିରିରେ ରହିଥିବା ବୌଦ୍ଧ ସ୍ତୂପ ଓ ଗୁମ୍ଫାଗୁଡ଼ିକୁ ନଷ୍ଟ କରାଯାଇଥିଲା। ଏଠାରେ ଥିବା ବୁଦ୍ଧଙ୍କ ଭୂମିପ୍ରସ୍ଥ ମୂର୍ତ୍ତି ଏବଂ ଏହାର ଉଭୟ ପଟରେ ପଦ୍ମପାଣି ଏବଂ ବଜ୍ରପାଣି ଚାମର ଧରି ଠିଆ ହେବା ଦେଖିବାକୁ ମିଳେ। ଖନନ ସମୟରେ ଏଠାରୁ ପଥର ଏବଂ ବ୍ରୋଞ୍ଜରେ ନିର୍ମିତ ବୁଦ୍ଧଙ୍କ ମୂର୍ତ୍ତି ମିଳିବା ସହିତ ତାରା, ଲୋକେସାରା, ବଜ୍ରପାଣି, ପଦ୍ମପାଣି, ଅପରାଜିତା, ହେରୁକା, ସମ୍ବାରା, ହରିଫିଂ, ମଞ୍ଜୁଶ୍ରୀ ଇତ୍ୟାଦି ବୁଦ୍ଧ ଦେବତାଙ୍କ ମୂର୍ତ୍ତି ମିଳିଥିଲା। ସେହିପରି ଏହି ଖନନ ସମୟରେ ଇଟାରେ ନିର୍ମିତ ଆକର୍ଷଣୀୟ ଗୃହ ମଧ୍ୟ ଠାବ କରାଯାଇଥିଲା। ଏସବୁ କୀର୍ତ୍ତିରାଜିକୁ ନେଇ ଏଠାରେ ଏକ ସଂଗ୍ରହାଳୟ ରହିଛି।

## ସୂର୍ଯ୍ୟୋଦୟ ପାହାଡ଼: ଉଦୟଗିରି

୩୨୫.୪୯ ଏକର ପରିବ୍ୟାପ୍ତ ଉଦୟଗିରିକୁ ସୂର୍ଯ୍ୟୋଦୟ ପାହାଡ଼ ବା ସନ୍ ରାଇଜ୍ ହିଲ୍ ମଧ୍ୟ କୁହାଯାଏ। ଏହା ବିରୁପା ନଦୀର ଡାହାଣ ପାର୍ଶ୍ୱରେ ଅବସ୍ଥିତ। ଏଠାରେ ମଧ୍ୟ ଅନେକ ବିରଳ ବୁଦ୍ଧ ମୂର୍ତ୍ତି ଓ କୀର୍ତ୍ତିରାଜି ରହିଛି। ବିଶ୍ୱ ବିଖ୍ୟାତ ବୌଦ୍ଧପୀଠ ଉଦୟଗିରିଠାରେ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ) ପକ୍ଷରୁ ବିଧିବଦ୍ଧ ଖନନ ପୂର୍ବରୁ



୧୯୭୧ ମସିହାରେ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ସେଠାରେ ଥିବା ଏକ ବିଶାଳ ସ୍ତୂପର ପୂର୍ବପଟ ଖୋଳିଥିଲା। ଏହାକୁ ୧୯୩୭ ମସିହାରୁ ଏଏସ୍‌ଆଇ ରକ୍ଷଣାବେକ୍ଷଣ କରୁଛି। ଏଠାରେ ମଧ୍ୟ ୧୯୮୫ରୁ ଏଏସ୍‌ଆଇ ପକ୍ଷରୁ ଖନନ ଆରମ୍ଭ କରାଯାଇ ୧୯୮୯ ପର୍ଯ୍ୟନ୍ତ ଚାଲିଥିଲା। ପରେ ୧୯୯୭ରୁ ୨୦୦୩ ମସିହା ପର୍ଯ୍ୟନ୍ତ ଏହାର ଖନନ କରାଯାଇଥିଲା। ଏହି ସମୟରେ ବଡ଼ବଡ଼ ବୌଦ୍ଧ ଭିକ୍ଷୁଙ୍କ ବାସସ୍ଥାନ ଏବଂ ପୂର୍ବ ମୁଖା ବୌଦ୍ଧ ମୂର୍ତ୍ତି ଉଦ୍ଧାର କରାଯାଇଥିଲା। ଏଥିସହିତ ଅନେକ ପ୍ରାର୍ଥନା ଗୃହରେ ଭୂମିପ୍ରସ୍ଥ ବୌଦ୍ଧ ମୂର୍ତ୍ତି ମଧ୍ୟ ଠାବ କରାଯାଇଥିଲା। ୧୯୯୭ରେ ହୋଇଥିବା ଖନନ ସମୟରେ ଦୁଇ ମହଲା ବିଶିଷ୍ଟ ଇଟାରେ ନିର୍ମିତ ଘର, ପଥର, ଟେରାକୋଟା, ଧାତୁ ମଧ୍ୟ ଦେଖିବାକୁ ମିଳିଥିଲା।

## ଲଳିତଗିରିରେ ବୌଦ୍ଧ ସଂଗ୍ରହାଳୟ

ସେହିଭଳି ବିଶ୍ୱବିଖ୍ୟାତ ବୌଦ୍ଧପୀଠ ଲଳିତଗିରିଠାରେ ଏଏସ୍‌ଆଇ ଉତ୍‌ଖନନର ବହୁ ପୂର୍ବରୁ ୧୯୭୭ ମସିହାରେ ଉତ୍କଳ ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗର ଗବେଷକ ଛାତ୍ରମାନେ ଏହାର ଚୈତ୍ୟଗୃହ ସଂଲଗ୍ନ ଅଞ୍ଚଳକୁ ମଧ୍ୟ ଖନନ କରିଥିଲେ। ଲଳିତଗିରି ପାହାଡ଼ର ପାଦଦେଶରେ ନିର୍ମିତ ହୋଇଛି ଲଳିତଗିରି ବୌଦ୍ଧ ସଂଗ୍ରହାଳୟ। ଏଏସ୍‌ଆଇ ଦ୍ୱାରା ପ୍ରାୟ ୧୦ କୋଟି ଟଙ୍କାରେ ନିର୍ମିତ ଏହି ସଂଗ୍ରହାଳୟରେ ବୁଦ୍ଧ ମୂର୍ତ୍ତି, ବିଭିନ୍ନ ପାତ୍ର, ଟେରାକୋଟା, ପଥର କାରିଗରୀ ରଖାଯାଇଛି। ପାହାଡ଼ରୁ ଉଦ୍ଧାର ସାମଗ୍ରୀକୁ ଏଠାରେ ସଂରକ୍ଷିତ କରି ରଖାଯାଇଛି। ତୃତୀୟରୁ ଏକାଦଶ ଶତାବ୍ଦୀ ମଧ୍ୟରେ ମିଳିଥିବା ବିଭିନ୍ନ ସାମଗ୍ରୀ ଏବଂ ବୁଦ୍ଧଙ୍କ ବୋଧିସତ୍ତ୍ୱ, ଜମ୍ଭାଲା, ବସୁଧାରା ମୁଦ୍ରାର ପ୍ରତିମୂର୍ତ୍ତି ଏଠାରେ ରଖାଯାଇଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଖନନ ସମୟରେ ଉଦ୍ଧାର ହୋଇଥିବା ବୁଦ୍ଧଙ୍କ ଦେହାଂଶ ମଧ୍ୟ ସଂଗ୍ରହାଳୟରେ ପ୍ରତିଷ୍ଠା ହୋଇଛି।

## ବିଶ୍ୱ ଐତିହ୍ୟରେ

# ହୀରକ ତ୍ରିଭୁଜ

**ଖ୍ରୀଷ୍ଟପୂର୍ବ ଷଷ୍ଠ ଶତାବ୍ଦୀରୁ ୧୫/୧୬ତମ ଶତାବ୍ଦୀ ପର୍ଯ୍ୟନ୍ତ ଓଡ଼ିଶାରେ ବୌଦ୍ଧ ଧର୍ମର ପ୍ରଚାର ପ୍ରସାର ସମୟରେ ଯାଜପୁର ଜିଲ୍ଲାର ରତ୍ନଗିରି ଏବଂ ଉଦୟଗିରିରେ ଅନେକ କୀର୍ତ୍ତିରାଜି ସ୍ଥାପନ କରାଯାଇଛି। ଏହାର ଅଳ୍ପଦୂରରେ ଥିବା ଲଳିତଗିରିରେ ମଧ୍ୟ ବୁଦ୍ଧଙ୍କ ଦେହାଂଶକୁ ସଂରକ୍ଷିତ କରାଯାଇଛି। ଯଦିବା ଲଳିତଗିରି ଏବେ କଟକ ଜିଲ୍ଲାରେ ରହିଛି, ତେବେ ଉକ୍ତ ୩ଟି ବୌଦ୍ଧ କୀର୍ତ୍ତିରାଜି ଅଞ୍ଚଳକୁ ହୀରକ ତ୍ରିଭୁଜର ମାନ୍ୟତା ମିଳିଛି।**

ଯାଜପୁରରୁ ସନ୍ଦୀପ୍ତ ରାୟଙ୍କ ରିପୋର୍ଟ

### ଓଡ଼ିଶାରେ ବୌଦ୍ଧ ଧର୍ମର ପ୍ରଭାବ

ଓଡ଼ିଶାରେ ୨୦୦ରୁ ଅଧିକ ବୌଦ୍ଧ ପର୍ଯ୍ୟଟନସ୍ଥଳ ମଧ୍ୟରେ ଯାଜପୁର ଜିଲ୍ଲାର ଲାଙ୍ଗୁଡ଼ି ପାହାଡ଼ ସମେତ ବିଭିନ୍ନ ସ୍ଥାନରେ ବୌଦ୍ଧ କୀର୍ତ୍ତିରାଜି ଦେଖିବାକୁ ମିଳେ। ବିଶ୍ୱବିଖ୍ୟାତ ବୌଦ୍ଧ ପର୍ଯ୍ୟଟନ କ୍ଷେତ୍ର 'ହୀରକ ତ୍ରିଭୁଜ' (ଲଳିତଗିରି-ରତ୍ନଗିରି-ଉଦୟଗିରି) ବୌଦ୍ଧ ସର୍କିଟ୍ ଭାବରେ ପ୍ରସିଦ୍ଧ ଅର୍ଜନ କରିଛି। ଅବିଭକ୍ତ କଟକ ଜିଲ୍ଲାରେ ଗଢ଼ିଉଠିଥିଲା ତତ୍କାଳୀନ ବିଶ୍ୱପ୍ରସିଦ୍ଧ ପ୍ରମୁଖ ବୌଦ୍ଧ ମହାବିହାର 'ପୁଷ୍ପଗିରି'। ଯାହାଥିଲା ଲଳିତଗିରି-ଉଦୟଗିରି-ରତ୍ନଗିରି ତିନି ବୌଦ୍ଧପୀଠ ସମ୍ମିଶ୍ରଣର ଏକ ସଂଯୁକ୍ତ ବୌଦ୍ଧସ୍ଥଳୀ।

### ସଂରକ୍ଷଣର ଅଭାବ



ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା(ଏଏସ୍‌ଆଇ) ଉତ୍‌ଖନନ କରି ଅନେକ ବିରଳ ଓ ଦୁର୍ମୂଲ୍ୟ ବୌଦ୍ଧ କୀର୍ତ୍ତିରାଜିକୁ ଲୋକଲୋଚନକୁ ଆଣିପାରିଛନ୍ତି କିନ୍ତୁ ପରେ ଏସବୁର ସଂରକ୍ଷଣ ଅଭାବରୁ ଦେଶର ଏହି ଜାତୀୟ ସଂରକ୍ଷିତ କୀର୍ତ୍ତିରାଜି ଏବେ ମଧ୍ୟ ଅବହେଳିତ ଅବସ୍ଥାରେ ରହିଛି। ଯାଜପୁର ଜିଲ୍ଲାର ବଡ଼ଚଣା ବ୍ଲକ ବିଶ୍ୱବିଖ୍ୟାତ ବୌଦ୍ଧପୀଠ ଉଦୟଗିରିରୁ ଆବିଷ୍କୃତ ମାଧବପୁର ମହାବିହାର ଓ ସିଂହପ୍ରସ୍ଥ ବୌଦ୍ଧ ମହାବିହାର ଏହାର ଏକ ଉଦାହରଣ। ପଞ୍ଚରଥ ଶୈଳୀରେ ନିର୍ମିତ ସିଂହପ୍ରସ୍ଥ ମହାବିହାରର ଇଟା ନିର୍ମିତ ପ୍ରକୋଷ୍ଠର ଭାଙ୍ଗିଯାଇଥିବା ଦ୍ୱାରବନ୍ଧକୁ ଏବେ ଯୋଡ଼ାଯାଇଛି ଏବଂ ଏହାର ଭଗ୍ନ ଅଗଣାକୁ ମଧ୍ୟ ଇଟା ଆଚ୍ଛାଦିତ କରାଯାଇଛି। ସେହିଭଳି ଅଶୀଦଶକ ଶେଷ ଭାଗରେ ଆବିଷ୍କୃତ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୌଦ୍ଧ କୀର୍ତ୍ତିରାଜି ଚୈତ୍ୟଗୃହ ପରିମଣ୍ଡଳ ମଧ୍ୟରୁ ମୂର୍ତ୍ତି ଚୋରି ହେବା ସହ ତାହା ମଧ୍ୟ ଭାଙ୍ଗିରୁଜି ଗଲାଣି। ପ୍ରାଚୀନ ଉତ୍କଳର ଏହି ଗୌରବମଣ୍ଡିତ ବୌଦ୍ଧ କୀର୍ତ୍ତିରାଜିର ସ୍ମାରକୀଗୁଡ଼ିକ ଅବ୍ୟବସ୍ଥିତ ଓ ଅସୁରକ୍ଷିତ ଅବସ୍ଥାରେ ପଡ଼ିରହିଛି।



## ବୌଦ୍ଧ ପର୍ଯ୍ୟଟନସ୍ଥଳର ବିକାଶ ଲୋଡ଼ା

ଦେଶର ବୌଦ୍ଧ ପର୍ଯ୍ୟଟନ ମାନଚିତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ଲାଭ କରିଥିବା ରାଜ୍ୟର 'ହୀରକ ତ୍ରିଭୁଜ' ବୌଦ୍ଧପୀଠଗୁଡ଼ିକର ବିକାଶ ଏବେ ପଛରେ ପଡ଼ିଯାଇଛି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ଏବଂ ସଂସ୍କୃତି ବିଭାଗର ଅଣଦେଖା ଏବେ ରତ୍ନଗିରି-ଉଦୟଗିରି-ଲଳିତଗିରି-ଲାଙ୍ଗୁଡ଼ି ଭଳି ବହୁ ପୁରାତନ ବୌଦ୍ଧ ଐତିହ୍ୟସ୍ଥଳର ଭବିଷ୍ୟତକୁ ଦିଶାହୀନ କରିଛି ବୋଲି ଆଲୋଚନା ହେଉଛି।



ପୂର୍ବରୁ ଓଡ଼ିଶାର 'ହୀରକ ତ୍ରିଭୁଜ' ଲଳିତଗିରି-ରତ୍ନଗିରି-ଉଦୟଗିରି ବୌଦ୍ଧପୀଠ ମଧ୍ୟରୁ ଉଦୟଗିରି ବୌଦ୍ଧବିହାର ଠାରେ ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ ୨୦୧୩, ୨୦୧୪, ୨୦୧୫ ଓ ୨୦୧୭ ମସିହାରେ ଆନ୍ତର୍ଜାତିକ ବୌଦ୍ଧ ସମ୍ମିଳନୀର ଆୟୋଜନ କରିଥିଲା। ଚାରିବର୍ଷ ଧରି ଆୟୋଜିତ ଏହି ସମ୍ମିଳନୀରେ ଦେଶ ବିଦେଶର ବହୁ ବୌଦ୍ଧ ପଣ୍ଡିତ, ବୌଦ୍ଧଭିକ୍ଷୁ, ପର୍ଯ୍ୟଟକ ଓ ଟୁର୍ ଅପରେଟର୍ ଯୋଗଦେଇ ଓଡ଼ିଶାର ଏହି ପ୍ରମୁଖ ବୌଦ୍ଧକ୍ଷେତ୍ରଗୁଡ଼ିକ ସମ୍ପର୍କରେ ଭାବର ଆଦାନପ୍ରଦାନ କରିଥିଲେ। ସମ୍ମିଳନୀ ସମୟରେ ଭାରତ ସରକାରଙ୍କ ରେଳ ଓ ପର୍ଯ୍ୟଟନ ମନ୍ତ୍ରାଳୟର ସହଭାଗିତାରେ ସମ୍ପୃକ୍ତ ଅଞ୍ଚଳ ନିକଟକୁ 'ମହା ପରିନିର୍ବାଣ ଏକ୍ସପ୍ରେସ୍' ରେଳଗାଡ଼ି ବୌଦ୍ଧ ପର୍ଯ୍ୟଟକ, ଟୁର୍ ଅପରେଟର୍ ଓ ଜାତୀୟ ଗଣମାଧ୍ୟମଗୁଡ଼ିକୁ ନେଇ ଆସିଥିଲା। ଆୟୋଜିତ ଏହି ଆନ୍ତର୍ଜାତିକ ସମ୍ମିଳନୀ ବନ୍ଦ ହୋଇଯାଇଥିଲେ ମଧ୍ୟ ଏହାପରେ ଓଡ଼ିଶାକୁ ଆନ୍ତର୍ଜାତିକ ପର୍ଯ୍ୟଟକମାନଙ୍କ ସଂଖ୍ୟା ବଢ଼ିଥିଲା। ପରବର୍ତ୍ତୀ ସମୟରେ ପୀଠଗୁଡ଼ିକର ଆନୁସଙ୍ଗିକ ବିକାଶ ସହିତ ଏହାକୁ ଆକର୍ଷଣୀୟ ବୌଦ୍ଧ ପର୍ଯ୍ୟଟନ କ୍ଷେତ୍ରରେ ପରିଣତ କରିବାକୁ କୌଣସି ମାଷ୍ଟର ପ୍ଲାନ୍ କରାଯାଇ ନାହିଁ।

ରତ୍ନଗିରି ଓ ଲଳିତଗିରି ଖନନ ସମୟରେ ମିଳିଥିବା ବିଭିନ୍ନ ମୂର୍ତ୍ତି ଓ ଅନ୍ୟାନ୍ୟ ସାମଗ୍ରୀର ସଂରକ୍ଷଣ ପାଇଁ ସଂଗ୍ରହାଳୟ ଖୋଲାଯାଇଛି। କିନ୍ତୁ ଉଦୟଗିରିରେ ଆଜି ପର୍ଯ୍ୟନ୍ତ ପ୍ରତିଷ୍ଠା ହୋଇପାରିନି ବୌଦ୍ଧ ଐତିହ୍ୟ ସଂଗ୍ରହଳାୟ। ଉଦୟଗିରି ବୌଦ୍ଧକ୍ଷେତ୍ରରୁ ବିପୁଳ ପରିମାଣର କୀର୍ତ୍ତିରାଜି ଆବିଷ୍କୃତ ହୋଇ ସଂଗ୍ରହାଳୟ ଅଭାବରୁ ତାହାକୁ

### ଉଦୟଗିରିରେ ସଂଗ୍ରହାଳୟ କେବେ ?

ଏଏସ୍‌ଆଇର ଭୁବନେଶ୍ୱର କାର୍ଯ୍ୟାଳୟ ଗୋଦାମ ଘରେ ବର୍ଷବର୍ଷ ଧରି ଗଦାକରି ରଖାଯାଇଛି। ଏଏସ୍‌ଆଇର ପ୍ରାକ୍ତନ ମହାନିର୍ଦ୍ଦେଶକ ପ୍ରଫେସର୍ କିଶୋର କୁମାର ବାସା ଦାୟିତ୍ୱ ଗ୍ରହଣ ପରେ ଉଦୟଗିରି ବୌଦ୍ଧପୀଠ ପରିଦର୍ଶନରେ ଆସି ଏଠାରେ ଏକ ସୁନ୍ଦର ବୌଦ୍ଧ ସଂଗ୍ରହାଳୟ ପ୍ରତିଷ୍ଠା ପାଇଁ ବ୍ୟକ୍ତିଗତ ଭାବେ ଉଦ୍ୟମ କରିଥିଲେ ମଧ୍ୟ ଏହି ଯୋଜନା ଏବେ ସ୍ଥଗିତ ରହିଥିବା ଜଣାପଡ଼ିଛି।







ପୂର୍ବଭାରତର ଏହି ପ୍ରମୁଖ ତିନି ବୌଦ୍ଧପୀଠ ସମୂହର ଗୁରୁତ୍ୱପୂର୍ଣ୍ଣ ଅବସ୍ଥିତି ଏବଂ ସେଠାରୁ ଆବିଷ୍କୃତ ବୌଦ୍ଧ କୀର୍ତ୍ତିଗୁଡ଼ିକ ପାଇଁ ଲଳିତଗିରି-ରତ୍ନଗିରି-ଉଦୟଗିରି ବୌଦ୍ଧପୀଠ ଇଲାକା ବିଶ୍ୱ ଐତିହ୍ୟ କୀର୍ତ୍ତି ଭାବେ ମାନ୍ୟତା ପାଇବା କଥା। କିନ୍ତୁ ତାହା ହୋଇପାରିନାହିଁ। ଏ ଦିଗରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ବିଶ୍ୱ ଐତିହ୍ୟ କୀର୍ତ୍ତିରାଜିରେ ସାମିଲ ହେଲେ ପର୍ଯ୍ୟଟକ, ଗବେଷକ ଓ ବୌଦ୍ଧ ଧର୍ମାବଲମ୍ବୀଙ୍କ ପାଇଁ ପ୍ରମୁଖ କେନ୍ଦ୍ର ଭାବରେ ପରିଣତ ହୋଇପାରିବ।

- ଶୁଭେନ୍ଦୁ କୁମାର ଭୂୟାଁ
ସଦସ୍ୟ, ଜିଲ୍ଲା ସଂସ୍କୃତି ପରିଷଦ, ଯାଜପୁର

ବୌଦ୍ଧପୀଠ ରତ୍ନଗିରି-ଉଦୟଗିରି-ଲଳିତଗିରି ବିଶ୍ୱ ଐତିହ୍ୟ ସ୍ମାରକୀ ଭାବେ ମାନ୍ୟତା ପାଇବା ପାଇଁ ସମସ୍ତ ଯୋଗ୍ୟତାର ମାନଦଣ୍ଡ ପୂରଣ କରୁଛି। ଏ ଦିଗରେ ଉଭୟ ସରକାର ଏବଂ ସର୍ବୋପରି ଓଡ଼ିଶାବାସୀ ଉଦ୍ୟମ କଲେ ଭଲ ହେବ। ବୌଦ୍ଧ ଐତିହ୍ୟ କ୍ଷେତ୍ରରେ ଏହି ତିନୋଟି ବୌଦ୍ଧବିହାରକୁ ଏକତ୍ର ଭାବରେ ନେଇ କିମ୍ବା କୌଣସି ଗୋଟିଏ ବୌଦ୍ଧପୀଠ ଏହି ବିଶ୍ୱ ଐତିହ୍ୟ କୀର୍ତ୍ତି ଭାବେ ନିଆଗଲେ ଭଲ ହେବ।

- ଡକ୍ଟର କିଶୋର କୁମାର ବସା
ଅଧ୍ୟକ୍ଷ, ରାଷ୍ଟ୍ରୀୟ ସ୍ମାରକୀ ପ୍ରାଧିକରଣ, ନୂଆଦିଲ୍ଲୀ ତଥା ପୂର୍ବତନ ମହାନିର୍ଦ୍ଦେଶକ, ଏଏସ୍‌ଆଇ, ନୂଆଦିଲ୍ଲୀ



ବୌଦ୍ଧ ପର୍ଯ୍ୟଟନ କେନ୍ଦ୍ରଗୁଡ଼ିକର ଉପଯୁକ୍ତ ବିକାଶ ଓ ଦେଶ ବିଦେଶରେ ଏହାର ପ୍ରଚାର-ପ୍ରସାର ପାଇଁ ଯେଭଳି ଉଦ୍ୟମ କରିବା କଥା ତାହା ଏଠାରେ ହୋଇପାରି ନାହିଁ। ଏଠାରେ ଏକ ସଂଗ୍ରହାଳୟ ହେବା ପାଇଁ ଦୀର୍ଘବର୍ଷ ହେଲା ଦାବି ହୋଇଆସୁଛି। ଅନ୍ୟ ପର୍ଯ୍ୟଟନସ୍ଥଳୀ ଭଳି ଏଠାରେ ଅତ୍ୟାଧୁନିକ ବ୍ୟବସ୍ଥା ଆରମ୍ଭ କରାଯାଇପାରି ନାହିଁ।

- ଡଃ ଅରୁନ୍ଧତୀ ଦେବୀ
ନିର୍ଦ୍ଦେଶିକା, ଅନ୍ତର୍ଜାତୀୟ ଶୋଭନୀୟ ଆନ୍ଦୋଳନ



ରତ୍ନଗିରି, ଉଦୟଗିରି ଏବଂ ଲଳିତଗିରିରେ ଗବେଷକ, ବୌଦ୍ଧ ପର୍ଯ୍ୟଟକଙ୍କ ଭିଡ଼ ଜମୁଛି, କିନ୍ତୁ ସେମାନଙ୍କ ପାଇଁ ଅଭ୍ୟର୍ଥନା ପାଇଁ କୌଣସି ସୁବିଧା ନାହିଁ। ଏଠାରେ ଯେଉଁକିଛି ଉନ୍ନୟନମୂଳକ ସରକାରଙ୍କ ପକ୍ଷରୁ କରାଯାଉଛି ତା'ର ରକ୍ଷଣାବେକ୍ଷଣ ଅଭାବରୁ ତାହା ନଷ୍ଟ ହୋଇଯାଉଛି। ପତରାଜପୁର ଠାରେ ନିର୍ମାଣ କରାଯାଇଥିବା ନିର୍ବାଣ ଓ ପର୍ଯ୍ୟଟନ ଅଭ୍ୟର୍ଥନା କେନ୍ଦ୍ର ଭାଙ୍ଗିରୁଜି ଭୂତକୋଠିରେ ପରିଣତ ହୋଇଯାଇଛି।

- ମହେଶ୍ୱର ବଳ
ଆବାହକ, ଉଦୟଗିରି ବୁଦ୍ଧ ମହୋତ୍ସବ ସମିତି

## ମେଡିକାଲ୍ କଲେଜକୁ ପୁରିଲା ୮ ବର୍ଷ

କୋରାପୁଟ ମେଡିକାଲ କଲେଜ ପ୍ରତିଷ୍ଠା ହେବାର ମାତ୍ର ୮ ବର୍ଷ ହୋଇଛି । ୨୦୧୬ରେ କଲେଜ ପ୍ରତିଷ୍ଠା ହେଲା, କିନ୍ତୁ ଶିକ୍ଷାଦାନ ୨୦୧୭-୧୮ ରୁ ହୋଇଥିଲା । ଏହା ମଧ୍ୟରେ କୋରାପୁଟ ମେଡିକାଲ କଲେଜରୁ ଦୁଇଟି ବ୍ୟାଚ୍ ପାସ୍ଆଉଟ୍ ହୋଇ ବିଭିନ୍ନ ସ୍ଥାନରେ ନିଯୁକ୍ତି ପାଇଥିବା ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଅଧ୍ୟକ୍ଷ ପ୍ରଫେସର୍ ଡ଼ାକ୍ତର ସଦାନନ୍ଦ ରଥ ସୂଚନା ଦେଇଛନ୍ତି । ଅବିଭକ୍ତ କୋରାପୁଟ ଜିଲ୍ଲା ପାଇଁ ମେଡିକାଲ୍ କଲେଜର ଆବଶ୍ୟକତା ରହିଥିଲା ତେଣୁ ତା'ର ଗୁରୁତ୍ୱ ଉପଲବ୍ଧ ଅନୁଭବ କରି ରାଜ୍ୟ ସରକାର କୋରାପୁଟକୁ ଚୟନ କରିଛନ୍ତି ବୋଲି ପ୍ରଫେସର୍ ରଥ କହିଛନ୍ତି । ଅଶୀ ଦଶକରେ ସେ ରାୟଗଡ଼ା ଜିଲ୍ଲା କଳନରା (ଅବିଭକ୍ତ କୋରାପୁଟର ଏକ ଅଂଶ) ହସ୍ପିଟାଲରେ ଡାକ୍ତର ଚାକିରି ଆରମ୍ଭ କରିଥିଲେ । ସେହି ସମୟରେ ଏହି ଅଞ୍ଚଳରେ ଚିକିତ୍ସା ସେବା ବୋଲି ସେମିତି କିଛି ନ ଥିଲା । ଲୋକେ ରୋଗରେ ପଡ଼ିଲେ ଡାକ୍ତରଖାନା ଯିବା ବଦଳରେ ସ୍ଥାନୀୟ ଦିଶାରି କିମ୍ବା ଗୁଣିଆ ପାଖକୁ ଯାଇ ଝଡ଼ାଫୁଙ୍କା କରୁଥିଲେ । ବର୍ତ୍ତମାନ ଲୋକେ ସଚେତନ ହେବା ସହ ସରକାରୀ ହସ୍ପିଟାଲଗୁଡ଼ିକରେ ଅତ୍ୟାଧୁନିକ ଚିକିତ୍ସା ବ୍ୟବସ୍ଥା ମିଳୁ ଥିବାରୁ ସମସ୍ତେ ସରକାରୀ ହସ୍ପିଟାଲ୍କୁ ଯାଉଛନ୍ତି ବୋଲି କହିଛନ୍ତି ପ୍ରଫେସର୍ ରଥ । ତେଣୁ କୋରାପୁଟ ମେଡିକାଲ କଲେଜ ଓ ହସ୍ପିଟାଲ ଉପରେ ମଧ୍ୟ ଲୋକଙ୍କ ଆସ୍ଥା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି ।









# ଉପାନ୍ତ ଓଡ଼ିଶାର ବୈଦ୍ୟଶାଳା

## ସହିଦ ଲକ୍ଷ୍ମଣ ନାୟକ ମେଡିକାଲ୍ କଲେଜ

ଆଦିବାସୀ ବହୁଳ ଅବିଭକ୍ତ କୋରାପୁଟ ଜିଲ୍ଲାରେ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାରେ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ଭେଷଜ ମହାବିଦ୍ୟାଳୟ ଓ ହସ୍ପିଟାଲ ଆଜି ମାଇଲଖୁଣ୍ଟ ସାଜିଛି । ପୂର୍ବରୁ ଲୋକେ ଅତି ସାଧାରଣ ଚିକିତ୍ସା ନିମନ୍ତେ ଜିଲ୍ଲା କିମ୍ବା ରାଜ୍ୟ ବାହାରକୁ ଯାଉଥିଲେ । କିନ୍ତୁ ମେଡିକାଲ କଲେଜ ସ୍ଥାପନା ପରେ କୋରାପୁଟ, ରାୟଗଡ଼ା, ମାଲକାନଗିରି, ନବରଙ୍ଗପୁର ଜିଲ୍ଲାର ଲୋକଙ୍କୁ ସାଧାରଣ ଚିକିତ୍ସା ପାଇଁ ଆଉ ଅନ୍ୟତ୍ର ଯିବାକୁ ପଡୁନି । ଅଧିକାଂଶ ରୋଗୀ କୋରାପୁଟ ମେଡିକାଲ କଲେଜ ଓ ହସ୍ପିଟାଲରେ ଉତ୍ତମ ଚିକିତ୍ସା ପାଇ ସୁସ୍ଥ ହେଉଥିବା ନଜିର ଆସିଛି । ମେଡିକାଲ କଲେଜ ପ୍ରତିଷ୍ଠା ହେବାର ମାତ୍ର ୭ ବର୍ଷ ମଧ୍ୟରେ ଆଦିବାସୀ ଅଧ୍ୟୁଷିତ ଉପାନ୍ତ ଅଞ୍ଚଳରେ କୋରାପୁଟ ମେଡିକାଲ କଲେଜ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି । ଗତ ଦୁଇ ବର୍ଷରେ କୋରାପୁଟ ମେଡିକାଲ କଲେଜ ଓ ହସ୍ପିଟାଲରେ କେତେକ ବିରଳ ଅସ୍ତ୍ରୋପଚାର କରାଯାଇ ଲୋକଙ୍କ ଆସ୍ଥାଭାଜନ ହେବାକୁ ଉଦ୍ୟମ କରାଯାଇଛି ।

କୋରାପୁଟରୁ ସୁବୋଧ କୁମାର ଚେଟ୍ଟୀଙ୍କ ରିପୋର୍ଟ

### କୋରାପୁଟ ହସ୍ପିଟାଲ୍‌ର ଇତିହାସ

କୋରାପୁଟର ଜଳବାୟୁ ଗୋରା ସାହେବ (ବିଦେଶୀ)ମାନଙ୍କ ପାଇଁ ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟ ଅନୁକୂଳ ହୋଇଥିବାରୁ ସେମାନେ କୋରାପୁଟରେ ରହିବାକୁ ପ୍ରାଥମିକତା ଦେଇଥିଲେ । ତେବେ ସ୍ୱାସ୍ଥ୍ୟଗତ ସମସ୍ୟାର ଉପଚାର ପାଇଁ ଅନେକ ସମୟରେ ସେମାନଙ୍କୁ ବିଶାଖାପାଟଣା ଉପରେ ନିର୍ଭର କରିବାକୁ ପଡୁଥିବା କାରଣରୁ ବ୍ରିଟିଶ ପ୍ରଶାସନ ୧୯୦୮ ମସିହାରେ କୋରାପୁଟରେ ଏକ ପ୍ରାଥମିକ ସ୍ୱାସ୍ଥ୍ୟ ସହାୟତା କେନ୍ଦ୍ର ସ୍ଥାପନା କରିଥିଲେ । ପରବର୍ତ୍ତୀ ସମୟରେ ୧୯୩୬ ମସିହାରେ ମାଡ୍ରାସ ପେସିଡେନ୍ସିରୁ ଅଲଗା ହୋଇ ଭାଷା ଭିତ୍ତିରେ ଓଡ଼ିଶା ସ୍ୱତନ୍ତ୍ର ରାଜ୍ୟ ଗଠିତ ହୋଇଥିଲା ଏବଂ କୋରାପୁଟକୁ ଜିଲ୍ଲା ମାନ୍ୟତା ମିଳିଥିଲା । କୋରାପୁଟ ଜିଲ୍ଲା ମାନ୍ୟତା ପାଇବାର ବର୍ଷକ ପରେ ଅର୍ଥାତ୍ ୧୯୩୭ ମସିହାରେ ସ୍ୱାସ୍ଥ୍ୟ ସହାୟତା କେନ୍ଦ୍ରରୁ ଉନ୍ନୀତ ହୋଇ ଜିଲ୍ଲାସ୍ତରୀୟ ହସ୍ପିଟାଲ୍‌ରେ ପରିଣତ ହୋଇଥିଲା ।

## ମେଡିକାଲ କଲେଜ ସମ୍ପର୍କିତ ବିବରଣୀ



କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜରେ ୨୧ଟି ବିଭାଗରେ ଶିକ୍ଷାଦାନ କରା ଯାଉଥିବା କଲେଜ ଅଧ୍ୟକ୍ଷ ତଥା ଡିନ୍ ପ୍ରଫେସର୍ ସଦାନନ୍ଦ ରଥ ସୂଚନା ଦେଇଛନ୍ତି । ମୋଟ ସିଟ୍ ସଂଖ୍ୟା ୧୨୫ ଥିବାବେଳେ ସେଥି ମଧ୍ୟରୁ ୧୦୯ ଟି ରାଜ୍ୟ କୋଟା ଏବଂ ୧୬ଟି ସିଟ୍ ସର୍ବଭାରତୀୟ କୋଟାରେ ପିଲା ନାମ ଲେଖାଇବା ବ୍ୟବସ୍ଥା ରହିଛି । ମେଡିକାଲ କଲେଜରେ ମୋଟ ୧୯ ୯ଟି ଅନୁମୋଦନପ୍ରାପ୍ତ ଶିକ୍ଷକ ପଦ ଥିବାବେଳେ ସେଥି ମଧ୍ୟରୁ ୮ ୭ଟି ପଦ ଖାଲିଥିବା ଜଣାପଡ଼ିଛି । ପ୍ରଫେସର୍ ରଥଙ୍କ ଠାରୁ ମିଳିଥିବା ସୂଚନା ମୁତାବକ କୋରାପୁଟ ଏସ୍ଏଲ୍ ଏନ୍ ମେଡିକାଲ କଲେଜରେ ବର୍ତ୍ତମାନ ସ୍ଥିତିରେ ୪ ଟି ପ୍ରଫେସର୍, ୧୧ ଏସୋସିଏଟ୍ ପ୍ରଫେସର୍, ୯ ସହକାରୀ ପ୍ରଫେସର୍, ୩୪ ସିନିଅର୍ ରେସିଡେଣ୍ଟ, ଏବଂ ୨୯ ଜୁନିଅର୍ ରେସିଡେଣ୍ଟ ପଦ ଖାଲି ରହିଛି ।

## ହସ୍ପିଟାଲ ସମ୍ପର୍କରେ



୨୦୧୬ ସେପ୍ଟେମ୍ବର ପୂର୍ବରୁ ଏହା ଜିଲ୍ଲା ହସ୍ପିଟାଲ ଥିଲେ ମଧ୍ୟ ରାୟଗଡ଼ା, ମାଲକାନଗିରି ଏବଂ ନବରଙ୍ଗପୁରର ଜିଲ୍ଲାର ରେଫରାଲ ହସ୍ପିଟାଲ ଭାବେ କାର୍ଯ୍ୟ କରି ଆସୁଥିଲା । ପ୍ରତିଦିନ ଉପରୋକ୍ତ ଜିଲ୍ଲାଗୁଡ଼ିକରୁ ଶତାଧିକ ରୋଗୀ କୋରାପୁଟ ସ୍ଥାନାନ୍ତର ହେଉଥିଲେ । ବର୍ତ୍ତମାନ ମେଡିକାଲ୍ କଲେଜ ହେବା ପରେ ରୋଗୀ ସଂଖ୍ୟା ଆଶାତୀତ ଭାବେ ବୃଦ୍ଧିପାଇଛି । ବର୍ତ୍ତମାନ ସ୍ଥିତିରେ କୋରାପୁଟ ଏସ୍ଏଲ୍ଏନ୍ ମେଡିକାଲ କଲେଜ ଓ ହସ୍ପିଟାଲକୁ କୋରାପୁଟ ସମେତ ରାୟଗଡ଼ା, ନବରଙ୍ଗପୁର ଏବଂ ମାଲକାନଗିରି ଜିଲ୍ଲାରୁ ଦୈନିକ ପ୍ରାୟ ଦେଢ଼ ହଜାର ରୋଗୀ ଆସୁଥିବା ହସ୍ପିଟାଲ ଅଧୀକ୍ଷକ ପ୍ରଫେସର୍ ଡାକ୍ତର ସୁଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି । ହସ୍ପିଟାଲରେ ବର୍ତ୍ତମାନ ବିଭିନ୍ନ ବିଭାଗରେ ୩୦୦ ଶଯ୍ୟା ଥିବାବେଳେ ଭେଷଜ ବିଭାଗରେ ୧୧, ଏସ୍ଏନ୍ସିୟୁ ୱାର୍ଡରେ ୨୪ ଓ ପିକୁ ବିଭାଗରେ ୬ଟି ମୋଟ ୪୧ ଟି ଆଇ ସିୟୁ ବେଡ୍ ରହିଛି । ତେବେ ଅନେକ ସମୟରେ ରୋଗୀଙ୍କ ସଂଖ୍ୟାବୃଦ୍ଧି ଯୋଗୁଁ ଶଯ୍ୟା ସମସ୍ୟା ରହୁଥିବା ହସ୍ପିଟାଲ ଅଧୀକ୍ଷକ ସ୍ୱୀକାର କରିଛନ୍ତି । କୋରାପୁଟ ହସ୍ପିଟାଲରେ ବର୍ତ୍ତମାନ ଅନେକ ପ୍ରକାର ଅସ୍ତ୍ରୋପଚାର ସମ୍ଭବପର ହୋଇପାରିଛି । ସେହିପରି ସରକାରଙ୍କ ମାଗଣା ୧୦୮ ଆମ୍ବୁଲାନ୍ସ ସେବା ସମସ୍ତଙ୍କୁ ଯଥାସମ୍ଭବ ଯୋଗାଇ ଦିଆଯାଉଛି । କୋରାପୁଟ ହସ୍ପିଟାଲରୁ ବ୍ରହ୍ମପୁର ପର୍ଯ୍ୟନ୍ତ ରୋଗୀମାନଙ୍କୁ ବିନା ଦେୟରେ ସ୍ଥାନାନ୍ତର କରାଯାଉଛି । ଅନ୍ୟପକ୍ଷରେ ମୃତଦେହ ନେବା ନିମନ୍ତେ ବଡ଼ ଡାକ୍ତରଖାନାରେ ୩ଟି ଶବବାହକ ଗାଡ଼ି ରହିଛି, ଜିଲ୍ଲା ଭିତରେ ମୃତଦେହ ପହଞ୍ଚାଇବା ସରକାରଙ୍କ ନିର୍ଦ୍ଦେଶ ରହିଛି । ତେବେ କୋରାପୁଟ ମେଡିକାଲ କଲେଜ ଓ ହସ୍ପିଟାଲ ଉପରେ ପଡ଼ୋଶୀ ରାୟଗଡ଼ା, ମାଲକାନଗିରି ଏବଂ ନବରଙ୍ଗପୁରର ଜିଲ୍ଲାବାସୀ ନିର୍ଭର କରୁଥିବାରୁ ଜିଲ୍ଲାପାଳଙ୍କ ଅନୁମତିକ୍ରମେ ଆବଶ୍ୟକ ସ୍ଥଳେ ଉପରୋକ୍ତ ଜିଲ୍ଲାକୁ ମଧ୍ୟ ମୃତଦେହ ପରିବହନ ବ୍ୟବସ୍ଥା କରାଯାଉଥିବା ହସ୍ପିଟାଲ ଅଧୀକ୍ଷକ ସୂଚନା ଦେଇଛନ୍ତି ।



## ଖୁବ୍‌ଶୀଘ୍ର ୬୫୦ ଶଯ୍ୟା ବିଶିଷ୍ଟ ହସ୍ପିଟାଲ

ଦିନକୁଦିନ କୋରାପୁଟ ମେଡିକାଲ କଲେଜ ଓ ହସ୍ପିଟାଲର ଗୁରୁତ୍ୱ ବୃଦ୍ଧି ସହ ରୋଗୀସଂଖ୍ୟା ବଢ଼ି ଚାଲିଥିବାରୁ ରାଜ୍ୟ ସରକାର କୋରାପୁଟ ବଡ଼ ମେଡିକାଲରେ ଶଯ୍ୟାସଂଖ୍ୟା ୬୫୦କୁ ବୃଦ୍ଧି କରିଛନ୍ତି । ବର୍ତ୍ତମାନ ହସ୍ପିଟାଲର ଅତି ନିକଟରେ ୫୨ ଏକର ସରକାରୀ ଜମିରେ ନିର୍ମାଣ ଚାଲିଛି ୭ ମହଲା ବିଶିଷ୍ଟ କୋଠା । ମୋଟ ୩୩୬ କୋଟି ୭ ଲକ୍ଷ ଟଙ୍କା ବ୍ୟୟରେ ରାଜ୍ୟ ରାସ୍ତା ଓ କୋଠାବାଡ଼ି ନିର୍ମାଣ ବିଭାଗର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରସିଦ୍ଧ ସାପୋର ଜି ପାଲୋଞ୍ଜି କମ୍ପାନୀ ନିର୍ମାଣ ଦାୟିତ୍ୱ ନେଇଛି । ଖୁବ୍‌ଶୀଘ୍ର ଏହାର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ଓ କୋରାପୁଟ ବଡ଼ ଡାକ୍ତରଖାନାରେ ଥିବା ଶଯ୍ୟା ସମସ୍ୟା ଦୂରହେବ ବୋଲି ହସ୍ପିଟାଲ ଅଧୀକ୍ଷକ କହିଛନ୍ତି ।

ସୂଚନା ଥାଉ କି, ୨୦୨୩ ଫେବୃଆରୀ ୪ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ତତ୍କାଳୀନ ବ୍ୟକ୍ତିଗତ ସଚିବ ତଥା ବର୍ତ୍ତମାନର '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ନିର୍ମାଣାଧୀନ ୬୫୦ ଶଯ୍ୟା ହସ୍ପିଟାଲ କୋଠା ପରିଦର୍ଶନ କରି ନିର୍ମାଣ କାର୍ଯ୍ୟ ତଦାରଖ କରିବା ସହ ଯଥାସମୟରେ କାର୍ଯ୍ୟ ଶେଷ କରିବାକୁ ଠିକା ସଂସ୍ଥା, ନିର୍ମାଣ ବିଭାଗ ଓ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ । ବର୍ତ୍ତମାନ ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚି ଥିବାବେଳେ ଆଉ ମାତ୍ର କିଛିଦିନ ମଧ୍ୟରେ ୬୫୦ ଶଯ୍ୟା ନୂଆ କୋଠା କାର୍ଯ୍ୟକ୍ଷମ ହେବ ଓ ଶଯ୍ୟା ସମସ୍ୟା ଦୂରହେବ ବୋଲି ହସ୍ପିଟାଲ ଅଧୀକ୍ଷକ କହିଛନ୍ତି ।



## ନିର୍ମାଣ ଚାଲିଛି କ୍ୟାନ୍ସର ହସ୍ପିଟାଲ୍

ରାଜ୍ୟ ସରକାର ଓ ଟାଟା ମେମୋରିଆଲ କ୍ୟାନ୍ସର ଅନୁଷ୍ଠାନ ମିଳିତ ଭାବେ ଶହେ ଶଯ୍ୟା ବିଶିଷ୍ଟ କ୍ୟାନ୍ସର ହସ୍ପିଟାଲ କୋରାପୁଟରେ ପ୍ରତିଷ୍ଠା ହେବ । ଏଥି ନିମନ୍ତେ ରାଜ୍ୟ ସରକାର ଏବଂ ଟାଟା କର୍ତ୍ତୃପକ୍ଷଙ୍କ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିବାବେଳେ ହସ୍ପିଟାଲ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି । ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲର ନିର୍ମାଣାଧୀନ ୬୫୦ ଶଯ୍ୟା କୋଠା ବିଶିଷ୍ଟ କ୍ୟାନ୍ସର ହସ୍ପିଟାଲ ନିମନ୍ତେ ରାଜ୍ୟ ସରକାର ନିକଟରେ ଟାଟା କମ୍ପାନୀକୁ ମାଗଣା ସରକାରୀ ଜମି ଯୋଗାଇ ଦେଇଛନ୍ତି । ଫଳରେ ଅବିଭକ୍ତ କୋରାପୁଟ ଜିଲ୍ଲା କ୍ୟାନ୍ସର ରୋଗୀଙ୍କୁ ଆଉ କଟକ କିମ୍ବା ଅନ୍ୟତ୍ର ଯିବାକୁ ପଡ଼ିବ ନାହିଁ । ତେବେ କୋରାପୁଟରେ ମେଡିକାଲ୍ କଲେଜ ପ୍ରତିଷ୍ଠା ହେବା ପରଠାରୁ ଏହି ଅଞ୍ଚଳବାସୀ ଉନ୍ନତ ମାନର ଚିକିତ୍ସା ସେବା ପାଇ ପାରିଛନ୍ତି ତାହା ଅବିଭକ୍ତ କୋରାପୁଟ ପାଇଁ ବରଦାନ ସଦୃଶ ହୋଇଛି । ମେଡିକାଲ କଲେଜରେ ଖାଲିଥିବା ପଦ ପୂରଣ ସହ ୬୫୦ ଶଯ୍ୟା ହସ୍ପିଟାଲ ଆରମ୍ଭ ଓ କ୍ୟାନ୍ସର ହସ୍ପିଟାଲ କାର୍ଯ୍ୟକ୍ଷମ ହେଲେ କୋରାପୁଟ, ରାୟଗଡ଼ା, ନବରଙ୍ଗପୁର ଓ ମାଲକାନଗିରି ଜିଲ୍ଲାବାସୀ ଅଧିକ ଉପକୃତ ହେବେ, ଏଥିରେ ସନ୍ଦେହ ନାହିଁ ।

## ବିନା ଦେୟରେ ଅଲଟ୍ରା ସାଉଣ୍ଡ, ସିଟି ସ୍କାନ୍, ଡାଏଲିସିସ୍ ଓ ଏକ୍ସରେ ସହ ସମସ୍ତ ପରୀକ୍ଷା ସୁବିଧା ଉପଲବ୍ଧ

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ କୋରାପୁଟ ମେଡିକାଲ କଲେଜ ଓ ହସ୍ପିଟାଲରେ ବିନାଦେୟରେ ଅଲଟ୍ରା ସାଉଣ୍ଡ, ସିଟି ସ୍କାନ୍, ଏକ୍ସରେ , କିଡ୍‌ନୀ ରୋଗୀଙ୍କ ଡାଏଲିସିସ୍ ସମେତ ରକ୍ତ, ମଳ, ମୂତ୍ର ପରୀକ୍ଷା କରାଯାଉଛି । ଏହି ସୁବିଧା ସପ୍ତାହର ସବୁଦିନ ୨୪ ଘଣ୍ଟା ଉପଲବ୍ଧ ହେଉ ଥିବାବେଳେ ଦୈନିକ ୩୦-୪୦ ସିଟି ସ୍କାନ ଓ ୭୦ରୁ ଊର୍ଦ୍ଧ୍ୱ ଅଲଟ୍ରା ସାଉଣ୍ଡ ସହ ୫୦୦ ରୋଗୀଙ୍କ ରକ୍ତ, ମଳ, ମୂତ୍ର ପରୀକ୍ଷା କରାଯାଉଥିବା ହସ୍ପିଟାଲ ଅଧୀକ୍ଷକ ପ୍ରଫେସର୍ ଡାକ୍ତର ସୁଶାନ୍ତ କୁମାର ସାହୁ ପ୍ରକାଶ କରିଛନ୍ତି ।



## ୨୦୦୪ରେ ରେଫରାଲ୍ ହସ୍ପିଟାଲ୍

୧୯୩୭ଠାରୁ ୨୦୦୪ ଯାଏ ଜିଲ୍ଲା ହସ୍ପିଟାଲ ଭାବେ କୋରାପୁଟ ମେଡିକାଲ୍ ଉପାନ୍ତ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାରେ ପ୍ରମୁଖ ଭୂମିକା ନିର୍ବାହ କରିଥିଲା । ୧୯ ୯୨ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ପ୍ରଶାସନିକ ସୁବିଧା ପାଇଁ କୋରାପୁଟ ଜିଲ୍ଲାକୁ ବିଭାଜନ କରି ରାୟଗଡ଼ା, ମାଲକାନଗିରି ଏବଂ ନବରଙ୍ଗପୁର ଜିଲ୍ଲା କରିଥିଲେ । ନୂଆ ଜିଲ୍ଲା ଗଠନ ପରେ ମଧ୍ୟ ରାୟଗଡ଼ା,ମାଲକାନଗିରି ଓ ନବରଙ୍ଗପୁର ଅଞ୍ଚଳବାସୀ କୋରାପୁଟ ଜିଲ୍ଲା ହସ୍ପିଟାଲ ଉପରେ ନିର୍ଭରଶୀଳ ରହୁଥିବାରୁ ଏହାକୁ ତିନି ଜିଲ୍ଲାର ରେଫରାଲ୍ ହସ୍ପିଟାଲ ମାନ୍ୟତା ଦିଆଯାଇଥିଲା । ଦିନକୁ ଦିନ ରୋଗୀସଂଖ୍ୟା ବୃଦ୍ଧିହେବା ଯୋଗୁଁ ୨୦୦୪ରେ ଜିଲ୍ଲା ହସ୍ପିଟାଲ ସ୍ଥାନାନ୍ତର କରାଯାଇ କୋରାପୁଟ ସହର ଉପକଣ୍ଠ ଯାନିଗୁଡ଼ାରେ ନୂତନ କୋଠା ନିର୍ମାଣ କରାଗଲା ।

## ମେଡିକାଲ୍ କଲେଜ ଓ ହସ୍ପିଟାଲ ପ୍ରତିଷ୍ଠା

ରାଜ୍ୟରେ ଡାକ୍ତର ଅଭାବ ଦୂରକରିବା ସହ ଲୋକଙ୍କୁ ରାଜ୍ୟ ଭିତରେ ଉନ୍ନତମାନର ଚିକିତ୍ସା ସେବା ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୁଗାନ୍ତକାରୀ ପଦକ୍ଷେପ ନେଇ ବିଭିନ୍ନ ସ୍ଥାନରେ ସରକାରୀ ମେଡିକାଲ କଲେଜ ଖୋଲିବାକୁ ନିଷ୍ପତ୍ତି ନେଇଥିଲେ । ତଦନୁଯାୟୀ କୋରାପୁଟରେ ୧୦୦ ସିଟ୍ ବିଶିଷ୍ଟ ଏକ ମେଡିକାଲ କଲେଜର ସ୍ଥାପନା ପାଇଁ ରାଜ୍ୟ ସରକାର ଘୋଷଣା କରିଥିଲେ । ୨୦୧୬ ସେପ୍ଟେମ୍ବର ୪ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କୋରାପୁଟ ଗସ୍ତକରି ଜିଲ୍ଲାମୁଖ୍ୟ ଚିକିତ୍ସାଳୟ ନିକଟରେ ମେଡିକାଲ କଲେଜ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନା କରିଥିଲେ । କୋରାପୁଟ ମେଡିକାଲ କଲେଜ ନାମକରଣ ପ୍ରସଙ୍ଗ ଉଠିବା ପରେ ଅବିଭକ୍ତ କୋରାପୁଟ ଜିଲ୍ଲାର ମହାନ ସ୍ୱାଧୀନତା ସଂଗ୍ରାମୀ ସହିଦ ଲକ୍ଷ୍ମଣ ନାୟକଙ୍କ ନାମରେ ମୁଖ୍ୟମନ୍ତ୍ରୀ କୋରାପୁଟ ମେଡିକାଲ କଲେଜର ନାମକରଣ କରିଥିଲେ । ରାଜ୍ୟ ପୂର୍ତ୍ତ ବିଭାଗ ଅଧୀନରେ ଏକ ବହୁରାଷ୍ଟ୍ରୀୟ ଘରୋଇ କମ୍ପାନୀ ନିର୍ମାଣ କାର୍ଯ୍ୟ ଦାୟିତ୍ୱ ନେଇ ଯୁଦ୍ଧକାଳୀନ ଭିତ୍ତିରେ ଗୋଟିଏ ବର୍ଷ ମଧ୍ୟରେ ସର୍ବନିମ୍ନ ଆବଶ୍ୟକ ଅନୁଯାୟୀ କିଛି କୋଠା ନିର୍ମାଣ ଶେଷ କରିଥିଲା ଓ ୨୦୧୭ ରୁ ଏସ୍ଏଲ୍ଏନ୍ ମେଡିକାଲ କଲେଜରେ ପ୍ରଥମ ବ୍ୟାଚ୍ ନାମ ଲେଖା ଆରମ୍ଭ ହୋଇଥିଲା । ତେବେ ପ୍ରାରମ୍ଭରେ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ୍ କଲେଜ୍ ସିଟ୍ ସଂଖ୍ୟା ୧୦୦ ଥିଲାବେଳେ ଭିତ୍ତିଭୂମିର ବିକାଶ ପରେ ମେଡିକାଲ୍ କାଉନ୍ସିଲ ଅଫ୍ ଇଣ୍ଡିଆର ଅନୁମୋଦନ କ୍ରମେ ସିଟ୍‌ସଂଖ୍ୟା ୧୨୫କୁ ବୃଦ୍ଧି ହୋଇଥିଲା ଓ ୨୦୧୯-୨୦ ଶିକ୍ଷାବର୍ଷରୁ କୋରାପୁଟ ମେଡିକାଲ କଲେଜରେ ୧୨୫ଜଣ ପଢ଼ିବାର ସୁଯୋଗ ସୃଷ୍ଟି ହେଲା ।

## ରକ୍ତ ଭଣ୍ଡାର

ଜୀବନ ବିନ୍ଦୁ ଓଡ଼ିଶା-ମୋ ପରିବାର



ହସ୍ପିଟାଲ ପରିସର ମଧ୍ୟରେ ଏକ ଅତ୍ୟାଧୁନିକ ରକ୍ତ ଭଣ୍ଡାର ରହିଛି । ବିଭିନ୍ନ ସମୟରେ କିଛି ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକର ସହାୟତାରେ ରକ୍ତଦାନ ଶିବିର ଆୟୋଜନ କରି ଆବଶ୍ୟକ ରକ୍ତ ସଂଗ୍ରହ କରାଯାଉ ଥିବାବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ଜରିଆରେ ରକ୍ତ ସଂଗ୍ରହ କରାଯାଉଥିବା ପ୍ରଫେସର୍ ସାହୁ କହିଛନ୍ତି । ରକ୍ତ ଅଭାବ ଦୂର କରିବା ନିମନ୍ତେ ଅନେକ ସମୟରେ ରୋଗୀଙ୍କ ସମ୍ପର୍କୀୟମାନଙ୍କ ସହ ରକ୍ତ ଅଦଳବଦଳ କରାଯାଇଥାଏ ।

## କୋରାପୁଟ ମେଡିକାଲ୍ କଲେଜରେ ସଫଳ ଅସ୍ତ୍ରୋପଚାର



ଯୁବତୀଙ୍କ ଗର୍ଭାଶୟରୁ ବାହାର କରାଗଲା ୭କିଲୋ ଓଜନର ଟ୍ୟୁମର୍

କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ୍ କଲେଜ ଓ ହସ୍ପିଟାଲରେ ସଫଳତାର ସହ ଗୋଟେ ପରେ ଗୋଟେ ଅସ୍ତ୍ରୋପଚାର କରାଯାଇ ଜନମାନସରେ ମେଡିକାଲ କଲେଜ୍ ଓ ହସ୍ପିଟାଲ୍ ପ୍ରତି ଆସ୍ଥା ପ୍ରକଟ କରାଯାଉଥିବା ବେଳେ ବିରଳ ଅସ୍ତ୍ରୋପଚାର କରା ଯାଇ ରେକର୍ଡ ସୃଷ୍ଟି କରାଯାଇଛି । ଯୁବକଙ୍କ ମୁଣ୍ଡ ଅପରେସନ୍ କରାଯାଇଥିବା ବେଳେ ଜଣେ ୧୭ ବର୍ଷିୟା ଯୁବତୀଙ୍କ ଗର୍ଭାଶୟରୁ ଅସ୍ତ୍ରୋପଚାର କରି ପ୍ରାୟ ୭ କିଲୋ ଓଜନର ଟ୍ୟୁମୋର ବାହାର କରିବା କୋରାପୁଟ ମେଡିକାଲ କଲେଜ୍ ଓ ହସ୍ପିଟାଲ ପାଇଁ ଏକ ରେକର୍ଡ । ବୈପାରିଗୁଡ଼ା ବ୍ଲକ୍ ଦୋରାଗୁଡ଼ା ଗ୍ରାମର ଯୁବତୀଙ୍କ ପେଟ ଫୁଲି ପ୍ରବଳ ଯନ୍ତ୍ରଣା ହେବାରୁ ପରିବାର ଲୋକେ କୋରାପୁଟ ଏସଏଲଏନ୍ ମେଡିକାଲ କଲେଜ୍ ଓ ହସ୍ପିଟାଲରେ ଭର୍ତ୍ତି କରିଥିଲେ । ବିଭିନ୍ନ ପରୀକ୍ଷାନିରୀକ୍ଷା ପରେ ଯୁବତୀଙ୍କ ଗର୍ଭାଶୟରେ ଟ୍ୟୁମର ହୋଇଥିବା ଜଣା ପଡ଼ିଥିଲା । କୋରାପୁଟ ହସ୍ପିଟାଲରେ ଯୁବତୀଙ୍କ ଅସ୍ତ୍ରୋପଚାର କରିବାକୁ ମେଡିକାଲ କଲେଜ୍ କର୍ତ୍ତୃପକ୍ଷ ନିଷ୍ପତ୍ତି ନେବା ପରେ ମେଡିକାଲ କଲେଜର ସ୍ତ୍ରୀ ଓ ପ୍ରସୂତି ବିଭାଗ ମୁଖ୍ୟ ପ୍ରଫେସର ସୁଜାତା ସ୍ୱାଇଁଙ୍କ ନେତୃତ୍ୱରେ ସହକାରୀ ପ୍ରଫେସର ଡାକ୍ତର ରାଧାକାନ୍ତ ପାଣିଗ୍ରାହୀ, ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ଡାକ୍ତର ଜଗଦୀଶ ବେହେରା, ନିଶ୍ଚେତକ ବିଶେଷଜ୍ଞ ଡାକ୍ତର ଗୋପାଳ ନାୟକ, ସ୍ତ୍ରୀ ଓ ପ୍ରସୁତି ବିଭାଗ ଡାକ୍ତର ଏଲ୍.ଶିରିଶା, ଡାକ୍ତର ଜିମ୍ମି, ଡାକ୍ତର ବାସୁ ଏବଂ ନିଶ୍ଚେତକ ଡାକ୍ତର ଆମ୍ବିକାଙ୍କୁ ନେଇ ଗଠିତ ଏକ ଟିମ୍ ଯୁବତୀଙ୍କ ଅସ୍ତ୍ରୋପଚାର କରି ଗର୍ଭାଶୟରୁ ୬ କିଲୋ ୭୭୫ ଗ୍ରାମ ଓଜନର ଏକ ଟ୍ୟୁମର ବାହାର କରିଥିଲେ । ଅସ୍ତ୍ରୋପଚାର ସଫଳ ହୋଇଥିବାବେଳେ ଯୁବତୀଙ୍କ ଗର୍ଭାଶୟରେ କୌଣସି କ୍ଷତ ହୋଇ ନ ଥିବାରୁ ସେ ଭବିଷ୍ୟତରେ ମା' ହେବାରେ କୌଣସି ଅସୁବିଧା ନ ଥିବା ଡାକ୍ତରୀ ଟିମ୍ କହିଥିଲେ ।

## ଖାଇବା ଯୋଗାଉଛନ୍ତି ମିଶନ ଶକ୍ତି ମାଆ



ମେଡିକାଲ୍‌ର ଅନ୍ତର୍ବିଭାଗ ରୋଗୀଙ୍କୁ ଉତ୍ତମମାନର ଖାଦ୍ୟ ଦିଆଯାଉଥିବା ବେଳେ ମିଶନ ଶକ୍ତି ଜିଲ୍ଲା ମହାସଂଘ ଏହାର ପରିଚାଳନା ଦାୟିତ୍ୱ ନେଇଛି । ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରସ୍ତୁତ ଦୈନିକ ଖାଦ୍ୟସୂଚୀ ଅନୁଯାୟୀ ସାଧାରଣ ରୋଗୀ, ଡାଇବେଟିସ୍, ଶିଶୁମାନଙ୍କ ପାଇଁ ଭିନ୍ନ ଭିନ୍ନ ଖାଦ୍ୟ ଦିଆଯାଉଥିବା ହସ୍ପିଟାଲ ଅଧୀକ୍ଷକ ପ୍ରଫେସର୍ ସାହୁ ପ୍ରକାଶ କରିଛନ୍ତି । ପ୍ରତ୍ୟେକ ଦିନ ମିଶନ ଶକ୍ତି ମା' ମାନେ ପ୍ରତି ୱାର୍ଡ ଯାଇ ରୋଗୀଙ୍କ ଇଚ୍ଛା ମୁତାବକ ଖାଦ୍ୟ ତାଲିକା ସଂଗ୍ରହ କରି ସେମାନଙ୍କୁ ଠିକ୍ ସମୟରେ ଖାଦ୍ୟ ଯୋଗାଉଥିବା ମିଶନ ଶକ୍ତି ଜିଲ୍ଲା ସଭାନେତ୍ରୀ ଜ୍ୟୋତିରେଖା ଚେଟ୍ଟି ପ୍ରକାଶ କରିଛନ୍ତି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମହିଳା ସଶକ୍ତୀକରଣ ନୀତି ଯୋଗୁଁ ଆଜି ଜିଲ୍ଲା ମହାସଂଘ ଏହି ଦାୟିତ୍ୱ ପାଇଥିବାବେଳେ ଏଥିରେ ପ୍ରାୟ ୨୦ ଜଣ ମହିଳା ରୋଜଗାରକ୍ଷମ ହୋଇଥିବା ଶ୍ରୀମତୀ ଚେଟ୍ଟି ପ୍ରକାଶ କରିଛନ୍ତି ।

# ଗୁଡ୍ ମର୍ଣ୍ଣିଂ ରିପୋର୍ଟର



**ଦୈନନ୍ଦିନ ବ୍ୟବହାର୍ଯ୍ୟ ସାମଗ୍ରୀର ଦର ହୁ ହୁ ହୋଇ ବଢ଼ିବାରେ ଲାଗିଛି । ଡାଲି, ଚାଉଳ, ତେଲ, ଲୁଣ ସବୁର ଦର ଆକାଶଛୁଆଁ । ସେହିଭଳି ଚାଷୀଙ୍କ ଦୁଃଖ ମଧ୍ୟ ସମାନ । ପନିପରିବା ଚାଷ କରି ଯାହା ରୋଜଗାର କରୁଛନ୍ତି ତାହା ତେଲ ଲୁଣ କିଣି ସରିଯାଉଛି । ତେଣୁ ଖାଇବା ତେଲ ପାଇଁ ସୂର୍ଯ୍ୟମୁଖୀ ଚାଷ ଆପଣେଇଛନ୍ତି ୩ ମହିଳା । ଆଉ ବର୍ତ୍ତମାନ ସୂର୍ଯ୍ୟମୁଖୀ ଚାଷରେ ସଫଳ ମଧ୍ୟ ହୋଇଛନ୍ତି ।**

## ହସ ଫୁଟାଇଛି ସୂର୍ଯ୍ୟମୁଖୀ

କନ୍ଧମାଳ ଜିଲ୍ଲା ସଦର ମହକୁମା ଫୁଲବାଣୀ ବ୍ଲକ ବୁଢ଼ାଦାନୀ ଗ୍ରାମର ୩ ମହିଳା ମମତା କହଁର, ନିବେଦିତା କହଁର ଓ ହେମାମାଳିନୀ ଦେହୁରୀ ବର୍ତ୍ତମାନ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛନ୍ତି । ଏହି ୩ ମହିଳା ନିଜର ଦେଢ଼ ଏକର ଜାଗାରେ ପ୍ରଥମ କରି ସୂର୍ଯ୍ୟମୁଖୀ ଚାଷ କରି ସଫଳ ହୋଇଛନ୍ତି । ସରକାରୀ ସୁବିଧା ମିଳୁ କି ନ ମିଳୁ କ୍ଷେତରେ ସୁନା ଫଳାଉଛନ୍ତି ଏବଂ ସ୍ୱାବଲମ୍ବୀ ହେଉଛନ୍ତି । ଏପରି କରି ଦେଖାଇଛନ୍ତି କନ୍ଧମାଳ ଜିଲ୍ଲାର ୩ ମହିଳା ଚାଷୀ । ବିନା ସରକାରୀ ସହାୟତାରେ ନିଜ ନିଜ କ୍ଷେତରେ ସୂର୍ଯ୍ୟମୁଖୀ ଚାଷ କରି ସଫଳ ହୋଇଛନ୍ତି । ବିନା ଅଭିଜ୍ଞତା, ବିନା ପରାମର୍ଶ ଏବଂ ବିନା ସରକାରୀ ସହାୟତାରେ ମହିଳାମାନେ ନିଜ ବୁଦ୍ଧି ଜ୍ଞାନ ପ୍ରୟୋଗ କରି ସୂର୍ଯ୍ୟମୁଖୀ ଚାଷ କରିଛନ୍ତି । ବର୍ଷା ଦିନ ପରେ ପରେ ଜମିରେ ସୂର୍ଯ୍ୟମୁଖୀ ବିହନ ବୁଣିଥିଲେ । ତାପରେ ଗଛର ଆବଶ୍ୟକ ଯତ୍ନ ନେବା ସହିତ ସାର ଖତ ଦେଇଥିଲେ । ଫଳ ସ୍ୱରୂପ ବର୍ତ୍ତମାନ ସୂର୍ଯ୍ୟମୁଖୀ ଗଛ ବହୁତ ଭଲ ଭାବେ ବଢ଼ିବା ସହିତ ଗଛରେ ଭଲ ଫୁଲ ହୋଇଛି । ଆଗକୁ ଫୁଲ ସମ୍ପୂର୍ଣ୍ଣ ପାକଳ ହେଲେ ତାକୁ ତୋଳି ଭଲ ଭାବେ ଶୁଖାଇବେ ଏବଂ ତେଲ ପେଡ଼ାରେ ପେଡ଼ିବେ । ଯାହା ତେଲ ବାହାରିବ ସେଥିରୁ କିଛି ନିଜ ଘରେ ବ୍ୟବହାର କରିବେ ଏବଂ ବଳକା ତେଲକୁ ବିକ୍ରି କରିବେ ବୋଲି କହିଛନ୍ତି । ବଣ ପାହାଡ଼ ଘେରା କନ୍ଧମାଳ ଜିଲ୍ଲାର ଚାଷୀ ସାଧାରଣତଃ ଚାଷ କାର୍ଯ୍ୟ ପାଇଁ ବର୍ଷା ଜଳ ଉପରେ ନିର୍ଭର କରିଥାନ୍ତି । ଜିଲ୍ଲାର ଅର୍ଦ୍ଧାଧିକ ଢିପ ଜମି ସହିତ ଜମିକୁ ଜଳସେଚନର ସୁବିଧା ନାହିଁ । ଏଭଳି ସ୍ଥଳେ ଏଠିକାର ଚାଷୀ ବର୍ଷା ଦିନେ ଧାନ ଫସଲ କଲା ପରେ ଜମିକୁ ଖାଲି ରଖିଥାନ୍ତି । ଯାହାର ପାଣି ସୁବିଧା ଅଛି ସେମାନେ କିଛି କିଛି ପନିପରିବା ଚାଷ କରିଥାନ୍ତି । କିନ୍ତୁ ସୂର୍ଯ୍ୟମୁଖୀ ଚାଷ ପାଇଁ ବିଶେଷ ପାଣିର ଆବଶ୍ୟକତା ନାହିଁ । ବର୍ଷା ଦିନ ପରେ ପରେ ଯଦି ଓଦାଳିଆ ମାଟିରେ ସୂର୍ଯ୍ୟମୁଖୀ ବିହନ ବୁଣି ଦିଆଯାଏ, ତେବେ ଦୁଇ ମାସ ମଧ୍ୟରେ ଗଛ ଭଲ ବଢ଼ିବା ସହିତ ଜାନୁଆରୀ ମାସରେ ଗଛରେ ଫୁଲ ଆସିଯାଏ ଏବଂ ଫେବୃଆରୀ ମାସରେ ଅମଳ ହୋଇଯାଏ । ସେହିଭଳି ବର୍ତ୍ତମାନ ଫୁଲର ଅମଳ ସମୟ ପ୍ରାୟତଃ ପାଖେଇ ଆସିଛି । ଏହି ମହିଳା ଚାଷୀଙ୍କ ଏହା ପ୍ରଥମ ଚାଷ ହୋଇଥିବାରୁ ସେମାନେ ଫୁଲରୁ କେତେ ତେଲ ବାହାରିବ ତାହା ଜାଣିନାହାନ୍ତି । କିନ୍ତୁ ଭଲ ତେଲ ବାହାରିବ ବୋଲି ଆଶା ରଖିଛନ୍ତି ଏବଂ ଆଗକୁ ସଠିକ ସମୟରେ ସରକାରୀ ସହାୟତା ମିଳିଲେ ଆହୁରି ଅଧିକ ଅଞ୍ଚଳରେ ସୂର୍ଯ୍ୟମୁଖୀ ଚାଷ କରିବେ ବୋଲି କହିଛନ୍ତି । ଏହି ୩ ମହିଳାଙ୍କ ସଫଳ ସୂର୍ଯ୍ୟମୁଖୀ ଚାଷ ଦେଖି ବୁଢ଼ାଦାନୀ ଗ୍ରାମର ଏବଂ ଆଖପାଖ ଗ୍ରାମର ଚାଷୀମାନେ ସୂର୍ଯ୍ୟମୁଖୀ ଚାଷ କରିବା ପାଇଁ ମନ ବଳେଇଲେଣି । ତେଣୁ କୃଷି ବିଭାଗ ଏବଂ ସରକାର ଯଦି ଗ୍ରାମଗୁଡ଼ିକରେ ପହଞ୍ଚି ଚାଷୀଙ୍କୁ ସୂର୍ଯ୍ୟମୁଖୀ ଚାଷ ସମ୍ବନ୍ଧୀୟ ଜ୍ଞାନ କୌଶଳ ଏବଂ ସହାୟତା ପ୍ରଦାନ କରନ୍ତି ତେବେ ଏହି ଅଞ୍ଚଳରେ ବହୁଳ ଭାବରେ ଭଲ ସୂର୍ଯ୍ୟମୁଖୀ ଚାଷ ହୋଇପାରିବ ବୋଲି କୁହାଯାଉଛି ।





ସଞ୍ଜୟ ପାତ୍ର

**ମହିଳା ଆଉ ଚାରି କାନ୍ଥ ମଧ୍ୟରେ ଆବଦ୍ଧ ନାହାଁନ୍ତି । କିଛି ମହିଳାଙ୍କ ନିଆରା ଉଦ୍ୟମ ସମାଜ ପାଇଁ ପ୍ରେରଣା ସାଜିଛି । ସୋନପୁର ଜିଲ୍ଲାର ଜଣେ ମହିଳା ଚାଷୀ ସମନ୍ୱିତ ଚାଷ କରି ଭଲ ରୋଜଗାର କରି ପାରୁଛନ୍ତି । ଜଣେ ସଫଳ ମହିଳା ଚାଷୀ ଭାବେ ନିଜକୁ ପ୍ରତିପାଦିତ କରି ପାରିଛନ୍ତି ।**

## ଦେଇଛି ପରିଚୟ ସମନ୍ୱିତ କୃଷି





ଧରଣୀଧର ମିଶ୍ର

ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଲାତୁରପେଟ ଗାଁର ମିତା ମହାକୁର । ଖୁବ୍ ପରିଶ୍ରମ କରି ଫୁଲ, ବତକ, ପନିପରିବା ଆଦି ଚାଷ କରିଛନ୍ତି । ସେ ଗୋପାଳନ ମଧ୍ୟ କରିଛନ୍ତି । ତେବେ ମିତାଙ୍କ ବଗିଚା ଖୁବ୍ ଆକର୍ଷଣୀୟ ହୋଇଛି । ଜଣେ ମହିଳା ହୋଇ ମଧ୍ୟ ନିଜ ପ୍ରଚେଷ୍ଟାରେ ପଡ଼ିଆ ଜମିରେ ସୁନାର ଫସଲ ହସାଇ ପାରିଛନ୍ତି । ଏବେ ଧାନ ଚାଷ, ପନିପରିବା, ଦୁଗ୍ଧ ଉତ୍ପାଦନ ସହ ମାଛ ଆଦି ମିଶ୍ରିତ ଚାଷ କରି ନିଜେ ସ୍ୱାବଲମ୍ବୀ ହୋଇ ପରିବାର ପ୍ରତିପୋଷଣ ସହ ଅନ୍ୟକୁ ରୋଜଗାର ଯୋଗାଇ ପାରିଛନ୍ତି । ଯାହାକୁ ନେଇ ମିତାଙ୍କ ପରିବାର ଲୋକେ ଏବଂ ରୋଜଗାର ପାଇଥିବା ଶ୍ରମିକମାନେ ବେସ ଖୁସି ଅନୁଭବ କରିଛନ୍ତି । ମିତା ଘରକୁ ବୋହୁ ହୋଇ ଆସିବା ପୂର୍ବରୁ ଜାଗାଟି ପଡ଼ିଆ ପଡ଼ିଥିଲା । ଧାନ ଚାଷ ବ୍ୟତିତ ଅନ୍ୟ କୌଣସି ଚାଷ ହେଉ ନ ଥିଲା । ତେବେ ମିତା ସମସ୍ତଙ୍କ ସହଯୋଗରେ ପ୍ରଥମେ ପନିପରିବା ଚାଷ ଆରମ୍ଭ କରିଥିଲେ ଏବଂ ପରେ ସମନ୍ୱିତ ଚାଷକୁ ମନ ବଳାଇଲେ । ଦୁଇଟି ପୋଖରୀ ଖୋଳି ମାଛ ଚାଷ ଆରମ୍ଭ କରିଥିଲେ । ଏବେ ଫୁଲ, କଦଳି, ନଡିଆ, ପିଜୁଳି ଏବଂ ମାଛ ଚାଷ ସହ ମାଛ ଯାଆଁଳା ମଧ୍ୟ ଉତ୍ପାଦନ କରି ବିକ୍ରି କରୁଛନ୍ତି । ଏଭଳି ଚାଷ କରି ଭଲ ଦୁଇ ପଇସା ରୋଜଗାର କରିବାରେ ସେ ସକ୍ଷମ ହୋଇଛନ୍ତି । ତେବେ ଏହି ସମସ୍ତ କାମରେ ତାଙ୍କୁ ପରିବାର ଲୋକ ସମ୍ପୂର୍ଣ୍ଣ ସହଯୋଗ କରୁଥିବା କହିଛନ୍ତି । ମିତାଙ୍କ ଏହି କାର୍ଯ୍ୟ ନିଶ୍ଚିତ ଭାବରେ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିବ ତାହା ସନ୍ଦେହ ନାହିଁ ।



**ଗରିବ ନିଷ୍ପେସିତଙ୍କ ପାଇଁ ସେ ଦେବଦୂତ । ବଡ଼ ବଡ ମେଡିକାଲ ଫେରାଇଥିବା ରୋଗୀ ଯୋଗ ଓ ପ୍ରାକୃତିକ ଚିକିତ୍ସାରେ ସୁସ୍ଥ ହେଉଛନ୍ତି । ଜଣେ କି ଦୁଇଜଣ ନୁହଁନ୍ତି ବରଂ ୩ ହଜାରରୁ ଉର୍ଦ୍ଧ୍ୱ ବିଭିନ୍ନ ରୋଗୀଙ୍କୁ ସୁସ୍ଥ କଲେଣି । ଅଧିକାଂଶ ପକ୍ଷାଘାତ ସୁସ୍ଥ ହୋଇ ଘରକୁ ଫେରିଛନ୍ତି । ଏନେଇ ରୋଗୀମାନେ ପ୍ରାକୃତିକ ଚିକିତ୍ସାକୁ ବେଶ ପ୍ରଶଂସା ମଧ୍ୟ କରୁଛନ୍ତି ।**



## ପକ୍ଷାଘାତ ରୋଗୀଙ୍କ ଦେବଦୂତ



ମୁକ୍ତେଶ୍ୱର ସ୍ୱାଇଁ

କେନ୍ଦ୍ରାପଡ଼ା ଜିଲ୍ଲା ଗରଦପୁର ବ୍ଲକ ବ୍ରହ୍ମପୁର ଗ୍ରାମର ୩୨ ବର୍ଷୀୟ ଯୁବକ ଦଉହରି ଦାଶ । ସେ ଜଣେ ସଫଳ ଚିକିତ୍ସକ ଭାବେ କେନ୍ଦ୍ରାପଡ଼ା ଜିଲ୍ଲାର କୋଣ ଅନୁକୋଣରେ ସେ ନିଜର ପରିଚୟ ସୃଷ୍ଟି କରିପାରିଛନ୍ତି । କେବଳ ଜଣେ ସଫଳ ଚିକିତ୍ସକ କହିଲେ ଯଥେଷ୍ଟ ହେବ ନାହିଁ ସେ ଜଣେ ଏକ ସୁନ୍ଦର ହୃଦୟ, ମନର ଅଧିକାରୀ । ଗରିବ ନିଷ୍ପେସିତଙ୍କ ଘରେ ପହଞ୍ଚି ଅତି କମ ଖର୍ଚ୍ଚରେ ରୋଗ ଭଲ କରିବାରେ ସେ ମାହିର । ମନୁଷ୍ୟ ସେବା ହିଁ ମାଧବ ସେବା ଉକ୍ତିରେ ଚିକିତ୍ସକ ଜଣଙ୍କ ନିଜ ଜୀବନକୁ ବଞ୍ଚୁଛନ୍ତି । ସକାଳୁ ଉଠି ପ୍ରଥମେ ୨ ଘଣ୍ଟା ଗୋମାତାଙ୍କ ସେବାରେ ସେ ସମୟ ଅତିବାହିତ କରନ୍ତି । ଯୋଗ ଏବଂ ପ୍ରାକୃତିକ ଚିକିତ୍ସାରେ ପିଜି କରି ଅନେକ ବର୍ଷ ଧରି ଏହି ଚିକିତ୍ସା ପଦ୍ଧତିରେ ଗବେଷଣା କରି ଆସୁଛନ୍ତି । ଏମିତିକି ମେଡ଼ିକାଲ ଫେରାଇଥିବା ଅନେକ ରୋଗୀ ସୁସ୍ଥ ହୋଇଥିବା ଦେଖିବାକୁ ମିଳିଛି । ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ବିଫଳ ହୋଇଥିବା ରୋଗୀଙ୍କ ପାଇଁ ସେ ବରଦାନ ସଦୃଶ କାମ କରୁଛନ୍ତି । ପାରାଲେସିସ, ଆଣ୍ଠୁଗଣ୍ଠି ସମସ୍ୟା, ହୃଦ ସମସ୍ୟା, ସମସ୍ତ ପ୍ରକାରର ପେଟ ରୋଗଠାରୁ ଆରମ୍ଭ କରି ସ୍ନାୟୁଗତ ଦୁର୍ବଳତା ରୋଗ ପର୍ଯ୍ୟନ୍ତ ପ୍ରାକୃତିକ ଉପାୟରେ ସୁସ୍ଥ କରିପାରୁଛନ୍ତି । ଆଜିର ଆଧୁନିକ ଯୁଗରେ ରୋଗ ହେବାର ବିଭିନ୍ନ କାରଣ ରହିଛି । ସବୁ ରୋଗର ଚିକିତ୍ସା କରିବା ସମ୍ଭବପର ହୋଇପାରି ନ ଥାଏ । ହେଲେ ରୋଗୀଟିର ଦୁଃଖ ଓ ଯନ୍ତ୍ରଣାକୁ ନିଜର ଭାବି ପ୍ରାକୃତିକ ଉପାୟରେ ସୁସ୍ଥ କରିବା, କେମିତି ରୋଗୀଟି ଶୀଘ୍ର ଆରୋଗ୍ୟ ଲାଭ କରିବ ସେଥିଲାଗି ଅତ୍ୟନ୍ତ ବ୍ୟଗ୍ର ହେବା ହିଁ ପ୍ରକୃତ ସମାଜସେବା ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।

## ବିଶ୍ୱାସ ଓ ପରମ୍ପରାର ଅନନ୍ୟ ଉଦାହରଣ ଢିଙ୍କି ପୂଜା

ପୁରୁଣା ଲୋକଙ୍କ କହିବାନୁଯାୟୀ ପୂର୍ବରୁ କୌଣସି କଳକବଜା ନ ଥିଲା । ଫଳରେ ଘରେ ଘରେ ବିବାହ, ବନ୍ଧା ପଣା, ପୂଜା, ନୂଆଁଖାଇ ଭଳି ପର୍ବପର୍ବାଣୀ ଆଦି ପଡ଼ିଲେ ଲୋକମାନେ କେବଳ ଢିଙ୍କିର ବ୍ୟବହାର କରୁଥିଲେ । ଢେଙ୍କି ଦ୍ୱାରା ଧାନରୁ ଚାଉଳ, ଚୁନା, ଚୁଡ଼ା ଏବଂ ମୁଢି ଚାଉଳ, ଗହମ ଏପରିକି ଅଦା, ରସୁଣ ମଧ୍ୟ ଭୋଜି କାର୍ଯ୍ୟରେ ଛେଚି ପ୍ରସ୍ତୁତ କରିଥାନ୍ତି । ଢିଙ୍କିରୁ ପ୍ରସ୍ତୁତ ହୋଇଥିବା ଖାଦ୍ୟ ଅତି ଭିଟାମିନ ଯୁକ୍ତ, ସ୍ୱାଦିଷ୍ଟ ହୋଇଥାଏ । କିନ୍ତୁ ଆଧୁନିକ ଯୁଗରେ ଆସର ମେଲେଇ ବସିଛି ନୂଆ ନୂଆ କଳକବ୍ଜା । ଅଳ୍ପ ସମୟରେ ବସ୍ତା ବସ୍ତା ଚାଉଳ, ଗହମ, ଚୁଡ଼ା ପେସା ଯାଇପାରୁଛି । କିନ୍ତୁ ଏହି ପୁରୁଣା ପରମ୍ପରା ସଂସ୍କୃତି ଲୋପ ପାଇ ବସିଥିବା ବେଳେ ପଶ୍ଚିମ ଓଡ଼ିଶାରେ ଢିଙ୍କିକୁ ମହିଳାମାନେ ଅନ୍ନପୂର୍ଣ୍ଣା ଭାବେ ପୂଜା କରିଥା'ନ୍ତି । କଥାରେ କୁହନ୍ତି ଯାହା ଘରେ ଢିଙ୍କି ରହିଥାଏ ତାହାଘରେ ମା'ଲକ୍ଷ୍ମୀଙ୍କ ଆସ୍ଥାନ ରହିଥାଏ । ସେନେଇ ଆଜିବି ବୌଦ୍ଧ ଜିଲ୍ଲାର କିଛି ଗାଁରେ କାଁ ଭାଁ ଢ଼ିଙ୍କି ରହିଛି, କେବଳ ଠାକୁରାଣୀଙ୍କ ନବାହ୍ନ ଭୋଗ ହେଉକି କି ପୂଜା କାର୍ଯ୍ୟରେ ଆବଶ୍ୟତା ହେଉଥିବା ଭୋଗ ରାଗର ପ୍ରସ୍ତୁତି ଢିଙ୍କି ଦ୍ୱାରା ହିଁ କାର୍ଯ୍ୟ ଜାରିରହିଛି । ବର୍ତ୍ତମାନ ବି ଆଧୁନିକତା ଯୁଗରେ ଲୋପ ପାଇଯାଉଥିବା ଢିଙ୍କି ବୌଦ୍ଧ ଜିଲ୍ଲାର ବିଭିନ୍ନ ଗ୍ରାମାଞ୍ଚଳ ଗୁଡ଼ିକରେ ବ୍ୟବହାର ହେଉଥିବା ଦେଖିବାକୁ ମିଳୁଛି । ଢିଙ୍କିର ପାଇଁ ଏକ ୮/ରୁ ୧୦ ଫୁଟ ଲମ୍ବ, ୧୦ଇଞ୍ଚ ଗୋଲେଇର ଏକ ସବଳ କାଠ ଦରକାର ହୋଇଥାଏ । କାଠର ଆଗରେ ଏକ କଣା କରି ତା ମଧ୍ୟରେ ଏକ ୨ଫୁଟ ଭିତରେ ଏକ ଛୋଟ କାଠ କିଳାର ମୂଳରେ ଲୁହା ବଳା ଲଗାଇ ଖଞ୍ଜା ଯାଇଥାଏ । ପରେ ମାଟି ଉପରେ ଏକ କାଠଶାଳରେ ଗାତ କରାଯାଇଥିବା ବେଳେ ଢିଙ୍କି କୁଟିବା ସମୟରେ ଏପଟ ସେପଟ ନ ହେବା ପାଇଁ ଢିଙ୍କି ମଝିରେ ଉଭୟ ପାର୍ଶ୍ୱରେ ଗାତ ଖୋଳି ଦୁଇଟି କାଠ ପୋତିଦିଆଯାଇଥାଏ । ଯେତେବେଳେ ଧାନ ଚାଉଳ ଚୁନା ଆଦି ପ୍ରସ୍ତୁତ କରିବାକୁ ହେଲେ ଦୁଇଜଣ ମହିଳା ଆବଶ୍ୟକ ତା ରହିଥାଏ । ଜଣେ ଢିଙ୍କିର ଶେଷ ମୁଣ୍ଡରେ ଗୋଡ଼ ସାହାଯ୍ୟ ରେ ଢିଙ୍କି କୁଟୁଥିବା ବେଳେ ଅନ୍ୟଜଣେ ଆଗରେ ରହି ଧାନ, ଚାଉଳ, ଆଦି ଗାତରେ ସାଉଁଟି ନେଇଥାନ୍ତି ।

**ଦିନଥିଲା ଧାନରୁ ଚାଉଳ ବାହାର କରିବା ହେଉ ଅବା ପିଠା ପାଇଁ ଚୁନାକୁଟା ହେଉ ଲୋକେ ଢିଙ୍କି ଉପରେ ନିର୍ଭର କରୁଥିଲେ । ସମୟକ୍ରମେ ଧାନକଳ, ଚୁଡ଼ାକଳ ସମେତ ଘରେ ଘରେ ଗ୍ରାଇଣ୍ଡର୍‌ର ବହୁଳ ବ୍ୟବହାର ଯୋଗୁଁ ଢିଙ୍କିର ଗୁରୁତ୍ୱ କମିବାରେ ଲାଗିଛି । ଅନେକ ଗାଁରୁ ଢିଙ୍କି ପ୍ରାୟ ଲୋପପାଇବାରୁ ବସିଲାଣି । ଏପରିସ୍ଥଳେ ବୌଦ୍ଧ ଜିଲ୍ଲାର ଅନେକ ଅଞ୍ଚଳରେ ଲୋକଙ୍କ ବିଶ୍ୱାସ ରହିଛି ଢିଙ୍କି ଥିଲେ ମା' ଲକ୍ଷ୍ମୀ କୁଆଡ଼େ ଅବସ୍ଥାନ କରିଥା'ନ୍ତି । ସେହିକ୍ରମେ ଅନେକ ପରିବାର ଏବେ ବି ଘରେ ଢିଙ୍କି ରଖି ପୂଜା କରୁଛନ୍ତି ।**



ଭାଗବତ ମେହେର





# ଭିଜିଲାନ୍ସ ଜାଲରେ ୨ ଲାଞ୍ଚୁଆ ଏଏସ୍ଆଇ

## ମାମଲାରୁ ନାମ କାଟିଦେବା ପାଇଁ ୫ ହଜାର ଲାଞ୍ଚ ନେଉଥିଲେ

**ଡାବୁଗାଁ, ୨।୩ (ସମିସ):** ଭିଜିଲାନ୍ସ ଜାଲରେ ପଡ଼ି ନବରଙ୍ଗପୁର ଜିଲ୍ଲା ଡାବୁଗାଁ ଥାନା ଏଏସ୍ଆଇ ସୀମାଞ୍ଚଳ ମହାରଣା ଗିରଫ ହୋଇଛନ୍ତି। ଏକ ଆପରାଧିକ ମାମଲାରୁ ଜଣେ ଅଭିଯୁକ୍ତଙ୍କ ନାମ କାଟିଦେବା ପାଇଁ ସେ ୫ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଆଜି ତାଙ୍କୁ ଧରିଛି।



ସୂଚନାଯୋଗ୍ୟ, ଡାବୁଗାଁ ଥାନା ଅଧୀନ ରାଉଳିଗୁଡ଼ା ଗ୍ରାମର ମକରନ୍ଦ ଜାନୀ ଗତ ଫେବୃଆରୀ ୮ ତାରିଖ ରାତିରେ ରାସ୍ତାରେ ଚାଲିଚାଲି ଯାଉଥିବା ବେଳେ ବାଇକ୍‌ରେ ଯାଉଥିବା ସେହି ଗ୍ରାମର ପଦୁ ସିଂ ଜାନୀ ତାଙ୍କୁ ଧକ୍କା ଦେଇଥିଲେ। ଏହାକୁ ନେଇ ଦୁହିଁଙ୍କ ମଧ୍ୟରେ ପାଟିତୁଣ୍ଡ ହେବାରୁ ପଦୁସିଂ ଏକ ଲୁହାରଡ଼୍‌ରେ ମକରନ୍ଦଙ୍କ ମୁଣ୍ଡକୁ ପିଟି ଦେଇଥିଲେ। ମକରନ୍ଦଙ୍କ ଭାଇ ଓ ଭାଉଜ ଏହା ଦେଖି ପଦୁସିଂକୁ ଅଟକାଇବାରୁ ସେ ତାଙ୍କୁ ମଧ୍ୟ ଗାଳିଗୁଲଜ କରି ମାଡ଼ ମାରିଥିଲା। ଏ ସଂପର୍କରେ ମକରନ୍ଦ ଗତ ଫେବୃଆରୀ ୯ ତାରିଖରେ ପଦୁସିଂଙ୍କ ବିରୋଧରେ ଡାବୁଗାଁ ଥାନାରେ ଏତଲା ଦେଇଥିଲେ। ଏତଲାକୁ ଭିତ୍ତି କରି ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପରେ ପଦୁସିଂ ମଧ୍ୟ ମକରନ୍ଦ ଓ ତାଙ୍କ ସ୍ତ୍ରୀ ଫନି ଜାନୀଙ୍କ ବିରୋଧରେ ପାଲଟା ଅଭିଯୋଗ କରିଥିଲେ। ଏହାକୁ ଭିତ୍ତି କରି ପୁଲିସ ଆଉ ଏକ ମାମଲା ରୁଜୁ କରିଥିଲା। ଏହି ୨ଟି ଯାକ ମାମଲାର ତଦନ୍ତ ଏଏସ୍ଆଇ ସୀମାଞ୍ଚଳ ମହାରଣା କରୁଥିଲେ। ତେବେ ଏହି ମାମଲାରୁ ଫନିଙ୍କ ନାମ କାଟିଦେବା ପାଇଁ ଏଏସ୍ଆଇ ଶ୍ରୀ ମହାରଣା ମକରନ୍ଦଙ୍କୁ ୫୦୦୦ ଟଙ୍କା ଲାଞ୍ଚ ମାଗିଥିଲେ। ଏନେଇ ମକରନ୍ଦ ଭିଜିଲାନ୍ସର ଦ୍ୱାରସ୍ଥ ହେବାରୁ ଏଏସ୍ଆଇଙ୍କୁ ଧରିବା ପାଇଁ ଜାଲ ବିଛାଯାଇଥିଲା। ଆଜି ମଧ୍ୟାହ୍ନରେ ମକରନ୍ଦ ଏଏସ୍ଆଇଙ୍କୁ ୫ହଜାର ଟଙ୍କା ଲାଞ୍ଚ ଦେବା ବେଳେ ସେଠାରେ ପୂର୍ବରୁ ଛପି ରହିଥିବା ଭିଜିଲାନ୍ସ ଅଧିକାରୀମାନେ ସୀମାଞ୍ଚଳଙ୍କୁ କାବୁ କରିଥିଲେ। ଭିଜିଲାନ୍ସ ଅଧିକାରୀଙ୍କୁ ଦେଖି ସୀମାଞ୍ଚଳ ପ୍ରଥମେ ଲାଞ୍ଚ ଟଙ୍କାକୁ ଥାନା ମାଲଖାନା ଭିତରକୁ ଫୋପାଡ଼ି ଦେଇଥିଲେ। କିନ୍ତୁ ଭିଜିଲାନ୍ସ ଅଧିକାରୀମାନେ ଏଏସ୍ଆଇଙ୍କୁ ମାଡ଼ି ବସିବା ସହ ମାଲଖାନା ମଧ୍ୟରୁ ଟଙ୍କା ଜବତ କରିଥିଲେ।

ମାଲକାନଗିରି ଭିଜିଲାନ୍ସ ଡିଏସ୍‌ପି ସଦାନନ୍ଦ ପାଣିଙ୍କ ନେତୃତ୍ୱରେ ନବରଙ୍ଗପୁର ଭିଜିଲାନ୍ସ ଡିଏସ୍‌ପି ଜୟଶ୍ରୀ ପ୍ରଧାନ, ଜୟପୁର ଭିଜିଲାନ୍ସ ଇନ୍ସପେକ୍ଟର ସରିତା ତ୍ରିପାଠୀ ଓ ସଞ୍ଜୟ ପ୍ରଧାନ, ନବରଙ୍ଗପୁର ଭିଜିଲାନ୍ସ ଇନ୍ସପେକ୍ଟର ଭୀମସେନ ପୂଜାରୀ ଏବଂ ମାଲକାନଗିରି, ଜୟପୁର ଓ ନବରଙ୍ଗପୁର ଭିଜିଲାନ୍ସ ଟିମ୍ ଚଢ଼ଉରେ ସାମିଲ ଥିଲେ। ଏନେଇ କୋରାପୁଟ ଭିଜିଲାନ୍ସ ପକ୍ଷରୁ ଏକ ମାମଲା ରୁଜୁ କରାଯାଇଛି। ପୂର୍ବରୁ ମଧ୍ୟ ସୀମାଞ୍ଚଳ ମହାରଣାଙ୍କ ନାମରେ ବହୁ ଅଭିଯୋଗ ହୋଇ ଆସୁଥିଲା।

## ମାମଲା ରଫାଦଫା ପାଇଁ ୮ ହଜାର ଲାଞ୍ଚ ନେଉଥିଲେ

**କଟକ, ୨।୩(ସମିସ):** ଲାଞ୍ଚ ନେବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ି ଗିରଫ ହୋଇଛନ୍ତି କଟକ ଜିଲ୍ଲା ଭଦ୍ରେଶ୍ୱର ଥାନା ଏଏସ୍ଆଇ ଆଲୋକ କୁମାର ଷଡ଼ଙ୍ଗୀ। ଏକ ମାମଲାର ରଫାଦଫା ପାଇଁ ଜଣେ ଅଭିଯୋଗକାରୀଙ୍କଠାରୁ ୮ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଅଭିଯୋଗକାରୀଜଣକ ଏ ସଂକ୍ରାନ୍ତରେ ପୂର୍ବରୁ



ଭିଜିଲାନ୍ସକୁ ଜଣାଇଥିଲେ। ଦାବି ମୁତାବକ ଏହି ଲାଞ୍ଚ ଟଙ୍କାକୁ ଭଦ୍ରେଶ୍ୱର ଥାନାର ଗ୍ୟାରେଜରେ ଏଏସଆଇ ଶ୍ରୀ ଷଡ଼ଙ୍ଗୀ ଗ୍ରହଣ କରୁଥିବା ବେଳେ ପୂର୍ବରୁ ଛକି ରହିଥିବା ଭିଜିଲାନ୍ସ ଟିମ ହାବୁଡରେ ପଡ଼ିଥିଲେ। ଭିଜିଲାନ୍ସ ଟିମ ଲାଞ୍ଚ ଟଙ୍କାକୁ ଜବତ କରିବା ସହ ଶ୍ରୀ ଷଡ଼ଙ୍ଗୀଙ୍କ ନାମରେ ଦୁର୍ନୀତି ନିବାରଣ ଆଇନରେ ଏକ ମାମଲା ରୁଜୁ କରିଛି। ଏଥିସହ ଶ୍ରୀ ଷଡ଼ଙ୍ଗୀଙ୍କ ଭଦ୍ରେଶ୍ୱରସ୍ଥିତ ଭଡ଼ାଘର, ଜଗତସିଂହପୁର ମୁକୁନ୍ଦପୁରର ପୈତୃକ ଘର ଓ ପୁରୀଠାରେ ଥିବା ଏକ ଘରେ ଭିଜିଲାନ୍ସ ପକ୍ଷରୁ ଚଢ଼ଉ କରାଯିବା ସହ ଅଧିକ ତଦନ୍ତ ଜାରି ରହିଛି।

## ମାଂସ ସହ ଧରାପଡ଼ିଲା ବାର୍ହା ଶିକାରୀ

**ହରଭଙ୍ଗା/ଚାରିଛକ, ୨।୩(ସମିସ):** ବୌଦ୍ଧ ଜିଲ୍ଲା ମହାନଦୀ ବନ୍ୟପ୍ରାଣୀ ବନାଞ୍ଚଳ ଅନ୍ତର୍ଗତ କୁସଙ୍ଗ ରେଞ୍ଜ ଅଭୟାରଣ୍ୟରୁ ବନ ବିଭାଗ ଜଣେ ବାର୍ହା ଶିକାରୀକୁ ଗିରଫ କରିଛି। ଅଭିଯୁକ୍ତଜଣଙ୍କ ହେଲା, ପୁରୁଣା କଟକ ଥାନା ଜାମୁପଦର ଗାଁର ସୁଧୀର ଦେହୁରୀ। ତା' ପାଖରୁ ବନ ବିଭାଗ ୨ଟି ବସ୍ତା ବାର୍ହା ମାଂସ ଜବତ କରିଥିଲା। ଗୋଟିଏ ବାର୍ହାକୁ ଶିକାର କରିବା ପରେ ତାକୁ ଦୁଇ ଖଣ୍ଡ କରି ବସ୍ତାରେ ଭର୍ତ୍ତି କରାଯାଇଥିଲା। ହରଭଙ୍ଗା ପ୍ରାଣୀ ଚିକିତ୍ସକ ଡାକ୍ତର ପ୍ରିୟବ୍ରତ

**ଖସିଗଲେ ୩ ଅଭିଯୁକ୍ତ**

ବେହେରା ରେଞ୍ଜ କାର୍ଯ୍ୟାଳୟରେ ମୃତ ବାର୍ହାର ବ୍ୟବଚ୍ଛେଦ କରିବା ପରେ ତାହାକୁ ପୋତି ଦିଆଯାଇଛି। ତେବେ ଏହି ଆପରାଧିକ ଘଟଣାରେ ସଂପୃକ୍ତ ୩ଜଣ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଛନ୍ତି। ଏ ନେଇ ବନ୍ୟପ୍ରାଣୀ ବିଭାଗ ଏକ ମାମଲା ରୁଜୁ କରି ସୁଧୀରକୁ କୋର୍ଟଚାଲାଣ କରିଛି। ସୂଚନାଯୋଗ୍ୟ, ଗତ ବିଳମ୍ବିତ ରାତିରେ ଅଭିଯୁକ୍ତମାନେ ମହାନଦୀ ବନ୍ୟପ୍ରାଣୀ ବନାଞ୍ଚଳ ନୟାଗଡ଼ ଅଧୀନ କୁଆଁରିଆ ରେଞ୍ଜ ଡୁଇଶିଙ୍ଗ ଅଞ୍ଚଳରୁ ବାର୍ହା ଶିକାର କରି ୨ଟି ବାଇକ୍‌ରେ ଚାରିଛକ ଆଡ଼କୁ ଆସୁଥିଲେ। ଗେରେଡି ସାହି ନିକଟରେ ପାଟ୍ରୋଲିଂ କରୁଥିବା ବନ ବିଭାଗ ଅଧିକାରୀ ଓ କର୍ମଚାରୀଙ୍କୁ ଦେଖି ୩ଜଣ ଫେରାର୍ ହୋଇଯାଇଥିବା ବେଳେ ସୁଧୀର ଧରା ପଡ଼ିଥିଲା।

## ସାଧାରଣ ବିଜ୍ଞାନରେ କପି କରି ୯ ଜଣ ଧରାପଡ଼ିଲେ

**କଟକ, ୨।୩(ସମିସ):** ଆଜି ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ (ମାଟ୍ରିକ) ପରୀକ୍ଷାର ସାଧାରଣ ବିଜ୍ଞାନ ବିଷୟରେ କପି କରି ମୋଟ ୯ ଜଣ ମାଲପ୍ରାକ୍ଟିସ ହୋଇଥିବା ଜଣାପଡ଼ିଛି। ମାଧ୍ୟମିକ ଶିକ୍ଷା ପରିଷଦ ଓ ଜିଲ୍ଲା ଶିକ୍ଷାଧିକାରୀମାନଙ୍କ ପକ୍ଷରୁ ଗଠିତ ସ୍କ୍ୱାଡ୍‌ର କଡ଼ାକଡ଼ି ଯାଞ୍ଚ କରୁଥିବା ବେଳେ ଆଜି କୌଣସି କେନ୍ଦ୍ରରେ କିଛି ଅନିୟମିତତା ଅଭିଯୋଗ ଆସିନାହିଁ। ଆଜିର ପରୀକ୍ଷା ଶୃଙ୍ଖଳିତ ଭାବେ ଶେଷ ହୋଇଥିବା ନେଇ ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି। ପୂର୍ବରୁ ମାତୃଭାଷାରେ ୧୦ଜଣ, ଇଂରାଜୀରେ ୪୨ଜଣ, ଗଣିତରେ ୫୧ଜଣ, ସଂସ୍କୃତ/ହିନ୍ଦୀରେ ୭ଜଣ କପି କରି ଧରାପଡ଼ିଥିଲେ। ଆଜି ସୁଦ୍ଧା ମୋଟ ୧୧୯ ଜଣ ମାଲପ୍ରାକ୍ଟିସରେ ବୁକ୍ ହୋଇଛନ୍ତି। ମାର୍ଚ୍ଚ ୪ରେ ଅନ୍ତିମ ସାମାଜିକ ବିଜ୍ଞାନ ପରୀକ୍ଷା ଅନୁଷ୍ଠିତ ହେବ।

# ପାଇଖାନା ଟାଙ୍କି ଘୋଡ଼ଣି ଭୁଶୁଡ଼ି ୭ ଛାତ୍ରୀ ଆହତ

**ରାୟଗଡ଼, ୨।୩(ସମିସ):** ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ୍ ଲକ୍ଷ୍ମୀପୁର କନ୍ୟାଶ୍ରମରେ ଶନିବାର ମଧ୍ୟାହ୍ନରେ ଏକ ପରିତ୍ୟକ୍ତ ପାଇଖାନା ଟାଙ୍କି ଘୋଡ଼ଣି ଭୁଶୁଡ଼ି ସାତଜଣ ଛାତ୍ରୀ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ଛାତ୍ରୀ ଗୁରୁତର ହୋଇଥିବା ଜଣାପଡ଼ିଛି। ତାଙ୍କୁ ପାରଳାଖେମୁଣ୍ଡି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସୂଚନା ଅନୁଯାୟୀ, ଶନିବାର ସକାଳୁଆ କ୍ଲାସ ସାରି ମଧ୍ୟାହ୍ନରେ ଛାତ୍ରୀମାନେ ନିଜ ନିଜର ପୋଷାକ ସଫା କରି ଶୁଖାଇବା ପାଇଁ ଏକ ପରିତ୍ୟକ୍ତ ପାଇଖାନା ଟାଙ୍କି ଉପରେ ଠିଆ ହୋଇଥିବା ବେଳେ ହଠାତ୍ ଘୋଡ଼ଣିଟି ଭୁଶୁଡ଼ି ପଡ଼ିଥିଲା। ଏଥିରେ କାବେରୀ ଶବର, ମୀନାକ୍ଷୀ ଶବର, ଅଙ୍କିତା ଭୂୟାଁ, ସୁରଭି ରଇତ, ସସ୍ମିତା ରଇତ, ମାଳତୀ ଶବର ଓ ଦେବସ୍ମିତା ଭୂୟାଁଙ୍କ ସମେତ ସାତ ଜଣ ନବମ ଶ୍ରେଣୀର ଅନ୍ତେବାସିନୀ ଆହତ ହୋଇଥିଲେ। ସେମାନଙ୍କୁ ଜିରାଙ୍ଗ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। କାବେରୀ ଶବରଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ପାରଳାଖେମୁଣ୍ଡି ସ୍ଥାନାନ୍ତର କରାଯାଇଛି।

## ସୁକିନ୍ଦା ଅଞ୍ଚଳରୁ ବଜ୍ରକାପ୍ତା ଉଦ୍ଧାର

**ସୁକିନ୍ଦା, ୨।୩ (ସମିସ):** ସୁକିନ୍ଦା ରେଞ୍ଜ ଅନ୍ତର୍ଗତ ଶୁକରଣ ଗ୍ରାମ ନିକଟରୁ ଶନିବାର ଅପରାହ୍ଣରେ ବଜ୍ରକାପ୍ତା ଉଦ୍ଧାର ହୋଇଥିବା ଜଣାପଡ଼ିଛି। ସୂଚନା ମୁତାବକ, ଦୁଇଜଣ ଅଜଣା ବ୍ୟକ୍ତି ଏକ ବଜ୍ରକାପ୍ତାକୁ ସୁନାଝରି ପାହାଡ଼ରୁ ଧରି ନେଇଯାଉଥିବା ସୁକିନ୍ଦା ରେଞ୍ଜର ବିପିନ ବିହାରୀ ରାଉତରାୟ ସୂଚନା ପାଇଥିଲେ। ରେଞ୍ଜରଙ୍କ ନିର୍ଦ୍ଦେଶ ପାଇ ବନବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ବନବିଭାଗ କର୍ମଚାରୀ ବଜ୍ରକାପ୍ତାକୁ ବନ ବିଭାଗ କାର୍ଯ୍ୟାଳୟରେ ରଖି ତା'ର ସ୍ୱାସ୍ଥ୍ୟ ପରୀକ୍ଷା କରିଥିବା ରେଞ୍ଜର୍ ବିପିନ ବିହାରୀ ରାଉତରାୟ ସୂଚନା ଦେଇଛନ୍ତି।

## ଶିବ ପ୍ରସାଦ ଷଡ଼ଙ୍ଗୀ ଭାପୁର ବ୍ଲକ ବିଜେଡି ସଭାପତି

**ଭୁବନେଶ୍ୱର, ୨।୩ (ସମିସ):** ନୟାଗଡ଼ ଜିଲ୍ଲାରେ ବିଜୁ ଜନତା ଦଳ ପକ୍ଷରୁ ନୂତନ କର୍ମକର୍ତ୍ତାଙ୍କୁ ନିଯୁକ୍ତି ମିଳିଛି। ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ନୟାଗଡ଼ର ଭାପୁର ବ୍ଲକରେ ଶିବ ପ୍ରସାଦ ଷଡ଼ଙ୍ଗୀଙ୍କୁ ସଭାପତି ଭାବେ ନିଯୁକ୍ତି ମିଳିଛି। ସେହିପରି ବେଣୁଧର ପ୍ରଧାନ କାର୍ଯ୍ୟକାରୀ ସଭାପତି ଦାୟିତ୍ୱ ପାଇଥିବା ବେଳେ ଭରତ କୁମାର ବେହେରା ଉପ-ସଭାପତି ନିଯୁକ୍ତ ହୋଇଛି। ଭାପୁର ବ୍ଲକ୍‌ରେ ବିଜେଡି ଉପଦେଷ୍ଟା ଦାୟିତ୍ୱ ପାଇଥିବା ନେତାମାନେ ହେଉଛନ୍ତି, ଲକ୍ଷ୍ମୀଧର ସାମନ୍ତରାୟ, ସନ୍ତୋଷ କୁମାର ତ୍ରିପାଠୀ, ମଧୁସୂଦନ ରଥ, ପଠାଣି ପଟ୍ଟନାୟକ, ଶତ୍ରୁଘ୍ନ ପଣ୍ଡା, ବୈକୁଣ୍ଠନାଥ ଦାସ, ଶାନ୍ତିଲତା ବେହେରା, ଲିଙ୍ଗରାଜ ଦାଶ, ଗଣନାଥ ଦାଶ, ପ୍ରଦୀପ କୁମାର ବେହେରା। ଅପରପକ୍ଷେ ସନ୍ତୋଷ କୁମାର ପାଲଟାସିଂଙ୍କୁ ଭାପୁର ବ୍ଲକ ଯୁବ ବିଜେଡି ସଭାପତି ଏବଂ ସତ୍ୟବ୍ରତ ମହାରଣାଙ୍କୁ ବିଜୁ ଛାତ୍ର ଜନତା ଦଳର ଭାପୁର ବ୍ଲକ ସଭାପତି ଦାୟିତ୍ୱ ପ୍ରଦାନ କରାଯାଇଛି।

**AFFIDAVIT**

I, Mariyam, D/o- Late Mohammed Abdul Quadir, resident of Ranjan Villa, Kanika Road, Tulasipur, Po-Tulasipur, Ps-Lalbag, Dist-Cuttack, Pin-753008, Odisha declare by this affidavit No.819, dated-29/02/2024 that now onwards I shall be known as **MARIYAM ABDUL QUADIR** for all future purposes.

**SALE**

Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Ready for Possession Aastha Highway South & North, Dhauli Chhak, BBSR. Contact- Bhavishya Homes Pvt Ltd.

**Ph.: 9437015112**

**SALE**

Studio Apartment Flat at Puri for Sale, 700mtrs from Beach, Loknath and Jagannath Temple. Fully Furnished with Jagannath Temple view from Room.

**Contact: 8599009999**

**LOST NOTICE**

I, Bhagabati Parida, age 65 years, W/o - Late Harekrushna Parida residing at Shreekhetra Greenwood, C-1102, Patrapada, Bhubaneswar, Odisha-751019, that my following land documents are lost and complaint has been filled at Baragada P.S. Bhubaneswar. Original ROR of Mouza Chandaka, Khata No.603/108, Original Rent Receipts of Khata No.603/108 from 1987 to 2010, Original RSD bearing No.2411, dtd. 09.03.1987, Order Copy U/s-144(2) CrP.C. dtd. 31.01.2011 in CMC 1211/2010, Certified copy of Sale Deed bearing No.3193, dtd.18.04.1962. If anyone who has found those documents can contact on my above address.

**ପୂର୍ବ ତଟ ରେଳପଥ**

ଫାଇଲ ନଂ.DRM/Engg/KUR/23-24/ E-Tender/137, ତା.27.02.2024ରିଖ

(1) ଟେଣ୍ଡର ସଂ.eTender-HQKUR-433-2023,ତା.16.02.2024ରିଖ

ବିବରଣୀ: ଖୋର୍ଦ୍ଧା ରୋଡ଼ ମଣ୍ଡଳର ବରିଷ୍ଠ ମଣ୍ଡଳ ଯନ୍ତ୍ରୀ (ମୁଖ୍ୟାଳୟ) ଅଧୀନସ୍ଥ ଖୋର୍ଦ୍ଧା ରୋଡ଼ ୟାର୍ଡ଼ଠାରେ ପ୍ରବଳିତ କ୍ଷତିଗ୍ରସ୍ତ PSC ଫ୍ୟାନ୍ ସେପ୍‌ଡ୍ (Fan shaped) ଲେଆଉଟ୍ ଗୁଡ଼ିକର ନବୀକରଣ ଏବଂ ଥ୍ରୋ ଟର୍ଣ୍ଣଆଉଟ୍ ନବୀକରଣ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (₹): 185.99 ଲକ୍ଷ, EMD (₹): 2,43,000/-।

(2) ଟେଣ୍ଡର ସଂ.etender-estatekur-347-2023, ତା.21.02.2024ରିଖ

ବିବରଣୀ: ଚନ୍ଦ୍ରଶେଖରପୁର, ଭୁବନେଶ୍ୱର ସ୍ଥିତ ମଞ୍ଚେଶ୍ୱର କଲୋନୀ ଠାରେ ଟାଇପ୍-II (1 ବ୍ଲକ୍ 12 ୟୁନିଟ୍), ଟାଇପ୍-III (G-20, G-21 & G-23 ବ୍ଲକ୍ 66 ୟୁନିଟ୍) କ୍ୱାର୍ଟର ଏବଂ ରେଳ ଆଡ୍ଡ୍ରେସ କଲୋନୀ ଠାରେ ଟାଇପ୍-I (64 ୟୁନିଟ୍), ଟାଇପ୍-II (ପୁରୁଣା ଏବଂ ନୂଆ E, F, G & H ବ୍ଲକ୍ 86 ୟୁନିଟ୍) ଏବଂ ଟାଇପ୍-III (ପୁରୁଣା 1, 2, 3 ବ୍ଲକ୍ ଏବଂ ନୂଆ 5 ବ୍ଲକ୍ 36 ୟୁନିଟ୍) କ୍ୱାର୍ଟରଗୁଡ଼ିକର ବିବିଧ ମରାମତି।

କାର୍ଯ୍ୟର ଆନୁମାନିକ ମୂଲ୍ୟ (₹): 217.03 ଲକ୍ଷ, EMD (₹): 2,58,500/-।

ଶେଷ ହେବା ଅବଧି: 12(ବାର) ମାସ (ଉଭୟ ଟେଣ୍ଡର ନିମନ୍ତେ)।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.13.03.2024 ରିଖ 1500 ଘଟିକାରେ (ଉଭୟ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ(ଇଂଜିନିୟରିଂ)/ ଖୋର୍ଦ୍ଧା ରୋଡ୍

PR-1143/O/23-24

**କଟକ ଉନ୍ନୟନ କର୍ତ୍ତୃପକ୍ଷ**

CDA

ଅରୁଣୋଦୟ ଭବନ, ଲିଙ୍କ ରୋଡ୍, କଟକ-୧୨

CAD-4426

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ଅଭିନବ ବିଡାନାସୀ, କଟକ (ମର୍କତ ନଗର) ସେକ୍ଟର-୭ରେ ପ୍ଲଟ୍ ନଂ.-G/449 ଟିକୁ ଶ୍ରୀ ତାପସ କୁମାର ସିହ୍ନା, ପିତା- ୰ ବିଜୟ କୁମାର ସିହ୍ନା, ସା- ଯୋବ୍ରା ଛକ, ଦାସ ସାହି, ପୋ- କଲେଜ ଛକ, ଥା- ମାଲଗୋଦାମ, ଜିଲ୍ଲା- କଟକ-୭୫୩୦୦୩ଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀ ତାପସ କୁମାର ସିହ୍ନା ଉକ୍ତ ପ୍ଲଟ ସହିତ ଗୃହଟିକୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ କୁମାରୀ ପ୍ରିୟଦର୍ଶିନୀ ନାୟକ, ପିତା- ପ୍ରସନ୍ନ କୁମାର ନାୟକ, ସା- ରାମରଙ୍ଗ, ପୋ- କଟିକଟା, ଥା- ନିଶ୍ଚିନ୍ତକୋଇଲି, ଜିଲ୍ଲା- କଟକ-୭୫୪୨୦୯ଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଉକ୍ତ ପ୍ଲଟ୍ ସହିତ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ, ତାହା ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର (୧୫) ଦିନ ମଧ୍ୟରେ ନିମ୍ନ ସାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ।

ସା/- ସଚିବ

OIPR-13037/11/0228/2324

O-2723

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, JAJPUR
'E' PROCUREMENT NOTICE NO. Tender Online 35 JJPT of 2023-24

| | | |
|---|---|---|
| 1. | Name of work | : Building & Road Works. |
| 2. | Total No of Work | : 01 No. Building & 5 No Road Work. |
| 3. | Estimated Cost (Approx.) | : Rs. 6.72 to 27.95 Lakhs |
| 4. | Period of Completion | : 6 Months & 15 Days |
| 5. | Class of contractors | : D, C and B Class |

Other details as follows:

| | | |
|---|---|---|
| a) | Procurement officer Rural Works Division, Jajpur | : Executive Engineer, |
| b) | Availability of tender online & submission of bid | :04.03.2024 at 10.00 AM to 11.03.2024 up to 5.00 PM |
| c) | Last date & time of seeking of tender clarification | : 11.03.2024 up to 2.00 PM |
| d) | Opening of Technical Bid | : 12.03.2024 at 11.30 A.M. |

Further details can be seen from the Govt. website www.tendersodisha.gov.in

Executive Engineer
Rural Works Division
Jajpur

OIPR-25047/11/0054/2324

ODISHA LIFT IRRIGTION CORPORATION LIMITED
CAD-4459
( A Government of Odisha Undertaking)
OFFICE OF THE EXECUTIVE ENGINEER, L.I. DIVISION, BHUBANESWAR
e-Mail: eeolicdivn.bbsr@ymail.com Tel. 0674-2391847
*e-Procurement Notice*

**Bid Identification No. 1313 /2023-24 Dt. 02.03.2024**

The **Executive Engineer, Lift Irrigation Division, Bhubaneswar** on behalf of ODISHA LIFT IRRIGATION CORPORATION LIMITED, BHUBANESWAR invites **percentage Rate bids in online mode** for installation & Energisation of Lift Irrigation Projects in Puri district under **BKVY (RIDF-XXIX) 2023-24** in TURNKEY BASIS as mentioned below from the reputed Contractors/ Firms having valid HT license issued by E.L.B.O, Odisha and Civil license as mentioned below.

1. Nature of work : Execution of work for installation & Energisation of 20 Nos L. I. Projects in different blocks of Puri district.
2. No. of packages : 08 Nos.
3. Period of completion : 90 days
4. Date & time of availability of bid documents in the portal : 13.03.2024 at 10.00 A.M.
5. Last date & time for receipt of bids in the portal : 21.03.2024.up to 5.00 P.M.
6. Date & time of seeking clarification : 14.03.2024 at 10.00 A.M. to 20.03.2024 up to 5.00 P.M.
7. Opening date & time : **22.03.2024** at 11.00 A.M.
8. Name & address of the officer inviting Bid : Executive Engineer, Lift Irrigation Division, Bhubaneswar

The details of tender are available in the Government tender web site i.e. www.tendersorissa.gov.in. and other related documents are available in the DTCN for bidding. Any Addendum/ corrigendum/ Cancellation of tender will be available in the said website.

Executive Engineer
L.I. Division, Bhubaneswar

OIPR-32155/11/0034/2324

C-3305

*Tel/Fax - 06852 – 250740*
*e-mail –eephkrp@gmail.com*

OFFICE OF THE SUPERINTENDING ENGINEER
P.H. DIVISION KORAPUT
GOVERNMENT OF ODISHA "e" procurement Notice
**e-procurement Notice for 2023-24**
**Bid Identification No.SE,P.H.KPT-14 of 2023-24 Dt.23.02.2024**

| | | |
|---|---|---|
| Name of work | : | Procurement of DI pipes |
| Total No.of works | : | 1 (One work) |
| Estimated Cost | : | Rs.770.03 lakh (Approx.) |
| Class of Contractor | : | Manufacturer |
| Period of Completion | : | 60 days |

| Procurement Officer | Bid Identification No. | No.of works | Availability of Tender On-line for Bidding | | Date & time of opening of Bid |
|---|---|---|---|---|---|
| | | | From | To | |
| 1 | 2 | 3 | 4 | 5 | 6 |
| Superintending Engineer, P.H. Division, Koraput | SE,P.H.KPT-14 of 2023-24 Dt.23.02.2024 | 1 (One) | 11.00 A.M. 02.03.2024 | 05.00 P.M. 12.03.2024 | 11.00 A.M. 13.03.2024 |

Further details can be seen from the e-Procurement portal "https://www.tendersodisha.gov.in"

(Er. Chiranjibi Mahali)
Superintending Engineer,
P.H. Division, Koraput

OIPR-13008/11/0025/2324

A-1646
GOVERNMENT OF ODISHA, DEPARTMENTOF WATER RESOURCES
OFFICE OF THE ADDITIONAL CHIEF ENGINEER, MECHANICAL CIRCLE, HIRAKUD,
Email address: semech-eicwr.od@nic.in
E-Procurement Notice- Bid Identification No. ACEMC/MDHKD: 01/2024-25 dt.01.03.2024

1. Name of the Work : Mechanical Gate Works of MI Division, Dhenkanal
2. No. of Work : 01 (One) No.
3. Category of executors : SSI Units registered under DIC/ NSIC/ MSME for Irrigation Shutters/ Hydro Mechanical Gates
4. Bid Identification No. : ACEMC/MDRGL :01/2024-25dt.01.03.2024
5. Estimated Cost : 14,19,151.00(Excluding GST)
6. Period of Completion : Two Calendar Months.
7. Date & time of availability of bid Documents in the Portal : From dt.16.03.2024(10.00 AM) to dt.02.04.2024(5.30PM)
8. Last date/ time for receipt of bid In the Portal : dt.02.04.2024(up to 5.30 PM)
9. Date and Place of opening of Bid :dt.03.04.2024,10.00 AM onwards in O/o the undersigned
10. Name of the Officer inviting Bids : Additional Chief Engineer, Mechanical Circle, Hirakud.

Further details can be seen only from e-procurement portal **https://tendersodisha.gov.in**

Additional Chief Engineer
Mechanical Circle, Hirakud

OIPR-32344/11/0003/2324

OHPC
ODISHA HYDRO POWER CORPORATION LIMITED
BALIMELA HYDRO ELECTRIC PROJECT:,POST: BALIMELA: DIST: MALKANGIRI (ODISHA); PIN: 764051:
Phones: 06861-232581 (O)/232641 (R) : FAX:06861-232541.,E-Mail
unit.head_balimela@yahoo.com
REGD. OFFICE:ODISHA HYDRO POWER CORPORATION LIMITED
(A Govt. of Odisha Undertaking)
ODISHA STATE POLICE HOUSING & WELFARE CORPORATION BUILDING, VANIVIHAR CHOUK,JANAPATH,BHUBANESWAR-751022
CIN: U40101OR1995SGC003963, GSTIN-21AAACO2575P1Z9

**TENDER CALL NOTICE No.BHEP/TECH/ 30 /2023-24 Dtd.29.02.2024**

Sealed tenders are invited in two part bid basis (Techno-commercial Bid & Price Bid) from the reputed Manufacturers/ authorized dealer/ chanel partner for supply of materials as detailed below.

| Sl .No. | Description of Items. | Cost of Tender Paper (In Rs.) |
|---|---|---|
| 1. | Procurement of EHV Grade Power Transformer Oil (Naphthenic Based) Power oil to 1020 60U Conforming to IS:335:2018 (5th revision), Type - I, Uninhibited. | : 7,080/- Inclusive of GST @ 18% |

The Sale of Tender Paper will be from : 04.03.2024 to 18.03.2024 (up to 12:00 hrs)
The last date & time of receipt of tenders : Up to 12:00 hrs of 18.03.2024.
Date and time of opening of the Techno Commercial Bid: 18.03.2024 at 12:30 hrs

*For details of tender documents, Terms and Conditions, Eligibility criteria and downloading, please visit our website at* **www.ohpcltd.com**

C&P Head
BHEP, Balimela

OIPR-04019/11/0036/2324 CAD-4434

MM-489

OFFICE OF THE DIVISIONAL FOREST OFFICER,
RAYAGADA FOREST DIVISION: RAYAGADA
QUOTATION CALL NOTICE FOR THE YEAR 2023-24

The Divisional Forest Officer, Rayagada Division (Purchaser) invites sealed quotations from the intending suppliers / manufacturers for supply of the following uniform articles. The quotations should reach the undersigned on or **before 10.03.2024**. The quotation will be **opened on 11.03.2024** at 11 a.m by the purchase committee. The authority reserves the right to accept or reject the quotations without assigning any reason thereof. The quotations should be accompanied by copy of (1) valid PAN Card (2) GST Certificate. Sample of each items should be attached with the sealed quotation. The purchase may be done in full or part thereof as per availability of funds.

| | Name of the Uniform Articles | Approximate requirement |
|---|---|---|
| 1. | Woodland shoes (Leather Khaki model) - | 38Nos. |
| 2. | ID Card & Name Plate - | 123 Nos. |
| 3. | O.F.Badges for F.Gs - | 123 Nos. |
| 4. | Raymond Super Trovine Khaki Cloth(Sh.No-56)- | 123 nos (370-Mtrs) |
| 5. | Stars 38 pairs for Forester - | 38 Nos. |

Divisional Forest Officer,
Rayagada Division

OIPR-08062/11/0012/2324

INVITATION FOR BIDS (IFB) O-2726
NATIONAL COMPETITIVE BIDDING THROUGH E-PROCUREMENT
IDENTIFICATION NO: RWS&S DIVN., PURI – 56 OF 2023-24
☎ (06752) 251276 Fax - (06752) 251276 E-mail – eerwss_puri@nic.in

The Executive Engineer, RWS&S Division, Puri on behalf of Governor of Odisha invites Percentage rate price bids through e-procurement in single cover system according to the norms of e-procurement system, in on-line mode from eligible contractors.

| Sl. No. | Nature of work: | Supplying, Installation, Testing and Commissioning of Iron Removal Plant at Jabahar Nabodaya Vidyalaya, Konark under Gop Block in Puri District. |
|---|---|---|
| 1. | No. of works: | 01 (ONE) |
| 2. | Estimated Cost: | Rs. 11.00 lakhs |
| 3. | Time for completion: | 2 (Two) months |
| 4. | Cost of bidding document: | Rs. 6000/- |
| 5. | Class of Contractors eligible: | D & C |
| 6. | Availability of bids on-line: | From 11.00 hour of 04.03.2024 to 17.00 hours of 13.03.2024 |
| 7. | Last date and time for seeking clarification: | 17.00 hours of 11.03.2024 |
| 8. | Date & time of opening of technical bids: | On dt 14.03.2024 at 11.30 Hours in the office of the Executive Engineer, RWS&S Division, Puri (All documents should be submitted in online only. No original documents should be dropped in dropping box before opening of technical bid in Division Office). |
| 9. | Date and time of opening of financial bids: | Does not arise. |

Further details can be seen from the website https://www.tendersorissa.gov.in. Subsequent corrigendum if any shall appear in the web site.

Superintending Engineer,
RWS&S Division, Puri

OIPR-25017/11/0026/2324

GOVERNMENT OF ODISHA
A-
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER
RENGALI LEFT BANK CANAL DIVISION, AT/P.O. Kamakhyanagar
Dist: Dhenkanal, Odisha, PIN-759018
☎:06769-270771 Email ID - eerlbcdivision@gmail.com

**SHORT QUOTATION CALL NOTICE No. 17 /2023-24**

| | | |
|---|---|---|
| 1 | Name of Work | Procurement of 03 Nos of Auto level machine with its accessories for office of the Superintending Engineer, RLBC Division, Kamakhyanagar. |
| 2 | Total No. of Works | 1)Sokkia Make Auto Level Model B40A in case with Tripod Double lock=03 Nos. 2)Cube Mould (15 x 15x 15)cm=9 Nos 3)Fiber Staff7.5m=02 Nos 4)Fiber Staff 5m=03 Nos |
| 3 | Estimated Cost (Excluding GST @18%) | Rs.1,43,850.00 |
| 4 | Period of Completion | 7 Days |
| 5 | Class of Contractor | Intending Firms / Dealers / Manufacturers. |
| 6 | EMD / Bid Security Amount / Mode of Payment | 1% of the quoted value must be furnished along quotations in shape of NSC/KVP/ Deposit Receipt from the scheduled bank duly pledged in favour of the Superintending Engineer, RLBC Division, Kamakhyanagar |
| 7 | Other details: | |
| | (i) Procurement Officer | Superintending Engineer, Rengali Left Bank Canal Division, Kamakhyanagar. |
| | (ii) Quotations shall be received by The O/o.the S.E,RLBC Division, Kamakhyanagar. | From dt.26.02.2024 (at 10.00 Hours) to dt.04.03.2024 (upto 13.00 Hours). |
| | (iii).Date, time & venue of Opening of Quotations. | On dt. 04.03.2024 at 17.00 Hours in the O/o the Superintending Engineer, Rengali Left Bank Canal Division, Kamakhyanagar |
| | (iv) Availability of SQCN | Further Details can be obtained through e-Mail on eerlbcdivision@gmail.com. |

Superintending Engineer
R.L.B. Canal Division, Kamakhyanagar

OIPR-32298/11/0017/2324

## ଚନ୍ଦାହାଣ୍ଡି ବ୍ଲକ୍‌କୁ ମିଳିଲା ଆଉ ଏକ ଆମ୍ବୁଲାନ୍ସ

# ବିଧାୟକ ପାଣ୍ଠିରୁ ପ୍ରଦତ୍ତ ଆମ୍ବୁଲାନ୍ସ ସେବା ଶୁଭାରମ୍ଭ

**ଚନ୍ଦାହାଣ୍ଡି,୨।୩(ସମିସ)**



ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକକୁ ଶନିବାର ଆଉ ଏକ ଆମ୍ବୁଲାନ୍ସ ମିଳିଛି। ପୂର୍ବରୁ ତିନିଟି ଆମ୍ବୁଲାନ୍ସ ବ୍ଲକର ବିଭିନ୍ନ ଅଞ୍ଚଳକୁ ସ୍ୱାସ୍ଥ୍ୟସେବା ଯୋଗାଇବାକୁ ରହିଥିବାବେଳେ ତାହା ପର୍ଯ୍ୟାପ୍ତ ନ ହେବାରୁ ଶନିବାର ବିଧାୟକଙ୍କ ପାଣ୍ଠିରୁ ପ୍ରଦତ୍ତ ଆଉ ଏକ ଆମ୍ବୁଲାନ୍ସ ଚନ୍ଦାହାଣ୍ଡି ବ୍ଲକ୍ ପାଇଁ ପ୍ରଦାନ କରାଯାଇଛି। ଏହାକୁ ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝୀ ଶନିବାର ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଏହି ଆମ୍ବୁଲାନ୍ସ କାର୍ଯ୍ୟକ୍ଷମ ପରେ ନବରଙ୍ଗପୁର ଜିଲ୍ଲାର ଚନ୍ଦାହାଣ୍ଡି ବ୍ଲକ୍ ସମେତ ଝରିଗାଁ ବ୍ଲକର କିଛି ଅଞ୍ଚଳବାସୀ ଉପକୃତ ହେବେ।

ସୂଚନା ଅନୁସାରେ, ଚନ୍ଦାହାଣ୍ଡି ଓ ଝରିଗାଁରେ ଅଧିକ ଆମ୍ବୁଲାନ୍ସର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝୀ ନିଜସ୍ୱ ବିଧାୟକ ପାଣ୍ଠିରୁ ୩୦ ଲକ୍ଷ ବ୍ୟୟ ବରାଦ କରି ଦୁଇଟି ଆମ୍ବୁଲାନ୍ସ କିଣିବା ପାଇଁ ଚିଠି ନଂ ୬୨୯/୨୩ ରେ ନବରଙ୍ଗପୁର ଜିଲ୍ଲାପାଳଙ୍କୁ ଚିଠି ଲେଖିଥିଲେ। ଏହାପରେ ଶନିବାରଠାରୁ ଉକ୍ତ ଟଙ୍କା କିଣାଯାଇଥିବା ଆମ୍ବୁଲାନ୍ସ ଚନ୍ଦାହାଣ୍ଡି ବ୍ଲକର ଅଭ୍ୟନ୍ତର ଅଞ୍ଚଳବାସୀଙ୍କୁ ସେବା ଯୋଗାଇବା ଆରମ୍ଭ କରିଛି। ଏହି ଶୁଭାରମ୍ଭ କାର୍ଯ୍ୟକ୍ରମରେ ବ୍ଲକ୍ ଅଧକ୍ଷା ସୁମିତ୍ରା ପୂଜାରୀ, ଉପାଧକ୍ଷ ବାସୁଦେବ ଗୌଡ଼, ଭାରପ୍ରାପ୍ତ ଗୋଷ୍ଠୀ ଚିକିତ୍ସା ଅଧିକାରୀ ଡା. ସନ୍ଦୀପ ଶତପଥୀ, ସମିତିସଭ୍ୟା ନିରୁପମା ଧୂରୁଆ, ବ୍ଲକ୍ ବିଜେଡି ସଭାପତି ଗୌରହରି ନାୟକ, ବ୍ଲକର ଜୋନ୍-୧ ସଭାପତି ଯୁବରାଜ ଜଗତ, ତ୍ରିନାଥ ଦାଶ, ଏସଡିସି ସଦସ୍ୟ ହର ପୂଜାରୀ, ସମିତିସଭ୍ୟ ପୂର୍ଣ୍ଣଚନ୍ଦ୍ର ସୋରି, ଟେକରାମ ମାଝୀ, ସରପଞ୍ଚ ଦୁଲବ ପୂଜାରୀ, କୃଷ୍ଣ ଜାନି, ମଥୁରା ପୂଜାରୀଙ୍କ ସମେତ ରଷ୍ଟୁ ବାଗ, ପୁରୁଷୋତ୍ତମ ପାରି, କିଶୋର ଖମାରୀ, ନୀଳମଣି ଗୌଡ଼, ଗଙ୍ଗାରାମ ମାଳି, ଡା. ସିଦ୍ଧାର୍ଥ ପତି, ଡା. ଦୁର୍ଗା ପ୍ରସାଦ ସ୍ୱାଇଁ, ଡା.ବସନ୍ତ ଷଡ଼ଙ୍ଗୀ, ବିପିଏମ୍‌ଓ ସୁଦୀପ୍ତ ରଞ୍ଜନ ରାଉତ, ସ୍ୱାସ୍ଥ୍ୟ ପରିଦର୍ଶକ ନୀତିଶ କୁମାର ବ୍ରହ୍ମା, ଆଶୁତୋଷ ଖମାରି, ସ୍ୱାସ୍ଥ୍ୟ କେନ୍ଦ୍ରର ଅନେକ କର୍ମଚାରୀ ଉପସ୍ଥିତ ଥିଲେ।

# ପକ୍କାଘର ପାଇଁ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ



**କୋରାପୁଟ,୨।୩(ସମିସ):** କୋରାପୁଟ ଜିଲ୍ଲା ନାରାୟଣପାଟଣା ବ୍ଲକ୍ ଉପରଡେକାପାଡୁ ପଞ୍ଚାୟତର ଡେକାପାଡୁ ଗ୍ରାମର ଗ୍ରାମବାସୀମାନେ ପକ୍କାଘର ସୁବିଧା ପ୍ରଦାନ ନିମନ୍ତେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ବାରମ୍ବାର ବିଡିଓଠାରୁ ସରପଞ୍ଚ ପର୍ଯ୍ୟନ୍ତ ଆବାସ ଯୋଜନାରେ ଘର ଖଣ୍ଡିଏ ପାଇଁ ଗୁହାରୀ କରିଥିଲେ ମଧ୍ୟ କେହି ଆମ କଥାକୁ କର୍ଣ୍ଣପାତ କରି ନ ଥିବା ସମର ସିରିକା କହିଛନ୍ତି। ଆମେ ଟିଣ ଓ ଝାଟିମାଟି ଘରେ ରହୁଛୁ। ବର୍ଷା ଦିନରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛୁ ବୋଲି ସେ କହିଛନ୍ତି। ତେଣୁ ଆବାସ ଯୋଜନାରେ ଘର ଖଣ୍ଡିଏ ଯୋଗାଇଦେବା ପାଇଁ ଗ୍ରାମବାସୀମାନେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି।

# ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର; ସ୍ୱାମୀ ଗିରଫ

**ନବରଙ୍ଗପୁର,୨।୩(ସମିସ):** ନବରଙ୍ଗପୁର ସହର ନିକଟ ନବରଙ୍ଗପୁର ଥାନା ମିରଗାନଗୁଡ଼ାର ଗୋଟିଏ ଘରୁ ଜଣେ ବିବାହିତା ମହିଳାଙ୍କ ଝୁଲନ୍ତା ମୃତଦେହକୁ ଉଦ୍ଧାର କରିଛି ନବରଙ୍ଗପୁର ଟାଉନ ଥାନା ପୁଲିସ। ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ମୃତ ମହିଳା ଜଣକ ହେଲେ ସାବିତ୍ରୀ ଖଣ୍ଡପାନ (୨୩)। ସେ ଜିଏନ୍‌ଏମ୍ ଟ୍ରେନିଂ କଲେଜରେ ସିକ୍ୟୁରିଟି ଗାର୍ଡ ଭାବେ କାର୍ଯ୍ୟରତ ଥିଲେ। ଅନ୍ୟପକ୍ଷରେ ପୁଲିସ ସମ୍ପୃକ୍ତ ମହିଳାଙ୍କୁ ହତ୍ୟା କରାଯାଇଥିବା ନେଇ ସ୍ୱୀକାର କରିବାକୁ ତାଙ୍କ ସ୍ୱାମୀ ଗୋବିନ୍ଦ ପାନକାକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ମୃତ ସାବିତ୍ରୀଙ୍କ ସ୍ୱାମୀ ଗୋବିନ୍ଦ ପାନକା ଜିଲ୍ଲା ମୁଖ୍ୟ ଡାକ୍ତରଖାନାର ରକ୍ତ ଭଣ୍ଡାରରେ କାର୍ଯ୍ୟ କରନ୍ତି। ଉଭୟଙ୍କର ଦୁଇ ପୁଅ ଥିବାବେଳେ ସମସ୍ତେ ମିରଗାନଗୁଡ଼ା ଅଞ୍ଚଳରେ ଏକ ଭଡ଼ାଘରେ ରହୁଥିଲେ। ଶୁକ୍ରବାର ରାତି ପ୍ରାୟ ୧୨ଟା ପରେ ଗୋବିନ୍ଦ କାମ ସାରି ଘରକୁ ଫେରିବା ବେଳକୁ ଘର ଭିତରେ ସାବିତ୍ରୀଙ୍କର ଝୁଲନ୍ତା ମୃତଦେହ ଦେଖି ତୁରନ୍ତ ଟାଉନ ଥାନା ପୁଲିସକୁ ଖବର ଦେଇଥିଲେ। ଶନିବାର ସକାଳେ ଖବର ପାଇ ପୁଲିସ ପହଞ୍ଚି ଶବ ଉଦ୍ଧାର କରିବା ସହ ମହିଳାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରି ତାଙ୍କ ସ୍ୱାମୀ ଗୋବିନ୍ଦଙ୍କୁ ଥାନାକୁ ଆଣି ପଚରାଉଚରା କରିଥିଲା। ପରେ ସ୍ୱାମୀ ହିଁ ହତ୍ୟାକାରୀ ବୋଲି ସ୍ପଷ୍ଟ ହେବା ପରେ ନବରଙ୍ଗପୁର ଥାନା ପୁଲିସ ଏନେଇ ଏକ ହତ୍ୟା ମାମଲା (୧୦୧/୨୪) ରୁଜୁ କରି ତଦନ୍ତ ଜାରି ରଖିଥିବାବେଳେ ଗୋବିନ୍ଦଙ୍କୁ କୋର୍ଟ ଚାଲାଣ କରିଥିବା ପୁଲିସ ସୂଚନା ଦେଇଛି।

# ଛାତ୍ରଛାତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା




**ମାଲକାନଗିରି,୨।୩(ସମିସ):** ମାଲକାନଗିରି ମହାବିଦ୍ୟାଳୟର ଶିକ୍ଷା ସମ୍ମାନ ବିଭାଗ ଶେଷ ବର୍ଷର ଛାତ୍ରଛାତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅଧକ୍ଷ ଲିଙ୍ଗରାଜ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ବରିଷ୍ଠ ଅଧ୍ୟାପକ ଅଶୋକ କୁମାର ଷଡ଼ଙ୍ଗୀ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ବଡ଼ ସ୍ୱପ୍ନ ଦେଖି ଭଲ ମଣିଷ ହେବା ପାଇଁ ଉପଦେଶ ଦେଇଥିଲେ। ମୁଖ୍ୟବକ୍ତା ବାଣିଜ୍ୟ ବିଭାଗର ମୁଖ୍ୟ ଡ. ରଞ୍ଜନ କୁମାର ସ୍ୱାଇଁ ଭଲ ପାଠପଢ଼ି ସୁନାଗରିକ ହୋଇ ମାଲକାନଗିରି ମହାବିଦ୍ୟାଳୟର ଯଶଖ୍ୟାତି ବଢ଼ାଇବାକୁ ପରାମର୍ଶ ଦେଇଥିଲେ। ଏହି ସଭାକୁ ବିଭାଗୀୟ ମୁଖ୍ୟ ଗୌତମ ନାୟକ ସ୍ୱାଗତ ଭାଷଣ ଏବଂ ମଞ୍ଚ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଏକ ଶହେରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଉପସ୍ଥିତ ରହି ମହାବିଦ୍ୟାଳୟରେ ନିଜର ଅନୁଭୂତି ବଖାଣି ଥିଲେ। ସଭା ଶେଷରେ ଅଧ୍ୟାପିକା ସୀତାଂଶୁ ମାଳିନୀ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ। ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଓ ବନ୍ଧୁମିଳନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

# ସହକାରୀ ବନ ସଂରକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ମାଲକାନଗିରି,୨।୩(ସମିସ):** ମାଲକାନଗିରି ଜିଲ୍ଲା ବନାଞ୍ଚଳ ଅଧିକାରୀ ଭାବେ ୩ ବର୍ଷ ଧରି କାର୍ଯ୍ୟ କରିଥିବା ଜଗନ୍ନାଥ ପ୍ରସାଦ ବିଶୋଇଙ୍କ ଗତ ମାସରେ ସହକାରୀ ବନ ସଂରକ୍ଷକ ଭାବେ ପଦୋନ୍ନତି ହୋଇଥିବା ସହ ସୁନ୍ଦରଗଡ଼ ଜିଲ୍ଲା ବଣାଇ ବନଖଣ୍ଡକୁ ବଦଳି ହୋଇଥିଲା। ଶ୍ରୀ ବିଶୋଇଙ୍କ କାର୍ଯ୍ୟକାଳ ମଧ୍ୟରେ ବାଲିମେଳା ଓ କାଲିମେଳା ବନାଞ୍ଚଳ ଅଧିକାରୀ ଭାବେ କିଛି ମାସ ଦକ୍ଷତାର ସହ ନିଜର କାର୍ଯ୍ୟ ସମ୍ପାଦନ କରିଥିଲେ। ତାଙ୍କର ବଦଳି ହେତୁ ମାଲକାନଗିରି ବନାଞ୍ଚଳ ତରଫରୁ ଆୟୋଜିତ ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ ଡିଏଫଓ ପ୍ରତାପ କତାପାଲ୍ଲୀ, ସହକାରୀ ବନ ସଂରକ୍ଷକ ଲିଲି ଅମାନତ, ମାଥିଲି ବନ ଅଧିକାରୀ ବାସୁଦେବ ନାୟକ, ଚିତ୍ରକୋଣ୍ଡା ବନାଞ୍ଚଳ ଅଧିକାରୀ ବଳରାମ ନାୟକ, ମୋଟୁ ବନାଞ୍ଚଳ ଅଧିକାରୀ ରଶ୍ମିରଞ୍ଜନ ସ୍ୱାଇଁ, କାଲିମେଳା ବନାଞ୍ଚଳ ଅଧିକାରୀ ଟଙ୍କଧର ଦାସ, ବାଲିମେଳା ବନାଞ୍ଚଳ ଅଧିକାରୀ ଲିପ୍ସିତା କୁଅଁର ସମ୍ବର୍ଦ୍ଧନା ଉତ୍ସବରେ ଶ୍ରୀ ବିଶୋଇଙ୍କ ପ୍ରଶଂସା କରିବା ସହ ତାଙ୍କୁ ବିଦାୟ ସମ୍ବର୍ଦ୍ଧନା ଦେଇଥିଲେ। ଡିଏଫଓ ଶ୍ରୀ କତାପାଲୀ ବିଶୋଇ ପଦୋନ୍ନତି ପାଇଥିବାରୁ ଖୁସିବ୍ୟକ୍ତ କରିବା ସହ ଜିଲ୍ଲାର ଜଣେ ଦକ୍ଷ ବନାଧିକାରୀଙ୍କ ଅନୁପସ୍ଥିତି ସବୁବେଳେ ଅନୁଭବ ହେବ ବୋଲି ପ୍ରକାଶ କରିଥିଲେ। ଶ୍ରୀ ବିଶୋଇଙ୍କ ବଦଳରେ ମାଲକାନଗିରି ଭାରପ୍ରାପ୍ତ ବନାଞ୍ଚଳ ଅଧିକାରୀ ଭାବେ ଉପ ବନାଞ୍ଚଳ ଅଧିକାରୀ ବାଣିଶ୍ରୀ ମନସ୍ୱିନୀ ଦେବୀଙ୍କୁ କାର୍ଯ୍ୟଭାର ଅର୍ପଣ କରାଯାଇଛି। ସୂଚନାନୁଯାୟୀ, ଶ୍ରୀ ବିଶୋଇ ଜଙ୍ଗଲ ବନ୍ୟଜନ୍ତୁ ସୁରକ୍ଷା, ଚାରାରୋପଣ ସହ ବନ ବିଭାଗର ଅନ୍ୟାନ୍ୟ ଯୋଜନାରେ କାର୍ଯ୍ୟ କରି ସୁନାମ ଅର୍ଜନ କରିଥିଲେ। ସେ ସରକାରଙ୍କଠାରୁ ଅନେକ ପୁରସ୍କାର ପାଇଛନ୍ତି।



## ନାଲ୍‌କୋ ଆଂଶିକ ଜମିହରା ସଂଘ, କର୍ତ୍ତୃପକ୍ଷ ଓ ପ୍ରଶାସନର ତ୍ରିପାକ୍ଷିକ ଆଲୋଚନା

# ୧୧ ସୁଦ୍ଧା ସମାଧାନ ନ ହେଲେ ଆନ୍ଦୋଳନ ଚେତାବନୀ



**କୋରାପୁଟ,୨।୩(ସମିସ):** ସ୍ଥାନୀୟ ଦକ୍ଷତା ବିକାଶ କେନ୍ଦ୍ରଠାରେ ଅତିରିକ୍ତ ଜିଲ୍ଲାପାଳ ସୋମନାଥ ପ୍ରଧାନଙ୍କ ଅଧକ୍ଷତାରେ ନାଲକୋ ଆଂଶିକ ଜମିହରା ସଂଘର ବିଭିନ୍ନ ସମସ୍ୟାକୁ ନେଇ ଆଂଶିକ ଜମିହରା ସଂଘ, ନାଲକୋ କର୍ତ୍ତୃପକ୍ଷ ଏବଂ ପ୍ରଶାସନିକ ଅଧିକାରୀଙ୍କ ମଧ୍ୟରେ ଏକ ତ୍ରିପାକ୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲା ଭୂ-ଅର୍ଜନ ଅଧିକାରୀଙ୍କ ସମେତ ନାଲକୋର ଜିଜିଏମ୍ ଅମରେନ୍ଦ୍ର ମିଶ୍ର, ଜିଏମ୍ ଏସକେ ନାଥ, ଏଚଓଡି ବିନାୟକ ଚତୁର ଓ ସିନିୟର ମ୍ୟାନେଜର ସୁଶାନ୍ତ ସେଠୀଙ୍କ ସମେତ ନାଲକୋ ଆଂଶିକ ଜମିହରା ସଂଘର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଜମିହରା ସଂଘର କର୍ମକର୍ତ୍ତା ଏକ ତୃତୀୟାଂଶ ଜମି କ୍ଷତିଗ୍ରସ୍ତ ପ୍ରତି ପରିବାରକୁ ଆଗରୁ ଯେଉଁ ସର୍ତ୍ତାବଳିରେ ଚାକିରି ଦିଆଯାଇଛି ବଳକା ପରିବାରକୁ ମଧ୍ୟ ଖୁବଶୀଘ୍ର ଚାକିରି ଦିଆଯିବା ସହ ଅନ୍ୟାନ୍ୟ ଦାବି ସମ୍ପର୍କରେ କହିଥିଲେ। ଦାବିଗୁଡ଼ିକ ମଧ୍ୟରେ ଆଂଶିକ ଜମିହରାଙ୍କ ମଧ୍ୟରେ ୩ ଜଣଙ୍କୁ ଚାକିରି ପ୍ରଦାନ କରାଯାଇଥିବା ବୈଠକ ଶେଷରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରଧାନ କହିଥିଲେ। ବାକିଥିବା ଅନ୍ୟାନ୍ୟ ଦାବିଗୁଡ଼ିକୁ ପୂରଣ ପାଇଁ ଆଲୋଚନା ହୋଇଥିବା ସେ ପ୍ରକାଶ କରିଛନ୍ତି। ଏହାପରେ ନଲକୋର ୧/୩ ପଲିସିକୁ ଆମେ ବିରୋଧ କରୁଛୁ ବୋଲି ଆଂଶିକ ଜମିହରା ସଂଘର ସଭାପତି ସୁରଜ କୁମାର ଶ୍ରୀହରିଆ କହିଛନ୍ତି। ଆମର ମୁଖ୍ୟ ଦାବିଗୁଡ଼ିକ ଜିଲ୍ଲା ପ୍ରଶାସନ ତରଫରୁ ଗୁରୁତ୍ୱ ଦିଆଯାଉଛି ଏବଂ ନାଲକୋ ପ୍ରଶାସନ ରାଜି ହୋଇଥିବା ସେ ପ୍ରକାଶ କରିଛନ୍ତି। ଆସନ୍ତା ୧୧ ତାରିଖରେ ଶେଷ ବୈଠକରେ ନିଷ୍କର୍ଷ ବାହାରିବ ବୋଲି ସେ କହିଛନ୍ତି। ଯଦି ଉକ୍ତ ବୈଠକରେ ଦାବି ପୂରଣ ନ ହୁଏ ତେବେ ୧୨ ତାରିଖଠାରୁ ରାଜରାସ୍ତାକୁ ଓହ୍ଲାଇବୁ ବୋଲି ସଂଘର ସଭାପତି କହିଛନ୍ତି।

ସୂଚନାଯୋଗ୍ୟ ଯେ, ନାଲକୋ ପ୍ରତିଷ୍ଠା ସମୟରେ କ୍ଷତିଗ୍ରସ୍ତଙ୍କ ଏକର ଏକର ଚାଷଜମି ଅଧିଗ୍ରହଣ କରାଯାଇଥିଲା। ସେ ସମୟରେ ଜିଲ୍ଲା ପ୍ରଶାସନ, ନାଲକୋ କର୍ତ୍ତୃପକ୍ଷ ଆଂଶିକ ଜମି କ୍ଷତିଗ୍ରସ୍ତ ଓ ସମ୍ପୂର୍ଣ୍ଣ ଜମି କ୍ଷତିଗ୍ରସ୍ତଙ୍କ ଦାବିକୁ ମାନି ନେଇଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ଉଭୟ ସଂଘର କିଛି ଜଣଙ୍କୁ ଚାକିରି ସହ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଥିଲା। ଏହାପରଠାରୁ ଆଜିଯାଏଁ ପାତରଅନ୍ତର ନୀତି ଅଭିଯୋଗ ଆଣି ସଂଘ ତରଫରୁ ବାରମ୍ବାର ଆନ୍ଦୋଳନ ନାଲକୋରେ କରାଯାଉଛି।

## ● ୟୁପି ପୁଲିସ ଗୁଳିରେ ଦଳିତ ଛାତ୍ରଙ୍କ ମୃତ୍ୟୁ ଘଟଣା

# ଉପଯୁକ୍ତ ତଦନ୍ତ ସହ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କଲା କଂଗ୍ରେସ



**କୋରାପୁଟ,୨।୩(ସମିସ):** ଉତ୍ତରପ୍ରଦେଶ(ୟୁପି) ରାମପୁର ଜିଲ୍ଲା ସିଲାଇୱାଡ଼ା ଗ୍ରାମରେ ପୁଲିସ ଗୁଳିରେ ଜଣେ ଦଳିତ ଛାତ୍ରର ମୃତ୍ୟୁ ଘଟଣାରେ ଉପଯୁକ୍ତ ତଦନ୍ତ କରି ଦୋଷୀ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ କୋରାପୁଟ ଜିଲ୍ଲା କଂଗ୍ରେସ ଅନୁସୂଚିତ ଜାତି ସେଲ ଦାବି କରିଛି। ଦଶମ ଶ୍ରେଣୀର ଦଳିତ ଛାତ୍ର ସୁମେଶ ପରୀକ୍ଷା ଦେଇ ଫେରିବା ସମୟରେ ଏକ ପାର୍କରେ ବାବା ସାହେବ ଆମ୍ବେଦକରଙ୍କ ଫଟୋ ଲଗାଇବା ଘଟଣାରେ ଉତ୍ତରପ୍ରଦେଶ ପୁଲିସ ତାଙ୍କ ଉପରକୁ ଗୁଳି ଚଳାଇ ହତ୍ୟା କରିଥିଲେ। ସୁମେଶଙ୍କ ମୃତ୍ୟୁ ପରେ ପୁଲିସ ତରବରିଆ ଭାବେ ଶବ ସଂସ୍କାର କରି ଘଟଣାକୁ ଚପାଇ ଦେବାକୁ ଉଦ୍ୟମ କରିଥିଲେ। ୟୁପି ପୁଲିସର ଏପରି ବର୍ବରକାଣ୍ଡକୁ କଂଗ୍ରେସ ଘୋର ନିନ୍ଦା କରିବା ସହ ମୃତକଙ୍କ ପରିବାରକୁ ନ୍ୟାୟ ଦେବାକୁ କଂଗ୍ରେସ ଦାବି କରିଛି। ପୂର୍ବତନ ବିଧାୟକ ନିମାଇ ସରକାର, କୋରାପୁଟ ଜିଲ୍ଲା କଂଗ୍ରେସ ଅନୁସୂଚିତ ଜାତି ସେଲ ସଭାପତି ରମେଶ ବାଖିଆ ଓ ଅନ୍ୟମାନେ ଜିଲ୍ଲାପାଳଙ୍କ ମାଧ୍ୟମରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରି ମୃତ ଦଳିତ ଛାତ୍ରଙ୍କ ପରିବାର ସଦସ୍ୟଙ୍କୁ ନ୍ୟାୟ ଦେବାକୁ ଦାବି କରିଛନ୍ତି। ମୃତ ସୁମେଶର ପରିବାର ପକ୍ଷରୁ ସ୍ଥାନୀୟ ଥାନା ଅଧିକାରୀ, ଏସଡିଏମଏବଂ ତହସିଲଦାରଙ୍କ ବିରୁଦ୍ଧରେ ଏତେଲା ଦେଇଥିବାବେଳେ ଅଭିଯୋଗର ଉପଯୁକ୍ତ ତଦନ୍ତ କରି ଦୋଷୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରାଯାଇଛି। ଜିଲ୍ଲାପାଳ କାର୍ଯ୍ୟାଳୟର ଓଏସଡି ଚିତ୍ତରଞ୍ଜନ ପଟ୍ଟନାୟକ ଦାବିପତ୍ର ଗ୍ରହଣ କରିଥିଲେ।

# ମହିଳା ଓ ଜଳବାୟୁ ପରିବର୍ତ୍ତନ ଉପରେ ଦିନିକିଆ କର୍ମଶାଳା



**ନନ୍ଦପୁର,୨।୩(ସମିସ) :** କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକରେ ମହିଳା ଓ ଜଳବାୟୁ ପରିବର୍ତ୍ତନ ଉପରେ ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଷ୍ଟେପ ଆଚେଡ ଅନୁଷ୍ଠାନ ଆନୁକୂଲ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମ ବ୍ଲକର ସମସ୍ତ ସରପଞ୍ଚ, ନିର୍ବାଚିତ ଲୋକ ପ୍ରତିନିଧି, ବନ ବିଭାଗ, ରାଜସ୍ୱ ବିଭାଗ, ମିଶନ ଶକ୍ତି କର୍ମକର୍ତ୍ତା, ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ନେଇ ଜଳବାୟୁ ପରିବର୍ତ୍ତନ ଦ୍ୱାରା ମହିଳାମାନଙ୍କ ଉପରେ କି ପ୍ରଭାବ ପଡୁଛି, ଶିଶୁ ଓ ସମାଜର କ'ଣ କ୍ଷତି ହେଉଛି ସେ ଉପରେ ଆଲୋକପାତ କରିଥିଲେ। ଏହାର ପ୍ରତିକାର ପାଇଁ କ'ଣ ପଦକ୍ଷେପ ନିଆଯାଇ ପାରିବ ସେନେଇ କର୍ମଶାଳାରେ କୁହାଯାଇଥିଲା। ନିଜନିଜ ଅଞ୍ଚଳରେ ରହିଥିବା ଜଙ୍ଗଲ ଜମି ଓ ଗୋଚର ଜମି, ପଡ଼ିଆ ଜମିରେ ବୃକ୍ଷରୋପଣ, ସବୁଜ ବନୀକରଣ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ମହିଳା ଗୋଷ୍ଠୀ ମଧ୍ୟମରେ କିପରି ବିଭିନ୍ନ ସ୍ଥାନରେ ବନୀକରଣ କରାଯାଇପାରିବ ସେନେଇ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ମିଶନ ଶକ୍ତି ବିପିସି ଶ୍ରୀଧର ଜାନି, ନନ୍ଦପୁର ବ୍ଲକ ସରପଞ୍ଚ ସଂଘ ସଭାପତି ଜଗନ୍ନାଥ ଚେଟିଙ୍କ ସମେତ ଷ୍ଟେପ ଆଚେଡ ଅନୁଷ୍ଠାନର ସୋଲନି ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଚିନ୍ମୟୀ, ଜ୍ୟୋତି ରଞ୍ଜନ, ସୁଖ ରାମ, ପଦ୍ମିନି ମହିଳା ସଭାନେତ୍ରୀ ଓ କର୍ମକର୍ତ୍ତାମାନେ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



## ଗ୍ରୀଷ୍ମ ଆରମ୍ଭରୁ ଅସହ୍ୟ ତାତି; ରାସ୍ତାକଡ଼ରେ ତରଭୁଜ ବେପାର



**ରାୟଗଡ଼ା,୨।୩(ସମିସ):** ଗ୍ରୀଷ୍ମ ଆରମ୍ଭରୁ ସମଗ୍ର ରାଜ୍ୟରେ ଗ୍ରୀଷ୍ମ ପ୍ରବାହରେ ତାତି ବୃଦ୍ଧି ପାଉଥିବାବେଳେ ରାୟଗଡ଼ାରେ ମଧ୍ୟ ଅସହ୍ୟ ତାତି ଅନୁଭବ କରିଛନ୍ତି ସହରବାସୀ। ସକାଳୁ ସକାଳୁ ଟାଣ ଖରା ହେବା ଫଳରେ ଦିନ ୧୦ଟାରୁ ରାସ୍ତାଘାଟରେ ଜନଶୂନ୍ୟ ହେଲା ଭଳି ଦେଖାଯାଉଛି। ମାର୍ଚ୍ଚ ମାସ ଆରମ୍ଭରେ ବଢ଼ିଲାଣି ଗ୍ରୀଷ୍ମ ପ୍ରବାହ। ଫଳରେ ଟାଣ ଖରାରେ ଜନଜୀବନ ଅବ୍ୟବସ୍ତ ହୋଇପଡ଼ିଛି। ଆଗାମୀ ଦିନରେ ତାତି ଅଧିକ ବଢ଼ିବା ସମ୍ଭାବନା ନେଇ ରାଜ୍ୟ ସରକାର ଗ୍ରୀଷ୍ମ ପ୍ରବାହକୁ ମୁକାବିଲା କରିବା ପାଇଁ ସମସ୍ତ ଜିଲ୍ଲାପାଳଙ୍କୁ ଚିଠି କରିଥିବା ଜଣାପଡ଼ିଛି। ରାୟଗଡ଼ା ପୌର ପରିଷଦ ପକ୍ଷରୁ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଜଳଛତ୍ର ଖୋଲାଯିବାକୁ ନିଷ୍ପତ୍ତି ନିଆଯାଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ଖୋଲାଯାଇ ନ ଥିବାରୁ ଟାଣ ଖରା ଯୋଗୁଁ ପଥଚାରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେବେ ଟାଣ ଖରାକୁ ନେଇ ରାସ୍ତାକଡ଼ରେ ତରଭୁଜ, ଲସି, ଥଣ୍ଡା ପାନୀୟ ବିକ୍ରି କରୁଥିବା ଦୋକାନୀମାନେ ବେଶ୍ ଦୁଇ ପଇସା ରୋଜଗାର କରିପାରୁଛନ୍ତି। ଖରାରେ ଆସୁଥିବା ଲୋକେ ତୃଷ୍ଣା ମେଣ୍ଟାଇବାକୁ ତରଭୁଜ, ଲସି, ଥଣ୍ଡା ପାନୀୟ ପିଇ ଟିକିଏ ଆଶ୍ୱସ୍ତି ଲାଭ କରୁଥିବା ଦେଖିବାକୁ ମିଳିଛି। କେଜି ପିଛା ୨୫ ଟଙ୍କାରେ ତରଭୁଜ ବିକ୍ରି ହେଉଥିବାବେଳେ ଲସି ମଧ୍ୟ ୩୦ ଟଙ୍କା ପର୍ଯ୍ୟନ୍ତ ବିକ୍ରି କରାଯାଉଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଗ୍ରୀଷ୍ମ ମୁକାବିଲା ପାଇଁ ଆଗାମୀ ଦିନରେ ବୈଠକ କରାଯିବାକୁ ଥିବାବେଳେ ବୃଦ୍ଧି ପାଉଥିବା ତାତିରେ ଅଁଶୁଘାତକୁ ନେଇ ଲୋକେ ଭୟ କରୁଛନ୍ତି।

### ଜଗନ୍ନାଥ ସାଗର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ ଯୋଜନା

# ସତିନଦୀ ପର୍ଯ୍ୟନ୍ତ ଡ୍ରେନେଜ୍‌ର ସ୍ଥିତି ତଦାରଖ କଲେ ପୌରାଧ୍ୟକ୍ଷ

**ଜୟପୁର,୨।୩(ସମିସ)**

କୋରାପୁଟ ଜିଲ୍ଲା ଜୟପୁର ଜଗନ୍ନାଥ ସାଗରର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଆରମ୍ଭ ହୋଇଯାଇଛି। ସାଗରରୁ ଚତୁର୍ଥ ପର୍ଯ୍ୟାୟରେ ରାସ୍ତାକୁ କାଟି ଜଳନିଷ୍କାସନ ପାଇଁ ପୌରପାଳିକା ପକ୍ଷରୁ ନିଷ୍ପତ୍ତି ହୋଇଥିବାବେଳେ ଏହାଦ୍ୱାରା ଆଖପାଖ ଅଞ୍ଚଳରେ ଦେଖାଦେବାକୁ ଥିବା କୃତ୍ରିମ ବନ୍ୟା ପରିସ୍ଥିତି ଆଶଙ୍କାକୁ ଏଡ଼ାଇବା ପାଇଁ ସତିନଦୀ ପର୍ଯ୍ୟନ୍ତ ଅଞ୍ଚଳ ପରିଦର୍ଶନ କରି ସେଠାର ଡ୍ରେନେଜଗୁଡ଼ିକର ସ୍ଥିତିକୁ ଶୁକ୍ରବାର ତଦାରଖ କରିଛନ୍ତି ପୌରାଧ୍ୟକ୍ଷ ନରେନ୍ଦ୍ର କୁମାର ମହାନ୍ତି।

ସୂଚନା ଅନୁସାରେ, ଜଗନ୍ନାଥ ସାଗରର ସୌନ୍ଦର୍ଯ୍ୟକରଣ ପାଇଁ ତିନିଟି ପର୍ଯ୍ୟାୟରେ ଜଗନ୍ନାଥ ସାଗରରୁ ଅଗାଧ ଜଳରାଶିକୁ ନିଷ୍କାସନ ଆରମ୍ଭ ହୋଇଛି। ଏହି ଜଳରାଶିକୁ ନିଷ୍କାସନ କରିବାକୁ ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ ଦାୟିତ୍ୱରେ ରହିଥିବା ପୌରସଂସ୍ଥା ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ତିନି ପର୍ଯ୍ୟାୟରେ ସାଗରର ଜଳରାଶିକୁ ନିଷ୍କାସନ ହୋଇସାରିଥିବା ବେଳେ ଏବେ ଚତୁର୍ଥ ପର୍ଯ୍ୟାୟରେ ଜଳନିଷ୍କାସନ ପାଇଁ ଜୟନଗର ଛକଠାରୁ ପଞ୍ଚାନନ ମନ୍ଦିର ଛକ ପର୍ଯ୍ୟନ୍ତ ରାସ୍ତା କାଟିବାକୁ ଗୁରୁବାର ଅନୁଷ୍ଠିତ ପୌରପାଳିକାର କାଉନସିଲ ବୈଠକରେ ନିଷ୍ପତ୍ତି ହୋଇଛି। କିନ୍ତୁ ରାସ୍ତା କାଟି ଜଳନିଷ୍କାସନ ବେଳେ ଡ୍ରେନରେ ଜଳ ପ୍ରବାହିତ ହୋଇ ଅଳିଆ ଆବର୍ଜନା ଜମାହେଲେ ଜଳସ୍ତର ବୃଦ୍ଧି ପାଇବା ସହିତ ଆଖପାଖ ଅଞ୍ଚଳରେ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି। ତେଣୁ ରାସ୍ତା କାଟିବା ପୂର୍ବରୁ ଜଳ ପ୍ରବାହିତ ହେବାକୁ ଥିବା ଡ୍ରେନଗୁଡ଼ିକ ସଫେଇ ଏବଂ ସତିନଦୀକୁ ସଂଯୋଗ କରୁଥିବା ଚିକିଟି ଡ୍ରେନ୍ ମୁହାଣରେ ଅନାବନା ଗଛ ଓ ଅଳିଆ ଆବର୍ଜନା ସଫେଇ କରିବାର ଆବଶ୍ୟକତା ରହିଛି। ଏହାକୁ ଦୃଷ୍ଟି ଦେଇ ଶୁକ୍ରବାର ପୌର ଅଧ୍ୟକ୍ଷ ନରେନ୍ଦ୍ର ମହାନ୍ତି ଏବଂ ଅନ୍ୟାନ୍ୟ ପୌର କର୍ମଚାରୀମାନେ ଡ୍ରେନ୍ ସଫେଇ ସହିତ ଉକ୍ତ ନିଷ୍କାସିତ ଜଳ ସତିନଦୀକୁ ସଂଯୋଗ କରୁଥିବା ଡ୍ରେନର ସ୍ଥିତିକୁ ତଦାରଖ କରିଥିଲେ। ସଫେଇ ପାଇଁ ପ୍ରୋକଲିନ ମେସିନ୍ ଯାତାୟାତରେ ସମସ୍ୟା ସୃଷ୍ଟି କରିବାର ଆଶଙ୍କା ଥିବାରୁ ଅସ୍ଥାୟୀ ରାସ୍ତା ନିର୍ମାଣ କାର୍ଯ୍ୟ ତୁରନ୍ତ ଆରମ୍ଭ କରିବାକୁ ପୌରାଧ୍ୟକ୍ଷ ନିର୍ଦ୍ଦେଶ ଦେଇଥିଲେ।



ସୂଚନାଯୋଗ୍ୟ, ଗତବର୍ଷ ନଭେମ୍ବର ୯ ତାରିଖରେ ପଙ୍କୋଦ୍ଧାର ଓ ସଫେଇ ନିମନ୍ତେ ଜଗନ୍ନାଥ ସାଗର ଜଳାଶୟରୁ ପ୍ରଥମ ପର୍ଯ୍ୟାୟ ଜଳନିଷ୍କାସନ ଜୟନଗର ହରିଜନ ସାହି ନିକଟସ୍ଥ ଆଡ଼ିବନ୍ଧକୁ ୬ ଫୁଟ ଓସାରରେ ଭାଙ୍ଗି ଆରମ୍ଭ ହୋଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ କ୍ଷୁଦ୍ର ଜଳସେଚନ ବିଭାଗର ଜୟନଗର ଛକଠାରେ ରହିଥିବା କେନାଲରୁ ଜଳନିଷ୍କାସିତ ଲୁହା ଗେଟ୍ ଖୋଲାଯାଇ ଜଳନିଷ୍କାସନ ହୋଇଥିଲା। ତୃତୀୟ ପର୍ଯ୍ୟାୟରେ ଗତ ୨୫ ତାରିଖଠାରୁ ଆଜି ପର୍ଯ୍ୟନ୍ତ ୬ଟି ୪ ଇଞ୍ଚିଆ ଏବଂ ଗୋଟିଏ ୧୨ ଇଞ୍ଚିଆ ରାସ୍ତାରେ ସୁଡ଼ଙ୍ଗ କରାଯାଇ ପାଇପ୍ ମାଧ୍ୟମରେ ଜଳନିଷ୍କାସନ ଆରମ୍ଭ ହୋଇଥିଲା। ଏହାବ୍ୟତୀତ ଗତ ନଭେମ୍ବରରେ ଜୟପୁର ପୌରସଂସ୍ଥା ପକ୍ଷରୁ ୧୫ ଲକ୍ଷ ବ୍ୟୟ ଅଟକଳରେ ମେସିନ୍ ସହାୟତାରେ ସଫେଇ କରାଯାଇଥିଲା। ରାଜ୍ୟ ସରକାରଙ୍କ ପକ୍ଷରୁ ଜଗନ୍ନାଥ ସାଗର ପୁନରୁଦ୍ଧାର ପାଇଁ ୩୦ କୋଟି ଟଙ୍କା ବ୍ୟୟରେ ୨ ଫୁଟ ପଙ୍କଉଦ୍ଧାର ଏବଂ ପାର୍ଶ୍ୱ ହୁଡ଼ାରେ ପଥର ପ୍ୟାକିଂ, ସୌନ୍ଦର୍ଯ୍ୟକରଣ, ପାର୍କ ନିର୍ମାଣ ଓ ଅନ୍ୟାନ୍ୟ ନିର୍ମାଣ କାର୍ଯ୍ୟ କରାଯିବ। ସେହିପରି ସାଗରର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ପାର୍କ ଓ ସୌନ୍ଦର୍ଯ୍ୟକରଣ ପାଇଁ ସୁନବେଡ଼ା ହିନ୍ଦୁସ୍ତାନ ଏରୋନଟିକ୍ସ ଲିମଟେଡ୍ (ହାଲ୍) ପକ୍ଷରୁ ୭ କୋଟି ଟଙ୍କାର ଚୁକ୍ତିନାମା କରାଯାଇଛି। ଆଗାମୀ ଜୁନ୍ ମାସଠାରୁ ବର୍ଷା ଆରମ୍ଭ ହୋଇଯିବ। ତେଣୁ ବର୍ଷାଦିନ ପୂର୍ବରୁ ଜଗନ୍ନାଥ ସାଗରର ପଙ୍କଉଦ୍ଧାର ଏବଂ ପଥରପ୍ୟାକିଂ କାର୍ଯ୍ୟ ଶେଷ କରିବାକୁ ଧାର୍ଯ୍ୟ କରାଯାଇଛି।

## 'ସାରଣ ଟାୱାର'କୁ ବିଧାୟିକାଙ୍କ ୫ ଲକ୍ଷ ଅନୁଦାନ



**ବୋରିଗୁମ୍ମା,୨।୩(ସମିସ):** ବୋରିଗୁମ୍ମା ବ୍ଲକ ଶଶାହାଣ୍ଡି ପଞ୍ଚାୟତ ନୂଆଗାଁରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଶୁକ୍ରବାର କୋଟପାଡ଼ ବିଧାୟିକା ପଦ୍ମିନୀ ଦିଆନ ଯୋଗଦେଇଥିଲେ। ଏହି ଅବସରରେ ନୂଆଗାଁ ଖ୍ରୀଷ୍ଟ ସମାଜର ମୁଖ୍ୟ ରମାକାନ୍ତ ପାଣିଙ୍କ ନେତୃତ୍ୱରେ ଖ୍ରୀଷ୍ଟ ସମାଜର ୫ ହଜାର ଲୋକଙ୍କ ଗହଣରେ ବହୁ ପ୍ରତିକ୍ଷୀତ 'ସାରଣ ଟାୱାର'ରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଏହାର ରକ୍ଷଣାବେକ୍ଷଣ ଓ ଉନ୍ନତି ନିମନ୍ତେ ବିଧାୟକଙ୍କ ପାଣ୍ଠିରୁ ୫ ଲକ୍ଷ ଟଙ୍କା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଭ୍ୟ ପ୍ରସାଦ ଚନ୍ଦ୍ର ବିଡ଼ିକା, ବିଧାୟକ ପ୍ରତିନିଧି ନରେନ୍ଦ୍ର ବିଷୋୟୀ ଓ କର୍ମୀମାନେ ଉପସ୍ଥିତ ଥିଲେ।

## ବରିଷ୍ଠ ସାମ୍ବାଦିକ ପଦ୍ମଚରଣ ପଟ୍ଟନାୟକଙ୍କ ପରଲୋକ



**କୋଷାଗୁମୁଡ଼ା,୨।୩(ସମିସ):** ଶନିବାର ଦିନ ୧୦ଟା ସମୟରେ କୋଷାଗୁମୁଡ଼ାର ବରିଷ୍ଠ ସାମ୍ବାଦିକ ପଦ୍ମଚରଣ ପଟ୍ଟନାୟକଙ୍କ ପରଲୋକ ହୋଇଯାଇଛି। ବହୁଦିନ ତଳୁ ଶରୀର ଅସୁସ୍ଥତା କାରଣରୁ ନିଜ ଘରେ ରହି ଚିକିତ୍ସିତ ହେଉଥିଲେ। ପୂର୍ବରୁ କଟକ ମେଡିକାଲରେ ଚିକିତ୍ସା ପରେ ସେ ନିଜ କୋଷାଗୁମୁଡ଼ା ସ୍ଥିତ ବାସଭବନରେ ରହୁଥିଲେ। ତାଙ୍କ ପରଲୋକ ସମୟରେ ପରିବାରର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଶ୍ରୀ ପଟ୍ଟନାୟକଙ୍କ ପରଲୋକ ଖବର ପ୍ରସାରିତ ହେବା ପରେ କୋଷାଗୁମୁଡ଼ା ଓ ନବରଙ୍ଗପୁର ଜିଲ୍ଲାର ସାମ୍ବାଦିକ ଏବଂ ଅଞ୍ଚଳବାସୀଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି। ଶ୍ରୀ ପଟ୍ଟନାୟକଙ୍କ ମୃତ ଶରୀରକୁ କୋଷାଗୁମୁଡ଼ାଠାରେ ପରିବାର, ବନ୍ଧୁ ବର୍ଗ ଏବଂ ଅଞ୍ଚଳବାସୀଙ୍କ ଉପସ୍ଥିତିରେ ସତ୍କାର କରାଯାଇଛି। ସେ ନବରଙ୍ଗପୁର ଜିଲ୍ଲା ଓୟୁଜେ ସାମ୍ବାଦିକ ସଂଘର ଜଣେ ସକ୍ରିୟ କାର୍ଯ୍ୟକର୍ତ୍ତା ଥିଲେ।

## ୭ ଦଫା ଦାବି ନେଇ ରାୟଗଡ଼ା ଜିଲ୍ଲା ଆପ୍‌ର ଗଣଧାରଣା

**ରାୟଗଡ଼ା,୨।୩(ସମିସ):** ଆମ୍ ଆଦମୀ ପାର୍ଟି (ଆପ୍) ରାୟଗଡ଼ା ଜିଲ୍ଲା ତରଫରୁ ୭ ଦଫା ଦାବିପତ୍ର ଶୁକ୍ରବାର ଭାରପ୍ରାପ୍ତ ପୌର ନିର୍ବାହୀ ଅଧିକାରୀ ତଥା ରାୟଗଡ଼ା ତହସିଲଦାର ପ୍ରିୟଦର୍ଶନୀ ସ୍ୱାଇଁଙ୍କୁ ପ୍ରଦାନ କରାଯାଇଛି। ଏହି ଦାବିପତ୍ରରେ ବାର୍ଦ୍ଧକ୍ୟ, ବିଧବା, ଦିବ୍ୟାଙ୍ଗଙ୍କ ଭତ୍ତା ୨୫୦୦ ଟଙ୍କାକୁ ବୃଦ୍ଧି କରିବା, ୨୦୦ ୟୁନିଟ୍ ପର୍ଯ୍ୟନ୍ତ ଦେୟମୁକ୍ତ ବିଜୁଳି ଦେବା, ଜିଲ୍ଲାର ସରକାରୀ ଓ ରେଳବାଇ ଜାଗାରେ ରହୁଥିବା ଭୂମିହୀନ ବସ୍ତିବାସିନ୍ଦାଙ୍କୁ ଥଇଥାନ କରିବା ସହ ସୁବିଧାସୁଯୋଗ ପ୍ରଦାନ କରିବା, ଜିଲ୍ଲାରେ ମେଡିକାଲ କଲେଜ ପ୍ରତିଷ୍ଠା କରିବା, ଯୁବକଯୁବତୀଙ୍କୁ ସ୍ଥାନୀୟ କମ୍ପାନୀରେ ନିଯୁକ୍ତି ଦେବା, ରାୟଗଡ଼ାରେ ଦୁଇଟି ନୂତନ ଟାଉନ ଥାନା ଖୋଲିବା, ରାୟଗଡ଼ା ସଦର ବ୍ଲକ୍ ଡାଙ୍ଗଲୋଡି ପଞ୍ଚାୟତର ସୁଲୁବାଡ଼ି ଓ ପାଙ୍ଗାବାଇ ଗ୍ରାମକୁ ପକ୍କା ରାସ୍ତା ନିର୍ମାଣ କରିବା ଏବଂ ଜିଲ୍ଲାରେ ସ୍ମାର୍ଟ ମିଟର ଲଗାଇବା ବନ୍ଦ କରିବା ଦାବି ଉଲ୍ଲେଖ ରହିଛି। ଆପ୍ ଜିଲ୍ଲା ସଭାପତି ଜନ୍ମେଜୟ ସ୍ୱାଇଁଙ୍କ ନେତୃତ୍ୱରେ ପୌର ପରିଷଦ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯାଇଥିବାବେଳେ ଏଥିରେ ଆପ୍ କର୍ଣ୍ଣାଟକ ରାଜ୍ୟ ପ୍ରଭାରୀ ନିତ୍ୟାନନ୍ଦ ସାହୁଙ୍କ ସମେତ ଗଞ୍ଜାମ, କଳାହାଣ୍ଡି, ବଲାଙ୍ଗିର ଜିଲ୍ଲା ସଭାପତିଙ୍କ ସମେତ ରାୟଗଡ଼ା ଜିଲ୍ଲାର କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ।

## ବ୍ଲକ୍‌ସ୍ତରୀୟ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ସହାୟତା ବଣ୍ଟନ



**ରାୟଗଡ଼ା/କାଶୀପୁର,୨।୩(ସମିସ):** ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ୍ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲା ଶ୍ରମ ବିଭାଗ ଓ ପ୍ରଶାସନ ଆନୁକୂଲ୍ୟରେ ବ୍ଲକସ୍ତରୀୟ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ସହାୟତା ବଣ୍ଟନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝି, ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ଅନୁସୂୟା ମାଝି, କାଶୀପୁର ବ୍ଲକ୍ ଅଧ୍ୟକ୍ଷ କଣ୍ଟ ମାଝି, ଉପାଧ୍ୟକ୍ଷା କୁନି ନାୟକଙ୍କ ସମେତ ଅନ୍ୟ ଜନ ପ୍ରତିନିଧିମାନେ ଯୋଗଦେଇ ନିର୍ମାଣ ଶ୍ରମିକମାନଙ୍କୁ ଉତ୍ସାହିତ କରିଥିଲେ। ଜିଲ୍ଲା ଶ୍ରମ ଅଧିକାରିଣୀ ଯସ୍ମିନ୍ ଶୁଭଦର୍ଶନୀ ସାହୁ ପ୍ରାରମ୍ଭିକ ଭାଷଣ ଦେଇ ଜିଲ୍ଲାରେ ପଞ୍ଜିକୃତ ସଂଗଠିତ ଓ ଅଣ ସଂଗଠିତ ଶ୍ରମିକମାନଙ୍କ ତାଲିକା ଉପସ୍ଥାପନ କରିବା ସହ ସେମାନଙ୍କ କଲ୍ୟାଣ ନିମନ୍ତେ ସରକାରଙ୍କ ତରଫରୁ ପ୍ରଦାନ କରାଯାଉଥିବା ସହାୟତା ସମ୍ବନ୍ଧରେ ଉପସ୍ଥାପନା କରିଥିଲେ। ଏହି ଶିବିରରେ ବ୍ଲକସ୍ତରୀୟ ୩୫୮ ଜଣ ପଞ୍ଜିକୃତ ହିତାଧିକାରୀଙ୍କ ଉତ୍ତରାଧିକାରୀଙ୍କୁ ମୃତ୍ୟୁକାଳୀନ ସହାୟତା ବାବଦକୁ ୭ କୋଟି ୧୪ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିବାବେଳେ ୩୫୫ ଜଣ ହିତାଧିକାରୀଙ୍କୁ ଅନ୍ତ୍ୟେଷ୍ଟିକ୍ରିୟା ଜନିତ ସହାୟତା ରାଶି ସ୍ୱରୂପ ୧୭ ଲକ୍ଷ ୭୫ ହଜାର ଟଙ୍କା, ୨୯ ଜଣ ପଞ୍ଜିକୃତ ହିତାଧିକାରୀଙ୍କ ସନ୍ତାନସନ୍ତତିଙ୍କ ଶିକ୍ଷା ନିମନ୍ତେ ୩ ଲକ୍ଷ ୯ ହଜାର ୮ ଶହ ଟଙ୍କା ପ୍ରଦାନ କରାଯାଇଥିଲା। ସେହିପରି ୧୪୧ ଜଣ ପଞ୍ଜିକୃତ ହିତାଧିକାରୀଙ୍କ କନ୍ୟା ସନ୍ତାନଙ୍କ ବିବାହ ସହାୟତା ନିମନ୍ତେ ୭୦ ଲକ୍ଷ ୫୦ ହଜାର ଟଙ୍କା ଓ ୧୯ ଜଣ ପଞ୍ଜିକୃତ ମହିଳା ନିର୍ମାଣ ଶ୍ରମିକଙ୍କୁ ପ୍ରସୂତିକାଳୀନ ୧ ଲକ୍ଷ ୯୦ ହଜାର ଟଙ୍କା ସର୍ବମୋଟ ୯୦୨ ଜଣ ହିତାଧିକାରୀଙ୍କୁ ୮ କୋଟି ୭ ଲକ୍ଷ ୨୪ ହଜାର ୮ ଶହ ଟଙ୍କା ପ୍ରଦାନ କରାଯାଇଥିବା ସ୍ଥଳେ ୧୦୦ ଜଣ ନିର୍ମାଣ ଶ୍ରମିକଙ୍କୁ ପରିଚୟ ପତ୍ର ପ୍ରଦାନ କରାଯାଇଥିଲା। ଶେଷରେ ସହକାରୀ ଶ୍ରମ ଅଧିକାରୀ ସଞ୍ଜୟ ରଇତ ଧନ୍ୟବାଦ ଅର୍ପଣ କରିଥିଲେ।

## ଦଲାଇଗୁଡ଼ାରେ ପଞ୍ଚାୟତସ୍ତରୀୟ ବିଜେଡି କର୍ମୀ ସମ୍ମେଳନ



**ସେମିଳିଗୁଡ଼ା,୨।୩(ସମିସ):** କୋରାପୁଟ ଜିଲ୍ଲାର ପଟ୍ଟାଙ୍ଗି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ସେମିଳିଗୁଡ଼ା ବ୍ଲକର ଦଲାଇଗୁଡ଼ାରେ ଦଲାଇଗୁଡ଼ା ଓ ପାକଝୋଲା ପଞ୍ଚାୟତସ୍ତରୀୟ ବିଜୁ ଜନତା ଦଳ(ବିଜେଡି) କର୍ମୀ ସମ୍ମେଳନ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପଟ୍ଟାଙ୍ଗି ବିଧାୟକ ପିତମ ପାଢ଼ି ଯୋଗଦେଇ ନିର୍ବାଚନମଣ୍ଡଳୀରେ ନେତା, କର୍ମୀ ଏକ ହୋଇ କାମ କରିବା ପାଇଁ ଆହ୍ୱାନ ଦେଇଥିଲେ। ସମସ୍ତଙ୍କ ସହଯୋଗରେ ନିର୍ବାଚନମଣ୍ଡଳୀରେ ଦଳ ସ୍ଥିତିକୁ ଉନ୍ନତି କରାଯିବ ବୋଲି ସେ ମତ ପ୍ରକାଶ କରିଥିଲେ। ପର୍ଯ୍ୟବେକ୍ଷକ ବାଲା ରାୟ ନିର୍ବାଚନମଣ୍ଡଳୀର ସମସ୍ତଙ୍କର ସହଯୋଗ କାମନା କରିଥିବାବେଳେ ଅନ୍ୟତମ ପର୍ଯ୍ୟବେକ୍ଷକ ଅମିତ୍ ଅଗ୍ରୱାଲ ନିର୍ବାଚନମଣ୍ଡଳୀରେ ବିଜେଡିକୁ ସୁଦୃଢ଼ କରିବା ଦିଗରେ କାମ କରିବା ପାଇଁ ନିବେଦନ କରିଛନ୍ତି। ଅନ୍ୟତମ ଅତିଥି ଭାବେ ପୂର୍ବତନ ବିଧାୟକ ପ୍ରଫୁଲ୍ଲ କୁମାର ପାଙ୍ଗି ଯୋଗଦେଇ ପଟ୍ଟାଙ୍ଗି ନିର୍ବାଚନମଣ୍ଡଳୀରେ ବିଜେଡି ବିଜୟ କରିବା ଦିଗରେ ସାହାଯ୍ୟ କାମନା କରିଥିଲେ। ସେମିଳିଗୁଡ଼ା ବ୍ଲକର ଉପାଧ୍ୟକ୍ଷା ଶିବା ବାଙ୍ଗାରିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଜେଡି ଜିଲ୍ଲା ସାଧାରଣ ସମ୍ପାଦକ ଅନନ୍ତ ରାମ ମାଟାମ୍, ବିଜେଡି ଜନ ପ୍ରତନିଧି, ନେତା, କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ନିର୍ବାଚନକୁ ନେଇ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରାଯାଇଥିଲା। ସେହିପରି ପଞ୍ଚାୟତସ୍ତରୀୟ ବିଜେଡି ପରିବାର ସମ୍ପର୍କ ଶିବିର ଆୟୋଜନ କରଯାଇଛି। ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଉପରେ ସଚେତନତା ସୃଷ୍ଟି କରିଥିଲେ।

## ଆର୍ଥିକ ସାକ୍ଷରତା ଓ ଅନ୍ତର୍ଭୁକ୍ତ କାର୍ଯ୍ୟକ୍ରମ ଉଦ୍‌ଯାପିତ



**ମାଲକାନଗିରି,୨।୩(ସମିସ):** ରିଜର୍ଭ ବ୍ୟାଙ୍କ ଓ ଷ୍ଟେଟ ବ୍ୟାଙ୍କ ମିଳିତ ଆନୁକୂଲ୍ୟରେ ମାଲକାନଗିରି ମହାବିଦ୍ୟାଳୟରେ ଆର୍ଥିକ ସାକ୍ଷରତା ସପ୍ତାହ ଅଧ୍ୟକ୍ଷ ଲିଙ୍ଗରାଜ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ମୁଖ୍ୟ ଅତିଥି ଭାବେ ଏଲଡିଓ ଉତ୍କଳ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଠିକ୍ ଆରମ୍ଭ କରନ୍ତୁ ଏବଂ ଆର୍ଥିକ ସ୍ମାର୍ଟ ହୁଅନ୍ତୁ ବୋଲି ସେ ବିଷୟରେ ସଚେତନ କରାଇଥିଲେ। ମୁଖ୍ୟବକ୍ତା ଷ୍ଟେଟ ବ୍ୟାଙ୍କ ରୁରାଲ କର୍ମ ନିଯୁକ୍ତି ପ୍ରତିଷ୍ଠାର ସେନ ଗୁପ୍ତା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜନଧନ ଯୋଜନା, ପ୍ରଧାନମନ୍ତ୍ରୀ ବୀମା ଯୋଜନା, ୟୁପିଆଇ ବିଷୟରେ ଛାତ୍ରଛାତ୍ରୀଙ୍କୁ ଭରପୂର ଫାଇଦା ନେବା ପାଇଁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ନରସିଂହ ପାଢ଼ୀ, ଏଲଡିଏମ ମାଲକାନଗିରି ସାଇବର ଠକେଇଠାରୁ କିପରି ଦୂରେଇ ରହିପାରିବ ସେ ବିଷୟରେ ଆଲୋକପାତ କରିଛନ୍ତି। ଏହି କାର୍ଯ୍ୟକ୍ରମକୁ ହରିହର ପଣ୍ଡା ଏଫଏଲସି ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ବାଣିଜ୍ୟ ବିଭାଗର ଡ. ରଞ୍ଜନ କୁମାର ସ୍ୱାଇଁ 'ବେଟି ବଞ୍ଚାଅ, ବେଟି ପଢ଼ାଅ' ଓ ଆର୍ଥିକ ଅନ୍ତର୍ଭୁକ୍ତ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ପ୍ରାଧ୍ୟାପକ ଅଶୋକ କୁମାର ଷଡ଼ଙ୍ଗୀ, ପ୍ରେମରେଖା ଭତ୍ରା, ସୁଶାନ୍ତ ମାଝୀ, ଆରତୀ ଲୁଗୁନ, ଦୀପ୍ତିରେଖା ମିଶ୍ର ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଏଥିରେ ୨୦୦ରୁ ଉର୍ଦ୍ଧ୍ୱ ଯୁକ୍ତ ଦୁଇ କଳା ଓ ବାଣିଜ୍ୟ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ରାଷ୍ଟ୍ରପତିଙ୍କ ଦ୍ୱାରା ସମ୍ମାନିତ ହେଲେ ଛାତ୍ରୀ ସାଇମାନସା

**କୋଲନରା,୨।୩(ସମିସ):** ରାଷ୍ଟ୍ରପତିଙ୍କ ଦ୍ୱାରା ସମ୍ମାନିତ ହୋଇ ରାୟଗଡ଼ା ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି ଛାତ୍ରୀ ସାଇ ମାନସା। ରାୟଗଡ଼ା ଜିଲ୍ଲା ପେଣ୍ଟା ପଞ୍ଚାୟତ ଅନ୍ତର୍ଗତ ଅମଲାଭଟ୍ଟାସ୍ଥିତ ଆଦର୍ଶ ସ୍ନାତକ ମହାବିଦ୍ୟାଳୟର +୩, ବାଣିଜ୍ୟ ବିଭାଗର ଶେଷ ବର୍ଷର ଛାତ୍ରୀ ଶେଖର ମହାନ୍ତି ସାଇ ମାନସା।



ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଦ୍ୱାରା ଆୟୋଜିତ ପରୀକ୍ଷାରେ ସର୍ବୋଚ୍ଚ ସ୍ଥାନ ହାସଲ କରିଥିଲେ। ତେଣୁ ବିଶ୍ୱବିଦ୍ୟାଳୟର ୨୫ତମ ସମାବର୍ତ୍ତନ ଉତ୍ସବରେ ମୁଖ୍ୟଅତିଥି ଭାବରେ ଯୋଗଦେଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କୁ ସ୍ୱର୍ଣ୍ଣପଦକ ଏବଂ ମାନପତ୍ର ପ୍ରଦାନ କରିଛନ୍ତି। ଉକ୍ତ ସମ୍ମାନ ପାଇଁ କଲେଜର ଅଧ୍ୟକ୍ଷ ଡ. ବିପ୍ରନାରାୟଣ ମଲ୍ଲିକ ଏବଂ ବିଭାଗୀୟ ମୁଖ୍ୟ ମୁଚିକଲ୍ୟାଣ କୁମାର ତଥା ଅନ୍ୟମାନେ ତାଙ୍କୁ ସମ୍ମାନିତ କରିବା ସହିତ ଉଜ୍ଜ୍ୱଳ ଭବିଷ୍ୟତର କାମନା କରିଛନ୍ତି। ଗୁରୁ ଭକ୍ତି, ଦୃଢ଼ ଇଚ୍ଛାଶକ୍ତି ସହିତ ଆତ୍ମବିଶ୍ୱାସ ଏବଂ ଈଶ୍ୱର ବିଶ୍ୱାସ ରହିଲେ ଯେ କେହି ବି ସଫଳତା ପାଇପାରିବେ ବୋଲି ସେ କହିଛନ୍ତି।

## ଅନ୍ତର୍ଜାତୀୟ ହ୍ୱିଲ୍ ଚେୟାର ଦିବସ ପାଳିତ

**ରାୟଗଡ଼ା,୨।୩(ସମିସ):** ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ତରଫରୁ ଅନ୍ତର୍ଜାତୀୟ ହ୍ୱିଲ୍ ଚେୟାର ଦିବସ-୨୦୨୪ ରାୟଗଡ଼ା ସ୍ଥିତ ବିଜୁ ପଟ୍ଟନାୟକ ଅଡିଟୋରିୟମଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଦିବସରେ ସୀମାଞ୍ଚଳ ମହାପାତ୍ର, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ରାୟଗଡ଼ା ଓ ନରେନ୍ଦ୍ର କୁମାର ନାୟକ, ଅତିରିକ୍ତ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ରାୟଗଡ଼ା ସବୁଜ ପତାକା ଦେଖାଇ ସଚେତନତା ପଦଯାତ୍ରାର ଶୁଭାରମ୍ଭ କରିଥିଲେ। ଯାହା ବିଜୁ ପଟ୍ଟନାୟକ ଅଡିଟୋରିୟମଠାରୁ ଆରମ୍ଭ କରି ଆମ୍ବେଦକର ପ୍ରତିମୂର୍ତ୍ତି ଛକ ଓ କୋରାପୁଟ ଛକ ଦେଇ ପୁଣି ଅଡିଟୋରିୟମଠାରେ ଶେଷ ହୋଇଥିଲା। ଏହା ପରେ ଏକ ସାଧାରଣ ସଭାର ଆୟୋଜନ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ରୂପେ ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି ଓ ସମ୍ମାନିତ ଅତିଥି ରୂପେ ଅତିରିକ୍ତ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ରାୟଗଡ଼ା ନରେନ୍ଦ୍ର କୁମାର ନାୟକ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ରାୟଗଡ଼ା ସୀମାଞ୍ଚଳ ମହାପାତ୍ର, ଅସ୍ଥିଶଲ୍ୟ ବିଶେଷଜ୍ଞ ଡା. ରଞ୍ଜନ କୁମାର ସାହୁ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବିଷ୍ଣୁ ପ୍ରସାଦ ପାତ୍ର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ରାୟଗଡ଼ା ବସନ୍ତ କୁମାର ପ୍ରଧାନ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ, ରାୟଗଡ଼ା ଶ୍ରୀକାନ୍ତ କୁମାର ପାଣିଗ୍ରାହୀ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ, ଗୁଣୁପୁର ଏଲ. ସନ୍ତୋଷ କୁମାର, ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ରଞ୍ଜିତା ବେହେରା, ରାୟଗଡ଼ା ଭିନ୍ନକ୍ଷମ ମହାସଙ୍ଘର ସମ୍ପାଦକ ଅମରେନ୍ଦ୍ର ନାଥ, ଓଡ଼ିଶା ବିକଳାଙ୍ଗ ମଞ୍ଚ, ରାୟଗଡ଼ାର ସମ୍ପାଦକ ଜଳନ୍ଧର ବାଟେଲୀ, କୋଲନରା ବ୍ଲକ୍ ଭିନ୍ନକ୍ଷମ ମହାସଙ୍ଘର ସଭାପତି ସନ୍ତୋଷ ମହାପାତ୍ର ଉପସ୍ଥିତ ଥିଲେ। ଉକ୍ତ ସମୟରେ ଅଡିଟୋରିୟମ୍ ପରିସରରେ ଭିନ୍ନକ୍ଷମମାନଙ୍କ ପାଇଁ କ୍ରୀଡ଼ା ପ୍ରତିଯୋଗିତା (ହ୍ୱିଲ୍ ଚେୟାର ରେସ୍, ହ୍ୱିଲ୍ ଚେୟାର ଡ୍ୟାନ୍ସ, ହ୍ୱିଲ୍ ଚେୟାର ଫ୍ୟାନ୍ସି ଡ୍ରେସ, ଚିତ୍ରାଙ୍କନ) କରାଯାଇ ପୁରସ୍କୃତ କରାଯାଇଥିଲା। ଏହାପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଯଥା- ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଗଲା। ଏତଦ୍ ବ୍ୟତୀତ ମାନ୍ୟଗଣ୍ୟ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ମଞ୍ଚ ଉପରେ ସମ୍ବର୍ଦ୍ଧିତ କରାଯାଇଥିଲା।




# ସାଧାରଣ ନିର୍ବାଚନ ପ୍ରସ୍ତୁତି ପାଇଁ ଜିଲ୍ଲାସ୍ତରୀୟ ତାଲିମ

**ରାୟଗଡ଼ା,୨।୩(ସମିସ)**



ଆସନ୍ତା ସାଧାରଣ ନିର୍ବାଚନ ନିମନ୍ତେ ରାୟଗଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ବିଭିନ୍ନ ପର୍ଯ୍ୟାୟରେ ପ୍ରସ୍ତୁତି କାର୍ଯ୍ୟ ଚାଲିଛି। ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ମନୋଜ ସତ୍ୟବାନ ମହାଜନଙ୍କ ନିର୍ଦ୍ଦେଶ କ୍ରମେ ମାନବ ସମ୍ବଳ ପରିଚାଳନା, ପୁଲିସ ଅଧିକାରୀ ଓ ସେକ୍ଟର ଅଫିସରମାନଙ୍କ ଦିନିକିଆ ସ୍ୱତନ୍ତ୍ର ତାଲିମ କାର୍ଯ୍ୟକ୍ରମ ସ୍ଥାନୀୟ ବିଜୁ ପଟ୍ଟନାୟକ ଅଡିଟୋରିୟମଠାରେ ଅନୁଷ୍ଠିତ ହୋଇଛି। ଗତ ୨୯ ତାରିଖରେ ପୁଲିସ ସେକ୍ଟର ଅଫିସର ଓ କର୍ମଚାରୀଙ୍କୁ ସାଧାରଣ ନିର୍ବାଚନ ସଂକ୍ରାନ୍ତୀୟ ନ୍ୟସ୍ତ କରାଯାଇଥିବା ଦାୟିତ୍ୱ କିପରି ନିର୍ଭୁଲ ଭାବରେ ତୁଲାଇବେ ସେ ସମ୍ପର୍କରେ ତାଲିମ ଦିଆଯାଇଥିଲା। ଜିଲ୍ଲାର ଗୁଣୁପୁର, ବିଷମକଟକ ଓ ରାୟଗଡ଼ା ବିଧାନସଭା ନିର୍ବାଚନମଣ୍ଡଳୀର ସୁପରିଚାଳନା ଦାୟିତ୍ୱରେ ଥିବା ସମସ୍ତ ସେକ୍ଟର ଅଫିସରଙ୍କୁ ସାଧାରଣ ନିର୍ବାଚନ ସମୟରେ ନିର୍ବାଚନ ଆୟୋଗଙ୍କ ନିୟମଅନୁସାରେ ବିଭିନ୍ନସ୍ତରରେ କିପରି ନିଜ ନିଜର ଦାୟିତ୍ୱ ସୂଚାରୁରୂପେ ତୁଲାଇବେ ସେ ସମ୍ପର୍କରେ ଜିଲ୍ଲାପାଳ ନିଜେ ସ୍ଥାନୀୟ ସଦ୍ଭାବନା ସଭାଗୃହରେ ୧୬ଟି ନୋଡାଲ ଅଧିକାରୀଙ୍କୁ ସମୀକ୍ଷା ଓ ତାଲିମ ପ୍ରଦାନ କରିଥିଲେ। ବିଭିନ୍ନ ରାଜନୈତିକ ଦଳ ଓ ପ୍ରାର୍ଥୀମାନେ ନିର୍ବାଚନ ଆୟୋଗଙ୍କ ନିୟମ ଅନୁଯାୟୀ ନିର୍ବାଚନ ସଂକ୍ରାନ୍ତୀୟ ନିଜର ଦାୟିତ୍ୱ ତୁଲାଇବା ଓ ପ୍ରସାରପ୍ରଚାର କରିବା ପାଇଁ ପରାମର୍ଶ ଦିଆଯାଇଛି। ବିଭିନ୍ନ ରାଜନୈତିକ ଦଳର ପ୍ରାର୍ଥୀ ନିର୍ବାଚନ ସମୟରେ ଖବରକାଗଜ, ବୈଦ୍ୟୁତିକ ଗଣମାଧ୍ୟମରେ ନିଜର ପ୍ରସାରପ୍ରଚାର ପାଇଁ ବିଜ୍ଞାପନ ଦେବା ପୂର୍ବରୁ ଏମସିଏମସି କମିଟି ପାଖରେ ଆବେଦନ କରିପାରିବେ। ବିଭିନ୍ନ ପର୍ଯ୍ୟାୟରେ ଅନୁଷ୍ଠିତ ତାଲିମ ଶିବିରରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଶ୍ରୀ ମହାଜନ, ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ଭାସ୍କର ରଇତ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ନିହାର ରଞ୍ଜନ କହଁର, ପିଏ ଆଇଟିଡିଏ ଦିଲ୍ଲୀପ କୁମାର ବେହେରା, ଉପଜିଲ୍ଲାପାଳ କଲ୍ୟାଣୀ ସଂଘମିତ୍ରା ଦେବୀ, ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ନରେନ୍ଦ୍ର ନାୟକ, ନିର୍ବାଚନ ବିଭାଗ ଡେପୁଟି କଲେକ୍ଟର ସୂର୍ଯ୍ୟମଣୀ ଭୋଇ, ସହରୀ ଜିଲ୍ଲାପାଳ ମୃତ୍ୟୁଞ୍ଜୟ ବରାଳ ସମେତ ସମସ୍ତ ମାଷ୍ଟର ଟ୍ରେନର ତାଲିମ ପ୍ରଦାନ କରିଥିଲେ। ଏଥିରେ ଜିଲ୍ଲାର ସମସ୍ତ ବିଡିଓ, ତହସିଲଦାର, ପୁଲିସ ଅଧିକାରୀଙ୍କ ସହିତ ସାଧାରଣ ନିର୍ବାଚନ ପାଇଁ ପ୍ରସ୍ତୁତି ପରିଚାଳନା ଦାୟିତ୍ୱରେ ଥିବା ସମ୍ପୃକ୍ତ ଅଧିକାରୀ, କର୍ମଚାରୀମାନେ ଯୋଗଦେଇଥିଲେ।

## ବୁଥ୍‌ସ୍ତରୀୟ ଅଧିକାରୀ ଓ ସେକ୍ଟର ଅଧିକାରୀଙ୍କ ତାଲିମ ଶିବିର

**ରାୟଗଡ଼ା,୨।୩(ସମିସ):** ଚଳିତ ମାସରେ ନିର୍ବାଚନ ତାରିଖ ଘୋଷଣା ହେବାକୁ ଅଛି। ଜିଲ୍ଲା ପ୍ରଶାସନ ତରଫରୁ ପୂର୍ବ ପ୍ରସ୍ତୁତି ଜୋର୍ ଧରିଛି। ଗତ ମାସ ୨୯ ତାରିଖରେ ଜିଲ୍ଲାର ସମସ୍ତ ସେକ୍ଟର ଅଧିକାରୀଙ୍କ ତାଲିମ ପରେ ଶନିବାର ବୁଥସ୍ତରୀୟ ଅଧିକାରୀଙ୍କ ତାଲିମ ରାୟଗଡ଼ା ନିର୍ବାଚନ ମଣ୍ଡଳୀର ସମସ୍ତ ବ୍ଲକ୍ ଓ ପୌରାଞ୍ଚଳସ୍ତରରେ ଅନୁଷ୍ଠିତ ହୋଇଯାଇଛି। ରାୟଗଡ଼ା ବ୍ଲକସ୍ତରରେ ବିଡିଓ ଅମୂଲ୍ୟ କୁମାର ସାହୁ, ଗୋପାଳ ପଣ୍ଡା ଓ ନୀଳାଞ୍ଚଳ ମିଶ୍ର ଏହି ତାଲିମ ପ୍ରଦାନ କରିଥିଲେ। କାଶୀପୁର ବ୍ଲକରେ ବିଡିଓଙ୍କ ସମେତ ଅକ୍ଷୟ ମହାନ୍ତି ଓ ନିରଞ୍ଜନ ନାୟକ ଏବଂ ରାୟଗଡ଼ା ପୌରାଞ୍ଚଳରେ ବିକ୍ରମାଦିତ୍ୟ ମହାପାତ୍ର ଓ ବୁଲୁ ସେଠୀ ତାଲିମ ପ୍ରଦାନ କରିଥିଲେ। ନିରନ୍ତର ସଂଶୋଧନ ପ୍ରକ୍ରିୟା, ଅନୁପସ୍ଥିତି ଭୋଟରଙ୍କ ଭୋଟ ଗ୍ରହଣ, ଭୋଟର ସୂଚନା ପତ୍ର ବଣ୍ଟନ ସହ ଭୋଟଗ୍ରହଣ ଦିନ ଭୋଟର ସହାୟତା କେନ୍ଦ୍ର ଖୋଲିବା ଏବଂ ପୋଷ୍ଟାଲ ବାଲାଟ୍ ପ୍ରକ୍ରିୟା ବିଷୟରେ ତାଲିମ ପ୍ରଦାନ କରାଯାଇଥିଲା। ନିର୍ବାଚନ ପ୍ରକ୍ରିୟାକୁ ଅବାଧ, ସ୍ୱଚ୍ଛ ଓ ନିରପେକ୍ଷ କରିବା ପାଇଁ ଉପଜିଲ୍ଲାପାଳ କଲ୍ୟାଣୀ ସଂଘମିତ୍ରା ଦେବୀ ବୁଥ ଅଧିକାରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ନାମାଙ୍କନ ପତ୍ର ଦାଖଲ ପୂର୍ବରୁ ବାଦ୍ ପାଇଥିବା ଯୋଗ୍ୟ ବ୍ୟକ୍ତି ନିଜ ନାମ ଭୋଟର ତାଲିକାରେ ପଞ୍ଜୀକରଣ ନିମନ୍ତେ ଦରଖାସ୍ତ କରିପାରିବେ ବୋଲି କହିଛନ୍ତି।



### ବେଆଇନ ଜବରଦଖଲରେ କେନାଲ

# ଚାଷୀଙ୍କ କାମରେ ଆସୁନି ସକଟା ଡ୍ୟାମ୍

**ମୁନିଗୁଡ଼ା,୨।୩(ସମିସ)**





ଜଳ ସମ୍ପଦ ବିଭାଗ ମୁନିଗୁଡ଼ା କ୍ଷୁଦ୍ର ଜଳ ସେଚନ ପ୍ରକଳ୍ପ ପକ୍ଷରୁ ମୁନିଖୋଲ ପଞ୍ଚାୟତ ସକଟାଠାରେ ନିର୍ମାଣ ହୋଇଥିବା କେନାଲ ଚାଷୀଙ୍କ କାମରେ ଆସୁ ନ ଥିବା ଅଭିଯୋଗ ହେଉଛି। ଦୀର୍ଘ ବର୍ଷ ହେଲା ଉକ୍ତ ଅଞ୍ଚଳର କିଛି ଲୋକ ବେଆଇନ ଭାବେ କେନାଲ ଜମି ଉପରେ ଜବରଦଖଲ କରି ଆସୁଥିବାବେଳେ କେନାଲଟି ନିଜର ଅସ୍ତିତ୍ୱ ହରାଇ ବସିଲାଣି। ଯାହା ଫଳରେ ହଜାର ହଜାର

**● କେନାଲ ପାଲଟିଛି ଡ୍ରେନ୍**

ହେକ୍ଟର ଚାଷଜମିକୁ ଜଳସେଚିତ ହେଉ ନ ଥିବାରୁ ଚାଷଜମି ସବୁ ପଡ଼ିଆ ପଡୁଥିବା ଚାଷୀମାନେ ଅଭିଯୋଗ କରିଛନ୍ତି।

ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ବ୍ଲକ୍ ମୁନିଖୋଲ ପଞ୍ଚାୟତ ସକଟାଠାରେ ବିଭାଗ ପକ୍ଷରୁ ଏକ ଡ୍ୟାମ ନିର୍ମାଣ କରାଯିବା ସହିତ ନଦୀ ପାଣିକୁ ସଂରକ୍ଷିତ କରାଯାଇ କେନାଲ ମାଧ୍ୟମରେ ଚାଷୀମାନଙ୍କ ଜମିକୁ ଜଳସେଚିତ କରିବା ପାଇଁ ବ୍ୟବସ୍ଥା କରାଯାଇଥିଲା। ଉକ୍ତ କେନାଲ ସକଟାଠାରୁ ବାହାରି ମୁନିଗୁଡ଼ା ଟିକରପଡ଼ା ମୌଜା ଦେଇ ମୁନିଗୁଡ଼ା ସହର ପଛପଟେ ଥିବା ଜମିଗୁଡ଼ିକୁ ଜଳସେଚିତ କରିବା ସହ ଅଞ୍ଚଳର ହଜାର ହଜାର ଚାଷଜମିକୁ ଜଳସେଚିତ ହେଉଥିଲା। ଦୀର୍ଘ ବର୍ଷ ହେଲା ଉକ୍ତ କେନାଲ ଜମି ଉପରେ ଅଞ୍ଚଳର କିଛି ଲୋକ ବେଆଇନ ଭାବେ ଜବରଦଖଲ ଜରି କେନାଲ ସ୍ଥାନରେ ଗୃହ ନିର୍ମାଣ କରିଥିବାବେଳେ କେଉଁଠି କେନାଲ ପୋତି ହୋଇ ନିଜର ଅସ୍ତିତ୍ୱ ହଜାଇ ସାରିଲାଣି ତ ଆଉ କେଉଁଠି ମଇଳା ଆବର୍ଜନା ପାଣି ପଶି କେନାଲଟି ଡ୍ରେନ୍ ପାଲଟି ଗଲାଣି। ଯେଉଁଥିପାଇଁ ଚାଷଜମିକୁ ଆଉ ଜଳସେଚିତ ହୋଇ ପାରୁନାହିଁ। ଘଟଣା ବିଷୟରେ ମୁନିଗୁଡ଼ା ବ୍ଲକ୍ ଅମ୍ବାଦଳା ଗ୍ରାମର ନାଥୁରାମ ନାଗ ମୁନିଗୁଡ଼ା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ବିଭାଗକୁ ୨୦୨୧ରେ ଏକ ଲିଖିତ ଅଭିଯୋଗ କରିଥିଲେ। ପରେ ବିଭାଗ ପକ୍ଷରୁ ଉକ୍ତ କେନାଲ ଜମିର ବିଭାଜନ ନିମନ୍ତେ ତତ୍କାଳୀନ ମୁନିଗୁଡ଼ା ଥାନା ଆଇଆଇସି ଓ ତତ୍କାଳୀନ ମୁନିଗୁଡ଼ା ତହସିଲଦାରଙ୍କୁ ଚିଠି ହୋଇଥିଲା। ହେଲେ ଆଜକୁ ଦୀର୍ଘ ୩ ବର୍ଷ ବିତି ଯାଇଥିଲେ ସୁଦ୍ଧା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରା ନ ଯିବାରୁ ଟିକରପଡ଼ା, ଗୋବର୍ଦ୍ଧନ, ବାହଲପଦ୍ମପୁର ଅଞ୍ଚଳର ଚାଷୀ ଅସନ୍ତୋଷ ବ୍ୟକ୍ତ କରିବା ସହ ଯଥାଶୀଘ୍ର ଉକ୍ତ କେନାଲର ପୁନରୁଦ୍ଧାର ସହିତ ଜମି ବିଭାଜନ କରିବା ପାଇଁ ଦାବି କରିଛନ୍ତି। ସୂଚନା ଥାଉକି, କ୍ଷୁଦ୍ର ଜଳ ସେଚନ ପ୍ରକଳ୍ପ ବିଭାଗ ଦ୍ୱାରା ସକଟାଠାରୁ ଆରମ୍ଭ ହୋଇଥିବା କେନାଲ ଜମିର ପରିମାଣ ୨୫ ଏକରରୁ ଉର୍ଦ୍ଧ୍ୱ ଥିବାବେଳେ କେନାଲ ଉଭୟ ପାର୍ଶ୍ୱରେ କୋଡ଼ିଏ ଫୁଟର ଜମି କ୍ଷୁଦ୍ର ଜଳ ସେଚନ ପ୍ରକଳ୍ପ ବିଭାଗ ନାମରେ ରହିଛି। କେନାଲର ଉଭୟ ପାର୍ଶ୍ୱର ସ୍ଥାନକୁ ଜବରଦଖଲ କରିବା ସହିତ କେନାଲ ଉପରେ ଗୃହ ନିର୍ମାଣ ହୋଇଥିବାରୁ ଚାଷୀମାନଙ୍କ ଜମିକୁ ଜଳସେଚିତ ହେଉନାହିଁ। ଯାହାଫଳରେ ବର୍ଷ ବର୍ଷ ଧରି ଚାଷୀଙ୍କ ଜମି ପଡ଼ିଆ ପଡୁଥିବା ନେଇ ଚାଷୀ ସୁଦର୍ଶନ ମାର୍ଥା, ସୋମନାଥ ମାର୍ଥା, ତ୍ରିନାଥ ରଙ୍ଗାଲୁ, ଦେବରାଜ ପାଣି, ଅଭିରାମ ପାଳକିଆ ରାମ କାଡ୍ରାକା, ଭାସ୍କର କାଡ୍ରାକା ପ୍ରମୁଖ ଅଭିଯୋଗ କରିଛନ୍ତି। ଚାଷୀମାନଙ୍କ ସମସ୍ୟାକୁ ଗୁରୁତ୍ୱର ସହ ନେଇ ଜିଲ୍ଲା ପ୍ରଶାସନ ସିଧାସଳଖ ହସ୍ତକ୍ଷେପ କରନ୍ତୁ ବୋଲି ଅଞ୍ଚଳବାସୀ ଅନୁରୋଧ କରିଛନ୍ତି।

## ବାଇକ୍ ଯୋଗେ ତୀର୍ଥଯାତ୍ରା କରି ଫେରିଲେ ଦୁଇ ଯୁବକ



**ନନ୍ଦପୁର,୨।୩(ସମିସ):** କୋରାପୁଟ ଜିଲ୍ଲା ଲମତାପୁଟ ବ୍ଲକ ଅନ୍ତର୍ଗତ ଜଲାହଞ୍ଜାର ପଞ୍ଚାୟତର ଚାରି ଜଣ ଯୁବକ ବାଇକ୍ ଯୋଗେ ତୀର୍ଥଯାତ୍ରା କରି ଫେରିଥିବା ବେଳେ ସେମାନଙ୍କୁ ଅଞ୍ଚଳବାସୀଙ୍କ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଦଇତାରୀ ଖିଲ, ହରିହର ସୀସା, କିରଣ ଖିଲ ଓ ମହେଶ୍ୱର ପୂଜାରୀ ପ୍ରମୁଖ ଦୁଇଟି ବାଇକ୍ ଯୋଗେ ଜଲାହଞ୍ଜାର ଗ୍ରାମରୁ ବାହାରି କାଶୀ, ଗଙ୍ଗା, ଗୟା, ଅଯୋଧ୍ୟା ଆଦି ତୀର୍ଥସ୍ଥାନ ଯାତ୍ରା କରି ଫେରିଛନ୍ତି। ଏହି ଅବସରରେ ଜିଲ୍ଲା ପରିଷଦ ସଭ୍ୟ ପୂର୍ଣ୍ଣ ପାଙ୍ଗି, ସାମାଜିକ କର୍ମୀ ହିରାନ୍ୟ ବିଶୋଇ ସେମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।

## ବିଭିନ୍ନ ବିଦ୍ୟାଳୟରେ ଜାତୀୟ ବିଜ୍ଞାନ ଦିବସ

**କୋରାପୁଟ,୨।୩(ସମିସ):** କୋରାପୁଟ ବ୍ଲକ ଅନ୍ତର୍ଗତ ୧୬ଟି କ୍ଲଷ୍ଟରର ସରକାରୀ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଏବଂ ଉଚ୍ଚ ବିଦ୍ୟାଳୟରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ବିଭାଗୀୟ ନିର୍ଦ୍ଦେଶ ତଥା ସମଗ୍ର ଶିକ୍ଷା କୋରାପୁଟ ଆନୁକୂଲ୍ୟରେ ବିଦ୍ୟାଳୟଗୁଡ଼ିକରେ ବିଜ୍ଞାନ ଓ ଗଣିତ କ୍ଲବ୍ ଗଠନ ହୋଇଥିବା ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପ୍ରଦୀପ କୁମାର ପାତ୍ର ସୂଚନା ଦେଇଛନ୍ତି। ଏତଦ୍ ବ୍ୟତୀତ ବିଦ୍ୟାଳୟଗୁଡ଼ିକରେ ବିଜ୍ଞାନ ଓ ଗଣିତ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ସଫଳ ହୋଇଥିବା ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ପାଇଁ ବିଦ୍ୟାଳୟସ୍ତରରେ ପୁରସ୍କୃତ କରାଯାଇଥିବା ଜଣାପଡ଼ିଛି। ପୁଣି ବିଦ୍ୟାଳୟଗୁଡ଼ିକରେ ଗଣିତ ଓ ବିଜ୍ଞାନର ବିଭିନ୍ନ ପ୍ରକଳ୍ପଗୁଡ଼ିକ ପିଲାଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଯାଇଛି। କୋରାପୁଟ ମ୍ୟୁନିସିପାଲିଟି ଅନ୍ତର୍ଗତ ଏକ୍ସ ବୋର୍ଡ, ପୂଜାରୀପୁଟ, ମାଳିସାହି, ରଙ୍ଗବାଲି କୁମ୍ଭା, ବଡ଼ ଚିନ୍ଦ୍ରି ଓ ପୁଲିସ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପିଲାଙ୍କ ଦ୍ୱାରା ଆକର୍ଷଣୀୟ ପ୍ରକଳ୍ପଗୁଡ଼ିକ ପ୍ରସ୍ତୁତ କରାଯାଇଥିଲା। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶିବ ପ୍ରସାଦ ରଥ ବିଦ୍ୟାଳୟଗୁଡ଼ିକୁ ଭ୍ରମଣ କରି ପିଲାଙ୍କୁ ଉତ୍ସାହିତ କରିଥିବାବେଳେ ପିଲାଙ୍କ ମଧ୍ୟରେ ବିଜ୍ଞାନ ଓ ଗଣିତ ବିଷୟ ପ୍ରତି ଅଧିକ ଜାଗୃତ କରି ବୈଜ୍ଞାନିକ ମନୋଭାବକୁ ଦୃଢ଼ୀଭୂତ କରିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ବୋଲି ବରିଷ୍ଠ ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ଜାନୀ ମତ ରଖିଛନ୍ତି।

**■ ବନମାଳିପୁଟ ପଞ୍ଚାୟତକୁ ସଂଯୋଗ ହେଲା ଦୂରସଞ୍ଚାର ସେବା**

## ଚଢ଼ିବାକୁ ପଡ଼ିବନି ପାହାଡ଼; ସୁବିଧା ହେବ ଟେଲି ଯୋଗାଯୋଗ



**ନନ୍ଦପୁର,୨।୩(ସମିସ):** କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକର ବନମାଳିପୁଟ ପଞ୍ଚାୟତକୁ ସଂଯୋଗ ହେଲା ଦୂରସଞ୍ଚାର ସେବା। ଦୀର୍ଘ ଦୁଇ ବର୍ଷରୁ ଉର୍ଦ୍ଧ୍ୱ ହେବ ବନ୍ଦ ହୋଇପଡ଼ିଥିବା ଜିଓ ଟାୱାର ଶେଷରେ କାର୍ଯ୍ୟକ୍ଷମ ହୋଇଛି। ଫଳରେ ଏବେ ଆଉ ଗ୍ରାମବାସୀଙ୍କୁ ଟେଲି ଯୋଗାଯୋଗ ପାଇଁ ପାହାଡ଼ ଚଢ଼ିବାକୁ ପଡ଼ିବନି। ଏଣିକି ଟେଲି ଯୋଗାଯୋଗ ସୁବିଧା ହେବ। ଟାୱାର କାର୍ଯ୍ୟକ୍ଷମ ପରେ ପଞ୍ଚାୟତବାସୀଙ୍କ ମଧ୍ୟରେ ଖୁସିର ମାହୋଲ ଦେଖିବାକୁ ମିଳିଛି।

ସୂଚନାପ୍ରକାରେ, ବନମାଳିପୁଟ ପଞ୍ଚାୟତ ନିକଟରେ ଦୀର୍ଘ ଦୁଇ ବର୍ଷରୁ ଉର୍ଦ୍ଧ୍ୱ ହେବ ଜିଓ ଟାୱାର ନିର୍ମାଣ ହୋଇଥିଲେ ମଧ୍ୟ ଟେଲିଫୋନ୍ ଯୋଗାଯୋଗ ସେବାରୁ ବଞ୍ଚିତ ହୋଇ ରହିଥିଲେ ବନମାଳୀପୁଟ ଗ୍ରାମ ପଞ୍ଚାୟତର ୧୮ ଖଣ୍ଡ ଗ୍ରାମବାସୀ। ୫ଜି ଯୁଗରେ ମଧ୍ୟ ଦୂରସଞ୍ଚାର ସେବାରୁ ବଞ୍ଚିତ ରହିଥିଲେ ବନମାଳିପୁଟ ପଞ୍ଚାୟତବାସୀ। ଏବେ ବିଳମ୍ବରେ ପଛେ ନିର୍ମାଣ ହୋଇଥିବା ଜିଓ ଟାୱାର କାର୍ଯ୍ୟକ୍ଷମ ହୋଇଛି। ଦୀର୍ଘ ଦୁଇ ବର୍ଷ ହେବ ଘରେ ଘରେ ଫୋନ୍ ଥିଲେ ବି ଅତି ଜରୁରୀ ସମୟରେ କଥା ହେବା ପାଇଁ ପାହାଡ଼ ଉପରେ ଚଢ଼ିବାକୁ ପଡୁଥିଲା। ଏବେ ଟାୱାର କାର୍ଯ୍ୟକ୍ଷମ ହେବା ପରେ ନେଟୱର୍କ ପାଇଁ ପାହାଡ଼ ଚଢ଼ିବାକୁ ପଡ଼ିବନି ବୋଲି ପଞ୍ଚାୟତବାସୀ କହିବା ସହ ଖୁସିବ୍ୟକ୍ତ କରିଛନ୍ତି। ସେପଟେ ଜିଲ୍ଲା ପରିଷଦ ସଭ୍ୟ ପୂର୍ଣ୍ଣ ପାଙ୍ଗି ଓ ହିରଣ୍ୟ ବିଶୋଇ ନେଟୱର୍କ ସେବା ଆରମ୍ଭ କରିଥିବାରୁ ଜିଓ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ଶିକ୍ଷକ ସମ୍ମାନ ପାଇଥିବା ଛାତ୍ରଛାତ୍ରୀ, ଶିକ୍ଷକ ଏବଂ ପଞ୍ଚାୟତ କର୍ତ୍ତୃପକ୍ଷଙ୍କୁ ସମ୍ବର୍ଦ୍ଧନା

**ଧୋଡ୍ରା,୨।୩(ସମିସ):** ଉମରକୋଟ ବ୍ଲକ ଅନ୍ତର୍ଗତ ଜୀରାଗୁଡ଼ା କ୍ଲଷ୍ଟର ପକ୍ଷରୁ ମୁଖ୍ୟମନ୍ତ୍ରୀ ଶିକ୍ଷକ ସମ୍ମାନରେ ସମ୍ମାନିତ ହୋଇଥିବା ଛାତ୍ରଛାତ୍ରୀ ତଥା ପଞ୍ଚାୟତ କର୍ତ୍ତୃପକ୍ଷଙ୍କୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ କାରାଗାଁସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ମଧୁସୂଦନ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ କାରାଗାଁ ପଞ୍ଚାୟତ ସରପଞ୍ଚ ଶ୍ୟାମଳି ଭତ୍ରା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ସମିତିସଭ୍ୟ ବିକ୍ରମ ସିଂ, ଉମରକୋଟ ବ୍ଲକର ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦେବେନ୍ଦ୍ର ବାଗ୍, କାରାଗାଁ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଷ୍ଣୁଚରଣ ପଟ୍ଟନାୟକ, ବରିଷ୍ଠ ସମାଜସେବୀ ଉଦୟ ସିଂ ଭତ୍ରା, ଜିରାଗୁଡ଼ା କ୍ଲଷ୍ଟର ସିଆରସିସି ମଧୁସୂଦନ ଜେନା ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଶ୍ରେଷ୍ଠ ଶିକ୍ଷକ ରୂପେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମ୍ମାନ ପାଇଥିବା ବନ୍ଧଗୁଡ଼ା ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ତୁଳସୀଦାସ ମୁଦୁଲୀଙ୍କୁ ଉତ୍ତରୀୟ ଓ ଉପଢ଼ୌକନ ପ୍ରଦାନ କରି ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ସେହିପରି କାରାଗାଁସ୍ଥିତ ବାବା ପୂର୍ଣ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଅମିକା ପନକା ଓ ପଲ୍ଲବିକା ସାହୁ, ଛାତ୍ର ଦୁଲାର ସିଂ ଭତ୍ରାଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ କାରାଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର କୃତି ଛାତ୍ରୀ ସଙ୍ଗୀତା ନାୟକ ଓ ଭୂବନ ଭତ୍ରାଙ୍କୁ ମଧ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। କାରାଗାଁ ପଞ୍ଚାୟତର ଶୈକ୍ଷିକ ବିକାଶ ଉଲ୍ଲେଖନୀୟ ହୋଇଥିବାରୁ ଉକ୍ତ ପଞ୍ଚାୟତ ବ୍ଲକସ୍ତରରେ ଶ୍ରେଷ୍ଠ ପଞ୍ଚାୟତର ମାନ୍ୟତା ହାସଲ କରିଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶିକ୍ଷା ସମ୍ମାନ ପାଇଥିବା କାରାଗାଁ ପଞ୍ଚାୟତର ସରପଞ୍ଚ ଶ୍ୟାମଳି ଭତ୍ରାଙ୍କୁ ମଧ୍ୟ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ଆଗାମୀ ଦିନରେ କାରାଗାଁ ପଞ୍ଚାୟତର ଏହି ସଫଳତା ବଜାୟ ରହୁ ବୋଲି ଉପସ୍ଥିତ ପଞ୍ଚାୟତବାସୀ ମତ ବ୍ୟକ୍ତ କରିବା ସହ ଆଗାମୀ ଦନରେ ଏହି ପଞ୍ଚାୟତକୁ ରାଜ୍ୟର ଶ୍ରେଷ୍ଠ ପଞ୍ଚାୟତ ରୂପେ ଗଢ଼ି ତୋଳିବାକୁ ଶପଥ ନେଇଥିଲେ।

## ପୁଲିସ ପକ୍ଷରୁ ଜନସମ୍ପର୍କ ଶିବିର



**ଉମରକୋଟ,୨।୩(ସମିସ):** ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ୍ ଅନ୍ତର୍ଗତ ତୋହରା ପଞ୍ଚାୟତର ଅର୍ଜୁନ ପାଣି ଗ୍ରାମରେ ନବରଙ୍ଗପୁର ଜିଲ୍ଲା ପୁଲିସର ତତ୍ତ୍ୱାବଧାନରେ ଉମରକୋଟ ପୁଲିସ ପକ୍ଷରୁ ଜନସମ୍ପର୍କ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ପୁଲିସ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ସତ୍ୟରଞ୍ଜନ ପତି, ପୁଲିସ ଆରଆଇ ଅଜୟ କୁମାର ଇକା, ପୁଲିସ ସୁବେଦାର ଆଶିଷ ପଟେଲ ଓ ଉମରକୋଟ ପୁଲିସ ଏସଆଇ ଅକ୍ଷୟ ମିଶ୍ର ଯୋଗଦେଇ ପୁଲିସ ଓ ସାଧାରଣ ଲୋକଙ୍କ ମଧ୍ୟରେ ସୁସମ୍ପର୍କ ଅଧିକରୁ ଅଧିକ ସୁଦୃଢ଼ କରିବାକୁ ଆହ୍ୱାନ ଦେଇଥିଲେ। ବିଭିନ୍ନ ସମୟରେ ହେଉଥିବା ଅପରାଧରୁ ଦୂରେଇ ରହିବାକୁ ପରାମର୍ଶ ଦେଇଥିଲେ। ଗ୍ରାମର ଯୁବକଙ୍କୁ ନେଇ ଭଲିବଲ ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯାଇଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ବିଜୟ ହାସଲ କରିଥିବା ଦଳକୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ଏହି ଜନସମ୍ପର୍କ ଶିବିରରେ ପଦମଝରୀ, ଅର୍ଜୁନ ପାଣି ବିଦ୍ୟାଳୟର କୁନିକୁନି ଛାତ୍ରଛାତ୍ରୀ ଯୋଗଦେଇଥିଲେ। ଛାତ୍ରଛାତ୍ରୀଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଛାତ୍ରଛାତ୍ରୀଙ୍କୁ ଖାତା, ବହି, କଲମ, ପେନସିଲ, କମ୍ପାସ ଇତ୍ୟାଦି ସାମଗ୍ରୀ ବଣ୍ଟନ କରାଯାଇଥିବାବେଳେ ବୃଦ୍ଧବୃଦ୍ଧାମାନଙ୍କୁ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ଦିଆଯାଇଥିଲା। ସେହିପରି ବୃଦ୍ଧବୃଦ୍ଧା ଓ ମହିଳାଙ୍କୁ କମ୍ବଳ, ଲୁଙ୍ଗି, ଶାଢ଼ି, ଶାଲ, ଟୋପି, ଛତା ଓ ଯୁବକଙ୍କୁ ଖେଳ ସାମଗ୍ରୀ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଶିକ୍ଷକ ଅର୍ଜୁନ ପାଣି ପରିଚାଳନା କରିଥିଲେ। ଶତାଧିକ ଗ୍ରାମବାସୀ ଯୋଗଦେଇଥିଲେ।

## ଆଜିଠୁ ୭୯୫ କେନ୍ଦ୍ରରେ ପଲ୍ସ ପୋଲିଓ କାର୍ଯ୍ୟକ୍ରମ

**କୋରାପୁଟ,୨।୩(ସମିସ):** ରବିବାରଠାରୁ ଆସନ୍ତା ୫ ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ୭୯୫ଟି କେନ୍ଦ୍ରରେ ପଲ୍ସ ପୋଲିଓ ଟିକାକରଣ କାର୍ଯ୍ୟକ୍ରମ ହେବ ବୋଲି ଏଡିପିଏଚସିଓ ଶୁଭନାରାୟଣ ନାୟକ ସୂଚନା ଦେଇଛନ୍ତି। ରବିବାର ୭୯୫ଟି କେନ୍ଦ୍ରରେ ଜନ୍ମଠାରୁ ୫ ବର୍ଷ ପର୍ଯ୍ୟନ୍ତ ଶିଶୁମାନଙ୍କୁ ପୋଲିଓ ବୁନ୍ଦା ପ୍ରଦାନ କରାଯିବ। ଜିଲ୍ଲାର ୧ ଲକ୍ଷ ୭୨ ହଜାର ଶିଶୁଙ୍କୁ ଟିକାକରଣ ପାଇଁ ୪ ଓ ୫ ତାରିଖରେ ସ୍ୱାସ୍ଥ୍ୟ କର୍ମଚାରୀମାନେ ଘରକୁ ଘର ଯାଇ ଟିକାକରଣ କରିବେ। ସମସ୍ତ ପ୍ରସ୍ତୁତି ଶେଷ ହୋଇଥିବା ସହ ୩୧୪୮ ଜଣ ଟିକାକରଣକାରୀ ଓ ୧୫୦ ଜଣ ସୁପରଭାଇଜର କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ। କୋରାପୁଟ ପୌର ପରିଷଦ ଅନ୍ତର୍ଗତ ଗାନ୍ଧୀନଗର ସ୍ୱାସ୍ଥ୍ୟକେନ୍ଦ୍ରରେ ୩ ତାରିଖ ଦିନ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯିବ ବୋଲି ଶ୍ରୀ ନାୟକ କହିଛନ୍ତି।

## ଦେଶୀ ମଦଭାଟି ଭାଙ୍ଗିଲା ଟିକିରି ପୁଲିସ

**ଟିକିରି,୨।୩(ସମିସ):** ରାୟଗଡ଼ା ଜିଲ୍ଲା କାଶିପୁର ବ୍ଲକ୍ ଟିକିରି ଥାନା ପୁଲିସ ଦ୍ୱାରା ବେଆଇନ ଭାବେ ରନ୍ଧା ହେଉଥିବା ଦେଶୀ ମଦଭାଟି ଭାଙ୍ଗିବା ସହ ବହୁ ପରିମାଣର ମଦ, ପୋଚ ନଷ୍ଟ କରିଛନ୍ତି। ଟିକିରି ଥାନା ଆଇଆଇସି ବିଶ୍ୱବନ୍ଦିନୀ ବାଗଙ୍କ ନେତୃତ୍ୱରେ ଟିକିରି ପୁଲିସ ଶୁକ୍ରବାର ଝୋଡ଼ିଆପଡ଼ା ଉପରେ ଥିବା ପାହାଡ଼ ନିକଟସ୍ଥ ନାଳରେ ମଦ ପ୍ରସ୍ତୁତ କରୁଥିବା ସମୟରେ ଖବର ପାଇ ଚଢ଼ଉ କରିବାବେଳେ ବିପୁଳ ପରିମାଣର ମହୁଲ ପୋଚ ନଷ୍ଟ କରିବା ସହ ମଦ ପ୍ରସ୍ତୁତ କରୁଥିବା ହଣ୍ଡାହାଣ୍ଡି, ଚୂଲା ଓ ମଦ ନଷ୍ଟ କରିଛନ୍ତି। ସେଠାରେ କୌଣସି ଲୋକ ନ ଥିବାରୁ କାହାରିକୁ ଗିରଫ କରାଯାଇପାରି ନାହିଁ। ଯୋଉଠି ମଧ୍ୟ ଏପରି ବେଆଇନ ଭାବେ ମଦ ପ୍ରସ୍ତୁତି ହେଉଥିବା ସେଠାରେ ଆଗକୁ ମଧ୍ୟ ଚଢ଼ଉ କରାଯିବ ବୋଲି ଟିକିରି ଥାନା ଆଇଆଇସି ବିଶ୍ୱବନ୍ଦିନୀ ବାଗ କହିଛନ୍ତି।

## ମିଶନ ଶକ୍ତି ଭବନ ଉଦ୍‌ଘାଟନ ବିଳମ୍ବ




**ବୈପାରୀଗୁଡ଼ା,୨।୩(ସମିସ):** ପଦ୍ମ ଘୁଞ୍ଚିଲା ଭଳି ବୈପାରୀଗୁଡ଼ାର ମିଶନ ଶକ୍ତି ଭବନ ଉଦଘାଟନ ଉତ୍ସବ ଘୁଞ୍ଚି ଘୁଞ୍ଚି ଯାଉଛି। ଏହାର ଉଦଘାଟନ କେବେ ବୋଲି ସାଧାରଣରେ ପ୍ରଶ୍ନ ସୃଷ୍ଟି ହୋଇଛି। ବୈପାରୀଗୁଡ଼ା ବ୍ଲକ୍ ସଦରରେ ୫୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହୋଇଛି ମିଶନ ଶକ୍ତି ଭବନ। ମିଶନ ଶକ୍ତିର କାର୍ଯ୍ୟାଳୟ ହେବା ସହ ମିଶନ ସମସ୍ତ ମହିଳାଙ୍କ ବୈଠକ ପାଇଁ ଏହି କୋଠାଟି ନିର୍ମାଣ ହୋଇଛି। ନିର୍ମାଣ ହୋଇ ବର୍ଷେରୁ ଉର୍ଦ୍ଧ୍ୱ ଦିନ ବିତିଗଲାଣି କିନ୍ତୁ କାର୍ଯ୍ୟରେ ଲାଗୁ ନାହିଁ। ଉଦଘାଟନ ନ ହୋଇ କୋଠାଟି ବର୍ତ୍ତମାନ ଭୂତକୋଠି ପାଲଟିବାକୁ ଯାଉଛି। ଏ ନେଇ ବୈପାରୀଗୁଡ଼ା ବିଡିଓଙ୍କୁ ପଚାରିବାରୁ ଖୁବଶୀଘ୍ର ଉଦଘାଟନ କରାଯିବ ବୋଲି କହିଛନ୍ତି। ଖୁବଶୀଘ୍ର ଉଦଘାଟନ ହୋଇ କାମରେ ବ୍ୟବହାର ହେଉ ବୋଲି ମିଶନ ଶକ୍ତି ମା'ମାନେ ଦାବି କରିଛନ୍ତି।

## ଜୟପୁର ବ୍ଲକ୍ ଏସ୍‌ଡିସି କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ: ଏକମ୍ବା ଚାମ୍ପିଅନ୍




**ଜୟପୁର,୨।୩ (ସମିସ):** କୋରାପୁଟ ଜିଲ୍ଲା ଜୟପୁର ବ୍ଲକ ଏକମ୍ବା ଗ୍ରାମରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ପକ୍ଷରୁ ଆୟୋଜିତ ହୋଇଥିବା ବ୍ଲକସ୍ତରୀୟ ଏସ୍‌ଡିସି କପ୍ ଟୁର୍ଣ୍ଣାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ୪ ଦିନ ଧରି ଅନୁଷ୍ଠିତ ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟରେ ଏକମ୍ବା ଗ୍ରାମପଞ୍ଚାୟତ ଦଳ ଚାମ୍ପିଅନ ହୋଇଛନ୍ତି। ଏଥିସହ ଆସନ୍ତା ଜିଲ୍ଲାସ୍ତରୀୟ ଏସ୍‌ଡିସି କପ୍ ନିମନ୍ତେ ଜୟପୁର ବ୍ଲକ ପକ୍ଷରୁ ଏହି ଦଳ ଯୋଗଦେବାକୁ ଯୋଗ୍ୟ ବିବେଚିତ ହୋଇଛି। ଫାଇନାଲ ମ୍ୟାଚରେ ଏକମ୍ବା ଦଳ ବିପକ୍ଷ ରଣ୍ଡାପାଲ୍ଲୀ ଗ୍ରାମପଞ୍ଚାୟତ ଦଳକୁ ୬ ୱିକେଟ୍‌ରେ ପରାସ୍ତ କରି ଚାମ୍ପିଅନ ହୋଇଛି। ପ୍ରଥମେ ରଣ୍ଡାପାଲ୍ଲୀ ଦଳ ବ୍ୟାଟିଂ କରିବା ସହିତ ନିର୍ଦ୍ଧାରିତ ୧୦ ଓଭରରେ ୬ ୱିକେଟ ହରାଇ ୬୨ ରନ୍ ସଂଗ୍ରହ କରିଥିଲେ। ବିଜୟ ଲକ୍ଷ୍ୟ ନେଇ ଏକମ୍ବା ଦଳ ମାତ୍ର ୯ ଓଭରରେ ୪ ୱିକେଟ ହରାଇ ୬୩ ରନ୍ ସଂଗ୍ରଣ କରିବା ସହ ବିଜୟୀ ହୋଇଥିଲେ। ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ତିଳତ୍ତୋମା ମୁଦୁଲି ଯୋଗଦେଇ ଚାମ୍ପିଅନ ଦଳକୁ ୨୦ ହଜାର ଟଙ୍କା ପୁରସ୍କାର ରାଶି ସହିତ କପ୍ ପ୍ରଦାନ କରିଥିଲେ। ସେହିପରି ଉପବିଜେତା ଦଳକୁ ୧୫ ହଜାର ଟଙ୍କା ଏବଂ କପ୍ ପ୍ରଦାନ କରିଥିଲେ। ଏଥିସହ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ, ବୋଲର, ଫିଲ୍ଡର ଏବଂ ମ୍ୟାନ ଅଫ ଦି ମ୍ୟାଚ ହୋଇଥିବା ଖେଳାଳିଙ୍କୁ ମଧ୍ୟ ପୁରସ୍କାର ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟା ତପତୀ ପଟ୍ଟନାୟକ, ଏସ୍‌ଡିସି ସଦସ୍ୟା ବୈଦନାଥ ନାୟକ, ଟଙ୍କଧର ହାଲୱା ଉପସ୍ଥିତ ଥିଲେ।

### ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ହ୍ୱିଲ୍ ଚେୟାର ଦିବସ

# 'କୌଣସି ଭିନ୍ନକ୍ଷମ ସରକାରୀ ସୁବିଧାରୁ ବଞ୍ଚିତ ହେବେ ନାହିଁ'

**ନବରଙ୍ଗପୁର,୨।୩(ସମିସ)**




ନବରଙ୍ଗପୁର ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ତରଫରୁ ସ୍ଥାନୀୟ ରାଜା ଚୈତନ୍ୟ ଦେବ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆଠାରେ ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ହ୍ୱିଲ୍ ଚେୟାର ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ତ୍ରିବେଣୀ ଛକଠାରୁ ଦିବ୍ୟାଙ୍ଗମାନଙ୍କୁ ନେଇ ଅନୁଷ୍ଠିତ ହ୍ୱିଲ୍ ଚେୟାର ଶୋଭାଯାତ୍ରାକୁ ନବରଙ୍ଗପୁର ଜିଲ୍ଲାପାଳ ଡ. କମଳ ଲୋଚନ ମିଶ୍ର ଏବଂ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ନବୀନ ଚନ୍ଦ୍ର ନାୟକ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ନବରଙ୍ଗପୁର ଜିଲ୍ଲାର ଶତାଧିକ ଭିନ୍ନକ୍ଷମ ସହିତ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଆଶା କିରଣ ଅଧ୍ୟକ୍ଷ ଜଗନ୍ନାଥ ବେହେରା, ଜିଲ୍ଲା ଭିନ୍ନକ୍ଷମ ଥଇଥାନ କେନ୍ଦ୍ର ଅଧିକାରୀ ବିଭୁଦତ୍ତ ସେଠୀ, ଜିଲ୍ଲା ଭିନ୍ନକ୍ଷମ ସଂଘ ସମ୍ପାଦକ ସୁଜିତ୍ ରଥ, ସମାଜସେବୀ ନଗେନ୍ଦ୍ର ପଟ୍ଟନାୟକ ପ୍ରମୁଖ ଏହି ଶୋଭାଯାତ୍ରାରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଆସି ବିଦ୍ୟାଳୟ ଖେଳ ପଡ଼ିଆରେ ପହଞ୍ଚିଥିଲେ। ମଞ୍ଚରେ ଜିଲ୍ଲାପାଳ ଡ. ମିଶ୍ରଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଇ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଏଥିରେ ଡାବୁଗାଁ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ମନୋହର ରନ୍ଧାରୀ, ମ୍ୟୁନିସିପାଲିଟି ଚେୟାରମ୍ୟାନ କୁନୁ ନାୟକ, ବରିଷ୍ଠ ନାଗରିକ ସଭାପତି ଡ. ରାଧାନାଥ ବେହେରା, ନବରଙ୍ଗପୁର ବ୍ଲକ ଭିନ୍ନକ୍ଷମ ନୀଳମାଧବ ରଥ ପ୍ରମୁଖ ମଞ୍ଚାସୀନ ଥିଲେ। ଜିଲ୍ଲାପାଳ ତାଙ୍କ ବକ୍ତବ୍ୟରେ ହ୍ୱିଲ୍ ଚେୟାର ଏକ ଯନ୍ତ୍ର ନୁହେଁ ବରଂ ଏହା ଏକ ମାଧ୍ୟମ ଯାହା ଦ୍ୱାରା ଲୋକଟି ନିଜେ ନିଜ କାମ କରିବାକୁ ସକ୍ଷମ ହୋଇପାରିବ। ଦିବ୍ୟାଙ୍ଗମାନଙ୍କୁ ସରକାରଙ୍କ ତରଫରୁ ଆବଶ୍ୟକ ସାମାଜିକ ସୁରକ୍ଷା ସହାୟତା ପ୍ରଦାନ କରାଯାଉଛି ଏବଂ ଜିଲ୍ଲା ପ୍ରଶାସନ ଏଥିପ୍ରତି ଯତ୍ନବାନ୍ ଅଛି ବୋଲି ଜିଲ୍ଲାପାଳ ଡ. ମିଶ୍ର କହିଥିଲେ। ବିଧାୟକ ଶ୍ରୀ ରନ୍ଧାରୀ ଦିବସ ପାଳନର ତାତ୍ପର୍ଯ୍ୟ ଉପରେ ଉଲ୍ଲେଖ କରି କୌଣସି ଭିନ୍ନକ୍ଷମ ସରକାରୀ ସୁବିଧାରୁ ବଞ୍ଚିତ ହେବେ ନାହିଁ ବୋଲି କହିଥିଲେ।

ପରେ ପରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସିଥିବା ଭିନ୍ନକ୍ଷମମାନଙ୍କ ମଧ୍ୟରେ ବିଭିନ୍ନ ଖେଳ, ନାଚ, ଗୀତ, ଚିତ୍ର ପ୍ରତିଯୋଗିତା ହୋଇଥିଲା। ବିଶେଷ କରି ହ୍ୱିଲ୍ ଚେୟାରକୁ ନେଇ ଫ୍ୟାନ୍ସି କାର୍ଯ୍ୟକ୍ରମ ସୁନ୍ଦର ଭାବରେ ହୋଇଥିଲା। ହ୍ୱିଲ୍ ଚେୟାର ବକେଟ ଥ୍ରୋ, ହ୍ୱିଲ୍ ଚେୟାର ରନିଂ ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହୋଇଥିଲା। ପୂର୍ବରୁ ବିଭିନ୍ନ ବ୍ଲକ ଦ୍ୱାରା ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ, ତୃତୀୟ ହୋଇଥିବା ଭିନ୍ନକ୍ଷମ ପ୍ରତିଯୋଗୀଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ପ୍ରଥମକୁ ୫୦୦, ଦ୍ୱିତୀୟକୁ ୩୦୦ ଏବଂ ତୃତୀୟକୁ ୨୦୦ ଟଙ୍କା ଲେଖାଏଁ ଦିଆଯାଇଥିଲା। ଏଥିରେ ପାଖାପାଖି ୧୩୦ ଜଣ ଭିନ୍ନକ୍ଷମ ସମ୍ମାନିତ ହୋଇଥିଲେ। ନବରଙ୍ଗପୁର ଜିଲ୍ଲାର ଭିନ୍ନକ୍ଷମଙ୍କ ପାଇଁ କାମ କରୁଥିବା ଦୁଇ ଜଣ ସମାଜସେବୀ ନବରଙ୍ଗପୁରର ସୁଜିତ୍ ରଥ ଏବଂ କୋଷାଗୁମୁଡ଼ାର ଘଷିଆ ମାଳିଙ୍କୁ ସମ୍ମାନିତ କରାଯାଇଥିଲା। ଏଥିରେ ଜିଲ୍ଲାର ସବୁ ବିଆରଟି, ବିଏସ୍‌ଏସ୍‌ଓ, ଖେଳ ପ୍ରଶିକ୍ଷକଙ୍କ ସହିତ ବହୁ ସ୍ୱେଚ୍ଛାସେବୀ ଯୋଗଦେଇଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ସାମାଜିକ ସୁରକ୍ଷା ବିଭାଗର ବୃନ୍ଦାବନ, ସକୁନ୍ତଳା, ମିଥୁନ, ସାନୁ, ଅମ୍ରିତା, ମନିଷା, ଲିପ୍ସା, ନବୀନ ସହଯୋଗ କରିଥିବାବେଳେ ଜଗନ୍ନାଥ ବେହେରା ମଞ୍ଚ ପରିଚାଳନା କରିବା ସହ ଧନ୍ୟବାଦ ଦେଇଥିଲେ।




# ଫିସିଂଠାରୁ ବଡ଼ ସ୍କାମ୍ କ୍ୱିସିଂ

ଫିସିଂ ଆକ୍ରମଣ ସମସ୍ତେ ନିଶ୍ଚୟ ଶୁଣିଥିବେ। ଏଗୁଡ଼ିକ ହେଉଛି ସେହି ସ୍କାମ ଯେଉଁଥିରେ ପ୍ରକୃତ ୱେବସାଇଟ୍‌କୁ କପି କରି ଜାଲ୍ ପେଜ୍ ସୃଷ୍ଟି କରାଯାଇଥାଏ। ଆଉ ଏହାକୁ ଉପଯୋଗ କରି ଉପଭୋକ୍ତାମାନେ ପ୍ରତାରିତ କରାଯାଇଥାଏ। ଏହିପରି ହ୍ୟାକ୍ ମାଧ୍ୟମରେ ସାଇବର ସ୍କାମରମାନେ ଉପଭୋକ୍ତାମାନଙ୍କଠାରୁ ଭଲ ପରିମାଣର ଟଙ୍କା ଲୁଟି ନେଇଥାନ୍ତି। ବର୍ତ୍ତମାନ ସ୍କାମରମାନେ ଫିସିଂ ପରିବର୍ତ୍ତେ ଏକ ନୂତନ ଟେକ୍ନୋଲୋଜିର ବ୍ୟବହାର କରୁଛନ୍ତି, ଯାହାକୁ 'କ୍ୱିସିଂ' କୁହାଯାଉଛି।

## କ୍ୱିସିଂ କ'ଣ ?

କ୍ୱିସିଂ ପ୍ରକୃତରେ ଫିସିଂର ଏକ ନୂତନ ଏବଂ ବଡ଼ ସଂସ୍କରଣ। କ୍ୟୁଆର୍ ପ୍ଲସ୍ ଫିସିଂ ଅର୍ଥ ହେଉଛି କୋଡ୍ ମାଧ୍ୟମରେ କରାଯାଉଥିବା ଫିସିଂ। ଏଥିରେ, ଉପଭୋକ୍ତାମାନେ କ୍ୟୁଆର୍ କୋଡ୍ ମାଧ୍ୟମରେ ପ୍ରତାରିତ ହୋଇଥାନ୍ତି। ଆଜିକାଲି ବିଭିନ୍ନ କାରବାରରେ କ୍ୟୁଆର୍ କୋଡ୍‌ର ବ୍ୟବହାର ବହୁତ ଲୋକପ୍ରିୟ। ଯଦି ଆପଣ ଏକ ୱେବସାଇଟ୍‌ର ଠିକଣା ଦେବାକୁ ଚାହୁଁଛନ୍ତି, ତେବେ ଆପଣଙ୍କୁ ୟୁଆର୍‌ଏଲ୍ ପରିବର୍ତ୍ତେ କ୍ୟୁଆର୍ କୋଡ୍ ବ୍ୟବହାର କରିବାକୁ କୁହାଯାଇଛି। ଯଦି ୱାଇଫାଇ ପାସୱାର୍ଡ ଶେୟାରଜ କରିବାକୁ ପଡୁଛି। ଏଥିରେ କ୍ୟୁଆର୍ କୋଡ୍ ବିସ୍ତାରିତ ହେଉଛି। ଏହା ଅନ୍ୟ କୌଣସି ବିସ୍ତୃତ ବିବରଣୀ ହେଉ କିମ୍ବା ଅନଲାଇନ୍ ପେମେଣ୍ଟ ହେଉ, ସବୁଥିରେ କ୍ୟୁଆର୍‌ର ପ୍ରାଧାନ୍ୟ ରହୁଛି। ତେବେ କ୍ୟୁଆର୍ କୋଡ୍ କରିବା ପ୍ରତ୍ୟେକ ଥର ସୁରକ୍ଷିତ ନୁହେଁ। ଆଜିକାଲି କ୍ୟୁଆର୍ କୋଡ୍ଜୁ ବ୍ୟବହାର କରି ଠକେଇ ଏକ କଥା ହୋଇଗଲାଣି।

କେନ୍ଦ୍ର ସରକାର ନିକଟରେ କ୍ୱିସିଂକୁ ନେଇ ଚେତାବନୀ ଦେଇଛନ୍ତି। ସାଇବର ଦୋସ୍ତ ନାମକ ଏକ ସୋସିଆଲ ମିଡିଆ ହ୍ୟାଣ୍ଡେଲ ମାଧ୍ୟମରେ ସରକାର କ୍ୱିସିଂ ସମ୍ବନ୍ଧୀୟ ସୂଚନା ସେୟାର କରିଛନ୍ତି। ଏଥିରେ କୌଣସି ଜିନିଷଗୁଡ଼ିକୁ ଭଲ ଭାବେ ଯାଞ୍ଚ ନ କରି ସ୍କାନ୍ ନ କରିବାକୁ ଚେତାବନୀ ଜାରି କରାଯାଇଛି। ନଚେତ୍ ଆପଣଙ୍କୁ ଏକ ବଡ କ୍ଷତି ସହିବାକୁ ପଡିପାରେ। ଏହି ପ୍ରକାର ସ୍କାମ୍‌ରେ କ୍ୟୁଆର୍ କୋଡ୍‌କୁ ଉପଯୋଗ କରି ସାଇବର ଅପରାଧୀମାନେ ଆପଣଙ୍କ ବ୍ୟାଙ୍କ ଆକାଉଣ୍ଟରୁ ଟଙ୍କା ଉଠାଇନେଉଛନ୍ତି।



### ଅସଲି ୱେବସାଇଟ୍‌କୁ ନକଲ କରି ପ୍ରସ୍ତୁତ ହେଉଛି ଜାଲ୍ ପେଜ୍
### କ୍ୟୁଆର୍ କୋଡ୍‌ରେ ହେଉଛି ଠକେଇ

### ସତର୍କତା ପଦକ୍ଷେପ

୧ - ଆପଣଙ୍କର ବ୍ୟାଙ୍କ ଖାତାର ଗୋପନୀୟତା ବଜାୟ ରଖନ୍ତୁ। ଆପଣ ବିଶ୍ୱାସ କରୁ ନ ଥିବା କୌଣସି ବ୍ୟକ୍ତି କିମ୍ବା ପ୍ରତିଷ୍ଠାନ ସହିତ ଆପଣଙ୍କର ବ୍ୟାଙ୍କ ଆକାଉଣ୍ଟ ବିବରଣୀଶେୟାର କରନ୍ତୁ ନାହିଁ।

୨- ଯଦି ଆପଣଙ୍କୁ ଏକ କ୍ୟୁଆର୍ କୋଡ୍ ସ୍କାନ୍ କରିବାକୁ କୁହାଯାଏ, ପ୍ରଥମେ ନିଶ୍ଚିତ କରନ୍ତୁ ଯେ ଏହାର ସୋର୍ସ ବା ଉତ୍ସ ସଠିକ୍ ଅଛି କି ନାହିଁ। ଯାଞ୍ଚ ନ କରି ସ୍କାନ୍ କରନ୍ତୁ ନାହିଁ। ଯଦି ସାମାନ୍ୟତମ ସନ୍ଦେହ ଅଛି ତେବେ ଅନ୍ୟ ଏକ ପେମେଣ୍ଟ ବିକଳ୍ପ ଖୋଜନ୍ତୁ।

୩- ଆପଣଙ୍କର ଡିଭାଇସ୍ ଅପଡେଟ୍ ରଖନ୍ତୁ। ଏଥିପାଇଁ ଅତ୍ୟାଧୁନିକ ସୁରକ୍ଷା ଅଦ୍ୟତନ ସଂସ୍ଥାପନ କରିବା ଆବଶ୍ୟକ। ଏହା ଆପଣଙ୍କୁ ନୂଆ ସ୍କାମ ପଦ୍ଧତିରୁ ସୁରକ୍ଷିତ ରହିବାକୁ ସାହାଯ୍ୟ କରିବ। ଯଦି ଆପଣ 'କ୍ୱିସିଂ'ର ଶିକାର ହୁଅନ୍ତି, ତୁରନ୍ତ ଆପଣଙ୍କର ବ୍ୟାଙ୍କ ଅଧିକାରୀଙ୍କ ସହିତ ଯୋଗାଯୋଗ କରନ୍ତୁ। ଏପରିକି ଆପଣ ନିଜର ଆକାଉଣ୍ଟକୁ ଅଚଳ କରିବାକୁ ବ୍ୟାଙ୍କକୁ ମଧ୍ୟ ଅନୁରୋଧ କରିପାରିବେ। ଏହା ବ୍ୟତୀତ ଆପଣ ସାଇବର ଠକେଇ ପୋର୍ଟାଲରେ ମଧ୍ୟ ଏ ସମ୍ପର୍କରେ ଅଭିଯୋଗ କରିପାରିବେ।

# ଭାରତରେ ସବୁଠାରୁ ବଡ଼ ଡାଟା ଲିକ୍




ସବୁବେଳେ ବିଭିନ୍ନ ସାଇଟ୍‌ରେ ଆମେ ଡାଟା ଲିକ୍ ହେବା ସମ୍ପର୍କିତ ଖବର ପାଇଥାଉ। ଏଥର ଲିକ୍ ହୋଇଥିବା ତଥ୍ୟକୁ 'ମଦର ଅଫ୍ ବ୍ରେକ୍' କୁହାଯାଉଛି। ଏଥିରେ ୨୬ ବିଲିୟନ ବା ୨୬୦୦ କୋଟି ଉପଭୋକ୍ତାଙ୍କ ବ୍ୟକ୍ତିଗତ ତଥ୍ୟ ପ୍ରଘଟ ହୋଇଛି।

ଏହି ତଥ୍ୟ ପ୍ରଘଟ ବିଷୟରେ ସୂଚନା ସିକ୍ୟୁରିଟି ଡିସକଭରି ଡଟ୍ କମ୍‌ର ମୁଖ୍ୟ ବବ୍ ଡାୟାଚେଙ୍କୋ ପ୍ରଦାନ କରିଛନ୍ତି। ଏହି ଡାଟା ଲିକ୍‌ରେ ବ୍ୟବହାରକାରୀଙ୍କ ବହୁତ ବ୍ୟକ୍ତିଗତ ସୂଚନା ରହିଛି। ସାଇବର ନ୍ୟୁଜ୍ ଏହାର ରିପୋର୍ଟରେ କହିଛି ଯେ ଏଭଳି ଡାଟା ଲିକ୍‌ରେ କାହାର ଡିଜିଟାଲ ପରିଚୟ ଚୋରି ହେବାର ସମ୍ଭାବନା ଅଧିକ। ଏକ୍ସ (ପୂର୍ବରୁ ଟ୍ୱିଟର)ରୁ ୱିବୋ ପର୍ଯ୍ୟନ୍ତ ବ୍ୟବହାରକାରୀଙ୍କ ତଥ୍ୟ ପ୍ରଘଟ ହୋଇଛି। ରିପୋର୍ଟରେ କୁହାଯାଇଛି ଯେ ଏହି ଡାଟା ଲିକ୍‌ରେ ଅଧିକାଂଶ ତଥ୍ୟ ଟେନସେଣ୍ଟ କ୍ୟୁକ୍ୟୁ ବ୍ୟବହାରକାରୀଙ୍କର, ଯାହା ହେଉଛି ଚାଇନାର ଏକ ତତକ୍ଷଣାତ୍ ମେସେଜିଂ ଆପ୍। କେବଳ ଏହି ଆପ୍‌ର ୧.୪ ବିଲିୟନ ଉପଭୋକ୍ତାଙ୍କ ତଥ୍ୟ ପ୍ରଘଟ ହୋଇଛି। ଏହାବ୍ୟତୀତ ୱିବୋ, ମାଇସ୍ପେସ୍, ଏକ୍ସ ଏବଂ ଅନ୍ୟାନ୍ୟ ସାଇଟର ବ୍ୟବହାରକାରୀଙ୍କ ତଥ୍ୟ ମଧ୍ୟ ଏହି ଡାଟା ଲିକ୍‌ରେ ଅନ୍ତର୍ଭୁକ୍ତ। ତେବେ ଏହି ଡାଟା ଲିକରେ ଅଧିକାଂଶ ତଥ୍ୟ ଆମେରିକା, ବ୍ରାଜିଲ, ଜର୍ମାନୀ, ଫିଲିପାଇନ୍ସ ଏବଂ ତୁର୍କୀର ଉପଭୋକ୍ତାମାନଙ୍କଠାରୁ ଆସିଛି। ଯଦି ଜଣେ ଉପଭୋକ୍ତା ଅନେକ ପ୍ରକାରର ଆକାଉଣ୍ଟ ପାଇଁ ସମାନ ପାସୱାର୍ଡ ବ୍ୟବହାର କରିଛନ୍ତି, ତା'ହେଲେ ତାଙ୍କ ପାଇଁ ଏଥିରେ ଏକ ବଡ଼ ବିପଦ ରହିଛି।

'ମଦର ଅଫ୍ ବ୍ରେକ୍' ୨୬୦୦ କୋଟି ଲୋକଙ୍କ ବ୍ୟକ୍ତିଗତ ତଥ୍ୟ ପ୍ରଘଟ

### ନିଜର ଡାଟାକୁ କିପରି ସୁରକ୍ଷିତ ରଖିବେ?

ଯଦି ଆପଣ ମଧ୍ୟ ଅନୁଭବ କରୁଛନ୍ତି ଯେ ଆପଣଙ୍କର ଡାଟା ଏହି ତଥ୍ୟ ପ୍ରଘଟ ତାଲିକାରେ ରହିଛି, ତେବେ ତୁରନ୍ତ ତୁମର ସମସ୍ତ ସୋସିଆଲ୍ ମିଡିଆ ଏବଂ ଡିଜିଟାଲ୍ ପ୍ଲାଟଫର୍ମ ଆକାଉଣ୍ଟଗୁଡିକର ପାସୱାର୍ଡ ବଦଳାଇ ଦିଅନ୍ତୁ ଏବଂ ଦୁଇ ଫ୍ୟାକ୍ଟର୍ ପ୍ରାମାଣିକୀକରଣ ଟର୍ନ୍ ଅନ୍ କରିବା ଉଚିତ୍।

# ଏଆଇ ବ୍ୟବହାର କରି ମାଇକ୍ରୋସଫ୍ଟର ବଜାର ପୁଞ୍ଜି ୩ ଟ୍ରିଲିୟନ୍ ଡଲାର ଟପିଲା

ଏଆଇ ଅର୍ଥାତ୍ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ କୃତ୍ରିମ ବୁଦ୍ଧିମତ୍ତା ଉପଯୋଗ କରି ଆଇଟି କମ୍ପାନୀ ମାଇକ୍ରୋସଫ୍ଟ ଏକ ନୂତନ ରେକର୍ଡ ସୃଷ୍ଟି କରିଛି। ବିଶ୍ୱର ଏହି ଅଗ୍ରଣୀ ଆଇଟି କମ୍ପାନୀ ପ୍ରଥମ ଥର ପାଇଁ ୩ ଟ୍ରିଲିୟନ ଡଲାରର ବଜାର ପୁଞ୍ଜି ଅତିକ୍ରମ କରିଛି। ତେବେ ବଜାର ପୁଞ୍ଜି ଦୃଷ୍ଟିରୁ ଆପଲ୍ ହେଉଛି ବିଶ୍ୱର ସବୁଠାରୁ ବଡ କମ୍ପାନୀ। ଅବଶ୍ୟ, ମାଇକ୍ରୋସଫ୍ଟ କିଛି ଦିନ ପାଇଁ ଆପଲ୍‌କୁ ଅତିକ୍ରମ କରିଥିଲା, କିନ୍ତୁ ପ୍ରଫିଟ୍ ବୁକିଂ ହେତୁ ସଫ୍ଟୱେର୍ କମ୍ପାନୀ ପୁଣି ଦ୍ୱିତୀୟ ସ୍ଥାନକୁ ଖସିଆସିଛି। ଏହି ସମୟରେ ଫେସବୁକର ପ୍ୟାରେଣ୍ଟ କମ୍ପାନୀ ମେଟାର ବଜାର ପୁଞ୍ଜି ମଧ୍ୟ ବୃଦ୍ଧି ପାଇଛି।

ମାଇକ୍ରୋସଫ୍ଟ ୨୦୨୩ରେ ଗତ ବର୍ଷ ସର୍ବାଧିକ ରିଟର୍ଣ୍ଣ ପ୍ରଦାନ କରୁଥିବା କମ୍ପାନୀର ମାନ୍ୟତା ଲାଭ କରିଥିଲା। ଗତ ବର୍ଷ କମ୍ପାନୀ ଏହାର ନିବଶେକଙ୍କୁ ୫୭ ପ୍ରତିଶତ ରିଟର୍ଣ୍ଣ ଦେଇଥିଲା। ତେବେ କମ୍ପାନୀ ଚଳିତବର୍ଷ ୭.୪ ପ୍ରତିଶତ ରିଟର୍ଣ୍ଣ ଦେଇଛି। ତେବେ ମାଇକ୍ରୋସଫ୍ଟ ସେୟାରରେ ବୃଦ୍ଧି ହେବାର ସବୁଠାରୁ ବଡ କାରଣ ହେଉଛି ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସର ଉପଯୋଗ। ଏଆଇ ସମ୍ବନ୍ଧୀୟ ଡିଲ୍ କମ୍ପାନୀ ଦ୍ୱାରା କରାଯାଇଛି। ଏହା ନିବେଶକଙ୍କ ଉତ୍ସାହକୁ ବଢ଼ାଇ ଦେଇଛି। ରିପୋର୍ଟ ଅନୁଯାୟୀ, ଏଆଇ ବଜାରରେ ଅଧିକ ସୁଯୋଗର ଲାଭ ଉଠାଇବା ପାଇଁ ମାଇକ୍ରୋସଫ୍ଟ ଶସ୍ତା, ଛୋଟ କୃତ୍ରିମ ବୁଦ୍ଧିମତ୍ତା ମଡେଲ ଉପରେ କାମ କରୁଛି। ନୂତନ ଜେନେରେଟିଭ୍ ଏଆଇ ଟିମ୍ (ଏସ୍‌ଏଲ୍‌ଏମ୍‌ଏସ୍) ବିକାଶ ଉପରେ ଧ୍ୟାନ ଦେବ ଯାହାକି ଓପନ୍‌ଏଆଇର ଜିପିଟି-୪ ପରି ଏଲ୍‌ଏମ୍‌ଏସ୍ ସହିତ ସମାନ କିନ୍ତୁ କମ୍ କମ୍ପ୍ୟୁଟିଂ ପାୱାର ବ୍ୟବହାର କରିଥାଏ।




### ଅଟୋ ରିଭ୍ୟୁ

# ନିୟୁ ହ୍ୟୁଣ୍ଡାଇ କ୍ରେଟା

ହ୍ୟୁଣ୍ଡାଇ ମୋଟର ଇଣ୍ଡିଆ ପକ୍ଷରୁ ବହୁ ପ୍ରତିକ୍ଷୀତ ନିୟୁ ହ୍ୟୁଣ୍ଡାଇ କ୍ରେଟା ବଜାରକୁ ଛଡାଯାଇଛି। ନିୟୁ ହ୍ୟୁଣ୍ଡାଇ କ୍ରେଟା ଏହାର ଗ୍ରାହକଙ୍କୁ କଟିଂ ଏଜ୍ ଟେକ୍ନୋଲୋଜି, ଉନ୍ନତ ସୁରକ୍ଷା, ଉତ୍ତମ ପରଫରମାନ୍ସ ଏବଂ ଆରାମଦାୟକ ଗାଡ଼ି ଚାଳନା ଅନୁଭୂତି ଦେଉଛି। ଏଥିରେ ଅନେକ ଅତ୍ୟାଧୁନିକ ଏବଂ ହାଇଟେକ୍ ବୈଶିଷ୍ଟ୍ୟ ରହିଛି। ଏହି ମଡେଲ ହ୍ୟୁଣ୍ଡାଇର ଗ୍ଲୋବାଲ ଡିଜାଇନ୍ ଲାଙ୍ଗୁଏଜ୍ ସେନ୍‌ସସ୍ ସ୍ପୋର୍ଟିନେସ୍ ଉପରେ ପରିବେଶିତ। ନିୟୁ ହ୍ୟୁଣ୍ଡାଇ କ୍ରେଟାରେ କ୍ୱାଡ୍ ବିମ୍ ଏଲ୍‌ଇଡି ହେଡ୍ ଲ୍ୟାମ୍ପ, ହ୍ୟୁଣ୍ଡାଇ ସ୍ମାର୍ଟସେନ୍ସ ଲେଭଲ ୨ ଏଡିଏଏସ୍, ଭଏସ୍ ଏନେବଲ ପାନୋରାମିକ୍ ସନ୍‌ରୁଫ୍ ଏବଂ ଟ୍ରାକ୍‌ସନ୍ କଣ୍ଟ୍ରୋଲ ମୋଡ୍ ଓ ପ୍ରମିୟର ଇଣ୍ଟେରିଅର ଭଳି କିଛି ଅତ୍ୟାଧୁନିକ ବୈଶିଷ୍ଟ୍ୟ ରହିଛି। ଏହି ମଡେଲରେ ହ୍ୟୁଣ୍ଡାଇ ଗୋଟିଏ ନୂଆ ପାୱାରଟ୍ରେନ୍ ସହ ୫ ପାୱାରଟ୍ରେନ୍ ବିକଳ୍ପ ଦେଉଛି।




# ବଢୁଛି ଋଣ କରି କାର କିଣିବା ଟ୍ରେଣ୍ଡ

ବ୍ୟାଙ୍କ କିମ୍ବା ଆର୍ଥିକ ପ୍ରତିଷ୍ଠାନରୁ ଋଣ ନେଇ କାର କିଣିବାର ଧାରା ଭାରତୀୟଙ୍କ ମଧ୍ୟରେ ବୃଦ୍ଧି ପାଉଛି। ପ୍ରାକ୍ ମହାମାରୀ ଅପେକ୍ଷା ବର୍ତ୍ତମାନ ସମୟରେ ଅଧିକ ଭାରତୀୟ ଋଣ ନେଇ କାର କିଣୁଛନ୍ତି। ଜାଟୋ ଡାଇନାମିକ୍ସ ତଥ୍ୟ ଅନୁଯାୟୀ, ୨୦୧୯ରେ ଭାରତୀୟ ଯାତ୍ରୀବାହୀ ଯାନ ବଜାରରେ ୭୨ରୁ ୭୫ ପ୍ରତିଶତ କାର କ୍ରୟ ଅର୍ଥ ମାଧ୍ୟମରେ କରାଯାଇଥିଲା। ମାତ୍ର ୨୦୨୩ ରେ ଏହି ସଂଖ୍ୟା ୭୭ରୁ ୮୦ ପ୍ରତିଶତକୁ ବୃଦ୍ଧି ପାଇଛି। ଏ ସମ୍ପର୍କରେ ମାରୁତି ସୁଜୁକିର ବରିଷ୍ଠ କାର୍ଯ୍ୟନିର୍ବାହୀ ଅଧିକାରୀ (ବିକ୍ରୟ ଏବଂ ମାର୍କେଟିଂ) ଶଶାଙ୍କ ଶ୍ରୀବାସ୍ତବ କହିଛନ୍ତି, ସମସ୍ତ ବ୍ୟାଙ୍କ ଏବଂ ଆର୍ଥିକ ସଂସ୍ଥା ଦ୍ୱାରା ସମସ୍ତ ସୁବିଧା ପ୍ରଦାନ ବ୍ୟତୀତ ସୁଧ ହାରରେ ହ୍ରାସ ଏବଂ ବିଭିନ୍ନ ଆକର୍ଷଣୀୟ ଅଫର ଯୋଗୁ କାର ବିକ୍ରି ବୃଦ୍ଧି ପାଇଛି।

ଏହାମଧ୍ୟରେ ଅନେକ ଅଣବ୍ୟାଙ୍କିଙ୍ଗ ଆର୍ଥିକ କମ୍ପାନୀ (ଏନ୍‌ବିଏଫ୍‌ସି) ଗ୍ରାମୀଣ ବଜାରରେ ପ୍ରବେଶ କରିଛନ୍ତି। ଏହାବ୍ୟତୀତ କାର ବଜାରର ଆକାର ବୃଦ୍ଧି ହେତୁ ବିକ୍ରୟ ମଧ୍ୟ ବୃଦ୍ଧି ପାଇଛି। ବିକ୍ରିରେ କମ୍ପାନୀ, ବିଭିନ୍ନ ସଂସ୍ଥା ଏବଂ ସରକାରୀ ଅନୁଷ୍ଠାନ ଦ୍ୱାରା କାର କିଣିବା ସାମିଲ। ଶ୍ରୀବାସ୍ତବ କହିଛନ୍ତି, ୨୦୧୯ରେ ଆମର ମୋଟ ବିକ୍ରିରେ ଏହାର ଅବଦାନ ୨ ପ୍ରତିଶତରୁ କମ୍ ଥିଲା, କିନ୍ତୁ ବର୍ତ୍ତମାନ ଏହା ୧୦ ରୁ ୧୨ ପ୍ରତିଶତରେ ପହଞ୍ଚିଛି। ଏହି ବର୍ଗର ୯୫ ପ୍ରତିଶତ କାର ଅର୍ଥ ମାଧ୍ୟମରେ ବିକ୍ରି ହୁଏ। ତେଣୁ, ଜାହାଜଗୁଡ଼ିକ ପାଇଁ ବିକ୍ରୟ ବୃଦ୍ଧି ସହିତ ଅର୍ଥ ମାଧ୍ୟମରେ ବିକ୍ରୟ ସ୍ୱୟଂଚାଳିତ ଭାବରେ ବୃଦ୍ଧି ହୁଏ। ହ୍ୟୁଣ୍ଡାଇ ଏବଂ ଟାଟା ମୋଟର୍ସ ପରି ପ୍ରମୁଖ କାର ନିର୍ମାତାମାନେ ମଧ୍ୟ ୨୦୧୯ ପରେ ଅର୍ଥ ମାଧ୍ୟମରେ ବିକ୍ରିରେ ଏକ ଉଲ୍ଲେଖନୀୟ ବୃଦ୍ଧି ପଞ୍ଜିକରଣ କରିଛନ୍ତି। ୨୦୧୯ରେ ହ୍ୟୁଣ୍ଡାଇର ମୋଟ ବିକ୍ରିରେ ଅର୍ଥ ମାଧ୍ୟମରେ ବିକ୍ରିର ଅଂଶ ୬୫ ରୁ ୭୦ ପ୍ରତିଶତ ଥିଲା, ଯାହା ୨୦୨୩ ରେ ୭୭ରୁ ୮୨ ପ୍ରତିଶତକୁ ବୃଦ୍ଧି ପାଇଛି। ଏହି ଅବଧି ମଧ୍ୟରେ ଟାଟା ମୋଟର୍ସର ବିକ୍ରି ୬୪ ରୁ ୬୯ ପ୍ରତିଶତକୁ ବୃଦ୍ଧି ପାଇ ୭୧ ରୁ ୭୬ ପ୍ରତିଶତକୁ ବୃଦ୍ଧି ପାଇଛି। ଜାଟୋ ଡାଇନାମିକ୍ସ ଇଣ୍ଡିଆର ରାଷ୍ଟ୍ରପତି ରବି ଭାଟିଆ କହିଛନ୍ତି ଯେ ଯାନବାହାନର ମୂଲ୍ୟ ବୃଦ୍ଧି, ଋଣର ସହଜ ଉପଲବ୍ଧତା, ମଧ୍ୟବିତ୍ତ ଶ୍ରେଣୀର ସମ୍ପ୍ରସାରଣ ଏବଂ ଦେଶର ଆର୍ଥିକ ସ୍ଥିତିରେ ଉନ୍ନତି ଭଳି ବିଭିନ୍ନ କାରଣ ରହିଛି। ଭାରତରେ କାରର ମୂଲ୍ୟ କ୍ରମାଗତ ଭାବେ ବୃଦ୍ଧି ପାଉଛି, ଯାହା ଫଳରେ ଏକଲକ୍ଷ ଟଙ୍କା ପେମେଣ୍ଟ ମାଧ୍ୟମରେ କାର କିଣିବା କଷ୍ଟକର ହୋଇପଡୁଛି। ଯାନ ଋଣ ଏହି ସମସ୍ୟାର ସମାଧାନ କରିଥାଏ। ଶ୍ରୀବାସ୍ତବ କହିଛନ୍ତି ଯେ ମାରୁତି କ୍ରେତାଙ୍କୁ ଗାଡ଼ି ଋଣ ପ୍ରଦାନ କରୁଥିବା ବ୍ୟାଙ୍କ ସଂଖ୍ୟା ବର୍ତ୍ତମାନ ୨୦୧୮ ତୁଳନାରେ ଦ୍ୱିଗୁଣିତ ହୋଇଛି। ସେମାନଙ୍କ ସଂଖ୍ୟା ୬ରୁ ୧୩ କୁ ବୃଦ୍ଧି ପାଇଛି। ସେହିଭଳି ଏନ୍‌ବିଏଫ୍‌ସି ସଂଖ୍ୟା ମଧ୍ୟ ୬ରୁ ୮ କୁ ବୃଦ୍ଧି ପାଇଛି।

### ୮୦ ପ୍ରତିଶତ କାର ବିକ୍ରି ଫାଇନାନ୍ସ ମାଧ୍ୟମରେ
### ପ୍ରାକ୍ ମହାମାରୀ ତୁଳନାରେ ଧାରା ବଢ଼ିଛି





# ସମ୍ପର୍କ

ଛନ୍ଦା ମିଶ୍ର



ପଚିଶ ବର୍ଷ ପରେ ଦୁବାଇରୁ ମକର ଆସୁଥିଲା ମକର ସଂକ୍ରାନ୍ତିରେ। ମୋ'ଠାରୁ ମୋ' ଶାଶୁ ଥିଲେ ବେଶି ଉତ୍କଣ୍ଠିତ। ଦୁଇ ତିନି ଦିନରେ ଥରେ ମକର ସହିତ କଥା ହେଲା ବେଳେ, ସେ "ଦେ ମୁଁ ଗପିବି ଅମୁ ସହିତ" କହି ଫୋନ ଛଡ଼ାନ୍ତି। ନିଜେ କହନ୍ତି, "ଯାହା କହ ବୋହୂ, ତମ ଦି ଜଣଙ୍କ ବନ୍ଧୁତା ଦେଖିଲେ ମତେ ଈର୍ଷା ଲାଗୁଛି। ଆଜିକାଲି ଯୁଗରେ କିଏ କାହା ପାଇଁ ଏତେ କରୁଛି, ତୋର ଡେଲିଭରି ବେଳେ, ତତେ ରକ୍ତଦେଇ ତୋର ସେବାକରି, ତତେ ଯେମିତି ସେ ବଞ୍ଚେଇଛି, ତାକୁ କ'ଣ ଟଙ୍କା ପଇସା ଦେଇ ଶୁଝି ହେବ! ଥରେ ତାକୁ ଡାକୁନୁ, ଆମ ଘରକୁ...ଦୁଇ ଚାରି ଦିନ ପାଇଁ।"

ଶାଶୁ ଯେ ଖାଲି କହନ୍ତି ତା' ନୁହେଁ ବରଂ ଫୋନ୍‌ରେ ମକର ସହିତ କଥା ହେଲା ବେଳେ ତାକୁ ବି ବାରମ୍ବାର ଆସିବା ପାଇଁ ତାଗିଦ୍ କରନ୍ତି। ମକରକୁ ବି ମୁଁ କାନେ କାନେ କହି ଦେଇଥିଲି, ଯେପରି ଖୁବ୍ ଜଗିରଖି କଥାବାର୍ତ୍ତା କରେ, ଶାଶୁଙ୍କର ମୋର ଭାରି ବାରଣ। କିନ୍ତୁ ଏଥର ତ ଶାଶୁ ହେଲେ ନଛୋଡ଼ବନ୍ଧା। କହିଲେ, ଦୁହିଁଙ୍କ ଝିଅ ତ ସମବୟସୀ... ଦୁହିଁଙ୍କୁ ମକର ବସେଇ ଦିଅ...। ଏଇ ବାହାନାରେ ତମ ସହିତ ତମ ଝିଅମାନେ ବି ସମ୍ପର୍କର ଡୋରରେ ବାନ୍ଧି ହୋଇଯିବେ।

ବାସ...ଗୋଟେ ଝୁଙ୍କ୍‌ରେ ମକର ରାଜି ହୋଇଗଲା ଆସିବା ପାଇଁ। ଶାଶୁଙ୍କର ଆରମ୍ଭ ହୋଇଗଲା ତା' ପାଇଁ, ତା' ଝିଅ ପାଇଁ କିଣାକିଣି। ଅମୁ କହୁଥିଲା ତାକୁ ନଡ଼ିଆ କୋରା ଭଲ ଲାଗେ, ଅମୁ ଭଲ ପାଏ ଆରିସା ପିଠା... ଏମିତି କେତେ କ'ଣ ତା' ପାଇଁ ତିଆରି କରୁଥିଲେ ଶାଶୁ। ବଜାର ଯାଇ କିଣି ଆଣିଥିଲେ ସମ୍ବଲପୁରୀ ପାଟଟିଏ, ତା' ଝିଅ ପାଇଁ ସମ୍ବଲପୁରୀ କପଡ଼ା। ନା ମୁଁ କିଛି କହି ପାରୁଥିଲି, ନା ଚୁପ୍ ରହି ପାରୁଥିଲି। ସ୍ୱାମୀସ୍ତ୍ରୀ ଦୁହେଁ ଭିତରେ ଭିତରେ ଆତଙ୍କିତ ହୋଇ ପଡ଼ିଥିଲୁ।

ଭାରି ଅଶ୍ୱସ୍ତି ଲାଗୁଥିଲା ମତେ । ଗୋଟେ ଅଜଣା ଭୟରେ ମୁଁ ଭିତରେ ଭିତରେ ଶିହରି ଉଠୁ ଥିଲି। ମନେ ପଡ଼ି ଯାଉଥିଲା ମୋ' ପିଲାବେଳ କଥା। ବାପା ଯୋଉ ଅଫିସ୍‌ରେ ଥିଲେ ଅଫିସର୍, ସେଇ ଅଫିସ୍‌ରେ ପିଅନ ଥିଲେ କରିମ ଚାଚା। ଅମିନା ସହିତ ମିଶିବାରେ ବାପା ବୋଉଙ୍କର କୌଣସି ଆପତ୍ତି ନଥିଲା। ହେଲେ ଜେଜେମା ଆସିଲେ, ମତେ ଏପରି ଅଭିନୟ କରିବାକୁ ହେଉଥିଲା, ଯେମିତି ମୁଁ ଅମିନାକୁ ଚିହ୍ନିନି।

ମକରସଂକ୍ରାନ୍ତି ପାଇଁ ଜେଜେମା ଆସିଥାଏ ଗାଁରୁ। ସେଦିନ ଦ୍ୱିପହରେ ସମସ୍ତେ ଶୋଇ ପଡ଼ିଲା ପରେ ଅମିନା ଆଉ ମୁଁ କଣ୍ଢେଇ ଧରି ଖେଳୁଥିଲୁ। ମୁଁ ହେଇଥିଲି କଣ୍ଢେଇର ବୋଉ ଆଉ ଅମିନା, ମିଛ ନିଶ ଲଗେଇ ହୋଇଥିଲା ବାପା। ବାପା ଆଉ ଝିଅଙ୍କୁ ଅଫିସ୍ ଆଉ ସ୍କୁଲ ପଠେଇବି ବୋଲି ବୋଉ ସାଜି ତରବର ହୋଇ ପାଣି କାଢୁଥିଲି କୂଅରୁ...ଗୋଡ଼ ଖସି, ଢାଳ ସହିତ ସିଧା ଯାଇ ପଡ଼ିଲି କୂଅ ଭିତରେ। ଆଗ ପଛ କିଛି ନ ଦେଖି ଅମିନା ଡେଇଁ ପଡ଼ିଲା କୂଅକୁ ଓ ଗୋଟିଏ ହାତରେ ମତେ ଏବଂ ଆର ହାତରେ କାନ୍ଥରେ ଥିବା ଖୋପକୁ ଧରି ପାଟିକରି ଉଠିଲା। ତାରି ପାଟି ଶୁଣି ବାପା ବୋଉ ଧାଇଁ ଆସିଲେ, ଆଉ ମୁଁ ବଞ୍ଚିଗଲି। ପର ଦିନ ନିଜେ ଜେଜେମା ଆମ ଦୁହିଁଙ୍କୁ ମକର ଚାଉଳ ଖୁଆଇ ମକର ବସେଇ ଦେଇଥିଲା। ତା'ର କହିଥିବା ପଦେ କଥା ଆଜି ବି ମୋର ମନେ ଅଛି, ଗୋଟେ କଥା ମନେ ରଖିବ ଟିକି ମା'ମାନେ ମୋର, ଏ ସମ୍ପର୍କ, ଜାତି ଧର୍ମ ବର୍ଣ୍ଣରୁ ଊର୍ଦ୍ଧ୍ୱରେ...

କିନ୍ତୁ ଶାଶୁ..., ସେ ତ ଭିନ୍ନ ପ୍ରକୃତିର। ସେ ଏସବୁ କଥାକୁ ହସି ଉଡ଼େଇ ଦେବେ। ତାଙ୍କ ସ୍ୱଭାବ ମୁଁ ଜାଣେ। ସେ ମଣିଷକୁ ତା' ଜାତିରେ ତଉଲ କରନ୍ତି। ସେଥିପାଇଁ ଅନେକ ସମୟରେ ପାଖ ପଡ଼ୋଶୀମାନଙ୍କ ସହିତ ନିଜେ ମିଶନ୍ତି ନାହିଁ କି ମତେ ବି ମିଶିବାକୁ ଦିଅନ୍ତି ନାହିଁ। ତେଣୁ ସେ ଯେତେବେଳେ ପଚାରିଲେ, ଅମୁ ଗୋଟେ କି ନାଁ ଲୋ... ମୁଁ ମିଛ କହିଥିଲି, ଉତ୍ତର ଦେଇଥିଲି, ତା ନାମ ଅମିୟବାଳା ତ... ତାକୁ ସମସ୍ତେ ଅମୁ ଅମୁ ଡାକନ୍ତି...।

କହନ୍ତି, ବାଘ ଡର ଯୋଉଠି ଅନ୍ଧାର ହବ ସେଇଠି। ଯୋଉ କଥାକୁ ଡରୁଥିଲି, ସେଇ କଥା ହେଲା। ବୁର୍ଖା ପିନ୍ଧିଥିବା ମକର ଓ ତା' ଝିଅଙ୍କୁ ଦେଖି ଶାଶୁ ମୋର ଖଡ୍‌ଗହସ୍ତ। ଭିତରକୁ ଡାକି ମତେ ଯା ଇଚ୍ଛା ତା' ଶୁଣାଇ ଦେଇ ଗଲେ। "ମୋ ବ୍ରତ ମାରା କରିବୁ, ଆମ ଧର୍ମ ଭ୍ରଷ୍ଟ କରିବୁ...ଝିଅକୁ କ'ଣ ଏଇ ସଂସ୍କାର ଦବୁ...ତୋ ବୋଉ ତତେ ଏୟା ଶିଖେଇ ଛି..." ମୁଁ ଲୁହ ପୋଛି ବାଟ ଘରକୁ ଆସିଲା ବେଳକୁ ମକର ଓ ତା' ଝିଅ ଯାଇ ସାରିଥିଲେ। ଅଧିକ କିଛି ନକହି ମୁଁ ବି ଚୁପ୍ ରହିଥିଲି। ସତ ଶୁଣିଥିଲେ ଶାଶୁ କ'ଣ ତାକୁ ହଜମ କରି ପାରି ଥାଆନ୍ତେ... କେମିତି ବା କହିଥାନ୍ତି ଯେ.. ବୋଉ, ମୋ ନାତୁଣୀ ମୋ ନାତୁଣୀ କହି ଯୋଉ ଝିଅକୁ ପନ୍ଦର ବର୍ଷ ହେଲାଣି କୋଳରେ ନ ଧରିଲେ ଆପଣଙ୍କୁ ନିଦ ହେଉନି, ସେ ହେଉଛି ଏଇ ଅମିନାର ଯାଆଁଳା ଝିଅରୁ ଗୋଟିଏ, ଦଶ ବର୍ଷ ପରେ ବି ମୋ କୋଳ ଖାଲି ପଡ଼ିଚି ଦେଖି, ତାରି କଥାରେ ଆମେ ଦୁହେଁ ଯାଇଥିଲୁ ଦୁବାଇ, ଦେହ ଦେଖେଇବା ପାଇଁ। ଡାକ୍ତର ଯେତେବେଳେ ମୁଁ ସନ୍ତାନ ଧାରଣ କରିବାକୁ ଅସମର୍ଥ ବୋଲି କହିଲେ, ଚିକିତ୍ସା ବାହାନାରେ ମୁଁ ସେଠି ରହିଲି, ତାରି ଘରେ, ତାରି ପାଖରେ। ଆଉ ସେ ହିଁ ତା' ଜାଆଁଳା ଝିଅରୁ ଗୋଟିଏ ଦେଇ ମୋ ଶୂନ୍ୟ କୋଳକୁ ପୂର୍ଣ୍ଣ କରିଥିଲା, ଏୟା କହି ଯେ... ଏଇ କଳା ଝିଅଟି ମୋ ପାଖରେ ଥାଉ, ତୁ ଗୋରୀ, ଏଇ ଗୋରା ଝିଅ ଟିକୁ ତୁ ନେ... କେହି ତତେ ସନ୍ଦେହ ବି କରିବେ ନାହିଁ...। ଯଦିଓ ଏ କଥା ଆମ ସ୍ୱାମୀସ୍ତ୍ରୀଙ୍କ ଛଡ଼ା ଆଉ କେହି ବି ଜାଣନ୍ତି ନାହିଁ।

ତେବେ, ଚାହିଁ ଥିଲେ ଏ ଘୋର ଅପମାନରୁ ମୁଁ କ'ଣ ମୋ' ମକରକୁ ବଞ୍ଚେଇ ପାରି ନ ଥାନ୍ତି... କିନ୍ତୁ ବୋଧହୁଏ ମୁଁ, ମୋ ମକର ପରି ଏତେ ଉଦାର ନଥିଲି, ବୋଧହୁଏ... ଯା ଭିତରେ ମୁଁ ହୋଇ ପଡ଼ିଥିଲି ଖୁବ୍ ସ୍ୱାର୍ଥପର... ବୋଧହୁଏ ସମ୍ପର୍କର ପ୍ରକୃତ ମହତ୍ତ୍ୱ କେବଳ ଅମୁ ହିଁ ବୁଝି ପାରିଥିଲା... ।■

ମୋ: ୯୪୩୭୪୫୩୬୧୦

## ମୁଁ କାହିଁକି ଲେଖେ

### 'କେହି ଜଣେ ପାଠକର ଓଠରେ ମୋର ଲେଖାର ଧାଡ଼ି ଗୁଞ୍ଜରିତ ହୋଇ ଉଠିବ, ଏମିତି ଦେଖେ ସ୍ୱପ୍ନ'

ପରେଶ କୁମାର ପଟ୍ଟନାୟକ





'ମୁଁ କାହିଁକି ଲେଖେ', ଏ ପ୍ରଶ୍ନ ସହିତ ମୋର ବାରମ୍ବାର ମୁହାଁମୁହିଁ ହୋଇଛି, ବିଭିନ୍ନ ସମୟରେ। ଏହି ପ୍ରଶ୍ନର ଉତ୍ତରରେ ମୁଁ ଯାହା କହିଛି ବା କୈଫିୟତ ଦେଇଛି, ବନ୍ଧୁମାନଙ୍କୁ, ବିଭିନ୍ନ ପତ୍ରପତ୍ରିକାର ସମ୍ପାଦକଙ୍କୁ (ସେମାନଙ୍କ ସଂଖ୍ୟା ଅବଶ୍ୟ ବହୁତ କମ୍) ଅବା ନିଜକୁ (ବାରମ୍ବାର ନିଜ ସହ ସାମ୍ନାସାମ୍ନି ହୋଇଛି) ତାହା ମଧ ଭିନ୍ନ ଭିନ୍ନ ଲାଗେ। ମୋର ବୟସ ଓ ଅଭିଜ୍ଞତା ବଢ଼ିବା ସହିତ ଏ କୈଫିୟତ ମଧ ପରିବର୍ତ୍ତିତ ହୋଇ ଚାଲିଛି।

ପ୍ରଥମେ ମୁଁ ଯେତେବେଳେ ଏହି କ୍ଷେତ୍ରକୁ ଆସିଲି, ସେତେବେଳେ ଖୁବ୍ ଆଦର୍ଶସ୍ଥାନୀୟ କୈଫିୟତ ଥିଲା ମୋର। ଯେମିତି ଓଡ଼ିଆ ସାହିତ୍ୟର ସେବା ଅଥବା ଓଡ଼ିଆ ବାଣୀଭଣ୍ଡାରକୁ ପରିପୁଷ୍ଟ କରିବାର ସଂକଳ୍ପ। ମାତ୍ର ଏବେ, ଆଜି ଏତେ ବର୍ଷ ପରେ ମନେ ହେଉଛି, ମୋର ଆଉ ଓଡ଼ିଆ ବାଣୀଭଣ୍ଡାରକୁ ପରିପୁଷ୍ଟ କରିବାର ପ୍ରୟୋଜନ ନାହିଁ। ମୋର ପୂର୍ବସୂରୀ ଓ ପରବର୍ତ୍ତୀ ପିଢ଼ିର ପ୍ରଚଣ୍ଡ ପ୍ରତିଭାବାନ ଲେଖକଙ୍କ ଯୋଗଦାନରେ ଓଡ଼ିଆ ବାଣୀଭଣ୍ଡାର ଏତେ ପୁଷ୍କଳ ଯେ, ମୋର ଯୋଗଦାନ ସେମିତି କିଛି ବିଶେଷ ମାନ୍ୟତା ରଖେ ନାହିଁ।

ମୋର ପିଲାଦିନେ ଗୋଟିଏ ସ୍ୱପ୍ନ ଥିଲା ଯେ, ମୁଁ ବଡ଼ ହେଲେ ଲେଖକଟିଏ ହେବି। ସେତେବେଳେ ସେହି ପିଲାଦିନେ ଲେଖକମାନେ ଥିଲେ ସମାଜରେ ସମ୍ମାନାସ୍ପଦ ବ୍ୟକ୍ତି। ସୃଜନଶୀଳ ଚରିତ୍ର। ଲୋକମାନଙ୍କର ଓଠରେ ଲେଖକମାନଙ୍କର ରଚନା ଅନୁରଣିତ ହେଉଥିଲା। ମୋର ସେହି ସ୍ଥାନକୁ ଯିବାକୁ ଲୋଭ ଆସିଯାଇଥିଲା। କିନ୍ତୁ ଆଜି ଏତେ ବର୍ଷ ପରେ ଦେଖୁଚି ଯେ, ବର୍ତ୍ତମାନ ସମୟରେ ଲେଖକ ସେମିତି କିଛି ଗୁରୁତ୍ୱପୂର୍ଣ୍ଣ ଚରିତ୍ର ନୁହେଁ। ଲେଖକ ପ୍ରତି ଆମ ସମାଜର ଦୃଷ୍ଟିଭଙ୍ଗୀ ବଦଳିଯାଇଛି। ତାହାର କାରଣ ଖୋଜା ଯାଇପାରେ।

କହିବାରେ ଦ୍ୱିଧା ନାହିଁ ଯେ, ପ୍ରାୟ ପଚାଶବର୍ଷ ତଳେ ଲେଖକ ପ୍ରତି ଯୋଉ ସମ୍ମାନ ଜନମାନସରେ ଥିଲା, ତାହା ଏବେ ଲୁପ୍ତପ୍ରାୟ। ଏବେ ଲେଖକଙ୍କୁ ନିଜ ପାଇଁ ସମ୍ମାନ ଖୋଜିବାକୁ ପଡୁଛି। ସାଧାରଣ ଲୋକଙ୍କ ଓଠରେ ଲେଖକର ବାଣୀ ଅନୁରଣିତ ହେଉନାହିଁ। ଲେଖକ ନିଜେ ନିଜର ବାଣୀ ପ୍ରଚାର କରୁଛି। ଶ୍ରୋତା କେହି ନାହିଁ।

ଆମେ ସବୁ ଯେତେବେଳେ ସ୍କୁଲ କଲେଜରେ ପଢୁଥିଲୁ, ସେତେବେଳେ ବିଭିନ୍ନ ଉତ୍ସବରେ ଲେଖକମାନେ ମୁଖ୍ୟ ଅତିଥି ହେଉଥିଲେ। ଆମେ ତାଙ୍କୁ ଦେଖିବାକୁ ବା ତାଙ୍କ ମୁହଁରୁ କିଛି ଶୁଣିବାକୁ ପାଗଳପ୍ରାୟ ଛୁଟି ଯାଉଥିଲୁ। ଏବେ ସେହି ସ୍ଥାନ ମାଡ଼ିବସିଛନ୍ତି ଦୁର୍ନୀତିଗ୍ରସ୍ତ ରାଜନେତା କିମ୍ବା ଚଳଚ୍ଚିତ୍ର ବା ଟେଲିଭିଜନ ତାରକାମାନେ। ନେତା ଭୋଟ ଖୋଜୁଛନ୍ତି କିମ୍ବା ଅଭିନେତା ଗ୍ଲାମର ବାଣ୍ଟୁଛନ୍ତି।

ସେ ସମୟରେ ସହରରେ ଯେତେସବୁ ପ୍ରତିମୂର୍ତ୍ତି ଥିଲା, ତାହା ଲେଖକମାନଙ୍କର ଥିଲା। ଏବେ ଆଉ ଲେଖକର ପ୍ରତିମୂର୍ତ୍ତି ସ୍ଥାପନ ହୁଏନା; ହୁଏ ନେତାମାନଙ୍କର। ଗତକାଲି ପର୍ଯ୍ୟନ୍ତ ଲେଖକଙ୍କୁ ବୁଦ୍ଧିଜୀବୀ ଅବା ବିଚାରବନ୍ତ ବ୍ୟକ୍ତି ଭାବରେ ସମ୍ମାନ ମିଳୁଥିଲା। ଏବେ ବୁଦ୍ଧିଜୀବୀ ବା ଚିନ୍ତାଶୀଳ ବ୍ୟକ୍ତିମାନଙ୍କୁ ଲୋଡୁନାହିଁ ଆଜିର ପିଢ଼ି। ଏଇ ସମୟ ଭିତରେ ଲେଖକ ଓ ସାହିତ୍ୟର ବ୍ୟାପକ ଅବକ୍ଷୟ ହୋଇଛି, ମୁଁ କିନ୍ତୁ ଅର୍ଦ୍ଧଶତାବ୍ଦୀ ତଳର ସ୍ୱପ୍ନଭୋଜୀ ବାଳକ, ଯାହାର ସ୍ୱପ୍ନ ଏବେ ସୁଦ୍ଧା ତୁଟି ନାହିଁ। କିମ୍ବା ଏମିତି ବି ହୋଇପାରେ, ସାହିତ୍ୟର ପ୍ରେମରେ ମୁଁ ଏମିତି ବୁଡ଼ିଯାଇଛି ଯେ, ସେଠୁ ମୋର ନିସ୍ତାର ନାହିଁ। ସାହିତ୍ୟ ମୋର ଏକ ଅଭ୍ୟାସ, ଯାହାକୁ କେହି କେହି ବଦଭ୍ୟାସ କହିପାରନ୍ତି।

ଏଇଟି ଯେ ଅନେକ ଦିନର ବଦଭ୍ୟାସ। ଏହାକୁ ମୁଁ ଛାଡ଼ିବି କେମିତି? ଏଇ ବଦଭ୍ୟାସର ଚକ୍କରରେ ପଡ଼ି ମୁଁ ନଷ୍ଟ କରିଛି ମୋର ଜୀବନର ଅନେକ ସମୟ, ପାଠପଢ଼ା, ଚାକିରି, ସଂସାର ଓ ବସ୍ତୁବାଦୀ ଜୀବନକୁ ଉପେକ୍ଷା କରିଆସିଛି।

ଜୀବନର ଏ ଅପରାହ୍ଣରେ ଆଉ କେଉଁ ବାହାନା କରିବି ଏ ବଦଭ୍ୟାସ ଛାଡ଼ି ଦେବାକୁ। ଜର୍ଜ ଅରୱେଲଙ୍କର ଗୋଟିଏ ଲେଖା ଅଛି, 'ହ୍ୱାଇ ଆଇ ରାଇଟ୍' ବା 'ମୁଁ କାହିଁକି ଲେଖେ'। ସେଇ ଲେଖାରେ ସେ ସାହିତ୍ୟ ରଚନା ପାଇଁ ଚାରୋଟି କାରଣ ଦର୍ଶାଇଛନ୍ତି। ପ୍ରଥମ– ଆତ୍ମସ୍ୱୀକୃତି, ଦ୍ୱିତୀୟ– କଳାତ୍ମକ ଅଭିବ୍ୟକ୍ତି, ତୃତୀୟ – ଇତିହାସ ଭିତରୁ ସତ୍ୟର ଆବିଷ୍କାର ଓ ଚତୁର୍ଥ ହେଉଛି – ରାଜନୈତିକ ଚିନ୍ତାଧାରାର ପ୍ରଚାର।

ମୁଁ କୌଣସି ରାଜନୈତିକ ମତବାଦରେ ଆକ୍ରାନ୍ତ ନୁହେଁ, ଯଦିଓ ମାନବବାଦ ମୋର ଆଦର୍ଶ। ଇତିହାସ ଭିତରୁ ସତ୍ୟର ଆବିଷ୍କାର କରିବାର ସାମର୍ଥ୍ୟ ମୋର ନାହିଁ, ଯଦିଓ ବେଳେ ବେଳେ ମନେ ହୁଏ, ଯୋଉ ଇତିହାସ ଆମେ ପଢୁଛୁ, ତାହା ଯେମିତି ଅନେକ ମିଥ୍ୟାର ସମାହାର। କଳାତ୍ମକ ଅଭିବ୍ୟକ୍ତି ପ୍ରକାଶ କରିବାର ସାଧନା ମୋର ନାହିଁ। ଯଦିଓ ଜାଣେ ଯେ କଳାତ୍ମକତାକୁ ପ୍ରମାଣ କରେ ପ୍ରବହମାନ ସମୟ, ଯୋଉ ସମୟ ସାମ୍ନାରେ ମୁଁ ଏକ ସ୍ୱଳ୍ପ ସମୟ ପ୍ରାଣୀ। ତେବେ ପ୍ରଥମ କାରଣଟି ମୋ ପାଇଁ ପ୍ରଯୁଜ୍ୟ, ତାହା ହେଲା ଆତ୍ମସ୍ୱୀକୃତି। ତାହା ହିଁ ମୋର ସାହିତ୍ୟ ରଚନାର ଏକମାତ୍ର ପ୍ରୋତ୍ସାହନ। ଏହି କ୍ଷେତ୍ରରେ ରହି ମୋର ଏକ ଅଲଗା ସଂସାର ଗଢ଼ି ଉଠିଛି। ଏକ ଭିନ୍ନ ଗୋଷ୍ଠୀ। ସାହିତ୍ୟ ଲେଖକ-ପାଠକ ଗୋଷ୍ଠୀ। ଏଇଠି ବନ୍ଧୁ ତିଆରି ହୁଅନ୍ତି। ଅଜଣା ବ୍ୟକ୍ତି ବନ୍ଧୁ ହୁଅନ୍ତି। ଆଜିକାଲି ମୋର ଯେ କେତେଜଣ ବନ୍ଧୁ ଅଛନ୍ତି, ସେମାନେ ପ୍ରାୟ ସମସ୍ତେ ସାହିତ୍ୟିକ। କିଛି କିଛି ପାଠକପାଠିକାଙ୍କ ସହିତ ସମ୍ପର୍କ ବି ସ୍ଥାପିତ ହୋଇଯାଏ। ଏଇ ଲେଖକର ପରିଚୟଟି ଭଲଲାଗେ, ଏଇ ସାହିତ୍ୟ ସଂସାରଟି। ଯଦିଓ ଏ କ୍ଷେତ୍ରରେ ମୋର ଅବଦାନ ଖୁବ୍ ନଗଣ୍ୟ ବା ତୁଚ୍ଛ, ତଥାପି ଏଇ ଆଶାରେ ରହିଯାଏ ଯେ, କେବେ ନା କେବେ, କୋଉଠି ନା କୋଉଠି ଜଣେ ଚିହ୍ନରା ପାଠକ ମୋତେ ମନେ ପକାଇବ ଓ କହିବ ହଁ, ଏମିତି ଜଣେ ଥିଲା, ଏମିତି ଜଣେ ଚିନ୍ତା କରିଥିଲା। କେହି ଜଣେ ପାଠକର ଓଠରେ ମୋର ଲେଖାର ଧାଡ଼ି ଗୁଞ୍ଜରିତ ହୋଇ ଉଠିବ। ଏମିତି ଆଶାଟିଏ ମନ ଭିତରେ କ୍ଷୀଣ ଦୀପଟିଏ ଭଳି ଜଳୁଥାଏ ଓ ମୋର ଅମାନିଆ ହାତ କାଗଜ ଧରି, କଲମ ଧରି, ଶବ୍ଦ ଖେଳରେ ମାତି ଉଠେ। ମୁଁ ଲେଖିଚାଲେ।

ଇଂରାଜୀରେ ଗୋଟିଏ କଥା ଅଛି- Old habits die hard। ପୁରୁଣା ବଦଭ୍ୟାସ କ'ଣ ସହଜରେ ମରେ ନା ମଣିଷର ସର୍ବନିମ୍ନ ଆଶାଟି ଲୋପ ପାଏ।

ଚାର୍ଲି ଚାପଲିନ୍ କୋଉଠି ଠାଏ କହିଛନ୍ତି – Writers search for rejection. If they donot get it, they reject themselves.

ମୁଁ ବି ସେମିତି ପ୍ରତ୍ୟାଖ୍ୟାନ ଖୋଜୁଛି। ପାଉନାହିଁ। ମୋର ମନ ତଳର ଆଶା ମୋତେ ଆଶ୍ୱାସନା ଦେବାର ଲାଗିଛି। ଦିନେ ନା ଦିନେ କେହି ନା କେହି ତୋର କଥାଟି ଶୁଣିବ। ମୁଁ ଆଉ ନିଜକୁ ପ୍ରତ୍ୟାଖ୍ୟାନ କରିପାରୁନାହିଁ।

ମୁଁ ଅଛି। ଏଇଠି ଅଛି। ମୋର ସାହିତ୍ୟପ୍ରାଣ ବନ୍ଧୁ ଓ ପାଠକମାନଙ୍କ ସହିତ। ମୁଁ ଅଛି ମୋ ବାଲ୍ୟକାଳର ସ୍ୱପ୍ନ ସହିତ। ମୁଁ ଅଛି ମୋର ସାହିତ୍ୟ ରଚନାର ବର୍ଷ ବର୍ଷର ବଦଭ୍ୟାସ ସହିତ। ମୁଁ ଅଛି, ମୋତେ କେହି ଜଣେ ବୁଝିବ, ବହୁ ବର୍ଷ ପରେ ହେଉନା କାହିଁକି, ମୋର ମୃତ୍ୟୁର ଅନେକ ବର୍ଷ ପରେ ହେଉନା କାହିଁକି, ସେଇ ଛୋଟିଆ ଆଶାଟି ନେଇ ମୁଁ ଅଛି। ଯେତେ କ୍ଷୁଦ୍ର, ନଗଣ୍ୟ, ତୁଚ୍ଛ ହେଉ ପଛେ ମୋର ଯୋଗଦାନ।■

ମୋ: ୯୪୩୭୦୦୦୩୪୫

## ଏ ସପ୍ତାହର କବିତା

### ସେଇ କାଳିଝିଅ

ବାସୁଦେବ ସୁନାନୀ



କାଳିଝିଅ ଜାଣିଥିଲା

ହାଟ ଦିନେ ଜମି
ଉଚ୍ଛୁଳା ନଈରେ କେହିନା ହେହି
ଡଙ୍ଗା ବାହି
କୋମଳ ଗୀତ ଗାଇବ

ହେଲେ
ଗଜା ସ୍ୱପ୍ନରେ
ବୋଳି ହୋଇଗଲା ଅଳନ୍ଧୁ
ଭର୍ତ୍ତି ଆଶାର ଡିବିରିରେ
ହଠାତ୍ ସରିଗଲା ତେଲ

କାଳିଝିଅ ଜାରି ରଖିଛି
ଫୁଟ୍‌ପାଥିଆ ଶସ୍ତା
ନାଲି ରଙ୍ଗର ଶାଢ଼ି ପିନ୍ଧା

ଡେଲି ମାର୍କେଟର ମୁର୍କି ହସରେ
ପରିବା ବିକା

ଯା ଭିତରେ
ସବୁ ଓଲଟି ଯାଇଛି

ପରିବା ଦେହରେ ପାଣି ସିଞ୍ଚିଲେ
ପରିବା ସତେଜ ହେଉଛି
ଅଥଚ
ଦିନୁଦିନ ତା' ଦିହ
ଅଳିଆ ଗଦାର ଅଯତ୍ନ ନିଆଁ ପରି
ଜଳିଜଳି ଯାଉଛି

ବରଯାତ୍ରୀ କି ବାହାଘର ବାଜା
ଦେଖିଲେ, ଶୁଣିଲେ
ବୟସରେ ଭେଳିକି ଲାଗୁଛି

କାଳିଝିଅ ଦମ୍ ରଖିଛି

ପରିବା ବିକ୍ରି ହେଉଥିଲା,
ହେଉଛି

ଦୀର୍ଘ ନିଃଶ୍ୱାସରେ ସାନ୍ତ୍ୱନାଟିଏ
ତଥାପି ଲଟକିଛି ।■

ମୁଦିତା, ୨୫୪୨/୩୭୭୩, ଏମ୍‌ସ ନଗର
ଭୁବନେଶ୍ୱର- ୭୫୧୦୧୯



### ପ୍ରଶ୍ନ ବୋଲି କିଛି ନାହିଁ

ଲିପିକା ଦାସ



ଭୁଲିଯା କହିଲେ ଦିଶୁଛି
ଦିଶାହୀନ ଅନ୍ଧାର
ନକ୍ଷତ୍ର ଆଲୁଅର ଧାରେ ଭ୍ରମ
ଏଇ ଯେମିତି କିଏ ଜଣେ କହିଥିଲା
ପୋତି ଦେଇଥାନ୍ତା ନର୍କ
ସ୍ୱର୍ଗକୁ ବାନ୍ଧିଦେଇଥାନ୍ତା ଶିଡ଼ି
ହାତରେଖାରୁ ଲିଭେଇ ଦେଇଥାନ୍ତା ଦୁଃଖ
ଚିରସ୍ରୋତା ହୁଅନ୍ତେ ସବୁ ନଈ
କୁଆଡ଼େ ଗଲା ସେ ଲୋକ କେଜାଣି !

ତମେ ସବୁ କିଏ କିଏ
ପରମାଣୁ ବୋମା ଆଉ କ୍ଷେପଣାସ୍ତ୍ରରେ
ଗଢ଼ିପାର ଅହଙ୍କାରର ପୃଥିବୀ
ଖୋଜିପାର ଧର୍ମ ଘରମାନଙ୍କରେ
ଧୂଆଁ ରଙ୍ଗର ଛାତି
ଜଳ କି ଜହର ମିଶେଇ ରକ୍ତରେ
ଜିନ୍ଦାବାଦ ଦିଅ କି ମୁର୍ଦ୍ଦାବାଦ
ସେଇ ବାଦରେ ବିବାଦ କରି
ଅନ୍ୟମନସ୍କ ହୁଏ ମୁଁ ।

ମନକୁ ମନ ଘୋଷିହୁଏ
ଯାଉ, ଜଳିଯାଉ ଜହ୍ନ ରାତିର ପ୍ରେମରାଗ
ହଜିଯାଉ ଶୀତ ଅପରାହ୍ଣର
ସେ ବଂଶୀ
ସରିଯାଉ କୃଷ୍ଣଚୂଡ଼ାର ଲାଲିମା
ନିଜେ ହିଁ ତେବେ ନିଜକୁ ମନାକରି ହେବ
ସ୍ୱପ୍ନ, ଚୁମ୍ବନ ଓ
ପ୍ରେମ ବୋଲି ଆଉ କିଛି ।

ପଥର ଧାରରେ ଛିଣ୍ଡିଯାଏନି ପାଉଁଜି ଯେ
କଞ୍ଚା ରକ୍ତରେ ଗଢ଼ା ହୁଏ ପାଦ
ସେ ପାଦ ନେଇ ଆଉ ଫେରି ହୁଏନି
ସହରର ସୁନ୍ଦରତମ ପାର୍କକୁ
ତରଳି ଯାଉଥିବା ହାଡ଼ରେ
ଗଢ଼ା ହୁଏ ରତୁ ଓ ଫୁଲ ବଗିଚା
ଚନ୍ଦ୍ର ବନ୍ଧନୀରେ ଥାଉ ଘୃଣା
ଫିରିକ କଣ୍ଟା ପିଟି ଛାତିମାନଙ୍କୁ
ବୁଝେଇ ଦିଆଯାଇଛି କେତେ କୌଶଳରେ
ଜୀବନ ମାନେ ଧର୍ମ
ଧର୍ମ ମାନେ ଯୁଦ୍ଧ ଆଉ ନିଆଁ
ଏବେ କାହାକୁ ମାଗିବୁ ମାଗ୍ !

ସୂର୍ଯ୍ୟମୁଖୀର ଆଭାରୁ ଆରମ୍ଭ
ଅନ୍ଧାରର ଶୋଭାଯାତ୍ରା
ମାୟାପିଜୁଳିରେ ଥଣ୍ଟ ମାରି
ଘୋଷା ବୋଲିଲେଣି ଶୁଆ
ସ୍ୱାଭାବିକ ଲାଗିଲାଣି ଗୁଡ଼ହାଣ୍ଡିରେ
ମହୁମାଛିଙ୍କ ନିଧାର୍ଯ୍ୟ ବସା
ସର୍ତ୍ତହୀନ ଖରା ମୁଣ୍ଡେଇ
ଚାଲିବାରେ ଅଭ୍ୟସ୍ତ ଆମେମାନେ
ହଅ ମ, ନିର୍ବୋଧମାନଙ୍କୁ ଭୟ କ'ଣ
ଯାଅ, ତମ ମର୍ଜିରେ ଏବେ ଧରିରଖ ଦେଶ।■

ପ୍ରଫୁଲ୍ଲ ନଗର, ବାରିପଦା, ମୟୂରଭଞ୍ଜ

## ପୁସ୍ତକ ପରିଚୟ

### ଅମୃତ ଅନୁଭବ

ସଂପାଦନା: ଶ୍ରୀକାନ୍ତ ମହାନ୍ତି



ବିଚିତ୍ରା
ମର୍କଣ୍ଡେଶ୍ୱର ସାହି, ପୁରୀ
ପ୍ରଥମ ପ୍ରକାଶକ: ୨୦୨୪
ମୂଲ୍ୟ: ୨୦୦ ଟଙ୍କା

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଲୀଳା ଅପାର। ଭକ୍ତ ବତ୍ସଳ ଠାକୁର ସେ। ମହାପ୍ରଭୁଙ୍କୁ ନେଇ ଅଗଣିତ ଭକ୍ତଙ୍କ ରହିଛି ଅନନ୍ୟ ଅନୁଭୂତି। ସେଭଳି କିଛି ବିରଳ ଅନୁଭୂତି ଓ ଅନୁଭବକୁ ନେଇ ସଂକଳିତ ହୋଇଛି 'ଅମୃତ ଅନୁଭବ' ପୁସ୍ତକ। ଶ୍ରୀକାନ୍ତ ମହାନ୍ତିଙ୍କ ସଂପାଦନାରେ ପ୍ରକାଶିତ ଏହାର ସପ୍ତଦଶ ଅର୍ଘ୍ୟରେ ଶ୍ରୀଜଗନ୍ନାଥଙ୍କ ସଂପର୍କରେ ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ଅନନ୍ୟ ଅନୁଭବ ପ୍ରକାଶ ପାଇଛି। 'ଜଗବନ୍ଧୁ ପରି ଜଣେ ସାମନ୍ତ ନାହିଁ ନାହିଁତ', 'ଆହେ ନୀଳ ଶଇଳ ପ୍ରବଳ ମତ୍ତ ବାରଣ', 'ଏକା ତୋ ଭକତ ଜୀବନ', 'ଥକାମନ ଚାଲିଯିବା ଚକାନୟନ ଦେଖିବା', 'ଭୁଜତଳେ ମୋତେ ରଖ ମହାବାହୁ', 'ପତିତପାବନ ବାନା ଆଉ କେତେ ବେଳକୁ', 'ଜଗନ୍ନାଥ ହୋ...କିଛି ମାଗୁନାହିଁ ମୁଁ ତୋତେ' ଆଦି ବିଭାଗରେ ମହାପ୍ରଭୁ ଜଗନ୍ନାଥଙ୍କ ମହାତ୍ମ୍ୟ, ଭକ୍ତ ଓ ଭଗବାନଙ୍କ ନିବିଡ଼ ସଂପର୍କ, ଅମୃତ ଅନୁଭବକୁ ଅତି ମାର୍ମିକ ଭାବରେ ଲେଖକମାନେ ବର୍ଣ୍ଣନା କରିଛନ୍ତି। ଜୀବନକୃଷ୍ଣ ମହାପାତ୍ରଙ୍କ 'ଭାବର ଠାକୁର', ଜଗନ୍ନାଥ ଦାଶଙ୍କ 'ଶରଧାବାଲିରୁ ହାତେ', ଭୁବନାନନ୍ଦ ଅଧିକାରୀଙ୍କ 'ତୋ ଦାତାପଣିଆକୁ କିଏ ସରି', ପ୍ରଫୁଲ୍ଲ କୁମାର ସାମନ୍ତରାୟଙ୍କ 'ଅପାର କରୁଣା', ଦିଲ୍ଲୀପ ସାହାଣୀଙ୍କ ' ପ୍ରତୀକ୍ଷାର ଅନ୍ତ ଶ୍ରୀଜଗନ୍ନାଥ', ନାମଯଜ୍ଞ ମିଶ୍ରଙ୍କ 'ଆର୍ତ୍ତତ୍ରାଣ ଶ୍ରୀଜଗନ୍ନାଥ', ମୌସୁମୀ ଦାସଙ୍କ 'ଅନନ୍ୟ ଅନୁଭୂତିରେ ଶ୍ରୀଜଗନ୍ନାଥ', ଗୋଲାପ ମଞ୍ଜରୀ କରଙ୍କ 'ଅନନ୍ୟ ଅନୁଭୂତିରେ ସେ' ଆଦି ଲେଖାଗୁଡ଼ିକ ହୃଦୟସ୍ପର୍ଶୀ ହୋଇଛି। ଜଗନ୍ନାଥ ପ୍ରେମୀଙ୍କୁ ଏହି ପୁସ୍ତକଟି ଏକ ଦିବ୍ୟ ଅନୁଭବ ଆଣି ଦେବ ବୋଲି ଆଶା କରାଯାଏ।■

### ଶାଳଭଞ୍ଜିକା

ପ୍ରଣବଜ୍ୟୋତି ନାଥ

ଅନୁବାଦ: ମମତାରାଣୀ ନାୟକ



ବନଫୁଲ
ବୀର ସୁରେନ୍ଦ୍ର ସାଏ ନଗର,
ଭୁବନେଶ୍ୱର
ପ୍ରଥମ ସଂସ୍କରଣ: ୨୦୨୩
ମୂଲ୍ୟ: ୧୭୫ ଟଙ୍କା

ଅସମୀୟା କବି ପ୍ରଣବଜ୍ୟୋତି ନାଥଙ୍କ ରଚିତ କବିତା ପୁସ୍ତକ 'ଶାଳଭଞ୍ଜିକା'ର ଓଡ଼ିଆ ଅନୁବାଦ ପ୍ରକାଶ ପାଇଛି। ଏହି କବିତା ପୁସ୍ତକକୁ ମମତାରାଣୀ ନାୟକ ଓଡ଼ିଆରେ ଅନୁବାଦ କରିଛନ୍ତି। ଏଥିରେ ମୋଟ ଚଉସ୍ତରିଟି କବିତା ସଂକଳିତ ହୋଇଛି। 'ଶାଳଭଞ୍ଜିକା', 'ଥରେ ତୁମେ ଆସିଥାନ୍ତ ଯଦି', 'ଶାଳଭଞ୍ଜିକା, ସୂର୍ଯ୍ୟ ତ ତୁମ ଗର୍ଭରେ', 'ଏଇଠି ସାଗର ନ ଥିଲା', 'ସେଇ ନଦୀର ରମଣୀୟ ଆଲିଙ୍ଗନ', 'ଧ୍ୱଂସ ତୁଫାନ', 'ଉପତ୍ୟକାଟିର କୂଳେ କୂଳେ', ଗୋଲାପି ଫୁଲର ନଈଟି', 'ଜଙ୍ଗଲ', 'ଯୁଦ୍ଧ', 'ଗୋଟେ ପ୍ରଳୟର ଜନ୍ମ ହେଲା', 'ଗୋଟେ ବର୍ଷା', 'ମାଉସୀ ତୋତେ ପଚାରିଛି', 'ଗୋଟେ ସାଧୁର ମୃତ୍ୟୁ ହେଲା', 'ସହର, ଗୋଧୂଳି', 'ଚମତ୍କାର', 'ଯଯାତି', 'ମୋ ଘର', 'ପାହାଡ଼ର ପ୍ରେମ', 'ଗଣିତ, ବଉଳର ସକାଳ' ଆଦି କବିତା ମନଛୁଆଁ ହୋଇଛି। 'ଶାଳଭଞ୍ଜିକା' ଏକ ମିଥ୍‌ଧର୍ମୀ କବିତା। ଅସମୀୟା ଭାଷାରେ 'ଶାଳଭଞ୍ଜିକା' ଏକ ଶାଳଗଛ ତଳେ ଗଛକୁ ଆଉଜି ଠିଆ ହୋଇଥିବା ଜଣେ ଯୁବତୀ। ଏହି ମିଥ୍‌କୁ କବି ଆଧୁନିକ କବିତାର ରୂପ ଦେଇଛନ୍ତି। ସେହିପରି କେତେକ କବିତାରେ ଚିତ୍ରକଳ୍ପର ପ୍ରୟୋଗ ହୋଇଛି। ଅନେକ କବିତାରେ ଜୀବନର ସୃଷ୍ଟି, ସ୍ଥିତି, ସଂଘାତ, ସାମାଜିକ ବାସ୍ତବତା ଆଦି ସଂପର୍କରେ ବର୍ଣ୍ଣନା କରାଯାଇଛି। ଅନୁବାଦିକା ମୂଳ କବିତାର ମୌଳିକତାକୁ ଅକ୍ଷୁଣ୍ଣ ରଖି ଅନୁବାଦ କରିବାକୁ ଚେଷ୍ଟା କରିଛନ୍ତି। 'ଶାଳଭଞ୍ଜିକା'ର କବିତାଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ।■

### କବି ବ୍ରଜନାଥ ରଥଙ୍କ ସହ ସାରସ୍ୱତ ସୃଜନ ସଂଳାପ

ସଂକଳନ: କାଳିକିଙ୍କର ଓ ବ୍ୟୋମନାଥ ରଥ



କବି ବ୍ରଜନାଥ ରଥ ଫାଉଣ୍ଡେସନ୍ ଟ୍ରଷ୍ଟ
ବାଲେଶ୍ୱର
ପ୍ରଥମ ସଂସ୍କରଣ: ୨୦୨୪
ମୂଲ୍ୟ : ୧୬୦ ଟଙ୍କା

ଓଡ଼ିଶାର ସାରସ୍ୱତ ଜଗତରେ ଜଣେ ନମ୍ର ସୃଜନଶିଳ୍ପୀ ହେଉଛନ୍ତି କବି ବ୍ରଜନାଥ ରଥ। ଆଧୁନିକ ଓଡ଼ିଆ କବିତାକୁ ତାଙ୍କର ଅବଦାନ ଅତୁଳନୀୟ। ତାଙ୍କ କବିତା ଯେପରି ହୃଦୟସ୍ପର୍ଶୀ , ତାଙ୍କ ବଳିଷ୍ଠ ବ୍ୟକ୍ତିତ୍ୱ ମଧ ଥିଲା ସେହିପରି ଆକର୍ଷଣୀୟ । ବିଭିନ୍ନ ସମୟରେ କବି ବ୍ରଜନାଥ ଜୀବନ ଓ ସାହିତ୍ୟକୁ ନେଇ ଅନେକ କବି, ଲେଖକ, ସାମ୍ବାଦିକଙ୍କ ସହ କଥାବାର୍ତ୍ତା ହୋଇଛନ୍ତି। ସେଇ ସବୁ ସୃଜନ ଆଳାପ ବିଭିନ୍ନ ପତ୍ରିକା, ସମ୍ବାଦପତ୍ରରେ ପ୍ରକାଶ ପାଇ ବେଶ୍ ପାଠକୀୟ ଆଦୃତି ଲାଭ କରିଛି। ସେଭଳି କିଛି ସାକ୍ଷାତକାରକୁ ନେଇ ପ୍ରକାଶ ପାଇଛି 'କବି ବ୍ରଜନାଥ ରଥଙ୍କ ସହ ସାରସ୍ୱତ ସୃଜନ ସଂଳାପ' ପୁସ୍ତକ। ସେହିସବୁ ସାକ୍ଷାତକାରକୁ ସଂକଳିତ କରିଛନ୍ତି କାଳିକିଙ୍କର ଓ ବ୍ୟୋମନାଥ ରଥ। ଶ୍ରୀଦେବ, ଶିଶିର ମହାପାତ୍ର, ଭରତ ଚନ୍ଦ୍ର ଦାଶ, ଗୋବିନ୍ଦ ଚନ୍ଦ୍ର ଚାନ୍ଦ, ଗୌତମବୁଦ୍ଧ ଦାସ, କୃଷ୍ଣ କୁମାର ମହାନ୍ତି, ସୈରିନ୍ଦ୍ରୀ ସାହୁ, ସୁନୀଲ କୁମାର ପୃଷ୍ଟି, ଡକ୍ଟର ଅରବିନ୍ଦ ଗିରି ପ୍ରମୁଖ ଓଡ଼ିଶାର କେତେଜଣ ସାହିତ୍ୟିକ ଓ ସାମ୍ବାଦିକଙ୍କ ସହିତ କବି ବ୍ରଜନାଥ କରିଥିବା ସୃଜନ ଆଳାପ ଏହି ପୁସ୍ତକରେ ସ୍ଥାନିତ ହୋଇଛି। ପ୍ରଶ୍ନକର୍ତ୍ତାଙ୍କ ପ୍ରଶ୍ନଗୁଡ଼ିକର ଯଥାର୍ଥ ଉତ୍ତର ଦେଇ କବି ନିଜର ନମ୍ରତାକୁ ପ୍ରକାଶ କରିଛନ୍ତି। ଏହି ସାକ୍ଷାତକାରଗୁଡ଼ିକରେ ନିଜ ସାରସ୍ୱତ ଜୀବନ ସଂପର୍କରେ ସେ ନିର୍ଭୟରେ, ନିଃସଙ୍କୋଚରେ ବ୍ୟକ୍ତ କରିଛନ୍ତି। 'କବି ବ୍ରଜନାଥ ରଥଙ୍କ ସହ ସାରସ୍ୱତ ସୃଜନ ସଂଳାପ' ପୁସ୍ତକଟି ପାଠକମାନଙ୍କ ଦ୍ୱାରା ଆଦୃତି ଲାଭ କରିବ ବୋଲି ଆଶା କରାଯାଏ।■

# ଗୋଟିଏ ବିଜୟରେ ବରାବର୍ ହେବ ହାର୍‌ଜିତ୍

## ଭାରତ ଖେଳିଛି ୫୭୮ : ଜିତିଛି ୧୭୭, ହାରିଛି ୧୭୮

ଆସନ୍ତା ୭ ତାରିଖରେ ଧର୍ମଶାଳାରେ ଭାରତ ୫ମ ତଥା ଅନ୍ତିମ ଟେଷ୍ଟ ମ୍ୟାଚ୍‌ରେ ଭ୍ରମଣକାରୀ ଇଂଲଣ୍ଡକୁ ଭେଟିବ। ଏହି ମ୍ୟାଚ୍ ସହ ଭାରତ ତା'ର ୫୭୯ତମ ଟେଷ୍ଟ ଖେଳିବ। ଭାରତ ଅବଶ୍ୟ ଏହି ସିରିଜରେ ୩-୧ରେ ଅଗ୍ରଣୀ ହୋଇ ସିରିଜ ହାତେଇ ସାରିଛି। ଏହି ମ୍ୟାଚ୍ ଜିତିଲେ ଟେଷ୍ଟ ଇତିହାସରେ ଭାରତର ବିଜୟ ଓ ପରାଜୟର ସଂଖ୍ୟା ବରାବର ହେବ ଓ ଏଥିସହ ଭାରତ ଇତିହାସ ସୃଷ୍ଟି କରିବ।



୧୯୩୨ରେ ଭାରତ ପ୍ରଥମ ଟେଷ୍ଟ ମ୍ୟାଚ୍ ଖେଳିଥିଲା। ଭାରତ ଏପର୍ଯ୍ୟନ୍ତ ୫୭୮ଟି ଟେଷ୍ଟ ମ୍ୟାଚ୍ ଖେଳିସାରିଛି। ଏଥିରେ ଭାରତ ୧୭୭ଟି ବିଜୟ ହାସଲ କରିଥିବା ବେଳେ ୧୭୮ଟି ଟେଷ୍ଟ ମ୍ୟାଚ୍‌ରେ ପରାଜୟ ବରଣ କରିଛି। ୨୨୨ଟି ମ୍ୟାଚ୍ ଅମୀମାଂସିତ ରହିଥିବା ବେଳେ ଗୋଟିଏ ମ୍ୟାଚ୍ ଟାଇ ରହିଛି। ଧର୍ମଶାଳା ଟେଷ୍ଟ ଜିତିଲେ ଭାରତର ବିଜୟ ଓ ପରାଜୟର ସଂଖ୍ୟା ସମାନ ୧୭୮-୧୭୮ ହେବ।

### ୪ଟି ଦଳ ପରାଜୟଠାରୁ ଅଧିକ ବିଜୟ ହାସଲ କରିଛନ୍ତି

ବିଶ୍ୱରେ ଏପର୍ଯ୍ୟନ୍ତ ୪ଟି ଦଳ ଇଂଲଣ୍ଡ, ଅଷ୍ଟ୍ରେଲିଆ, ଦକ୍ଷିଣ ଆଫ୍ରିକା ଓ ପାକିସ୍ତାନ ନିଜର ଟେଷ୍ଟ ଇତିହାସରେ ଯେତେ ସଂଖ୍ୟକ ମ୍ୟାଚ୍ ହାରିଛନ୍ତି ତାଠାରୁ ଅଧିକ ବିଜୟ ହାସଲ କରିଛନ୍ତି। ଇଂଲଣ୍ଡ ୩୯୨ ଟେଷ୍ଟ ଜିତିଥିବା ବେଳେ ୩୨୩ଟି ମ୍ୟାଚ୍‌ରେ ପରାଜୟ ବରଣ କରିଛି। ଅଷ୍ଟ୍ରେଲିଆ ୪୧୨ ଟେଷ୍ଟ ଜିତିଥିବା ବେଳେ ୨୩୨ଟିରେ ପରାସ୍ତ ହୋଇଛି। ସେହିପରି ଦକ୍ଷିଣ ଆଫ୍ରିକା ୧୭୮ଟି ଟେଷ୍ଟ ଜିତିଥିବା ବେଳେ ୧୬୧ଟିରେ ପରାସ୍ତ ହୋଇଛି। ପାକିସ୍ତାନ ୧୪୮ଟି ଟେଷ୍ଟ ଜିତିଥିବା ବେଳେ ୧୪୨ଟିରେ ପରାସ୍ତ ହୋଇଛି। ଏହି ୪ଟି ଦଳକୁ ବାଦ୍ ଦେଲେ ବାକି ୯ଟି ଦଳର ବିଜୟ ସଂଖ୍ୟା ପରାଜୟଠାରୁ କମ୍ ରହିଛି। ଏବେ ଧର୍ମଶାଳାରେ ଭାରତ ରେକର୍ଡରେ ସୁଧାର ଆଣିବାକୁ ପ୍ରୟାସ କରିବ।

### ଇଂଲଣ୍ଡ, ଅଷ୍ଟ୍ରେଲିଆ ପରେ ଭାରତ ଅଧିକ ଟେଷ୍ଟ ଖେଳିଛି

ସର୍ବାଧିକ ଟେଷ୍ଟ ଖେଳିବା ତାଲିକାରେ ଭାରତ ଏବେ ତୃତୀୟ ସ୍ଥାନରେ ରହିଛି। ୫୭୮ ଟେଷ୍ଟ ଖେଳି ଭାରତ ତୃତୀୟ ସ୍ଥାନରେ ରହିଥିବା ବେଳେ ଇଂଲଣ୍ଡ ୧୦୭୦ ଟେଷ୍ଟ ଖେଳି ଶୀର୍ଷରେ ଓ ୮୬୪ ଟେଷ୍ଟ ଖେଳି ଅଷ୍ଟ୍ରେଲିଆ ଦ୍ୱିତୀୟ ସ୍ଥାନରେ ରହିଛି।

### ଘରୋଇ ମାଟିରେ ଭାରତ ୨୮୮ ଟେଷ୍ଟ ଖେଳିଛି

ଭାରତ ନିଜ ମାଟିରେ ୨୮୮ଟି ଟେଷ୍ଟ ଖେଳିଛି। ଏଥିରୁ ଭାରତ ୧୧୭ଟିରେ ବିଜୟୀ ହୋଇଥିବାବେଳେ ୫୫ଟିରେ ପରାସ୍ତ ହୋଇଛି। ଗୋଟିଏ ଟେଷ୍ଟ ଟାଇ ରହିଥିବା ବେଳେ ୧୧୫ଟି ମ୍ୟାଚ୍ ଅମୀମାଂସିତ ରହିଛି। ଘରୋଇ ପରିବେଶରେ ଭାରତ ୧୯ ପ୍ରତିଶତ ଟେଷ୍ଟରେ ପରାସ୍ତ ହୋଇଛି। ସବୁ ଦଳ ଭଳି ଭାରତ ଘରୋଇ ପରିବେଶରେ ଉନ୍ନତ ପ୍ରଦର୍ଶନ କରିଆସିଛି।

### ବିଦେଶରେ ଭାରତ ୪୨ ପ୍ରତିଶତ ମ୍ୟାଚ୍ ହାରିଛି

ବିଦେଶ ମାଟିରେ ଭାରତ ୨୯୦ଟି ମ୍ୟାଚ୍ ଖେଳିଛି। ଏଥିରେ ଭାରତ ମାତ୍ର ୬୦ଟିରେ ବିଜୟୀ ହୋଇଥିବା ବେଳେ ୧୨୩ଟି ଟେଷ୍ଟରେ ପରାସ୍ତ ହୋଇଛି। ବିଦେଶରେ ବିଜୟ ଓ ପରାଜୟ ସଂଖ୍ୟାକୁ ବରାବର କରିବାକୁ ହେଲେ ଭାରତକୁ ଦୁଇଗୁଣରୁ ଅଧିକ ବିଜୟ ହାସଲ କରିବାକୁ ହେବ। ବିଦେଶରେ ଭାରତ ୧୦୭ଟି ଟେଷ୍ଟ ଅମୀମାଂସିତ ରଖିଛି। ବିଦେଶରେ ଭାରତର ବିଜୟ ପ୍ରତିଶତ ମାତ୍ର ୨୦.୬୯ ପ୍ରତିଶତ ଓ ପରାଜୟ ପ୍ରତିଶତ ୪୨.୪୧ ପ୍ରତିଶତ ରହିଛି।

### ସଚିନ୍ ସର୍ବାଧିକ ସ୍କୋରର

ଟେଷ୍ଟରେ ଭାରତ ପାଇଁ କ୍ରିକେଟ ଆଇକନ ସଚିନ ତେନ୍ଦୁଲକର ସର୍ବାଧିକ ସ୍କୋରର ବିବେଚିତ ହେଉଛନ୍ତି। ସେ ୨୦୦ଟି ମ୍ୟାଚ୍ ଖେଳି ୧୫, ୯୨୧ ରନ ସଂଗ୍ରହ କରିଛନ୍ତି। ରାହୁଲ ଦ୍ରାବିଡ ୧୩, ୨୬୫ ଓ ସୁନୀଲ ଗାଭାସ୍କର ୧୦, ୧୨୨ ଓ ବିରାଟ କୋହଲି ୮, ୮୪୮ ରନ ସଂଗ୍ରହ କରି ଯଥାକ୍ରମେ ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ସ୍ଥାନରେ ରହିଛନ୍ତି।

### ସର୍ବାଧିକ ୱିକେଟ ନେଇଛନ୍ତି କୁମ୍ବଲେ

ଲେଗ୍ ସ୍ପିନର ଅନିଲ କୁମ୍ବଲେ ୧୩୨ଟି ଟେଷ୍ଟ ଖେଳି ସର୍ବାଧିକ ୬୧୯ ୱିକେଟ ହାସଲ କରି ଶୀର୍ଷରେ ରହିଛନ୍ତି। ସେହିପରି ରବିଚନ୍ଦ୍ରନ ଅଶ୍ୱିନ ୯୯ଟି ଟେଷ୍ଟ ଖେଳି ୫୦୭ଟି ୱିକେଟ ହାସଲ କରି ଦ୍ୱିତୀୟ, ପୂର୍ବତନ ଅଧିନାୟକ କପିଳ ଦେବ ୪୩୪ ୱିକେଟ ନେଇ ତୃତୀୟ ସ୍ଥାନରେ ରହିଛନ୍ତି।

### ଇଂଲଣ୍ଡ, ଅଷ୍ଟ୍ରେଲିଆ, ପାକିସ୍ତାନ ବିପକ୍ଷରେ ଅଧିକ ହାରିଛି

ଇଂଲଣ୍ଡ ବିପକ୍ଷରେ ଭାରତ ସର୍ବାଧିକ ୧୩୫ ଟେଷ୍ଟ ଖେଳିଛି। ଭାରତ ଏଥିରୁ ୩୪ଟିରେ ବିଜୟୀ ହୋଇଥିବା ବେଳେ ୫୧ଟିରେ ପରାସ୍ତ ହୋଇଛି ଓ ୫୦ଟି ଟେଷ୍ଟ ଅମିମାଂସିତ ରହିଛି। ସେହିପରି ଭାରତ ଅଷ୍ଟ୍ରେଲିଆ, ୱେଷ୍ଟଇଣ୍ଡିଜ, ଦକ୍ଷିଣ ଆଫ୍ରିକା ଓ ପାକିସ୍ତାନ ବିପକ୍ଷରେ ଅଧିକା ହାରିଛି ଓ କମ୍ ସଂଖ୍ୟକ ମ୍ୟାଚ୍ ଜିତିଛି। ସେହିପରି ନ୍ୟୁଜିଲାଣ୍ଡ, ଶ୍ରୀଲଙ୍କା, ବାଂଲାଦେଶ, ଜିମ୍ବାୱେ ଓ ଆଫଗାନିସ୍ତାନ ବିପକ୍ଷରେ ଭାରତ ଅଧିକ ସଂଖ୍ୟକ ମ୍ୟାଚ୍ ଜିତିଛି।

### ଟେଷ୍ଟରେ ଶ୍ରେଷ୍ଠ ୮ ଦଳ

| ଦଳ | ଟେଷ୍ଟ | ବିଜୟ | ପରାଜୟ | ଟାଇ | ଡ୍ର |
|---|---|---|---|---|---|
| ଅଷ୍ଟ୍ରେଲିଆ | ୮୬୪ | ୪୧୨ | ୨୩୨ | ୨ | ୨୧୮ |
| ଇଂଲଣ୍ଡ | ୧୦୭୦ | ୩୯୨ | ୩୨୩ | ୦ | ୩୫୫ |
| ୱେଷ୍ଟଇଣ୍ଡିଜ | ୫୭୫ | ୧୮୩ | ୨୧୦ | ୧ | ୧୮୧ |
| ଦ.ଆଫ୍ରିକା | ୪୬୪ | ୧୭୮ | ୧୬୧ | ୦ | ୧୨୫ |
| ଭାରତ | ୫୭୮ | ୧୭୭ | ୧୭୮ | ୧ | ୨୨୨ |
| ପାକିସ୍ତାନ | ୪୫୬ | ୧୪୮ | ୧୪୨ | ୦ | ୧୬୬ |
| ନ୍ୟୁଜିଲାଣ୍ଡ | ୪୬୮ | ୧୧୫ | ୧୮୩ | ୦ | ୧୭୦ |
| ଶ୍ରୀଲଙ୍କା | ୩୧୪ | ୧୦୧ | ୧୨୧ | ୦ | ୯୨ |

## ଜାତୀୟ କନିଷ୍ଠ ଅସିଚାଳନା ପ୍ରତିଯୋଗିତା | ବଲାଙ୍ଗିରରେ ପ୍ରଶିକ୍ଷଣ ଶିବିର ଆରମ୍ଭ



ଭୁବନେଶ୍ୱର, ୨।୩ (ସମିସ)

ଜାତୀୟ ଅସିଚାଳନା ସବ ଜୁନିଅର ପ୍ରତିଯୋଗିତା ପାଇଁ ବଲାଙ୍ଗୀର ଆର ଏନ ସିଂ ଦେଓ ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ଆଜିଠାରୁ ଏକ ୨୨ ଦିନିଆ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ଚଳିତମାସ ୨୩ ତାରିଖଯାଏ ହେବାକୁ ଥିବା ଏହି ଶିବିରରେ ୩୨ଜଣ ପ୍ରଶିକ୍ଷାର୍ଥୀ ଯୋଗ ଦେଇଛନ୍ତି ଓ ସେମାନଙ୍କ ମଧ୍ୟରୁ ୨୪ ଜଣ ଖେଳାଳିଙ୍କୁ ଚୂଡାନ୍ତ କରାଯିବ ବୋଲି ରାଜ୍ୟ ଅସିଚାଳନା ସଂଘ ସମ୍ପାଦକ ଦେବେନ୍ଦ୍ର ସାହୁ ପ୍ରକାଶ କରିଛନ୍ତି। ଶନିବାର ଆରମ୍ଭ ହୋଇଥିବା ଏହି ଶିବିରକୁ ବଲାଙ୍ଗିରର ପୂର୍ବତନ ସାଂସଦ ତଥା ରାଜ୍ୟ ଗୃହନିର୍ମାଣ ସଂସ୍ଥାର ଅଧକ୍ଷ କଳିକେଶ ନାରାୟଣ ସିଂଦେଓ ଆନୁଷ୍ଠାନିକ ଉଦ୍‌ଘାଟନ କରିଛନ୍ତି। ଏଠାରେ ୨ କୋଟି ୯୩ ଲକ୍ଷ ଟଙ୍କାରେ ଏକ ଫେନସିଂ ଇଣ୍ଡୋର ଷ୍ଟାଡିୟମ ନିର୍ମାଣ କରିବାକୁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି ବୋଲି ଶ୍ରୀ ସିଂଦେଓ ପ୍ରକାଶ କରିଥିଲେ। ଖୁବ୍ ଶୀଘ୍ର ଏହି ଷ୍ଟାଡିୟମ ନିର୍ମାଣ ହେବ ବୋଲି ସେ କହିଛନ୍ତି। ଏହି ଶିବିର ଉଦ୍ଘାଟନୀ ଉତ୍ସବରେ ନେଇ ଜିଲ୍ଲା କ୍ରୀଡା ଅଧିକାରୀ ପରାଶର ବାଗ, ରାଜ୍ୟ ଫେନସି ସଂଘ ଯୁଗ୍ମ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

**ଜର୍ମାନ ଓପନ୍ ବ୍ୟାଡମିଣ୍ଟନ**

## କ୍ୱାର୍ଟରରେ ହାରିଲେ ତ୍ରିଶା- ଗାୟତ୍ରୀ

ବର୍ଲିନ, ୨।୩(ଏଜେନ୍ସି)

ଜର୍ମାନ ଓପନ୍ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ତ୍ରିଶା ଜୋଲି ଓ ଗାୟତ୍ରୀ ଗୋପୀଚାନ୍ଦଙ୍କୁ ନେଇ ଗଠିତ ଭାରତୀୟ ମହିଳା ଯୁଗଳ ଯୋଡି ବିଦାୟ ନେଇଛନ୍ତି। ମହିଳା ଯୁଗଳ କ୍ୱାର୍ଟର ଫାଇନାଲ ମୁକାବିଲାରେ ଏହି ଯୋଡି ୧୬-୨୧, ୧୪-୨୧ରେ ଚୀନର ଲି ୟି ଜିଙ୍ଗ୍ ଓ ଲୁଓ ଜୁ ମିନଙ୍କଠାରୁ ମାତ୍ର ୪୧ ମିନିଟ୍‌ରେ ପରାସ୍ତ ହୋଇଥିଲେ। ପୂର୍ବରୁ ଆକର୍ଷୀ କାଶ୍ୟପ ମହିଳା ଏକକ ରାଉଣ୍ଡ ଅଫ୍ ୧୬ ବା ପ୍ରିକ୍ୱାର୍ଟର ମୁକାବିଲାରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ଆଗାମୀ ପ୍ୟାରିସ ଅଲିମ୍ପିକ୍ସ ପାଇଁ ଏହି ଟୁର୍ଣ୍ଣାମେଣ୍ଟ ଯୋଗ୍ୟତା ପର୍ଯ୍ୟାୟ ଇଭେଣ୍ଟ ବିବେଚିତ ହେଉଛି। ଆସନ୍ତା ସପ୍ତାହରେ ପ୍ୟାରସ୍‌ରେ ଫ୍ରେଞ୍ଚ୍ ଓପନ୍ ବିଡବ୍ଲ୍ୟୁଏଫ୍ ସୁପର ୭୫୦ ଟୁର୍ଣ୍ଣାମେଣ୍ଟ ଆୟୋଜନ ହେବ ଓ ଏଥିରେ ଏକାଧିକ ଭାରତୀୟ ଖେଳାଳି ଅଂଶଗ୍ରହଣ କରିବେ।

■ ପ୍ରୋ କବାଡ଼ି ଲିଗ୍-୧୦ ଉଦ୍‌ଯାପିତ

## ଟାଇଟଲ୍ ଜିତିଲା ପୁନେରି ପଲ୍‌ଟନ



ହାଇଦରାବାଦ୍, ୨।୩ (ଏଜେନ୍ସି): ପ୍ରୋ କବାଡ଼ି ଲିଗ୍ (ପିକେଏଲ୍)ର ଚଳିତ ୧୦ମ ସଂସ୍କରଣ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ପୁନେରି ପଲଟନ୍ ପ୍ରଥମଥର ଲାଗି ଟ୍ରଫି ଜିତିବାର ସୌଭାଗ୍ୟ ଲାଭ କରିଛି। ସ୍ଥାନୀୟ ଜିଏମ୍‌ସି ବାଲ୍‌ଯୋଗୀ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଅନୁଷ୍ଠିତ କଡ଼ା ସଂଘର୍ଷପୂର୍ଣ୍ଣ ଫାଇନାଲରେ ପଲ୍‌ଟନ୍ ୨୮-୨୫ ପଏଣ୍ଟରେ ହରିୟାଣା ଷ୍ଟିଲର୍ସକୁ ପରାସ୍ତ କରି ଚାମ୍ପିଅନ ହୋଇଛି। ବିଜୟୀ ଦଳର ପଙ୍କଜ ମୋହିତେ ସର୍ବାଧିକ ୯, ମୋହିଦ ଗୋୟତ ୫ ଏବଂ ଅଧିନାୟକ ଅସଲାମ ମୁସ୍ତାଫା ଓ ଗୌରବ ଖାତ୍ରି ୪ ପଏଣ୍ଟ ଲେଖାଏ ସ୍କୋର କରିଥିଲେ। ପୂର୍ବରୁ ଲିଗ୍ ପର୍ଯ୍ୟାୟରେ ପୁନେରି ୨୨ ମ୍ୟାଚ୍ ଖେଳି ୧୭ ବିଜୟ, ୨ ପରାଜୟ ଓ ୩ ଡ୍ର ସହ ୯୬ ପଏଣ୍ଟ ପାଇ ଟେବଲ୍ ଶୀର୍ଷରେ ରହି ଅଭିଯାନ ଶେଷ କରିଥିଲା। ଚାମ୍ପିଅନ ପଲ୍‌ଟନ୍ ଦଳକୁ ଟ୍ରଫି ସହ ୩ କୋଟି ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିଭଳି ଉପବିଜେତା ହରିୟାଣା ଷ୍ଟିଲର୍ସକୁ ୧.୮ କୋଟି ଟଙ୍କା ପୁରସ୍କାର ମିଳିଥିଲା। ଏହାବାଦ୍ ସେମିଫାଇନାଲରେ ଦୁଇ ପରାଜିତ ଦଳ ଜୟପୁର ପିଙ୍କ୍ ପାନ୍ଥର୍ସ ଓ ପାଟନା ପାଇରେଟ୍ସ ୯୦ ଲକ୍ଷ ଲେଖାଏ ଏବଂ ଏଲିମିନେଟର୍‌ରେ ହାରିଥିବା ଗୁଜରାଟ ଜାଏଣ୍ଟ୍ସ ଓ ଦବଙ୍ଗ ଦିଲ୍ଲୀ ୪୫ ଲକ୍ଷ ଲେଖାଏ ଟଙ୍କା ପୁରସ୍କାର ପାଇଥିଲେ। ମୋଟ୍ ଉପରେ ୭.୫ କୋଟି ଟଙ୍କା ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା। ଚାମ୍ପିଅନ ପୁନେରି ଦଳର ଅଧିନାୟକ ଅସଲାମ ମୁସ୍ତାଫା ପ୍ରତିଯୋଗିତାର 'ମୋଷ୍ଟ ଭାଲ୍ୟୁଏବଲ୍ ପ୍ଲେୟର' ବିବେଚିତ ହୋଇଥିଲେ।

**ରଣଜୀ ଟ୍ରଫି ସେମିଫାଇନାଲ**

## ବିଦର୍ଭ, ତାମିଲନାଡୁର ବ୍ୟାଟିଂ ବିଫଳ

ମୁମ୍ବଇ, ୨।୩(ଏଜେନ୍ସି)

ଦେଶର ସର୍ବବୃହତ୍ ଘରୋଇ ଟୁର୍ଣ୍ଣାମେଣ୍ଟ ରଣଜୀ ଟ୍ରଫିର ଦୁଇଟି ଯାକ ସେମିଫାଇନାଲ ମ୍ୟାଚ୍ ଶନିବାରଠାରୁ ଆରମ୍ଭ ହୋଇଛି। ନାଗପୁରର ବିଦର୍ଭ କ୍ରିକେଟ ଆସୋସିଏସନ ଗ୍ରାଉଣ୍ଡରେ ବିଦର୍ଭ ଓ ମଧ୍ୟପ୍ରଦେଶ ପରସ୍ପରକୁ ପ୍ରଥମ ସେମିରେ ଭେଟିଛନ୍ତି। ସେହିପରି ମୁମ୍ବଇର ବାନ୍ଦ୍ରା କୁର୍ଲା କମ୍ପ୍ଲେକ୍ସରେ ଦ୍ୱିତୀୟ ସେମିରେ ତାମିଲନାଡୁ ଓ ମୁମ୍ବାଇ ମୁହାଁମୁହିଁ ହୋଇଛନ୍ତି।

### ଆଭେସଙ୍କୁ ୪ ୱିକେଟ; କରୁଣଙ୍କ ଅର୍ଦ୍ଧଶତକ

ଟସ୍ ଜିତି ବିଦର୍ଭ ପ୍ରଥମେ ପାଳିରେ ୫୬.୪ ଓଭରରେ ୧୭୦ ରନ କରି ଅଲଆଉଟ ହୋଇଛି। ଜବାବରେ ପ୍ରଥମ ପାଳି ଆରମ୍ଭ କରି ମଧ୍ୟପ୍ରଦେଶ ଶନିବାର ପ୍ରଥମ ଦିନ ଖେଳ ଶେଷ ସୁଦ୍ଧା ୨୦ ଓଭରରେ ଗୋଟିଏ ୱିକେଟ ହରାଇ ୪୭ ରନ ସଂଗ୍ରହ କରିଛି। ଷ୍ଟମ୍ପ ଅପସାରଣ ହେବା ବେଳକୁ ୱିକେଟରକ୍ଷକ ବ୍ୟାଟର ହିମାଂଶୁ ମନ୍ତ୍ରୀ ୨୬ ଓ ହର୍ଷ ଗୱାଲି ୧୦ ରନକରି ଅପରାଜିତ ରହିଛନ୍ତି। ୯ ୱିକେଟ ହାତରେ ଥାଇ ମଧ୍ୟପ୍ରଦେଶ ୧୨୩ ରନ ପଛରେ ପଡ଼ିଛି। ୟଶ ଦୁବେ ୧୧ ରନକରି ଆଉଟ ହୋଇଛନ୍ତି। ପ୍ରଥମେ ବ୍ୟାଟିଂ କରିଥିବା ବିଦର୍ଭ ତରଫରୁ କରୁଣ ନାୟର ସର୍ବାଧିକ ୬୩, ଓପନର ଅଥର୍ବ ତାଇଡେ ୩୯ ରନକରି ଆଉଟ ହୋଇଥିବା ଅନ୍ୟ ସମସ୍ତେ ବିଫଳ ହୋଇଥିଲେ। ବୋଲିଂରେ ମଧ୍ୟପ୍ରଦେଶର ଆଭେସ ଖାନ୍ ସର୍ବାଧିକ ୪, କୁଲୱନ୍ତ ଖେଜ୍ରୋଲିଆ ଓ ଭେଙ୍କଟେଶ ଆୟର ଦୁଇଟି ଲେଖାଏ ୱିକେଟ ନେଇଛନ୍ତି।



ମୁସିର ଖାନ୍

### ତାମିଲନାଡୁ ୧୪୬ରେ ଅଲଆଉଟ

ମୁମ୍ବାଇ ବିପକ୍ଷ ଦ୍ୱିତୀୟ ସେମିଫାଇନାଲ ମୁକାବିଲାରେ ତାମିଲନାଡୁ ପ୍ରଥମ ପାଳିରେ ବଡ଼ ସ୍କୋର ହାସଲ କରିବାରେ ବିଫଳ ହୋଇଛି। ଟସ୍ ଜିତି ତାମିଲନାଡୁ ପ୍ରଥମ ପାଳିରେ ୧୪୬ ରନ କରି ଅଲଆଉଟ ହୋଇଛି। ଜବାବରେ ମୁମ୍ବାଇ ପ୍ରଥମ ପାଳି ଆରମ୍ଭ କରି ୧୭ ଓଭରରେ ଦୁଇ ୱିକେଟ ହରାଇ ୪୫ ରନ ସଂଗ୍ରହ କରି ୧୦୧ ରନ ପଛରେ ପଡ଼ିଛି। ଷ୍ଟମ୍ପ ଅପସାରଣ ବେଳକୁ ଇନ୍‌ଫର୍ମ ମୁସିର ଖାନ୍ ୨୪ ଓ ମୋହିତ ଅବସ୍ଥି ୧ ରନ କରି ଅପରାଜିତ ରହିଛନ୍ତି। ପୃଥ୍ୱୀ ଶ ୫ ଓ ଭୁପେନ ଲାଲୱାନୀ ୧୫ ରନକରି ଆଉଟ ହୋଇଛନ୍ତି। ତାମିଲନାଡୁ ତରଫରୁ କୌଣସ ବ୍ୟାଟର ଅର୍ଦ୍ଧଶତକ ହାସଲ କରିପାରି ନଥିଲେ। ଟପ୍ ଅର୍ଡର ୪ ବ୍ୟାଟର ଦୁଇଅଙ୍କ ସ୍ପର୍ଶ କରି ପାରି ନଥିଲେ। ବିଜୟ ଶଙ୍କର ସର୍ବାଧିକ ୪୪ ଓ ୱାଶିଂଟନ ସୁନ୍ଦର ୪୩ ରନ କରିଥିବା ବେଳେ ଅନ୍ୟମାନେ ବିଫଳ ହୋଇଥିଲେ। ବୋଲିଂରେ ମୁମ୍ବାଇ ପାଇଁ ତୁଷାର ଦେଶପାଣ୍ଡେ ୩, ଶାର୍ଦ୍ଦୁଳ ଠାକୁର, ମୁସିର ଖାନ୍ ଓ ତନୁଷ କୋଟିଆନ ୨ଟି ଲେଖାଏ, ମୋହିତ ଗୋଟିଏ ୱିକେଟ ନେଇଥିଲେ।



ଅଥର୍ବ ତାଇଡେ

# 'କୋହଲି ନ ଖେଳିବା ଲଜ୍ଜାଜନକ'

ନୂଆଦିଲ୍ଲୀ, ୨।୩(ଏଜେନ୍ସି)

ଭାରତ ଓ ଇଂଲଣ୍ଡ ମଧ୍ୟରେ ଚାଲିଥିବା ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ୪ଟି ଟେଷ୍ଟ ଶେଷ ହୋଇଯାଇଥିଲାବେଳେ ୫ମ ତଥା ଅନ୍ତିମ ଟେଷ୍ଟ ମ୍ୟାଚ୍ ହିମାଚଳ ପ୍ରଦେଶର ଧର୍ମଶାଳାଠାରେ ଖେଳାଯିବ। ଏହା ପୂର୍ବରୁ ଖେଳାଯାଇଥିବା ପ୍ରଥମ ୪ଟି ମଧ୍ୟରୁ ୩ଟିରେ ଟେଷ୍ଟ ଜିତିବା ପରେ ଭାରତ ଆଗୁଆ ୩-୧ ବ୍ୟବଧାନରେ ସିରିଜ୍ ଜିତିନେଇଛି। ୫ମ ଟେଷ୍ଟରେ କୋହଲିଙ୍କୁ ଖେଳିବା ଲାଗି ଚୟନ କରାଯାଇନାହିଁ। ଏଭଳି ସ୍ଥିତିରେ କୋହଲି ଏହି ସିରିଜ୍‌ରେ ନ ଖେଳିବା ଲଜ୍ଜାଜନକ ମନ୍ତବ୍ୟ ଦେଇ ଇଂଲଣ୍ଡର ଫାଷ୍ଟ ବୋଲର ଜେମ୍ସ ଆଣ୍ଡରସନ ଏକପ୍ରକାର ବିବାଦୀୟ ପରିସ୍ଥିତି ସୃଷ୍ଟି କରିଛନ୍ତି।

ଆଣ୍ଡରସନ ଏକ ସାକ୍ଷାତକାର ଦେଇ କହନ୍ତି, ଚଳିତ ଟେଷ୍ଟ ସିରିଜ୍‌ରେ ଭାରତର ତାରକା ବ୍ୟାଟର ବିରାଟ କୋହଲି ନ ଖେଳିବା ଲଜ୍ଜାଜନକ। ଜଣେ ଖେଳାଳି ଭାବେ ଶ୍ରେଷ୍ଠ ଦଳ ଓ ଶ୍ରେଷ୍ଠ ଖେଳାଳିଙ୍କ

## ମାର୍ଚ୍ଚ ୭ରୁ ପଞ୍ଚମ ଟେଷ୍ଟ

ବିପକ୍ଷରେ ମୁକାବିଲା କରିବା ଭଲ କଥା, କିନ୍ତୁ କୋହଲିଙ୍କ ଅନୁପସ୍ଥିତି ଏହି ମୁକାବିଲାକୁ ଲଢ଼େଇଶୂନ୍ୟ କରିଦେଇଛି। ଟେଷ୍ଟ ମୁକାବିଲାରେ ଆଣ୍ଡରସନ ୧୦ଥର ଏହି ଭାରତୀୟ ବ୍ୟାଟରଙ୍କୁ ଆଉଟ କରିଛନ୍ତି। କିନ୍ତୁ ସେ ତାଙ୍କ ଅନ୍ତର୍ଜାତୀୟ କ୍ରିକେଟ ଜୀବନରେ ଶେଷଥର କୋହଲିଙ୍କୁ ଆଉଟ କରିବା ସୁଯୋଗରୁ ବଞ୍ଚିତ ହୋଇଛନ୍ତି। ବ୍ୟକ୍ତିଗତ କାରଣରୁ (ଦ୍ୱିତୀୟ ସନ୍ତାନ ଜନ୍ମ ଲାଗି) କୋହଲି ଏହି ଟେଷ୍ଟ ସିରିଜ୍‌ରୁ ଓହରିଯାଇଥିଲେ। ଏହା ମଧ୍ୟରେ ପତ୍ନୀ ଅନୁଷ୍କା ଏକ ପୁତ୍ର ସନ୍ତାନ ଜନ୍ମଦେଇଛନ୍ତି। ଏହି ତାରକା ଦମ୍ପତି ପୁଅର ନାମ ଅକାୟ ରଖିଛନ୍ତି। ଏହି ପୁତ୍ର ସନ୍ତାନ ଜନ୍ମ ଲାଗି କୋହଲି ଟେଷ୍ଟ ସିରିଜ୍‌ରେ ଖେଳି ନ ଥିଲେ। ଯାହା ଫଳରେ ସିରିଜ୍‌ର ଆକର୍ଷଣ କମିଯାଇଥିଲା।

ଆଣ୍ଡରସନ କହନ୍ତି, ଜଣେ ଖେଳାଳିଭାବେ ମୁଁ ସର୍ବଦା ବିଶ୍ୱର ଶ୍ରେଷ୍ଠ ପ୍ରତିଦ୍ୱନ୍ଦ୍ୱୀଙ୍କ ସହ ମୁକାବିଲା କରିବାକୁ ଚାହେଁ। ମୋ ମତରେ କୋହଲି ଏହି ଶ୍ରେଷ୍ଠ ଶ୍ରେଣୀର ବ୍ୟାଟର। ତାଙ୍କୁ ସିରିଜ୍‌ରେ ମିସ୍ କରିବା ଅର୍ଥ ତାଙ୍କ ସହ ଉପଯୁକ୍ତ ଲଢ଼େଇ କରିବାରୁ ବଞ୍ଚିତ ହେବା। ଆମ ମଧ୍ୟରେ ଗତ କିଛିବର୍ଷ ଧରି ଚମତ୍କାର ପ୍ରତିଦ୍ୱନ୍ଦ୍ୱିତା ହୋଇଆସିଛି ବୋଲି ସେ କହନ୍ତି। ଆଣ୍ଡରସନଙ୍କ ମତରେ କେବଳ କୋହଲିଙ୍କ ଅନୁପସ୍ଥିତି ମୋତେ ନୁହେଁ ବରଂ ଦଳକୁ ମଧ୍ୟ ଦୁଃଖିତ କରିଛି। ବିଶ୍ୱର ଶ୍ରେଷ୍ଠ ଖେଳାଳିଙ୍କ ବିପକ୍ଷରେ ଖେଳିବାକୁ ସମସ୍ତେ ଆଶା କରିଥାନ୍ତି। କିନ୍ତୁ କୋହଲିଙ୍କ ଅନୁପସ୍ଥିତି ଏହା କରାଇଦେଇ ନାହିଁ। ସେ ଆହୁରି କହନ୍ତି, ତାଙ୍କ ଅନୁପସ୍ଥିତି ହୁଏତ ଇଂଲଣ୍ଡ ସମର୍ଥକଙ୍କୁ ଖୁସି କରିଥିବ, କିନ୍ତୁ ଇଂଲଣ୍ଡ ଦଳ ଏକ ବିଶ୍ୱସ୍ତରୀୟ ଖେଳାଳିଙ୍କ ବିପକ୍ଷରେ ଲଢ଼େଇ କରିବାରୁ ବଞ୍ଚିତ ହୋଇଛି। କୋହଲିଙ୍କ ଭଳି ଜଣେ କ୍ୱାଲିଟି ଖେଳାଳିଙ୍କ ବିପକ୍ଷରେ ମୁକାବିଲା କରିବା ଏତେଟା ସହଜ ନୁହେଁ। ତାଙ୍କ ବିପକ୍ଷରେ ମୁଁ ଓ ଅନ୍ୟ ଖେଳାଳିମାନେ ପ୍ରକୃତରେ ନିଜ ଦକ୍ଷତା ପରୀକ୍ଷା କରିଥାନ୍ତୁ। କୋହଲି ଏପରି ଜଣେ ବ୍ୟାଟର ତାଙ୍କୁ ବୋଲିଂ କରିବା ସବୁଠାରୁ କଷ୍ଟକର। ତାଙ୍କ ନିକଟରେ ଜଣେ ବୋଲରଙ୍କୁ ଦୁର୍ବଳ କରିଦେବାର ସମସ୍ତ ଗୁଣ ରହିଛି। କିନ୍ତୁ ଏଭଳି ଜଣେ ବିଶ୍ୱର ଶ୍ରେଷ୍ଠ ଖେଳାଳି ସିରିଜ୍‌ରେ ନ ଖେଳିବା ନିଶ୍ଚିତଭାବେ ଲଜ୍ଜାଜନକ ବୋଲି ଆଣ୍ଡରସନ କହିଛନ୍ତି।

ରାଞ୍ଚିରେ ଖେଳାଯାଇଥିବା ଚତୁର୍ଥ ଟେଷ୍ଟ ବିଜୟ ସହ ଭାରତ ୩-୧ରେ ଆଗୁଆ ସିରିଜ୍ କବଜା କରିନେଇଥିଲା। ଏବେ ଧର୍ମଶାଳାରେ ମାର୍ଚ୍ଚ ୭ରୁ ପଞ୍ଚମ ତଥା ଶେଷ ଟେଷ୍ଟ ମ୍ୟାଚ୍ ଖେଳାଯିବ। ଏହି ମୁକାବିଲା ଲାଗି ଭାରତ ତାହାର ଶ୍ରେଷ୍ଠ ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍‌ରାଙ୍କୁ ଦଳରେ ସାମିଲ କରିଛି। ବିରାଟ କୋହଲି ଉପଲବ୍ଧ ହୋଇ ନ ଥିଲେ ଓ ଅନ୍‌ଫିଟ ଥିବାରୁ ଲୋକେଶ ରାହୁଲଙ୍କୁ ଏହି ଟେଷ୍ଟରେ ସାମିଲ କରାଯାଇ ନାହିଁ। ଭାରତୀୟ ମିଡଲ ଅର୍ଡରର ପ୍ରଦର୍ଶନ ଭଲ ନ ଥିଲାବେଳେ ଧର୍ମଶାଳା ଜଳବାୟୁ ଓ ପିଚ୍ ଭ୍ରମଣକାରୀ ଇଂଲଣ୍ଡ ଦଳକୁ ସୁହାଇବ। ଏଥିରୁ ଭ୍ରମଣକାରୀ ଦଳକୁ ଫାଇଦା ମିଳିପାରେ।



## ଚୂଡ଼ାନ୍ତ ଏକାଦଶରେ ରହିବେ ପଟିଦାର

ଧର୍ମଶାଳା, ୨।୩(ଏଜେନ୍ସି): ଇଂଲଣ୍ଡ ବିପକ୍ଷ ଚଳିତ ଟେଷ୍ଟ ସିରିଜ୍‌ରେ ୩ଟି ଟେଷ୍ଟ ଖେଳି ଗୋଟିଏ ହେଲେ ବଡ଼ କିମ୍ବା ପ୍ରଭାବଶାଳୀ ସ୍କୋର କରି ପାରି ନଥିବା ରଜତ ପଟିଦାରଙ୍କୁ ୫ମ ଟେଷ୍ଟରୁ ବାଦ୍ ଦିଆଯାଇ ନାହିଁ। ତାଙ୍କ ଘରୋଇ ଟିମ୍ ମଧ୍ୟପ୍ରଦେଶ ରଣଜୀ ଟ୍ରଫି ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। କିନ୍ତୁ ୱାଶିଂଟନ ସୁନ୍ଦରଙ୍କ ପରି ତାଙ୍କୁ ସେମିଫାଇନାଲ ଖେଳିବାକୁ ସୁଯୋଗ ଦିଆଯାଇନାହିଁ। ଭାରତ ଏବେ ସିରିଜ୍ କବ୍‌ଜା କରିସାରିଛି। ଧର୍ମଶାଳାରେ ମାର୍ଚ୍ଚ ୭ରୁ ଖେଳାଯିବାକୁ ଥିବା ୫ମ ତଥା ଶେଷ ଟେଷ୍ଟରେ ଭାରତ ଆଗରେ କୌଣସି ଚାପ ନାହିଁ। ଏଣୁ ରଜତ ପଟିଦାରଙ୍କୁ ଚୂଡ଼ାନ୍ତ ଏକାଦଶରେ ଖେଳାଇବାରେ କୌଣସି ରିସ୍କ ନାହିଁ ବୋଲି ଟିମ୍ ମ୍ୟାନେଜମେଣ୍ଟ ବିଶ୍ୱାସ କରୁଛନ୍ତି। ପଟିଦାର ଏଯାଏ ଖରାପ ସଟ୍ ଖେଳି ଆଉଟ ହୋଇ ନାହାନ୍ତି। କିନ୍ତୁ ଏହି ସିରିଜ୍‌ରେ ସେ ଯେଉଁ ସ୍କୋର କରିଛନ୍ତି, ସେଥିରେ ତାଙ୍କୁ ଦଳରୁ ବାଦ୍ ଦିଆଯିବା କଥା। ଚଳିତ ସିରିଜ୍‌ରେ ସେ ୩୨, ୯, ୫, ୦, ୧୭ ଓ ୦ ରନ୍ ସ୍କୋର କରିଛନ୍ତି। ତାଙ୍କୁ ଯଦି ଦଳରୁ ବାଦ୍ ଦିଆଯିବ ତା ହେଲେ ଆଉ ଜଣେ ଖେଳାଳି ଦେବଦତ୍ତ ପାଡ଼ିକଲଙ୍କୁ ପଦାର୍ପଣ କରିବାର ସୁଯୋଗ ମିଳିବ। ପଟିଦାରଙ୍କ ପ୍ରତିଭା ଉପରେ ଭାରତର ଟିମ୍ ମ୍ୟାନେଜମେଣ୍ଟର ଭରସା ଥିବାରୁ ତାଙ୍କୁ ଦଳରୁ ବାଦ୍ ଦିଆଯାଇ ନ ଥିଲା। ଯାହା ଫଳରେ ତାଙ୍କୁ ଆଉ ସମ୍ଭବତ ଶେଷଥର ସୁଯୋଗ ଦେବାକୁ ଏଭଳି ନିଷ୍ପତ୍ତି ନିଆଯାଇଛି ବୋଲି ଆଲୋଚନା ହେଉଛି। ପଟିଦାର ମଧ୍ୟ ତାଙ୍କ ଅନ୍ତର୍ଜାତୀୟ କ୍ୟାରିୟର ସଜାଡିବାକୁ ଏହା ଶେଷ ସୁଯୋଗ ଭାବେ ବ୍ୟବହାର କରିବେ।

## ଯୁଗଳ ସେମିରେ ହାରିଲେ ଭାମ୍ବ୍ରି

ଦୁବାଇ, ୨।୩(ଏଜେନ୍ସି): ଦୁବାଇ ଓପନ୍ ଟେନିସ ଚାମ୍ପିଅନସିପ୍‌ରେ ଭାରତୀୟ ତାରକା ୟୁକି ଭାମ୍ବ୍ରି ଯୁଗଳ ସେମିରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ଶନିବାର ଅନୁଷ୍ଠିତ ପୁରୁଷ ଯୁଗଳ ସେମିଫାଇନାଲ ମୁକାବିଲାରେ ଭାମ୍ବ୍ରି ଓ ଡଚ୍ ସାଥି ରବିନ ହାସ୍ ୩-୬, ୬-୭ ସିଧାସଳଖ ସେଟ୍‌ରେ ଦ୍ୱିତୀୟ ସିଡ୍ ଯୋଡି ଆମେରିକାର ଅଷ୍ଟିନ କ୍ରେଜିସେକ ଓ କ୍ରୋଏସିଆର ଇଭାନ ଡୋଡିଗଙ୍କଠାରୁ ପରାସ୍ତ ହୋଇଛନ୍ତି। ପୂର୍ବରୁ ଗୁରୁବାର ରୋହନ ବୋପାନ୍ନା ଓ ତାଙ୍କ ଅଷ୍ଟ୍ରେଲୀୟ ସାଥି କ୍ୱାର୍ଟର ଫାଇନାଲରେ ପରାସ୍ତ ହୋଇ ବିଦାୟ ନେଇସାରିଛନ୍ତି। ସେହିପରି ମହିଳା ଯୁଗଳରେ ଅଷ୍ଟ୍ରେଲିଆର ଷ୍ଟର୍ମ ହଣ୍ଟର ଓ ଚେକ ଗଣରାଜ୍ୟର କାଟେରିନା ସିନିଓକୋଭା ଟାଇଟଲ ଜିତିଛନ୍ତି।

### ୱାର୍ଲ୍ଡ ଇଣ୍ଡୋର ଚାମ୍ପିଅନସିପ୍

## ୧୩ତମ ସ୍ଥାନରେ ଜେସ୍‌ୱିନ

ଗ୍ଲାସଗୋ, ୨।୩(ଏଜେନ୍ସି): ସ୍କଟଲାଣ୍ଡର ଗ୍ଲାସ୍‌ଗୋରେ ଚାଲିଥିବା ୱାର୍ଲ୍ଡ ଇଣ୍ଡୋର ଆଥଲେଟିକ୍ସରେ ଭାରତୀୟ ଲଙ୍ଗଜମ୍ପର ଜେସ୍‌ୱିନ ଏଲଡ୍ରିନ୍ ନୈରାଶ୍ୟଜନକ ପ୍ରଦର୍ଶନ କରି ୧୩ତମ ସ୍ଥାନରେ ରହି ଅଭିଯାନ ଶେଷ କରିଛନ୍ତି। ୨୨ ବର୍ଷୀୟ ଏହି ଜାତୀୟ ରେକର୍ଡଧାରୀ ଆଥଲେଟ୍ ମାତ୍ର ୭.୬୯ ମିଟର ଡେଇଁବାକୁ ସମର୍ଥ ହୋଇଥିଲେ। କିଛିମାସ ତଳେ ଗତବର୍ଷ ସେ ୮.୪୨ ମିଟର ଡେଇ ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ ମଧ୍ୟ ଏହି ପ୍ରଦର୍ଶନକୁ ଦୋହରାଇ ପାରି ନାହାନ୍ତି।

## ଶୀର୍ଷକୁ ଉଠିଲା ମୁମ୍ବାଇ ଇଣ୍ଡିଆନ୍ସ



ବେଙ୍ଗାଲୁରୁ, ୨।୩ (ଏଜେନ୍ସି): ଚଳିତ ଓମେନ୍ସ ପ୍ରିମିଅର ଲିଗ୍ (ଡବ୍ଲ୍ୟୁପିଏଲ୍)ରେ ଶନିବାର ଖେଳାଯାଇଥିବା ଏକ ମ୍ୟାଚରେ ମୁମ୍ବାଇ ଇଣ୍ଡିଆନ୍ସ ୭ ୱିକେଟ୍‌ରେ ଘରୋଇ ରୟାଲ୍ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ହରାଇ ଦେଇଛି। ବାଙ୍ଗାଲୋର ପକ୍ଷରୁ ଧାର୍ଯ୍ୟ ୧୩୨ ରନର ଲକ୍ଷ୍ୟକୁ ପିଛା କରି ମୁମ୍ବାଇ ଇଣ୍ଡିଆନ୍ସ ମହିଳା ଦଳ ୧୫.୧ ଓଭରରେ ୩ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ଦଳ ପକ୍ଷରୁ ଆମେଲିଆ କେର୍ ସର୍ବାଧିକ ୪୦*, ଅଧିନାୟିକା ନାଟ୍-ସ୍କିଭର ବ୍ରଣ୍ଟ ୨୭, ୟସ୍ତିକା ଭାଟିଆ ୩୧ ଓ ହେଲି ମାଥ୍ୟୁସ ୨୬ ରନ କରିଥିଲେ। ପୂର୍ବରୁ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ରୟାଲ ଚ୍ୟାଲେଞ୍ଜର୍ସ ଏଲିସେ ପେରୀଙ୍କ ଅପରାଜିତ ୪୪ ରନ ବଳରେ ୬ ୱିକେଟ୍‌ରେ ୧୩୧ ରନ କରିଥିଲା। ମୁମ୍ବାଇ ପକ୍ଷରୁ ବୋଲିଂରେ ଅଧିନାୟିକା ନାଟ୍-ସ୍କିଭର ଓ ପୂଜା ବସ୍ତ୍ରକାର ୨ଟି ଲେଖାଏ ୱିକେଟ୍ ନେଇଥିଲେ। ମୁମ୍ବାଇ ଏଥିସହ ୪ର୍ଥ ମ୍ୟାଚରୁ ୩ୟ ବିଜୟ ହାସଲ କରି ୬ ପଏଣ୍ଟ ସହ ଶୀର୍ଷକୁ ଉଠିଛି।

## ବିଜୟ ଲକ୍ଷ୍ୟ ୩୬୯; ନ୍ୟୁଜିଲାଣ୍ଡ ୧୧୧/୩

### ପ୍ରଥମ ଟେଷ୍ଟ

ୱେଲିଂଟନ, ୨।୩(ଏଜେନ୍ସି): ଏଠାରେ ନ୍ୟୁଜିଲାଣ୍ଡ ଓ ଭ୍ରମଣକାରୀ ଅଷ୍ଟ୍ରେଲିଆ ମଧ୍ୟରେ ଚାଲିଥିବା ପ୍ରଥମ ଟେଷ୍ଟ ମ୍ୟାଚ୍ ନିର୍ଣ୍ଣାୟକ ମୋଡରେ ପହଞ୍ଚିଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ ପ୍ରଥମ ପାଳିରେ ୧୧୫.୧ ଓଭରରେ ୩୮୩ ରନକରି ଅଲଆଉଟ ହୋଇଥିଲା। ଜବାବରେ ନ୍ୟୁଜିଲାଣ୍ଡ ପ୍ରଥମ ପାଳିରେ ୪୩.୧ ଓଭରରେ ୧୭୯ ରନକରି ଅଲଆଉଟ ହୋଇ ୨୦୪ ରନ ପଛରେ ପଡ଼ିଥିଲା। ଏହାପରେ ଦ୍ୱିତୀୟ ପାଳି ଆରମ୍ଭ କରି ଅଷ୍ଟ୍ରେଲିଆ ଶନିବାର ତୃତୀୟ ଦିବସରେ ୫୧.୧ ଓଭରରେ ୧୬୪ ରନକରି ଅଲଆଉଟ ହୋଇଥିଲା। ଫଳରେ ନ୍ୟୁଜିଲାଣ୍ଡ ସମ୍ମୁଖରେ ୩୬୯ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଜବାବରେ ଦ୍ୱିତୀୟ ପାଳି ଆରମ୍ଭ କରି ନ୍ୟୁଜିଲାଣ୍ଡ ତୃତୀୟ ଦିନ ଖେଳ ଶେଷ ସୁଦ୍ଧା ୪୧ ଓଭରରେ ୩ ୱିକେଟ ହରାଇ ୧୧୧ ରନ ସଂଗ୍ରହ କରିଛି। ମ୍ୟାଚ୍ ଆଉ ଦୁଇ ଦିନ ବାକିଥିବା ବେଳେ ନ୍ୟୁଜିଲାଣ୍ଡ ବିଜୟ ପାଇଁ ଆଉ ୨୫୮ ରନ ଆବଶ୍ୟକ କରୁଛି। ଷ୍ଟମ୍ପ ଅପସାରଣ ବେଳକୁ ରଚିନ ରବୀନ୍ଦ୍ର ୫୬ ଓ ଡାରିଲ ମିଚେଲ ୧୨ ରନକରି ଅପରାଜିତ ରହିଛନ୍ତି। ଟମ୍ ଲାଥମ ୮, ୱିଲି ୟଙ୍ଗ ୧୫, ଇନ୍‌ଫର୍ମ ଅଭିଜ୍ଞ ବ୍ୟାଟର କେନ୍ ୱିଲିୟମସନ ୯ ରନକରି ଆଉଟ ହୋଇଛନ୍ତି। ଅଷ୍ଟ୍ରେଲିଆ ତରଫରୁ ସ୍ପିନର ନାଥନ ଲାୟନ ୨ ଓ ଟ୍ରାଭିସ ହେଡ ଗୋଟିଏ ୱିକେଟ ନେଇଥିଲେ।

■ ବିନା ଅର୍ଦ୍ଧଶତକ-ଶତକରେ ୧୫୦୦ ଟେଷ୍ଟ ରନ

## ନାଥନ ଲିୟନ ବିଶ୍ୱର ପ୍ରଥମ କ୍ରିକେଟର୍

ୱେଲିଂଟନ, ୨।୩ (ଏଜେନ୍ସି): ଅଷ୍ଟ୍ରେଲିଆର ମହାନ ସ୍ପିନର ନାଥନ ଲିୟନ ବିଶ୍ୱର ପ୍ରଥମ କ୍ରିକେଟର୍ ଭାବେ ଟେଷ୍ଟ କ୍ରିକେଟ୍‌ରେ ବିନା କୌଣସି ଅର୍ଦ୍ଧଶତକ ଓ ଶତକରେ ୧୫୦୦ ରନ ସଂଗ୍ରହ କରିଛନ୍ତି। ଏଠାରେ ଘରୋଇ ନ୍ୟୁଜିଲାଣ୍ଡ ବିପକ୍ଷରେ ଚାଲିଥିବା ପ୍ରଥମ ଟେଷ୍ଟ ମ୍ୟାଚ୍ ଅବସରରେ ସେ ଏହି ବିରଳ ରେକର୍ଡର ଅଧିକାରୀ ହୋଇଛନ୍ତି। ଏହି ମ୍ୟାଚର ପ୍ରଥମ ପାଳିରେ ସେ ୫ ଓ ଦ୍ୱିତୀୟ ପାଳିରେ ୪୧ ରନ କରିଥିଲେ। ଏଥିସହ ୧୨୮ତମ ଟେଷ୍ଟ ମ୍ୟାଚରେ ୧୫୦୦ ରନ ମାଇଲଖୁଣ୍ଟ ପୂରଣ କରିଛନ୍ତି। ଯେଉଁଥିରେ କୌଣସି ଅର୍ଦ୍ଧଶତକ କିମ୍ବା ଶତକୀୟ ପାଳି ସାମିଲ ନାହିଁ। ଉଲ୍ଲେଖଯୋଗ୍ୟ, ୩୬ ବର୍ଷୀୟ ଲିୟନ ବର୍ତ୍ତମାନ ସୁଦ୍ଧା ଟେଷ୍ଟରେ ୫୨୩ ୱିକେଟ୍ ଅକ୍ତିଆର କରିସାରିଛନ୍ତି। ଟେଷ୍ଟ କ୍ରିକେଟ୍‌ରେ ସର୍ବାଧିକ ୱିକେଟ୍ ହାସଲକାରୀ ବୋଲର ତାଲିକାରେ ସେ ୭ମ ସ୍ଥାନରେ ରହିଛନ୍ତି।

## ଏପ୍ରିଲ୍ ୧୫ରୁ ୩ଟି ବର୍ଗରେ ଫାଓ ୟୁଥ୍ ଲିଗ୍

ଭୁବନେଶ୍ୱର, ୨।୩ (ସମିସ): ଫୁଟ୍‌ବଲ ଆସୋସିଏସନ ଅଫ୍ ଓଡ଼ିଶା (ଫାଓ) ଓ ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗର ମିଳିତ ଆନୁକୂଲ୍ୟରେ ଏପ୍ରିଲ ୧୫ରୁ ଆରମ୍ଭ ହେବାକୁ ଯାଉଛି ଫାଓ ୟୁଥ୍ ଲିଗ୍। ୧୩ ବର୍ଷରୁ କମ୍, ୧୫ ବର୍ଷରୁ କମ୍ ଓ ୧୭ ବର୍ଷରୁ କମ୍ ୩ଟି ବୟସ ବର୍ଗରେ ଏହି ଲିଗ୍ ଖେଳାଯିବ। ୧୩ ବର୍ଷରୁ କମ୍ ବିଭାଗରେ ଖେଳିବାକୁ ଆଗ୍ରହୀ ଥିବା ଖେଳାଳି ୧ ଜାନୁଆରୀ ୨୦୧୨ରୁ ୩୧ ଡିସେମ୍ବର ୨୦୧୩ ମଧ୍ୟରେ ଜନ୍ମ ହୋଇଥିବା ଆବଶ୍ୟକ। ସେହିଭଳି ୧ ଜାନୁଆରୀ ୨୦୧୦ରୁ ୩୧ ଡିସେମ୍ବର ୨୦୧୧ ମଧ୍ୟରେ ୧୫ ବର୍ଷରୁ କମ୍ ଏବଂ ୧ ଜାନୁଆରୀ ୨୦୦୮ ରୁ ୩୧ ଡିସେମ୍ବର ୨୦୦୯ ମଧ୍ୟରେ ୧୭ ବର୍ଷରୁ କମ୍ ବର୍ଗର ଖେଳାଳି ଜନ୍ମ ଗ୍ରହଣ କରିଥିବା ବାଧ୍ୟତାମୂଳକ ବୋଲି ଫାଓ ପକ୍ଷରୁ ଶନିବାର ଜାରି ବିବୃତିରେ ଉଲ୍ଲେଖ କରାଯାଇଛି। ଏହି ୩ଟି ପ୍ରତିଯୋଗିତାରେ ବୟସ ଜାଲିଆତିକୁ କଡ଼ାକଡ଼ି ଭାବେ ରଖାଯିବ ବୋଲି ଫାଓ ପକ୍ଷରୁ ଏଥିରେ କୁହାଯାଇଛି। ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଆଗ୍ରହୀ ଥିବା କ୍ଲବ ମାର୍ଚ୍ଚ ୧୦ ସୁଦ୍ଧା ଫାଓକୁ ସେମାନଙ୍କ ସହମତି ଜଣାଇବାକୁ କୁହାଯାଇଛି।

## ଆଇଏସ୍‌ଏଲ୍: ଓଏଫ୍‌ସି-୮, ଚେନ୍ନାଇନ-୩

ଭୁବନେଶ୍ୱର, ୨।୩ (ସମିସ)

ଟେବଲ୍ ଟପ୍ପର ଓଡ଼ିଶା ଏଫ୍‌ସି ଚଳିତ ଇଣ୍ଡିଆନ୍ ସୁପର୍ ଲିଗ୍ (ଆଇଏସ୍‌ଏଲ୍)ରେ ଏହାର ପରବର୍ତ୍ତୀ ମ୍ୟାଚରେ ରବିବାର ଚେନ୍ନାଇନ ଏଫ୍‌ସିକୁ ଭେଟିବ। ଚେନ୍ନଇର ଜବାହରଲାଲ ନେହରୁ ଷ୍ଟାଡିୟମରେ ଏହି ମ୍ୟାଚ୍ ଖେଳାଯିବ। ଗତ ଅକ୍ଟୋବରରୁ ପରାଜୟବରଣ କରି ନ ଥିବା ଓଡ଼ିଶା ଏଫ୍‌ସି ଏହି ମ୍ୟାଚରେ ଘରୋଇ ଚେନ୍ନାଇନକୁ ମାତ୍ ଦେଇ ଶୀର୍ଷ ସ୍ଥାନକୁ ଆହୁରି ସୁଦୃଢ଼ କରିବା ଲକ୍ଷ୍ୟରେ ରହିଛି। ଅପପକ୍ଷରେ ୧୬ ମ୍ୟାଚ୍ ଖେଳି ୧୫ ପଏଣ୍ଟ ସହ ୧୨ ଦଳୀୟ ଟେବଲ୍ ତାଲିକାର ଏକାଦଶ ସ୍ଥାନରେ ରହିଥିବା ଘରୋଇ ଚେନ୍ନାଇନ ଏହି ମ୍ୟାଚରେ କିଛି ଚମତ୍କାର କରିବାକୁ ଲକ୍ଷ୍ୟ ରଖିଛି।

ଚଳିତ ସିଜନରେ ଚମତ୍କାର ଫର୍ମରେ ଥିବା ଭୁବନେଶ୍ୱରଭିତ୍ତିକ ଦଳ ଓଡ଼ିଶା ଏଫ୍‌ସି ବର୍ତ୍ତମାନ ସୁଦ୍ଧା ୧୭ ମ୍ୟାଚ୍ ଖେଳି ୧୦ ବିଜୟ, ୨ ପରାଜୟ ଓ ୫ ଡ୍ର ସହ ୩୫ ପଏଣ୍ଟ ପାଇ ଟେବଲ୍‌ର ଶୀର୍ଷ ସ୍ଥାନରେ ରହିଛି। ଗତ ୧୩ଟି ମ୍ୟାଚରେ ଦଳ ହାରିନାହିଁ। ଓଡ଼ିଶା ଏଫ୍‌ସିକୁ ଶୀର୍ଷ ସ୍ଥାନ ପାଇଁ ମୁମ୍ବାଇ ସିଟି (୩୫ ପଏଣ୍ଟ) ଓ ମୋହନ ବାଗାନ (୩୩ ପଏଣ୍ଟ) ସହ ସଂଘର୍ଷ କରିବାକୁ ପଡୁଛି। ତେଣୁ ଏକ ନମ୍ବର ସ୍ଥାନକୁ ବଜାୟ ରଖିବାକୁ ହେଲେ ଦଳକୁ ଏହି ମ୍ୟାଚରେ ଜିତିବା ଜରୁରୀ ହୋଇପଡ଼ିଛି। ଦୁଇ ଦଳର ରେକର୍ଡ ଉପରେ ନଜର ପକାଇଲେ ଚେନ୍ନାଇନ ବିପକ୍ଷରେ ଓଡ଼ିଶାର ପଲା ଭାରି ରହିଛି। ୧୯ଥର ଏହି ଦୁଇ ଦଳ ମଧ୍ୟରେ ଲଢ଼େଇ ହୋଇଛି। ଯେଉଁଥିରେ ଓଡ଼ିଶା ଏଫ୍‌ସି ୮ ଓ ଚେନ୍ନାଇନ ୩ଟି ମ୍ୟାଚରେ ଜିତିଛି। ୮ଟି ମ୍ୟାଚର ଫଳାଫଳ ବାହାରିପାରି ନାହିଁ।



### ୧୦୦ ମ୍ୟାଚ୍ ଖେଳିବେ ରୟ କ୍ରିଷ୍ଣା

ଓଡ଼ିଶା ଏଫ୍‌ସିର ଫିଜି ଅଗ୍ରଭାଗ ଖେଳାଳି ରୟ କ୍ରିଷ୍ଣା ଏହି ମ୍ୟାଚ୍ ଜରିଆରେ ଆଇଏସ୍‌ଏଲ୍‌ରେ ନିଜର ୧୦୦ତମ ମ୍ୟାଚ୍ ଖେଳିବେ। ଆଇଏସ୍‌ଏଲ୍‌ରେ ୧୦୦ ମ୍ୟାଚ୍ ଖେଳିବାରେ ସେ ୪୧ତମ ଖେଳାଳି ହେବାର ସୌଭାଗ୍ୟ ଲାଭ କରିବେ। ଚଳିତ ସିଜନରେ ପ୍ରଭାବୀ ପ୍ରଦର୍ଶନ ଜାରି ରଖିଥିବା କ୍ରିଷ୍ଣା ବର୍ତ୍ତମାନ ସୁଦ୍ଧା ୧୧ଟି ଗୋଲ୍‌ସ୍କୋର କରିସାରିଛନ୍ତି।

### ଚେନ୍ନାଇ ସୁପର କିଙ୍ଗ୍‌ସ ଶିବିର ଆରମ୍ଭ

## ଗାଏକ୍ୱାଡ, ଚହର ଯୋଗଦେଲେ

ଚେନ୍ନାଇ, ୨।୩(ଏଜେନ୍ସି): ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ର ଅନ୍ୟତମ ସଫଳ ଦଳ ଚେନ୍ନାଇ ସୁପର କିଙ୍ଗ୍‌ସ (ସିଏସ୍‌କେ)ର ଅଭ୍ୟାସ ଶିବିର ଶନିବାରଠାରୁ ଆରମ୍ଭ ହୋଇଛି। ଆଇପିଏଲ ଆସନ୍ତା ୨୨ ତାରିଖରୁ ଆରମ୍ଭ ହେବାକୁ ଯାଉଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ଖେଳାଳିମାନେ ଶିବିରରେ ଏକାଠି ହୋଇଛନ୍ତି। ଓପନର ଋତୁରାଜ ଗାଏକ୍ୱାଡ ଓ ଦ୍ରୁତ ବୋଲିଂ ଅଲରାଉଣ୍ଡର ଦୀପକ ଚହର ଓ ଅନ୍ୟ କେତେଜଣ ଭାରତୀୟ ଖେଳାଳି ଶିବିରରେ ଯୋଗ ଦେଇଛନ୍ତି। ସେହିପରି ସ୍ପିନର ପ୍ରଶାନ୍ତ ସୋଲାଙ୍କି ଓ ନିଶାନ୍ତ ସିନ୍ଧୁ, ଦ୍ରୁତ ବୋଲର ସିମରନଜିତ୍ ସିଂ ଓ ମୁକେଶ ଚୌଧୁରୀ, ଅଲରାଉଣ୍ଡର ରାଜବର୍ଦ୍ଧନ ହଙ୍ଗରଗେକର ଓ ଅଲରାଉଣ୍ଡର ଅଜୟ ମଣ୍ଡଳଙ୍କ ସମେତ ଫିଲ୍ଡିଂ କୋଚ୍ ରାଜୀବ କୁମାର ଏବଂ ଟିମ୍ ମ୍ୟାନେଜର ରସେଲ ରାଧାକ୍ରିଷ୍ଣନ୍ ଚେନ୍ନାଇରେ ପହଞ୍ଚିଛନ୍ତି। ଗତଥରର ଚାମ୍ପିଅନ ଚେନ୍ନାଇ ୫ଥର ଆଇପିଏଲ ଟାଇଟଲ ହାସଲ କରି ମୁମ୍ବାଇ ଇଣ୍ଡିଆନ୍ସର ସମକକ୍ଷ ହୋଇଛି। ମାର୍ଚ୍ଚ ୨୨ରେ ଉଦ୍‌ଘାଟନୀ ମ୍ୟାଚ୍‌ରେ ଚେନ୍ନାଇ ଓ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ପରସ୍ପରକୁ ଭେଟିବେ। ଏହାପରେ ୨୬ରେ ଚେନ୍ନାଇ ଏହି ଭେନ୍ୟୁରେ ତା'ର ପରବର୍ତ୍ତୀ ମ୍ୟାଚ୍‌ରେ ଗୁଜରାଟ ଟାଇଟନ୍ସକୁ ଭେଟିବ।

# ସେଥୁ ଏଫ୍‌ସିକୁ ୪-୦ରେ ହରାଇଲା ଓଡ଼ିଶା

ଭୁବନେଶ୍ୱର, ୨।୩ (ସମିସ)

ଚଳିତ ଇଣ୍ଡିଆନ ଓମେନ୍ସ ଲିଗ୍ (ଆଇଡବ୍ଲ୍ୟୁଏଲ୍)ରେ ଓଡ଼ିଶା ଏଫ୍‌ସି ଦଳ ବିଜୟପଥକୁ ଫେରିଛି। ଶନିବାର ଗୋଆର ତିଲକ ମଇଦାନରେ ଅନୁଷ୍ଠିତ ଏକପାଖିଆ ମୁକାବିଲାରେ ଓଡ଼ିଶା ଏଫ୍‌ସି ଦଳ ୪-୦ ଗୋଲରେ ସେଥୁ ଏଫ୍‌ସିକୁ ପରାସ୍ତ କରିଛି। ମ୍ୟାଚର ଉଭୟାର୍ଦ୍ଧରେ ଓଡ଼ିଶା ଏଫ୍‌ସି ମହିଳା ଦଳ ପକ୍ଷରୁ ଦୁଇଟି ଲେଖାଏ ଗୋଲ୍ ହୋଇଥିଲା। ଓଡ଼ିଆ ତାରକା ପ୍ୟାରୀ ଖାଖା ଡବଲ୍ ଗୋଲ୍ ଦେଇ ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏଥିସହ ଭୁବନେଶ୍ୱରଭିତ୍ତିକ ଦଳ ଓଡ଼ିଶା ଏଫ୍‌ସି ସିଜନରେ ୯ ମ୍ୟାଚ୍ ଖେଳି ୭ ବିଜୟ ଏବଂ ଗୋଟିଏ ଲେଖାଏ ଡ୍ର' ଓ ପରାଜୟ ସହ ୨୨ ପଏଣ୍ଟ ପାଇ ଟେବଲ୍ ଶୀର୍ଷକୁ ଫେରିଛି। ସେଥୁର ଏହା ୯ମ ମ୍ୟାଚରୁ ୫ମ ପରାଜୟ ଥିଲା ଏବଂ ଦଳ ୫ମ ସ୍ଥାନରେ ରହିଛି।

ଏହି ମ୍ୟାଚର ଚତୁର୍ଥ ମିନିଟ୍‌ରେ ୱେନ ଥେଇଙ୍ଗି ତୁନଙ୍କ ଗୋଲ୍ ସହାୟତାରେ ଓଡ଼ିଶା ଖାତା ଖୋଲିଥିଲା। ଏହାପରେ ୨୩ତମ ମିନିଟ୍‌ରେ ଇନ୍ଦୁମତୀ କାଥିରେସେନ ଦ୍ୱିତୀୟ ଗୋଲଟି ଦେଇଥିଲେ। ଫଳରେ ପ୍ରଥମାର୍ଦ୍ଧରେ ଓଡ଼ିଶା ଏଫ୍‌ସି ୨-୦ ଗୋଲରେ ଅଗ୍ରଣୀ ଲାଭ କରିଥିଲା। ଦ୍ୱିତୀୟାର୍ଦ୍ଧରେ ପ୍ୟାରୀ ଖାଖାଙ୍କ କମାଲ ଦେଖିବାକୁ ମିଳିଥିଲା। ସେ ୬୦ତମ ଓ ୭୮ତମ ମିନିଟ୍‌ରେ ଗୋଟିଏ ଲେଖାଏ ଗୋଲ୍ ଦେଇ ଦଳକୁ ୪-୦ରେ ବଡ଼ ବିଜୟ ଭେଟି ଦେଇଥିଲେ। ପ୍ୟାରୀଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା।

ଇଣ୍ଡିଆନ ଓମେନ୍ସ ଲିଗ୍



PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA

EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର